# ଧରିତ୍ରୀ
DHARITRI

50 Years

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୬/୨୦୨୪ (୧୬ ପୃଷ୍ଠା) Bhubaneswar, Wednesday, October 16/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୩୨୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 321 ମୂଲ୍ୟ ₹୭/-






**SHOWROOMS: ODISHA:** RENAULT **SAMBALPUR** Ph: 8448890323. RENAULT **BHUBANESWAR CENTRAL** Ph: 7428190232, RENAULT **BHUBANESWAR** Ph: 8860076082. RENAULT **BHAWANIPATNA** Ph: 9438395880. RENAULT **CUTTACK** Ph: 9311772648. RENAULT **JEYPORE** Ph: 9311596618. RENAULT **ROURKELA** Ph: 8860875802. RENAULT **SUNDERGARH** Ph: 9311529949.


हरियाणा सरकार
"मुझे विश्वास है कि विकसित भारत के संकल्प में हरियाणा की भूमिका और महत्वपूर्ण होने जा रही है।"
- नरेन्द्र मोदी
प्रधानमंत्री
श्री नरेन्द्र मोदी
की गरिमामयी उपस्थिति में
शपथ ग्रहण समारोह
आप सभी सादर आमंत्रित हैं।
दिनांक : 17 अक्तूबर, 2024 । समय : प्रात : 11 बजे
स्थान : दशहरा ग्राउंड, सेक्टर 5, पंचकूला
फिर एक बार,
डबल इंजन सरकार
सूचना, जन सम्पर्क एवं भाषा विभाग, हरियाणा
www.prharyana.gov.in
@diprharyana
No.:1089/13/1800/2025/29522/276/21
Dated Chandigarh, the 15/10/2024

# ଧରିତ୍ରୀ
DHARITRI

50 Years

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୬/୨୦୨୪ | Bhubaneswar, Wednesday, October 16/2024 | ପୃଷ୍ଠା-୧




**ରଶ୍ମିକା 'ଆଇ୪ସି'ର ରାଷ୍ଟ୍ରୀୟ ବ୍ରାଣ୍ଡ ଆମ୍ବାସାଡର**

ଭାରତୀୟ ସାଇବର କ୍ରାଇମ ସମନ୍ୱୟ କେନ୍ଦ୍ର(ଆଇ୪ସି)ର ଜାତୀୟ ବ୍ରାଣ୍ଡ ଆମ୍ବାସାଡର ଭାବେ ମଙ୍ଗଳବାର ଅଭିନେତ୍ରୀ ରଶ୍ମିକା ମନ୍ଦାନା ନିଯୁକ୍ତ ହୋଇଛନ୍ତି।

୧୦

୧୪

**ଉଦିତା ସବୁଠାରୁ ଦାମୀ ଖେଳାଳି**

ହକି ଇଣ୍ଡିଆ ଲିଗ୍ ମହିଳା ଖେଳାଳି ନିଲାମରେ ସବୁଠାରୁ ଦାମୀ ଖେଳାଳି ବିବେଚିତ ହୋଇଛନ୍ତି ଭାରତର ଉଦିତା ଦୁହାନ।





୫୧ ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ପଶ୍ଚିମବଙ୍ଗର ବୀରଭୂମ ଜିଲା କଙ୍କାଳୀ କାଳୀ ମନ୍ଦିରରେ ମଙ୍ଗଳବାର ୫୧ ଝିଅଙ୍କୁ ନେଇ କୁମାରୀ ପୂଜା କରାଯାଉଛି।

# ଭାରତ ଉପରେ କଟକଣା ଲଗାଇପାରେ କାନାଡା

## ପ୍ରଭାବିତ ହେବ ଅର୍ଥନୀତି: ବିଶେଷଜ୍ଞ

୨୦୨୩ ଜୁନ୍ ୧୮ରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ହରଦୀପ ସିଂ ନିଜ୍ଜାରଙ୍କ ହତ୍ୟାରେ ଭାରତ ସରକାରଙ୍କ ସମ୍ପୃକ୍ତି ଥିବା ଦର୍ଶାଇ କାନାଡା ଏହାର ତଦନ୍ତ ଆରମ୍ଭ କରିବା ପରଠାରୁ ଦୁଇଦେଶର ସମ୍ପର୍କରେ ତିକ୍ତତା ବଢ଼ିବାରେ ଲାଗିଛି। ସୋମବାର କାନାଡା ପୁଣି ଏହି ପ୍ରସଙ୍ଗ ଉଠାଇ ଭାରତୀୟ ଉଚ୍ଚାୟୁକ୍ତ ଓ କୂଟନୀତିଜ୍ଞମାନଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ନୂଆଦିଲ୍ଲୀ ନିଜ ପ୍ରତିକ୍ରିୟାରେ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ଫେରାଇ ଆଣିବା ସହ ୬ କାନାଡୀୟ କୂଟନୀତିଜ୍ଞଙ୍କୁ ବହିଷ୍କାର କରିଛି। ଓଟ୍ଟାୱା ଏହାର ଜବାବ ଦେବାକୁ ଯାଇ ଭାରତ ଉପରେ କଟକଣା ଲଗାଇପାରେ ବୋଲି ମଙ୍ଗଳବାର କାନାଡା ବହିର୍ବ୍ୟାପାର ମନ୍ତ୍ରୀ ମେଲାନିଏ ଜୋଲି ସଙ୍କେତ ଦେଇଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ଦୁଇଦେଶ ୮.୪ ବିଲିୟନ୍ ଆମେରିକୀୟ ଡଲାରର ବାଣିଜ୍ୟିକ କାରବାର କରିଥିବାବେଳେ ୨୦୨୩-୨୪ରେ ଏଥିରେ ହ୍ରାସ ପରିଲକ୍ଷିତ ହୋଇଥିଲା। ୨୦୨୩-୨୪ରେ ଭାରତ କାନାଡାଠାରୁ ୪.୬ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଥିବାବେଳେ ରପ୍ତାନି ସାମଗ୍ରୀର ପରିମାଣ ୩.୮ ବିଲିୟନ ଡଲାର ରହିଥିଲା। ପୂର୍ବରୁ କୂଟନୈତିକ ସମ୍ପର୍କ ପ୍ରଭାବିତ ହୋଇଥିବାବେଳେ ଭାରତ ଉପରେ କାନାଡା ଅର୍ଥନୈତିକ କଟକଣା ଲଗାଇଲେ ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ଆହୁରି ଖରାପ ହୋଇପାରେ, ଯାହାର ପ୍ରତ୍ୟକ୍ଷ ପ୍ରଭାବ ଭାରତୀୟ ବଜାର ଓ ଖାଉଟିଙ୍କ ଉପରେ ପଡ଼ିବ। ଅନ୍ୟପକ୍ଷେ ତିକ୍ତତା ଯୋଗୁ କାନାଡାରେ ଥିବା ୪ ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ରୀଛାତ୍ର ଏବଂ ଉଭୟ ଦେଶର ଭିଜା ଆଶାୟୀଙ୍କ ଚିନ୍ତା ମଧ୍ୟ ବଢ଼ିଛି। ତେଣୁ ଉଭୟ ରାଷ୍ଟ୍ର ସମ୍ଭାବ୍ୟ ଅର୍ଥନୈତିକ ଅଚଳାବସ୍ଥାକୁ ଏଡ଼ାଇବା ପାଇଁ ସତର୍କତାର ସହ ପଦକ୍ଷେପ ନେବା ଉଚିତ ବୋଲି ଥିଙ୍କଟ୍ୟାଙ୍କ ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍ଆଇ) ସତର୍କ କରାଇଛି।



କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ

ଓଟ୍ଟାୱା/ନୂଆଦିଲ୍ଲୀ,୧୫।୧୦

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜାର ହତ୍ୟା ମାମଲାରେ ଭାରତୀୟ ଉଚ୍ଚାୟୁକ୍ତ ଓ ଅନ୍ୟ କୂଟନୀତିଜ୍ଞମାନଙ୍କୁ କାନାଡା ଅଭିଯୁକ୍ତ କରିବା ପରେ ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ତୀବ୍ର ହେବାରେ ଲାଗିଛି। ନୂଆଦିଲ୍ଲୀ ସୋମବାର କାନାଡାରୁ ଭାରତୀୟ ହାଇକମିଶନର ସଞ୍ଜୟ କୁମାର ବର୍ମା ଓ ଅନ୍ୟ ବରିଷ୍ଠ କୂଟନୀତିଜ୍ଞମାନଙ୍କୁ ଫେରାଇ ଆଣିବା ସହ ନୂଆଦିଲ୍ଲୀରେ ଅବସ୍ଥାପିତ କାନାଡାର ☞ପୃଷ୍ଠା-୨

# ଓଡ଼ିଶାକୁ ବାହାର ଧାନ ମନା

**କେନ୍ଦ୍ର ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ ଖରିଫ ଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ୨,୩୦୦ ଘୋଷଣା କରିଛନ୍ତି। ଓଡ଼ିଶା ସରକାର ଏହି ମୂଲ୍ୟଠାରୁ ଅଧିକ ୮୦୦ ଟଙ୍କାରେ ଅର୍ଥାତ୍ ୩,୧୦୦ ଟଙ୍କାରେ ଧାନ କିଣିବେ। ପଡ଼ୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ଅସାଧୁ ବ୍ୟବସାୟୀ ଏହାର ଫାଇଦା ନେବା ପାଇଁ ଓଡ଼ିଶାରେ ଧାନ ବିକ୍ରି କରିପାରନ୍ତି ବୋଲି ରାଜ୍ୟ ସରକାର ଆଶଙ୍କା କରି ଏହା ଉପରେ ରୋକ୍ ଲଗାଇବାକୁ ଯାଉଛନ୍ତି। ଏହିକ୍ରମେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଛି। ଏଥିରେ ବାହାର ରାଜ୍ୟର ଧାନକୁ ରୋକିବା ପାଇଁ ସୀମାନ୍ତବର୍ତ୍ତୀ ଜିଲାଗୁଡ଼ିକର ପ୍ରବେଶପଥକୁ ସିଲ୍ କରିବା ସହ ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍ ମୁତୟନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ମନ୍ତ୍ରୀମାନେ ମଣ୍ଡି ବୁଲି ଚାଷୀଙ୍କ କଥା ବୁଝିବେ।**

**ଖରିଫ ଧାନ ସଂଗ୍ରହ**



- ସିଲ୍ ହେବ ସୀମାବର୍ତ୍ତୀ ଜିଲା ପ୍ରବେଶପଥ
- ଜଗିବ ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍
- ମଣ୍ଡି ବୁଲିବେ ମନ୍ତ୍ରୀ

ଭୁବନେଶ୍ୱର,୧୫।୧୦(ଅନିଲ ଦାସ)

ଆସନ୍ତା ଖରିଫ ଋତୁରେ ରାଜ୍ୟ ସରକାର ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି)ଠାରୁ ୮୦୦ ଟଙ୍କା ଅଧିକ ଦରରେ ଧାନ କିଣିବେ। ଏ ନେଇ ଚାଷୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି। ଏହାର ଫାଇଦା ନେଇ ବାହାର ରାଜ୍ୟର ଧାନ ଓଡ଼ିଶା ଭିତରକୁ ପଶିବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଧାନ କିଣାବେଳେ ରାଜ୍ୟର ସୀମାବର୍ତ୍ତୀ ଜିଲାଗୁଡ଼ିକର ପ୍ରବେଶପଥକୁ ସିଲ୍ କରାଯିବ। ଜିଲାପାଳମାନେ ସମସ୍ତ ସୀମାବର୍ତ୍ତୀ ଅଞ୍ଚଳରେ ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍ ନିୟୋଜନ ପାଇଁ ବ୍ୟବସ୍ଥା କରିବେ। ସିସିଟିଭି କିମ୍ବା ସ୍ମାର୍ଟ କ୍ୟାମେରା ମାଧ୍ୟମରେ ସୀମାବର୍ତ୍ତୀ ରାଜ୍ୟ ସହ ଯୋଡୁଥିବା ମୁଖ୍ୟ ରାସ୍ତାଗୁଡ଼ିକର ୨୪ ଘଣ୍ଟିଆ ମନିଟରିଂ କରାଯିବ। ଲୋକସେବା ଭବନରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ଖରିଫ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଧାନ ସଂଗ୍ରହରେ ହେଉଥିବା ଅନିୟମିତତା, ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ☞ପୃଷ୍ଠା-୨

# ୨୩ରେ ଏନ୍ଆରଟିଏସ୍ ପରୀକ୍ଷା

କଟକ,୧୫।୧୦(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍ଆରଟିଏସ୍) ପରୀକ୍ଷା ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ। ରାଜ୍ୟର ୩୩୪ କେନ୍ଦ୍ରରେ ଏହି ପରୀକ୍ଷା ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ୫୩,୬୯୩ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ପରୀକ୍ଷାର୍ଥୀଙ୍କ ଆଡ୍ମିଟ୍ କାର୍ଡ ଅନ୍ଲାଇନ୍ରେ ଉପଲବ୍ଧ ହୋଇଛି। ବିଦ୍ୟାଳୟର ମୁଖ୍ୟମାନେ ବୋର୍ଡ ୱେବ୍ସାଇଟ୍ www.bseodisha.ac.inରେ ଲଗ୍ଇନ୍ କରି ପରୀକ୍ଷାର୍ଥୀଙ୍କ ଆଡ୍ମିଟ୍ କାର୍ଡ ଡାଉନ୍ଲୋଡ୍ କରି ସେମାନଙ୍କୁ ଦେଇପାରିବେ।

**ଆଜିର ସମ୍ପାଦକୀୟ**

**କାନାଡା ସମ୍ପର୍କ ତୁଟିଲା**






# ଆଜି ମୁଖ୍ୟମନ୍ତ୍ରୀଙ୍କ ୪ ଦିନିଆ ହରିୟାଣା, ମୁମ୍ବାଇ ଗସ୍ତ

**୧୮ରେ ନିବେଶକ ସମ୍ମିଳନୀରେ ଯୋଗଦେବେ**

ଭୁବନେଶ୍ୱର,୧୫।୧୦(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାରଠାରୁ ୪ ଦିନିଆ ହରିୟାଣା ଓ ମୁମ୍ବାଇ ଗସ୍ତରେ ଯାଉଛନ୍ତି। ୧୬ ତାରିଖ ଅପରାହ୍ନରେ ସେ ହରିୟାଣା ଅଭିମୁଖେ ଗସ୍ତକରି ୧୭ ତାରିଖ ଦିନ ଚଣ୍ଡିଗଡ଼ଠାରେ ନବଗଠିତ ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ। ସେଦିନ ଅପରାହ୍ନରେ ଚଣ୍ଡିଗଡ଼ଠାରେ ଏନ୍ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବେ। ଚଣ୍ଡିଗଡ଼ ପରେ ମୁଖ୍ୟମନ୍ତ୍ରୀ ମୁମ୍ବାଇ ଗସ୍ତରେ ଯାଇ ୧୮ ତାରିଖରେ ଇଣ୍ଡିଆନ୍ କେମିକାଲ୍ସ ଆଣ୍ଡ ପେଟ୍ରୋ କେମିକାଲ୍ସ ସମ୍ମିଳନୀରେ ଯୋଗଦେବେ। ୧୮ ଓ ୧୯ ତାରିଖରେ ସେ ମୁମ୍ବାଇସ୍ଥିତ ହୋଟେଲ ଓବରଏରେ ୨୦୨୫ ଫେବୃଆରୀ ୨୮ ଓ ୨୯ରେ ହେବାକୁ ଥିବା 'ମେକ୍ ଇନ୍ ଓଡ଼ିଶା' ପାଇଁ ଅନୁଷ୍ଠିତ 'ନିବେଶକ ସମ୍ମିଳନୀ'ରେ ଯୋଗଦେବେ। ୧୯ ତାରିଖ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ☞ପୃଷ୍ଠା-୨

# ନଭେମ୍ବର ୨୦ରେ ମହାରାଷ୍ଟ୍ର ନିର୍ବାଚନ

- ୧୩, ୨୦ରେ ଝାଡ଼ଖଣ୍ଡ ଭୋଟ
- ୨୩ରେ ଗଣତି

ନୂଆଦିଲ୍ଲୀ,୧୫।୧୦

ଭାରତର ନିର୍ବାଚନ କମିଶନ (ଇସିଆଇ) ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ମଙ୍ଗଳବାର ତାରିଖ ଘୋଷଣା କରିଛନ୍ତି। ମହାରାଷ୍ଟ୍ରରେ ନଭେମ୍ବର ୨୦ରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବାକୁ ଥିବାବେଳେ ଝାଡ଼ଖଣ୍ଡରେ ୨ ପର୍ଯ୍ୟାୟରେ ନଭେମ୍ବର ୧୩ ଏବଂ ୨୦ ତାରିଖରେ ମତଦାନ ହେବ। ନଭେମ୍ବର ୨୩ରେ ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ। ନୂଆଦିଲ୍ଲୀରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଇସିଆଇ ନିର୍ବାଚନ ସମ୍ପର୍କିତ ସବିଶେଷ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି।

ମହାରାଷ୍ଟ୍ର ନିର୍ବାଚନ ପାଇଁ ଅକ୍ଟୋବର ୨୨ରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଅକ୍ଟୋବର ୨୯ ରଖାଯାଇଛି। ନାମାଙ୍କନପତ୍ର ଯାଞ୍ଚ ଅକ୍ଟୋବର ୩୦ରେ ହେବାକୁ ଥିବାବେଳେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ନଭେମ୍ବର ୪ ରଖାଯାଇଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଛନ୍ତି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୬ରେ ଶେଷ ହେବାକୁ ଯାଉଥିବାବେଳେ ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା କାର୍ଯ୍ୟକାଳ ଆସନ୍ତା ବର୍ଷ ଜାନୁଆରୀ ୫ରେ ଶେଷ ହେବ। ମହାରାଷ୍ଟ୍ରରେ ୯.୬୩ କୋଟି ଭୋଟର ଏବଂ ଝାଡ଼ଖଣ୍ଡରେ ୨.୬ କୋଟି ଭୋଟର ସେମାନଙ୍କ ମତାଧିକାର ☞ପୃଷ୍ଠା-୨

# ୨୦୩୫ ସୁଦ୍ଧା ଚନ୍ଦ୍ରରେ ଚାଇନାର ମହାକାଶ କେନ୍ଦ୍ର

ବେଜିଂ,୧୫।୧୦



ପ୍ରତିକାତ୍ମକ ଚିତ୍ର

ଚନ୍ଦ୍ରରୁ ମାଟି ନମୁନା ଆଣିବା ପରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମିଶନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଚାଇନା। ୨୦୫୦ ସୁଦ୍ଧା ଚାଇନା ପକ୍ଷରୁ ମାନବ ଚନ୍ଦ୍ର ମିଶନ, ଚନ୍ଦ୍ରରେ ମହାକାଶ କେନ୍ଦ୍ରର ନିର୍ମାଣ ମିଶନ, ପୃଥିବୀ ବ୍ୟତୀତ ବାସଯୋଗ୍ୟ ଗ୍ରହ ଓ ଜୀବନର ଗବେଷଣା ଆଦିକୁ କାର୍ଯ୍ୟକାରୀ କରିବା ପାଇଁ ବେଜିଂ ଘୋଷଣା କରିଛି। ମଙ୍ଗଳବାର ଚାଇନାର ସର୍ବୋଚ୍ଚ ମହାକାଶ ସଂସ୍ଥା ପକ୍ଷରୁ ମହାକାଶ ବିଜ୍ଞାନ ପାଇଁ ଦେଶର ଦୀର୍ଘକାଳୀନ ବିକାଶ କାର୍ଯ୍ୟକ୍ରମକୁ ଉନ୍ମୋଚନ କରାଯାଇଛି।

ମହାକାଶ କ୍ଷେତ୍ରରେ ଆଗାମୀ କିଛି ଦଶନ୍ଧି ମଧ୍ୟରେ ଚାଇନା ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମିଶନକୁ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ୨୦୫୦ ପର୍ଯ୍ୟନ୍ତ ଯୋଜନା ପ୍ରସ୍ତୁତ ହୋଇଛି। ଚାଇନା ଏକାଡେମୀ ଅଫ୍ ସାଇନ୍ସ(ସିଏଏସ୍), ଚାଇନା ଜାତୀୟ ମହାକାଶ ପ୍ରଶାସନ ଓ ଚାଇନା ମ୍ୟାନ୍ଡ ସ୍ପେସ୍ ଏଜେନ୍ସି ଦ୍ୱାରା ଏକ ଖବରଦାତା ସମ୍ମିଳନୀ କରାଯାଇ ମହାକାଶ ବିଜ୍ଞାନ କ୍ଷେତ୍ରରେ ଦେଶର ଲକ୍ଷ୍ୟଗୁଡ଼ିକୁ ଦର୍ଶାଯାଇଛି, ଯେଉଁଥିରେ ୫ଟି ପ୍ରମୁଖ ବୈଜ୍ଞାନିକ ଥିମ ଅଧୀନରେ ୧୭ଟି ପ୍ରାଥମିକ କ୍ଷେତ୍ର ଏବଂ ଏକ ୩ ପର୍ଯ୍ୟାୟ ବିଶିଷ୍ଟ ରୋଡମ୍ୟାପ୍ ରହିଛି। ଚାଇନା ଦ୍ୱାରା ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ଚନ୍ଦ୍ର ଗବେଷଣା କେନ୍ଦ୍ରର ନିର୍ମାଣ ପ୍ରକ୍ରିୟା ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୮ରୁ ୨୦୩୫ ମଧ୍ୟରେ କରାଯିବ ବୋଲି ସିଏଏସ୍ର ☞ପୃଷ୍ଠା-୨




## ସଂକ୍ଷେପରେ

### ୨୪ ଘଣ୍ଟା ପୋଲିସ ନଜରରେ ସଲମାନ୍‌ଙ୍କ ଘର

ମୁମ୍ବାଇ,୧୫।୧୦

ବଲିଉଡ୍ ଅଭିନେତା ସଲମାନ ଖାନ୍‌ଙ୍କ ପ୍ରତି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ରୁ ଆକ୍ରମଣ ଧମକ ମିଳିବା ପରେ ପୋଲିସ ତାଙ୍କ ଘର ଉପରେ ୨୪ ଘଣ୍ଟିଆ ନଜର ରଖିଛି। ୬୦ରୁ ଊର୍ଦ୍ଧ୍ୱ ସାଦାପୋଷାକଧାରୀ ପୋଲିସ ଅଫିସର ୨୪ ଘଣ୍ଟା ତାଙ୍କ ଘର ପାଖରେ ମୁତୟନ ରହି ସେଠାକୁ ଆସୁଥିବା ଭିଜିଟରମାନଙ୍କ ଯାଞ୍ଚ କରିବେ। କୌଣସି ବେଆଇନ ସମାଗମକୁ ଅନୁମତି ଦିଆଯିବ ନାହିଁ। ଏନ୍‌ସିପି ନେତା ବାବା ସିଦ୍ଦିକୀଙ୍କୁ ହତ୍ୟା ପରେ ସଲମାନ୍‌ଙ୍କ ବାନ୍ଦ୍ରାସ୍ଥିତ ଗାଲାକ୍ସି ଆପାର୍ଟମେଣ୍ଟରେ ସୁରକ୍ଷାକୁ ବଢ଼ାଇ ଦିଆଯାଇଛି। ବିଷ୍ଣୋଇ ଗ୍ୟାଙ୍ଗ୍ ସଲମାନଙ୍କୁ ଟାର୍ଗେଟରେ ରଖିଆସିଛି। ମୁମ୍ବାଇ ପୋଲିସ ବଲିଉଡ୍ ଷ୍ଟାରଙ୍କ ଘର ନିକଟରେ ଏଆଇ ସମର୍ଥ ହାଇରିଜୋଲ୍ୟୁଶନ ସିସିଟିଭି କ୍ୟାମେରା ଲଗାଇଛି, ଯେଉଁଥିରେ ମୁହଁ ଚିହ୍ନିବା ଟେକ୍ନୋଲୋଜି ରହିଛି। ଉକ୍ତ ଅଞ୍ଚଳ ଦେଇ ଏକାଧିକ ଥର ଅତିକ୍ରମ କରୁଥିବା ବ୍ୟକ୍ତିଙ୍କୁ ଉକ୍ତ କ୍ୟାମେରା ଚିହ୍ନଟ କରିପାରିବ। ଏକ କମାଣ୍ଡ ସେଣ୍ଟର ଉକ୍ତ ଅଞ୍ଚଳ ଉପରେ ୨୪ ଘଣ୍ଟିଆ ନଜର ରଖିଛି।

### ଫେରିଗଲା ମୌସୁମୀ

ନୂଆଦିଲ୍ଲୀ,୧୫।୧୦(ପି.ଟି.)

ଭାରତରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ସମ୍ପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଉତ୍ତର-ପୂର୍ବ ମୌସୁମୀ ପ୍ରଭାବରେ ଦକ୍ଷିଣ ଭାରତରେ ପ୍ରବଳ ବର୍ଷା ଲାଗିରହିଛି। ଚଳିତବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ମେ' ୩୦ରେ କେରଳରେ ପହଞ୍ଚିଥିବାବେଳେ ଜୁଲାଇ ୨ରେ ସାରା ଦେଶକୁ ଛୁଇଁଥିଲା। ସେପ୍ଟେମ୍ବର ୨୩ରୁ ମୌସୁମୀର ଫେରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୮୬୮.୬ ମିଲିମିଟର ହୋଇଥିବାବେଳେ ଚଳିତ ବର୍ଷ ଭାରତରେ ରେକର୍ଡ ୯୩୪.୮ ମିଲିମିଟର ବର୍ଷା ହୋଇଛି।

# ଲେବାନନ୍‌ରେ ୪ ଲକ୍ଷ ଶିଶୁ ବିସ୍ଥାପିତ

## ଯୁଦ୍ଧ ଯୋଗୁ ୧୨ ଲକ୍ଷ ପିଲା ଶିକ୍ଷାରୁ ବଞ୍ଚିତ

ବେରୁଟ, ୧୫।୧୦



ଲେବାନନ୍‌ର ବାୟବୋଲ୍ସଠାରେ ଏକ ସାମୁହିକ ଅନ୍ତିମ ସଂସ୍କାର ଶୋଭାଯାତ୍ରାରେ ଜଣେ ବାଳକ ନିଜ ସମ୍ପର୍କୀୟଙ୍କ ଫଟୋକୁ ଧରିଛନ୍ତି।

ଗତ ୩ ସପ୍ତାହ ହେବ ଲେବାନନ୍‌ରେ ଇସ୍ରାଏଲ ଓ ଉଗ୍ରବାଦୀ ସଙ୍ଗଠନ ହେଜବୋଲ୍ଲା ମଧ୍ୟରେ ଯୁଦ୍ଧ ଯୋଗୁ ୪ ଲକ୍ଷରୁ ଅଧିକ ଶିଶୁ ବିସ୍ଥାପିତ ହୋଇଛନ୍ତି। ଲେବାନନ୍‌ରେ ମାନବୀୟ କାର୍ଯ୍ୟ ପାଇଁ ନିୟୋଜିତ ୟୁନାଇଟେଡ୍ ନେଶନ୍ ଚିଲ୍‌ଡ୍ରେନ୍ ଫଣ୍ଡ(ୟୁନିସେଫ୍)ର ଉପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଟେଡ୍ ଚାଇବାନ୍ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଲେବାନନ୍ ପରି ଏକ ଛୋଟ ଦେଶରେ ଯୁଦ୍ଧ ଯୋଗୁ ଏକ ନିର୍ଦ୍ଦିଷ୍ଟ ପିଢ଼ି ଲୋପ ପାଇଯିବା ନେଇ ମଧ୍ୟ ସମ୍ଭାବନା ଥିବାର ସେ ଚେତାବନୀ ଦେଇଛନ୍ତି। ଇସ୍ରାଏଲ ପକ୍ଷରୁ ସମ୍ପ୍ରତି ଗାଜାରେ ହମାସ ସହ ଓ ଲେବାନନ୍‌ରେ ହେଜବୋଲ୍ଲା ବିରୋଧରେ ଯୁଦ୍ଧ ଜାରି ରହିଛି। ଯୁଦ୍ଧ ଯୋଗୁ ଲେବାନନ୍‌ରେ ୧୨ ଲକ୍ଷ ଲୋକ ସେମାନଙ୍କ ଘରୁ ପଳାୟନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଗତ ୩ ସପ୍ତାହ ମଧ୍ୟରେ ବେରୁଟ୍ ଏବଂ ଉତ୍ତର ଲେବାନନ୍‌ର ବିଭିନ୍ନ ଅଞ୍ଚଳକୁ ପଳାୟନ କରି ଆଶ୍ରୟସ୍ଥଳୀ ଗୁଡ଼ିକରେ ରହୁଛନ୍ତି। ଚାଇବାନ କହିଛନ୍ତି, ଗତ ୩ ସପ୍ତାହ ଧରି ଚାଲିଥିବା ଏହି ଯୁଦ୍ଧରେ ଶିଶୁ ଏବଂ ପିଲାମାନେ ହିଁ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଯୁଦ୍ଧ ଯୋଗୁ ଲେବାନନ୍‌ର ପ୍ରାଥମିକ ଶିକ୍ଷା ଭୁଶୁଡ଼ି ପଡ଼ିଛି। ଦେଶରେ ପ୍ରାୟ ୧୨ ଲକ୍ଷ ପିଲା ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ଯୁଦ୍ଧ ଯୋଗୁ ବହୁ ସରକାରୀ ସ୍କୁଲ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଅନେକ ସ୍କୁଲକୁ ବିସ୍ଥାପିତମାନେ ଆଶ୍ରୟସ୍ଥଳ ଭାବରେ ବ୍ୟବହାର କରୁଛନ୍ତି, ତେଣୁ ସେଠାରେ ମଧ୍ୟ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ତେବେ ଲେବାନନ୍‌ର କେତେକ ଘରୋଇ ବିଦ୍ୟାଳୟ ଏବେ ମଧ୍ୟ ଚାଲୁ ରହିଥିବା ଚାଇବାନ କହିଛନ୍ତି। ଯୁଦ୍ଧ ଯୋଗୁ ଲେବାନନ୍‌ରେ ଥିବା ସରକାରୀ ବିଦ୍ୟାଳୟଗୁଡ଼ିକ ବ୍ୟବସ୍ଥା ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଦେଶରେ ରହୁଥିବା ପାଲେଷ୍ଟିନୀୟ ଏବଂ ସିରୀୟ ଶରଣାର୍ଥୀମାନେ ମଧ୍ୟ ଯୁଦ୍ଧ ଯୋଗୁ ପ୍ରଭାବିତ ହୋଇଛନ୍ତି। ଇସ୍ରାଏଲ ଓ ହେଜ୍‌ବୋଲ୍ଲା ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁ ଲେବାନନ୍‌ରେ ଅନେକ ଲକ୍ଷ ଶିଶୁଙ୍କ ଉପରେ ଶିକ୍ଷା ହରାଇବାର ବିପଦ ରହିଥିବା ଚାଇବାନ କହିଛନ୍ତି। ଲେବାନନ୍‌ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ରିପୋର୍ଟ ଅନୁଯାୟୀ, ଇସ୍ରାଏଲର ଆକ୍ରମଣରେ ଦେଶର ୨୩୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ସେହିପରି ଗତ ୩ ସପ୍ତାହ ମଧ୍ୟରେ ୧୦୦ରୁ ଅଧିକ ଶିଶୁ ପ୍ରାଣ ହରାଇଥିବାବେଳେ ୮୦୦ରୁ ଅଧିକ ଶିଶୁ ଆହତ ହୋଇଥିବା ନେଇ ଚାଇବାନ ସୂଚନା ଦେଇଛନ୍ତି।

### ନଭେମ୍ବରରେ ୪୮ ବିଧାନସଭା, ୨ ଲୋକ ସଭା ଆସନରେ ଉପନିର୍ବାଚନ

ନୂଆଦିଲ୍ଲୀ,୧୫।୧୦

ନଭେମ୍ବରରେ ୪୮ ବିଧାନସଭା ଏବଂ ୨ଟି ଲୋକ ସଭା ଆସନରେ ଉପନିର୍ବାଚନ ହେବାକୁ ଯାଉଥିବା ନିର୍ବାଚନ କମିଶନ ମଙ୍ଗଳବାର ଘୋଷଣା କରିଛନ୍ତି। ୪୭ ବିଧାନସଭା ଆସନ ଏବଂ କେରଳର ୱାୟନାଡ୍ ଲୋକ ସଭା ଆସନ ଲାଗି ନଭେମ୍ବର ୧୩ରେ ଉପନିର୍ବାଚନ ହେବାକୁ ଥିବାବେଳେ ଉତ୍ତରାଖଣ୍ଡର କେଦାରନାଥ ବିଧାନସଭା ଆସନ ଏବଂ ମହାରାଷ୍ଟ୍ରର ନାନ୍ଦେଡ୍ ଲୋକ ସଭା ଆସନରେ ନଭେମ୍ବର ୨୦ରେ ଉପନିର୍ବାଚନ ହେବ। ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ସହ ଏହିସବୁ ଆସନର ଭୋଟ ଗଣତି ନଭେମ୍ବର ୨୩ରେ ଅନୁଷ୍ଠିତ ହେବ। ଉତ୍ତରପ୍ରଦେଶର ୯ଟି ଆସନରେ ଉପନିର୍ବାଚନ ହେବାକୁ ଯାଉଥିବାବେଳେ ମିଲ୍‌କିପୁର ଆସନ ଏବଂ ପଶ୍ଚିମବଙ୍ଗର ଖାଲି ପଡ଼ିଥିବା ଲୋକ ସଭା ଆସନରେ ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇନାହିଁ।

## କେନ୍ଦ୍ର, ଇସିଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୧୫।୧୦(ପି.ଟି.)

### ଭୋଟରଙ୍କୁ ମାଗଣା ଉପହାର ବିରୋଧରେ ସାନି ପିଟିଶନ

ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡ଼ିକ ଭୋଟରମାନଙ୍କୁ ମାଗଣା ଉପହାରର ପ୍ରତିଶ୍ରୁତି ଦେଉଥିବାରୁ ଏହା ବିରୋଧରେ ସାନି ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନ (ଇସି)ଙ୍କୁ ଜବାବ ମାଗିଛନ୍ତି। ବେଙ୍ଗାଲୁରୁର ଶଶାଙ୍କ ଜେ. ଶ୍ରୀଧରଙ୍କ ଆବେଦନ ଉପରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ଇସିଙ୍କୁ ନୋଟିସ ଜାରି କରିଛନ୍ତି। ନିର୍ବାଚନ ପୂର୍ବବର୍ତ୍ତୀ ସମୟରେ ରାଜନୈତିକ ଦଳଗୁଡ଼ିକ ମାଗଣା ଉପହାର ପ୍ରତିଶ୍ରୁତି ଦେଉଥିବାରୁ ଏହାକୁ ରୋକିବା ଦିଗରେ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପିଟିଶନରେ ନିବେଦନ କରାଯାଇଥିଲା। ଅନିୟମିତ ପ୍ରତିଶ୍ରୁତି ଯୋଗୁ ସରକାରୀ କୋଷ ଉପରେ ଅଯଥା ଆର୍ଥିକ ବୋଝ ପଡ଼ୁଛି। ଯେଉଁ ପ୍ରତିଶ୍ରୁତି ଦେଇ ଦଳଗୁଡ଼ିକ ଭୋଟ ପାଉଛନ୍ତି, ତାହା ପୂରଣ ହେବାକୁ ସୁନିଶ୍ଚିତ କରିବା ଦିଗରେ କୌଣସି ବ୍ୟବସ୍ଥା ନାହିଁ। ସୁପ୍ରିମକୋର୍ଟ ଉକ୍ତ ପିଟିଶନକୁ ଅନ୍ୟ ଅନୁରୂପ ପ୍ରସଙ୍ଗ ସହ ଏକାଠି ଶୁଣାଣି କରିବାକୁ ଗ୍ରହଣ କରିଛନ୍ତି। ପୂର୍ବରୁ ଅଶ୍ୱିନୀ ଉପାଧ୍ୟାୟ ଅନୁରୂପ ପିଟିଶନ ଦାଏର କରିଥିଲେ। ରାଜନୈତିକ ଫାଇଦା ପାଇଁ ରାଜନୈତିକ ଦଳଗୁଡ଼ିକ ବିଭିନ୍ନ ଜନାଭିମୁଖୀ ପଦକ୍ଷେପ ଗ୍ରହଣ କରି ସମ୍ବିଧାନର ଉଲ୍ଲଂଘନ କରୁଛନ୍ତି। ତେଣୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଉପାଧ୍ୟାୟ ନିବେଦନ କରିଥିଲେ।

## ଭାରତ ସରକାରଙ୍କ ଏଜେଣ୍ଟ ସହ ବିଷ୍ଣୋଇ ଗ୍ୟାଙ୍ଗ୍ ସମ୍ପୃକ୍ତ: କାନାଡା ପୋଲିସ

ଓଟ୍ଟାୱା,୧୫।୧୦

ଦକ୍ଷିଣ ଏସୀୟ ସମ୍ପ୍ରଦାୟ ବିଶେଷ ଭାବେ ଖଲିସ୍ତାନୀ ତତ୍ତ୍ୱଙ୍କୁ ଟାର୍ଗେଟ କରିବା ପାଇଁ ଭାରତର ସରକାରୀ ଏଜେଣ୍ଟଗୁଡ଼ିକ ଅପରାଧୀମାନଙ୍କୁ ବ୍ୟବହାର କରୁଥିବା କାନାଡା ପୋଲିସ ଅଭିଯୋଗ କରିଛି। ଉକ୍ତ ସରକାରୀ ଏଜେନ୍ସି ସହ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସମ୍ପୃକ୍ତ ବୋଲି କାନାଡା ପୋଲିସ କହିଛି। କାନାଡା ନାଗରିକ ତଥା ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ନିଜ୍ଜାର ହତ୍ୟା ଘଟଣାରେ ଦିଲ୍ଲୀର ଏଜେଣ୍ଟ ସମ୍ପୃକ୍ତ



ଲରେନ୍ସ ବିଷ୍ଣୋଇ

ଥିବା ଓଟ୍ଟାୱା ଗତବର୍ଷଠାରୁ ଅଭିଯୋଗ କରିଆସୁଛି। ଭାରତ ସରକାର ଦକ୍ଷିଣ ଏସୀୟଙ୍କୁ ଟାର୍ଗେଟ କରୁଥିବାବେଳେ ନିର୍ଦ୍ଦିଷ୍ଟ ଭାବେ କାନାଡାର ଖଲିସ୍ତାନୀ ସପକ୍ଷବାଦୀ ତତ୍ତ୍ୱଙ୍କୁ ଟାର୍ଗେଟ କରିଆସୁଛନ୍ତି। ଏଥିପାଇଁ ସେମାନେ ସଂଗଠିତ ଆପରାଧିକ ତତ୍ତ୍ୱଙ୍କୁ ବ୍ୟବହାର କରୁଥିବା ଆମେ ଜାଣିବାକୁ ପାଇଛୁ ବୋଲି ରୟାଲ କାନାଡିଆନ୍ ମାଉଣ୍ଟେଡ୍ ପୋଲିସ (ଆର୍‌ସିଏମ୍‌ପି) ଅଭିଯୋଗ କରିଛି। ନିର୍ଦ୍ଦିଷ୍ଟ ଭାବେ ବିଷ୍ଣୋଇ ଗ୍ୟାଙ୍ଗ ଭାରତ ସରକାରଙ୍କ ଏଜେଣ୍ଟ ସହ ସମ୍ପୃକ୍ତ ଥିବା ବିଶ୍ୱାସ କରାଯାଉଛି। ସେମାନେ ହତ୍ୟା, ଜବରଦସ୍ତ ବଟି ଆଦାୟ ଏବଂ ଧମକ ଦେବା ଆଦି ଅପରାଧରେ ସମ୍ପୃକ୍ତ ବୋଲି କାନାଡା ପୋଲିସ କହିଛି।

### ୭ ବିମାନକୁ ବୋମା ଧମକ

ନୂଆଦିଲ୍ଲୀ, ୧୫।୧୦

୭ ଭାରତୀୟ ବିମାନକୁ ମଙ୍ଗଳବାର ବୋମାରେ ଉଡ଼ାଇଦେବାକୁ ଧମକ ମିଳିଛି। ଧମକପୂର୍ଣ୍ଣ କଲ୍ ଯୋଗୁ ୨ଟି ବିମାନର ଏମର୍ଜେନ୍ସି ଲ୍ୟାଣ୍ଡିଂ କରାଯାଇଛି। ଦିଲ୍ଲୀରୁ ଶିକାଗୋ ଯାଉଥିବା ଏୟାର ଇଣ୍ଡିଆ ବିମାନ, ଦମ୍‌ଦମ୍-ଲକ୍ଷ୍ନୌ ଇଣ୍ଡିଗୋ ବିମାନ, ଦରଭଙ୍ଗା-ମୁମ୍ବାଇ ସ୍ପାଇସ୍ ଜେଟ୍ ବିମାନ, ସିଲିଗୁଡ଼ି-ବେଙ୍ଗାଲୁରୁ ଅକ୍ସା ଏୟାର ବିମାନ, ଜୟପୁରରୁ ବେଙ୍ଗାଲୁରୁ, ମଦୁରାଇରୁ ସିଙ୍ଗାପୁର ଏବଂ ଅଯୋଧ୍ୟାରୁ ବେଙ୍ଗାଲୁରୁ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନକୁ ଧମକ ମିଳିବା ପରେ ଉକ୍ତ ବିମାନଗୁଡ଼ିକର ଯାଞ୍ଚ କରାଯାଇଛି। ଯାଞ୍ଚ ପରେ ପୋଲିସ ଏହି ବୋମା ଧମକକୁ ଗୁଜବ ବୋଲି କହିଛି।

## ଆମେରିକାରୁ ୩୧ ପ୍ରିଡେଟର ଡ୍ରୋନ୍ କିଣିବ ଭାରତ



### ୩୨,୦୦୦ କୋଟିର ଚୁକ୍ତି ସ୍ୱାକ୍ଷର

ନୂଆଦିଲ୍ଲୀ,୧୫।୧୦

ଆମେରିକାରୁ ଭାରତ ୩୧ଟି ପ୍ରିଡେଟର ଏମ୍‌କ୍ୟୁ-୯ବି ଡ୍ରୋନ୍ କିଣିବାକୁ ଯାଉଛି। ଜେନେରାଲ ଆଟମିକ୍ସ ଦ୍ୱାରା ନିର୍ମିତ ଏହି ହାଇ-ଅଲ୍‌ଟିଚ୍ୟୁଡ୍ ୟୁଏଭି କ୍ରୟ ଲାଗି ଉଭୟ ଦେଶ ମଧ୍ୟରେ ୩୨,୦୦୦ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର ହୋଇଛି। ଡିଲ୍ ବାବଦ ମୋଟ ବ୍ୟୟ ୩୪,୫୦୦ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ୧୫ଟି ଡ୍ରୋନ୍ ନୌସେନାରେ ନିୟୋଜିତ ହେବାକୁ ଥିବାବେଳେ ଅବଶିଷ୍ଟ ୧୬ଟିକୁ ସ୍ଥଳସେନା ଏବଂ ବାୟୁସେନା ବ୍ୟବହାର କରିବେ। ଗତ ମାସରେ ଡେଲାୱେରଠାରେ ଅନୁଷ୍ଠିତ କ୍ୱାଡ୍ ନେତାମାନଙ୍କ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରିଡେଟର ଡ୍ରୋନ୍ କ୍ରୟ ଲାଗି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ କଥା ହୋଇଥିଲେ। ଆମେରିକୀୟ କମ୍ପାନୀ ଡ୍ରୋନ୍ ଯୋଗାଇବା ସହ ଭାରତରେ ଏହାର ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟ କରିବ। ଭାରତୀୟ ସେନାରେ ଏହି ଡ୍ରୋନ୍ ସାମିଲ ହେଲେ ଏହାର ସର୍ଭିଲାନ୍ସ କ୍ଷମତା ବୃଦ୍ଧି ପାଇବ।

## ୪୦% ଭିନ୍ନକ୍ଷମ ଥିବା ଛାତ୍ରଙ୍କୁ ଡାକ୍ତରୀ ଶିକ୍ଷାରୁ ବାଦ୍ ଦିଆଯାଇପାରିବ ନାହିଁ

ନୂଆଦିଲ୍ଲୀ,୧୫।୧୦(ପି.ଟି.)

ଏମ୍‌ବିବିଏସ୍ ଶିକ୍ଷା ଗ୍ରହଣ ଲାଗି ପ୍ରାର୍ଥୀ ସମର୍ଥ ନୁହେଁ ବୋଲି ଯଦି ବିଶେଷଜ୍ଞଙ୍କ ରିପୋର୍ଟ ନ ଥାଏ, ତେବେ କେବଳ ୪୦ ପ୍ରତିଶତ ଭିନ୍ନକ୍ଷମ ଥିବା ଛାତ୍ରୀଛାତ୍ରଙ୍କୁ ଡାକ୍ତରୀ ଶିକ୍ଷା ଗ୍ରହଣରୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ବିନା ବାଧାରେ ଜଣେ ଛାତ୍ର ମେଡିକାଲ ଶିକ୍ଷା ଗ୍ରହଣ କରିପାରିବେ ବୋଲି ମେଡିକାଲ ବୋର୍ଡ ରିପୋର୍ଟ ଦେବା ପରେ ଜଷ୍ଟିସ୍ ବି.ଆର୍. ଗଭାଇ, ଅରବିନ୍ଦ କୁମାର ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ଉକ୍ତ ଛାତ୍ରଙ୍କୁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ସେପ୍ଟେମ୍ବର ୧୮ରେ ଅନୁମତି ଦେଇଥିଲେ। ଅନୁମତି ଦିଆଯିବାର ସବିଶେଷ କାରଣ ସମ୍ପର୍କରେ ଖଣ୍ଡପୀଠ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ଭିନ୍ନକ୍ଷମ ଛାତ୍ର ଜଣକ ଡାକ୍ତରୀ ଶିକ୍ଷା ଗ୍ରହଣ ପାଇଁ ସମର୍ଥ ବୋଲି ଡିଜାବିଲିଟି ଆସେସ୍‌ମେଣ୍ଟ ବୋର୍ଡ ଜଣାଇଛନ୍ତି। ସାଧାରଣତଃ ୪୦ ପ୍ରତିଶତ ପର୍ଯ୍ୟନ୍ତ ଭିନ୍ନକ୍ଷମ ଥିଲେ ଜଣେ ପ୍ରାର୍ଥୀଙ୍କୁ ଏମ୍‌ବିବିଏସ୍ ପାଠ୍ୟକ୍ରମ ପାଇଁ ଅଯୋଗ୍ୟ ଘୋଷଣା କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ୧୯୯୭ର ଗ୍ରାଜୁଏଟ୍ ମେଡିକାଲ ଏଜୁକେଶନ ରେଗୁଲେଶନକୁ ଓମ୍‌କାର ନାମକ ଛାତ୍ର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ୧.୩୬ ଲକ୍ଷ କୋଟି କୋଇଲା ବକେୟା ମାଗିଲେ ହେମନ୍ତ

### ପ୍ରଧାନମନ୍ତ୍ରୀଙ୍କୁ ଖୋଲା ଚିଠି

ରାଞ୍ଚି,୧୫।୧୦

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ମଙ୍ଗଳବାର ତାରିଖ ଘୋଷଣା ହେବାର କିଛି ଘଣ୍ଟା ପୂର୍ବରୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ପତ୍ର ଲେଖି କୋଇଲା କମ୍ପାନୀଗୁଡ଼ିକରୁ ବକେୟା ରହିଥିବା ୧.୩୬ ଲକ୍ଷ କୋଟି ଟଙ୍କା ଦେୟ ପୈଠ କରିବାକୁ ଦାବି କରିଛନ୍ତି। ସେ ରାଜ୍ୟ ପାଇଁ କୌଣସି ସ୍ୱତନ୍ତ୍ର ବଜେଟ ମାଗୁନାହାନ୍ତି, ବରଂ ଏହାର ଦେୟ ପାଇବା ପାଇଁ ଅନୁରୋଧ କରୁଥିବା କହିଛନ୍ତି। ଏତେ ପରିମାଣରେ



ହେମନ୍ତ ସୋରେନ୍

ଦେୟ ବକେୟା ରହିବା ଯୋଗୁ ଝାଡ଼ଖଣ୍ଡର ବିକାଶ ପ୍ରତି ଅପୂରଣୀୟ କ୍ଷତି ପହଞ୍ଚାଇଛି। ବକେୟ ପାଉଣା ଆମର ଅଧିକାର ବୋଲି ହେମନ୍ତ ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଖୋଲା ଚିଠିକୁ ଏକ୍ସ'ରେ ପୋଷ୍ଟ କରିଛନ୍ତି।

ଆଇନଗତ ବ୍ୟବସ୍ଥା ସତ୍ତ୍ୱେ କୋଇଲା କମ୍ପାନୀଗୁଡ଼ିକ ବକେୟା ଦେୟ ପୈଠ କରୁନାହାନ୍ତି। ଏହି ପ୍ରସଙ୍ଗକୁ ଆପଣଙ୍କ କାର୍ଯ୍ୟାଳୟ, ଅର୍ଥ ମନ୍ତ୍ରଣାଳୟ, ନୀତି ଆୟୋଗ ସମେତ ବିଭିନ୍ନ ଫୋରମ୍‌ରେ ଉଠାଯାଇଛି। ତଥାପି ଏପର୍ଯ୍ୟନ୍ତ ୧.୩୬ ଲକ୍ଷ କୋଟି ଟଙ୍କା ପୈଠ ନ ହୋଇ ବକେୟା ରହିଥିବା ହେମନ୍ତ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଛନ୍ତି। ଖଣିଜ ପଦାର୍ଥ ଓ ରୟାଲଟି ଦେୟ ସଂଗ୍ରହ କରିବା ରାଜ୍ୟର ଅଧିକାର ବୋଲି ନିକଟରେ ସୁପ୍ରିମକୋର୍ଟର ୯ ଜଣିଆ ପୀଠ ସ୍ପଷ୍ଟ କରିଥିଲେ। ବକେୟା ଦେୟ ନ ମିଳିବା କାରଣରୁ ଝାଡ଼ଖଣ୍ଡର ବିକାଶ ବାଧାପ୍ରାପ୍ତ ହେବା ସହ ଗୁରୁତ୍ୱପୂର୍ଣ୍ଣ ସାମାଜିକ-ଅର୍ଥନୈତିକ ପ୍ରକଳ୍ପଗୁଡ଼ିକ ପ୍ରଭାବିତ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

DSPL - 151




ଆଗ୍ରହୀ ବାଲୁକା ଶିଳ୍ପୀ ଏଥିରେ ଅଂଶଗ୍ରହଣ କରିବା ପାଇଁ ପର୍ଯ୍ୟଟନ ବିଭାଗ ୱେବସାଇଟ odishatourism.gov.in ରେ ଲଗ୍ ଇନ୍ କରି ଆବେଦନ କରିବାକୁ ଅନୁରୋଧ ।

ODISHA
INDIA'S BEST KEPT SECRET.

OIPR-37001/13/0005/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସମୂହ ଭସାଣି ଶୋଭାଯାତ୍ରା, ସ୍ଥାନ: ଭିଙ୍ଗାରପୁର ଛକ ଦୁର୍ଗା ପୂଜା ମଣ୍ଡପ ନିକଟ, ସମୟ: ଅପରାହ୍ଣ ୨ଟା ୩୦।
- ଶ୍ରୀରାଧା କଳାକୁଞ୍ଜ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ବଲ୍ଲଭ ଟ୍ରଷ୍ଟ ପକ୍ଷରୁ ବଲ୍ଲଭ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ମା'ଗଜଲକ୍ଷ୍ମୀଙ୍କ ଶାରଦୀୟ ପୂଜା ଉତ୍ସବ ଏବଂ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଗଜଲକ୍ଷ୍ମୀ ମଣ୍ଡପ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ପୂର୍ବାହ୍ଣ ୧୦ଟା।

## ଖୋର୍ଦ୍ଧା
- ମା'ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଅବସରରେ କଳସଯାତ୍ରା, ସ୍ଥାନ: ଗୁରୁଜଙ୍ଗ ମେଲଣ ପଡ଼ିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ବାଲିଆପାଳ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ, ସ୍ଥାନ: ଉଗରା ଭିନ୍ନକ୍ଷମ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା। ରକ୍ତଦାନ ଶିବିର, ସ୍ଥାନ: ବାଲେଶ୍ୱର ଷ୍ଟେଶନ କ୍ଲବ, ସମୟ: ପୂର୍ବାହ୍ଣ ୧୦ଟା ୩୦। ରକ୍ତ ଦାନ ଶିବିର, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ନୀଳଗିରି, ସମୟ: ପୂର୍ବାହ୍ଣ ୭ଟା ୩୦।
- ଗଜଲକ୍ଷ୍ମୀ ପୂଜା, ସ୍ଥାନ: ଚୌକି, ଥାନାଛକ, ଭୋଗରାଇ ହାଟ, ବିଚିତ୍ରପୁର, ଦେଉଳାହାଟ, ସମୟ: ସକାଳ ୬ଟାରୁ ରାତି ପର୍ଯ୍ୟନ୍ତ।
- କୈବର୍ତ୍ତ ମହାସଭାର ଖବରଦାତା ସମ୍ମିଳନୀ, ସ୍ଥାନ: ଡାକବଙ୍ଗଳା, ବାଲିଆପାଳ, ସମୟ: ଅପରାହ୍ଣ ୪ଟା।
- ଗଜଲକ୍ଷ୍ମୀ ପୂଜା ଉତ୍ସବ, ଘଟୋତ୍ତଳନ ଓ ନାମ ସଂକୀର୍ତ୍ତନ, ସ୍ଥାନ:ହଳଦୀପଦା ଷ୍ଟେଶନ ବଜାର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ବିଜେଡି ପକ୍ଷରୁ ଡାକ୍ତରଖାନାରେ ଫଳ ବଣ୍ଟନ, ସ୍ଥାନ: ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା ୩୦।
- ଛେରାପହଁରା ଓ ନେତ୍ରପଣା, ସ୍ଥାନ: ନୂଆପାଟଣା ଲକ୍ଷ୍ମୀନାରାୟଣ ମନ୍ଦିର, ତିହିଡ଼ି, ସମୟ: ଅପରାହ୍ଣ ୫ଟା।
- ଗଜଲକ୍ଷ୍ମୀ ପୂଜା, ସ୍ଥାନ: ଗଡ଼ସାହି ଛକ, ଆଗରପଡ଼ା, ସମୟ: ଅପରାହ୍ଣ ୫ଟା।
- ଗଜଲକ୍ଷ୍ମୀ ପୂଜା, ସ୍ଥାନ: ମହତାବ ଛକ, ଆଗରପଡ଼ା, ସମୟ: ଅପରାହ୍ଣ ୫ଟା।
- ଗଜଲକ୍ଷ୍ମୀ ପୂଜା, ସ୍ଥାନ: ଥାନାଛକ, ବନ୍ତ ବଜାର, ସମୟ: ଅପରାହ୍ଣ ୫ଟା।
- ଗଜଲକ୍ଷ୍ମୀ ପୂଜା, ସ୍ଥାନ: କେନ୍ଦୁଆପଦା ଛକ, ବନ୍ତ ବଜାର, ସମୟ: ରାତି ୧୧ଟା।

## କେନ୍ଦୁଝର
- ଗଜଲକ୍ଷ୍ମୀ ପୂଜା , ସ୍ଥାନ: ଢେଙ୍କିକୋଟ, ସମୟ: ଅପରାହ୍ଣ୧ଟା।
- କୁମାର ଉତ୍ସବ ପାଳନ, ଚାନ୍ଦ ବନ୍ଦାଣ, ବୃନ୍ଦାବତୀଙ୍କ ପୂଜା, ଯୁବତୀଙ୍କ ରାତ୍ର ବ୍ୟାପି କୁଆଁର ପୁନେଇ ଗୀତ ପରିବେଷଣ, ସ୍ଥାନ: ସୋସୋ, କାନପୁର, ଶାସଙ୍ଗ, ହାଟଡିହୀ, ସମୟ : ସନ୍ଧ୍ୟା ୬ ଟା।
- ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ପୂଜା, ଭଜନ, କୀର୍ତ୍ତନ ସମାରୋହ, ସ୍ଥାନ: ଶାଳନିଆଁ, ଛେନାପଦୀ,ଢେଙ୍କା, ହାଟଡିହୀ, ସମୟ: ସକାଳ ୬ ଟା।
- ମନ୍ଦିରରେ ମା' ଲକ୍ଷ୍ମୀଙ୍କ ପୂଜା ଏବଂ ଭାଗବତ ପାଠ, ସ୍ଥାନ: ସରଳା, ମନୋହରପୁର, ହାଟଡିହୀ, ସମୟ: ସକାଳ ଏବଂ ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ବ୍ୟକ୍ତିତ୍ୱ ବିକାଶ ଶିବିର 'ଜାଗୃତି', ସ୍ଥାନ: ମଧୁବନ ଚିନ୍ମୟ ଗୁରୁପ୍ରସାଦ ଆଶ୍ରମ, ବାରିପଦା, ସମୟ: ସକାଳ ୮ଟା।
- ମୟୂରଭଞ୍ଜ ଆଇଡଲ ସିଜନ-୨ ଫାଇନାଲ, ସ୍ଥାନ: ତୁଳସୀ ଚଉରା, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ୩୨ତମ ସମ୍ବତ୍ସର ଗଜଲକ୍ଷ୍ମୀ ପୂଜାର ଘଟତ୍ତୋଳନ, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ରାତି ୮ଟା।
- ଗଜଲକ୍ଷ୍ମୀ ପୂଜା ଘଟତ୍ତୋଳନ, ସ୍ଥାନ: ଆମ୍ବଡାଳି, ବଡ଼ସାହି, ସମୟ: ରାତି ୮ଟା।

## ବ୍ରହ୍ମପୁର
- ବିଜେଡି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଟାଉନ ହଲ, ସମୟ: ସକାଳ ୯ଟା୩୦।
- କୁଆଁର ପୁନେଇଁ ଜହ୍ନଲୋ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଆଇଟିଆଇ ଅଡିଟୋରିୟମ ହଲ,ସମୟ: ପୂର୍ବାହ୍ଣ ୧୦ଟା।

## ଗଞ୍ଜାମ
- ଗଜଲକ୍ଷ୍ମୀ ପୂଜା, ସ୍ଥାନ: ଆସିକା ତାଲୁକା ଛକ, ସମୟ: ସକାଳ ୮ଟା।
- ଗଜଲକ୍ଷ୍ମୀ ପୂଜା,ସ୍ଥାନ: ବୁଗୁଡା ହାଇସ୍କୁଲ ଛକ,ସମୟ: ଅପରାହ୍ଣ ୧ଟା ୪୬।
- ଗଜଲକ୍ଷ୍ମୀ ପୂଜା,ସ୍ଥାନ: ବୁଗୁଡା ଜଗତପାଟଣା,ସମୟ: ଅପରାହ୍ଣ ୫ଟା।

## କନ୍ଧମାଳ
- ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡି ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।

## ଢେଙ୍କାନାଳ
- ୩୯ତମ ନଟରାଜ କୁମାରୋତ୍ସବ ଉଦ୍‌ଘାଟନ ସମାରୋହ, ସ୍ଥାନ:ମିନି ଷ୍ଟାଡିୟମ, ସମୟ:ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ନୂଆବଜାର ବଣିକସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଯାତ୍ରା, ଘଟ ସ୍ଥାପନ ଓ ଷୋଡ଼ଶ ପୂଜା, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।
- ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ପରିସରରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ଣ ୧୦ଟା।
- ପାରାଦୀପ ପ୍ରେସ ମିଡିଆ ସଂଘର ନବମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ନୂଆବଜାର ପ୍ରେସ କ୍ଲବ, ପାରାଦୀପ, ସମୟ: ପୂର୍ବାହ୍ଣ ୧୧ଟା।
- ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ କୁମାର ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଜାତୀୟ ନାଟ୍ୟ ଅନୁଷ୍ଠାନ କାନମାସ ପକ୍ଷରୁ କୁମାର ଉତ୍ସବ ଉପଲକ୍ଷେ ନାଟକ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ରାତି ୮ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତରାଣ୍ଡୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ଣ ୧୦ଟା।
- ଅନନ୍ତ ବଳିଆ ଟ୍ରଷ୍ଟ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଶ୍ରୀବଳଦେବଜୀଉଙ୍କଙ୍କ ଅନନ୍ତ ବେଶ, ସ୍ଥାନ: ଇଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ମା' ଗଜଲକ୍ଷ୍ମୀ ପୂଜା, ସ୍ଥାନ: ଖଡ଼ିଅଙ୍ଗ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ମା' ଲକ୍ଷ୍ମୀଙ୍କ ପୂଜା ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ କୁମାରୀ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ବନମାଳୀପୁର ଚାଲେଞ୍ଜ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ନୟାଗଡ ବନାମ ପଙ୍ଗାର ସିଂହ ରଘୁନାଥ ଦେବ କ୍ରିକେଟ ଟିମ୍, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍‌ର ବନମାଳୀପୁର, ସମୟ: ସାଢ଼େ ୧୦ଟା।
- ବିଶ୍ୱ ଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ:ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପାଣ୍ଡୁ ସାହୁ ପାଟଣା, ସମୟ: ସନ୍ଧ୍ୟା ୭ଟା।
- କୁମାରପୂର୍ଣ୍ଣିମାରେ ସୁଦର୍ଶନଙ୍କ ଗ୍ରାମ ବିଜେ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା, ସ୍ଥାନ:କଣ୍ଟିଲୋ, ବେଣାଗାଡିଆ, ବରକୋଳି ବନ୍ଧ, ନୟାଗଡ, ଗୋଡିପଡା, ସମୟ:ପୂର୍ବାହ୍ଣ ୧୦ଟା।
- କୁମାରଉତ୍ସବ ସ୍ଥାନ:ଭାପୁର ବ୍ଲକ୍ ମଙ୍ଗଳପୁର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଗଜଲକ୍ଷ୍ମୀ ପୂଜା ଆରମ୍ଭ, ସ୍ଥାନ: ନିୟୁ କଲୋନୀ, ଆର୍କେ ନଗର, ମିଲୁ ଢ଼େପ ସାହି, ଡେରା ସାହି, ରାୟଗଡା, ସମୟ: ପୂର୍ବାହ୍ଣ ୧୧ ଟା।

## ସମ୍ବଲପୁର
- ଯୋଗ କ୍ଳବ ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ: ସକାଳ ୭ଟା।
- ଗଜଲକ୍ଷ୍ମୀ ପୂଜା ମହୋତ୍ସବ ସକାଶେ କଳସ ଯାତ୍ରା, ସ୍ଥାନ : ମୁଦିପଡା ସଦର ଡାକ୍ତରଖାନା ପଛ ପାଖ, ସମୟ : ସକାଳ : ୭ଟା ୩୦।
- ମା' ସମଲେଇଙ୍କ ରାଜରାଜେଶ୍ୱରୀ ବେଶ, ସ୍ଥାନ: ସମଲେଇ ମନ୍ଦିର, ସମୟ: ଅପରାହ୍ଣ ୨ଟା।
- କୁମାର ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ସମଲେଇ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଧ୍ୱଜା ରୋହଣ କାର୍ଯ୍ୟକ୍ରମ, ସ୍ଥାନ: ସମଲେଇ ମନ୍ଦିର, ସମୟ: ରାତି ୮ଟା।

## ବଲାଙ୍ଗୀର
- ବ୍ୟାଡମିଣ୍ଟନ ପ୍ରାକ୍ଟିସ କାର୍ଯ୍ୟକ୍ରମ ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।

## ସୁବର୍ଣ୍ଣପୁର
- ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ଣ ୧୦ଟା।
- ଗଜଲକ୍ଷ୍ମୀ ପୂଜା ଆରମ୍ଭ, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ଣ ୧୦ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ମାଁ ପଁର୍ଗାପାଟ୍‌ଙ୍କ ପାର୍ବଣ ମହୋତ୍ସବରେ ଯୁଗାର ଯାତ୍ରା, ସ୍ଥାନ: ବରାହଗୋଡ଼ା, ବରଗଡ଼, ସମୟ: ସକାଳ ୮ଟା।
- ଗଜଲକ୍ଷ୍ମୀ ପୂଜା ଅବସରରେ କଳସ ଯାତ୍ରା, ସ୍ଥାନ: ଡାଙ୍ଗ ଜଗନ୍ନାଥ ମନ୍ଦିର ପଡ଼ା, ବରଗଡ଼, ସମୟ: ସକାଳ ୮ଟା।
- ଗଜଲକ୍ଷ୍ମୀ ପୂଜା ଅବସରରେ କଳସ ଯାତ୍ରା, ସ୍ଥାନ: ଶକ୍ତିନଗର, ବରଗଡ଼, ସମୟ: ଅପରାହ୍ଣ ୩ଟା।
- ମାଁ ଖଜୁରକଟିଏଁନ୍, ବନଦୁର୍ଗାଙ୍କ ପୂଜା ଅବସରରେ କଳସଯାତ୍ରା, ସ୍ଥାନ: ଖଜୁରଟିକ୍ରା, ସମୟ: ଅପରାହ୍ଣ ୩ଟା।

## ରାଉରକେଲା
- ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ଣ ୧୦ଟା।
- ସ୍ୱତନ୍ତ୍ର କର୍ମଶାଳା, ସ୍ଥାନ: ରାଉରକେଲା କଲେଜ, ସେକ୍ଟର-୪, ସମୟ: ପୂର୍ବାହ୍ଣ ୧୦ଟା।

## ଦେବଗଡ଼
- ବିଜୁ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।
- ବଣିଆସାହି ଗଜଲକ୍ଷ୍ମୀ ପୂଜା ଆରମ୍ଭ, ସ୍ଥାନ: ବଣିଆସାହି ମଣ୍ଡପ, ସମୟ: ପୂର୍ବାହ୍ଣ ୧୧ଟା।
- ପେଟ୍ରୋଲପମ୍ପ ସାହି ଗଜଲକ୍ଷ୍ମୀ ପୂଜା ଆରମ୍ଭ, ସ୍ଥାନ: ପେଟ୍ରୋଲପମ୍ପ ସାହି ମଣ୍ଡପ, ପୁରୁଣାଗଡ଼, ସମୟ: ପୂର୍ବାହ୍ଣ ୧୧ଟା।
- ମା' କନକ ଦୁର୍ଗାଙ୍କ ପ୍ରତିମା ଭ୍ରମଣ ଓ କଳସ ଭସାଣି, ସ୍ଥାନ: ମଠସାହିରୁ ନଗର ପରିକ୍ରମା, ସମୟ: ଅପରାହ୍ଣ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଗଜଲକ୍ଷ୍ମୀ ପୂଜାରମ୍ଭ, ସ୍ଥାନ: କୋମନା ବ୍ଲକ ମିଛାପାଲି ପଞ୍ଚାୟତ ବିଶିବାହାଲ ଗାଁ, ସମୟ: ସକାଳ ୮ଟା ୧୬।
- ଗଜଲକ୍ଷ୍ମୀ ପୂଜା ଅଧିବାସ, କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁ, ସମୟ: ଅପରାହ୍ଣ ୩ଟା।
- ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ କୁମୁଟିମୁଣ୍ଡା ଗାଁ, ସମୟ: ଅପରାହ୍ଣ ୪ଟା।
- ବଞ୍ଜାରୀ ଦେବୀ ପୂଜା ଉପଲକ୍ଷେ ଭଣ୍ଡାରା (ଅନ୍ନଛତ୍ର), ସ୍ଥାନ: କୋମନା ବ୍ଲକ ତରବୋଡ଼ ପଞ୍ଚାୟତ ବଞ୍ଜାରୀ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜାରମ୍ଭ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସନ୍ଧ୍ୟା ୭ଟା ୩୦।

## ବୌଦ୍ଧ
- ରୌପ୍ୟ ଜୟନ୍ତୀ ସମାରୋହ ଅବସରରେ କଳସ ସ୍ଥାପନ ଓ ମା' ମାହେଶ୍ୱରୀଙ୍କ ଗ୍ରାମ୍ୟ ଭ୍ରମଣ, ସ୍ଥାନ: ବାମଣ୍ଡା ଗ୍ରାମ, ହରଭଙ୍ଗା, ସମୟ: ସକାଳ ୮ଟା।
- ବୌଦ୍ଧ ବିଜୁ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବୌଦ୍ଧ ରକ୍ତ ଭଣ୍ଡାର, ବୌଦ୍ଧ, ସମୟ: ପୂର୍ବାହ୍ଣ ୧୦ଟା।
- ଚତୁର୍ଥ ମା' ଭୈରବୀ ଲୋକ ମହୋତ୍ସବ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ମିନି ଷ୍ଟାଡିୟମ ପୁରୁଣାକଟକ, ହରଭଙ୍ଗା, ବୌଦ୍ଧ, ସମୟ: ପୂର୍ବାହ୍ଣ ୧୧ଟା।
- ଲୋକ ମହୋତ୍ସବର ତୃତୀୟ ଦିନ, ସ୍ଥାନ: ମା' ମାହେଶ୍ୱରୀ ପୀଠ ବେହେରାପଡା (ଲମ୍ବସରୀ) କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା।
- ମା' ଖମ୍ବେଶ୍ୱରୀ ପୂଜା ଓ କଂସ ଦରବାର ଉଦ୍‌ଯାପନ, ସ୍ଥାନ: ଲୋକାପଡା, କଣ୍ଟାମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ରାହୁଯୁକ୍ତ ଦ୍ୱାଦଶ ଚନ୍ଦ୍ର ଆପଣଙ୍କ ମନରେ ଅସ୍ଥିରତା ସୃଷ୍ଟି କରିବ। ଋଣ ପରିଶୋଧ, ଔଷଧ କିଣା, ଶତ୍ରୁକୃତ ସମସ୍ୟା ସମାଧାନ ସକାଶେ ଖର୍ଚ୍ଚାନ୍ତ କରାଇବ। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର ସବୁ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ବାସସ୍ଥାନ ନିକଟରେ ରହୁଥିବା ନିଜ ଲୋକମାନଙ୍କ ଦ୍ୱାରା କେତେକ ସୁବିଧା ପାଇବେ।

**ବୃଷ** କୋଣସ୍ଥାନ ପାପଗ୍ରହ ଦୃଷ୍ଟି କାରଣରୁ ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତି ଲାଗି ରହିପାରେ। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ସନ୍ତୋଷଜନକ ହେବନାହିଁ। ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ ଓ ସାମ୍ବାଦିକତା କ୍ଷେତ୍ର ମନ୍ଦ ହେବନି। ସହକର୍ମୀ କିମ୍ବା ବନ୍ଧୁଙ୍କୁ ମନେଇ ନିଜ କାମରେ ଲଗାଇ ପାରନ୍ତି।

**ମିଥୁନ** ରାଶିରେ ମଙ୍ଗଳ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ଅଫିସ୍ କାମରେ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଜମିଜମା କ୍ଷେତ୍ରରେ ଉନ୍ନତ ଫଳ ପାଇବେ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟରୁ ମନ ଖୁସି ହୋଇଯିବ।

**କର୍କଟ** କର୍ମକ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ଅଧସ୍ତନଙ୍କ ସୌହାର୍ଦ୍ଦ୍ୟଜନିତ ମାନସିକ ସ୍ଥିତି ପ୍ରୀତିପ୍ରଦ ରହିବ। ଚନ୍ଦ୍ର ପ୍ରଭାବରେ କେତେକ କର୍ମାରମ୍ଭ ସକାଶେ ପରିବାର ଲୋକଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କରିପାରେ। ସନ୍ତାନ ହେତୁକ ଶିକ୍ଷା କ୍ଷେତ୍ରରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ।

**ସିଂହ** ଅଷ୍ଟମସ୍ଥ ପାପଗ୍ରହ ଯୋଗୁ ଆଜିର ପରିସ୍ଥିତି ଓ ରହୁଥିବା ପରିବେଶ ତାହା ସହଜରେ କରାଇ ଦେବନାହିଁ। ପରିବହନ, ପ୍ଲଟିଙ୍ଗ କାରବାର, ନିର୍ମାଣାଧୀନ କାମକ୍ଷେତ୍ରରେ ବାଧା ଉପୁଜିବ। ପାରିବାରିକ ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ। ଗଠନମୂଳକ କାର୍ଯ୍ୟର ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା** ଭାଗ୍ୟସ୍ଥ ଗୁରୁଙ୍କ ଯୋଗୁ ଆଜି ଯାହା ଯେମିତି ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ହେବନାହିଁ। ଯୁକ୍ତିଯୁକ୍ତ କଥାରେ ପ୍ରତିବାଦୀ ହାର ମାନିବେ ଓ ମାଲିମକଦ୍ଦମାର ରାୟ ଆପଣଙ୍କ ସପକ୍ଷରେ ଯାଇପାରେ। ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା** ବୁଧଙ୍କ ପ୍ରଭାବରେ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ କର୍ମକ୍ଷେତ୍ରରେ କାଳ କ୍ଷେପଣ ନୀତି ହେତୁ ମନରେ ସରସତା ରହିବ ନାହିଁ। ନିଜ କାମରେ ମନଦେଇ କାମଟିକୁ ପୂରା ନ କରିବା ଯାଏ ଛାଡ଼ିବେ ନାହିଁ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ।

**ବିଛା** ସପ୍ତମାଧିପ ରାଶିରେ ଥିବାରୁ କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ବିଜୟୀ ହେବାର ସୂଚନା ରହିଛି। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବ। କିନ୍ତୁ ରଚନାତ୍ମକ କାର୍ଯ୍ୟ ଧିମେଇ ଯାଇପାରେ।

**ଧନୁ** ଷଷ୍ଠସ୍ଥ ଗୁରୁ ହେତୁ ଅନ୍ୟକୁ ବିଶ୍ୱାସ କରି ହଇରାଣରେ ପଡ଼ିବେ। ଧନହାନି ସଙ୍ଗକୁ ଅପଦସ୍ଥ ହେବାର ଆଶଙ୍କା ରହିଛି। ପିଲାଙ୍କ ବିବାହ ସମ୍ପର୍କୀୟ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ। ପରିବହନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର** ଚନ୍ଦ୍ରଯୁକ୍ତ ରାହୁ ଯୋଗୁ ଭୁଲ୍ ବୁଝାମଣା ନେଇ ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ। ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅସୁବିଧା ହେବ ନାହିଁ। ପରିବାର ସକାଶେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। କୌଣସି ସମ୍ଭାବ୍ୟ ଅସୁବିଧାର କଳ୍ପନା କରି ଆକସ୍ମିକ ଯାତ୍ରା ସ୍ଥଗିତ ରହିପାରେ।

**କୁମ୍ଭ** ସ୍ୱଗୃହୀ ଶନି ହେତୁ ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ତଥାପି ଯେତିକି ଆଶା କରୁଥିଲେ ନ ହେବାରୁ ଦୁଃଖିତ ହୋଇପାରନ୍ତି। ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ମହିଳାଙ୍କ ସକାଶେ ଦିନଟି ବହୁତ ଭଲରେ କଟିବ।

**ମୀନ** ତୃତୀୟସ୍ଥ ବୃହସ୍ପତିଜନିତ ବନ୍ଧୁମାନଙ୍କ ସାହାଯ୍ୟ, ସହାନୁଭୂତି ମାଧ୍ୟମରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଭଲ ନ ଥିଲେ ମଧ୍ୟ ବିଶେଷ ମନ୍ଦ ହେବନାହିଁ। କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଦାୟିତ୍ୱ ନେଇଥିବା କାମଟିକୁ ଅବହେଳା କରି ଅନୁତାପ କରିବେ।

ଆଜି ଅକ୍ଟୋବର ୧୬ ତାରିଖ, ବୁଧବାର, ରାତ୍ରି ଘ.୦୮.୪୦ମି. ଗତେ କୁମାର ପୂର୍ଣ୍ଣିମା, କୁମାରୋତ୍ସବ, ଗଜଲକ୍ଷ୍ମୀ ପୂଜା, ଜହ୍ନିଓଷା ସମାପ୍ତ, କୋଜାଗରୀ ଲକ୍ଷ୍ମୀବ୍ରତ, ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ମାସାନ୍ତ, ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ, ବିଶ୍ୱ ଖାଦ୍ୟ ଦିବସ, ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୫ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ. ୧୧.୩୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୨ମି. ଗତେ ଘ. ୧୨.୫୮ମି. ମଧ୍ୟେ ରାହୁ କାଳ।

## ଭାରତ ଉପରେ... 
ପ୍ରଥମ ପୃଷ୍ଠାରୁ...

୬ ଜଣ କୂଟନୀତିଜ୍ଞଙ୍କୁ ବହିଷ୍କାର କରିଥିଲା। ନିଜ୍ଜାର ହତ୍ୟା ଘଟଣାରେ ସମ୍ପୃକ୍ତି ନେଇ ଭାରତ ବିରୋଧରେ କାନାଡା କଟକଣା ଲଗାଇପାରେ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ମେଲାନି ଜୋଲି ସୂଚନା ଦେଇଛନ୍ତି। କୂଟନୈତିକ ଉଦ୍ୟମ ଉପରେ ଗୁରୁତ୍ୱ ଦେଇ ସେ ଭାରତକୁ ତଦନ୍ତରେ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି। କୂଟନୈତିକ ସମ୍ପର୍କରେ ତିକ୍ତତା ବଢୁଥିବାରୁ କାନାଡାରେ ଥିବା ୪ ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ରୀଛାତ୍ର ଏବଂ ଉଭୟ ଦେଶର ଭିଜା ଆଶାୟୀଙ୍କ ଚିନ୍ତା ବଢ଼ିଛି। ଗତବର୍ଷ ପ୍ରଥମ ୧୦ ମାସରେ ଭାରତ ଓ କାନାଡା ମଧ୍ୟରେ ବାଣିଜ୍ୟ ୮.୨ ବିଲିୟନ ଡଲାର ଥିଲା। ପୂର୍ବବର୍ଷ ତୁଳନାରେ ଏହା ୧୮.୮୪ ପ୍ରତିଶତ ଅଧିକ। ଗତବର୍ଷ ଭାରତ କାନାଡାକୁ ୪.୧ ବିଲିୟନ ଡଲାର ମୂଲ୍ୟର ପଣ୍ୟ ରପ୍ତାନି କରିଥିଲା। ରପ୍ତାନି ସାମଗ୍ରୀ ମଧ୍ୟରେ ରହିଛି ଖାଦ୍ୟଶସ୍ୟ, ଅଟା, ଷ୍ଟାର୍ଚ୍ଚ, ଦୁଗ୍ଧଜାତ ପଦାର୍ଥ, ଅପ୍‌ଟିକାଲ, ଫଟୋ, ଟେକ୍‌ନିକାଲ ଏବଂ ମେଡିକାଲ ଉପକରଣ, ଷ୍ଟୋନ୍, ପ୍ଲାଷ୍ଟର, ସିମେଣ୍ଟ, ଆଜବେଷ୍ଟସ୍ ଏବଂ ବିଭିନ୍ନ ରାସାୟନିକ ପଦାର୍ଥ। ଅନ୍ୟପକ୍ଷରେ ଭାରତ କାନାଡାରୁ ଘଣ୍ଟା, ଡେଏରି ଉତ୍ପାଦ, ଅଣ୍ଡା, ମହୁ, ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା, ଉପକରଣ ଓ ଯନ୍ତ୍ରାଂଶ, ମାଛ, ମାଂସ ଓ ସାମୁଦ୍ରିକ ଖାଦ୍ୟ ଆମଦାନୀ କରିଥାଏ। କଟକଣା ଲାଗିଲେ ଉଭୟ ଦେଶର ବାଣିଜ୍ୟ ପ୍ରଭାବିତ ହେବା ସହ ଅର୍ଥନୀତି କ୍ଷତିଗ୍ରସ୍ତ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଭାରତ ବିରୋଧରେ କଟକଣା ଲାଗୁ କରିବା ସମ୍ଭାବନା ସହ ସବୁକିଛି ବିଚାରାଧୀନ ରହିଥିବା ଜୋଲି ସୂଚନା ଦେବା ପରେ ଭାରତ-କାନାଡା କୂଟନୈତିକ ବିବାଦ ଆହୁରି ତୀବ୍ର ହୋଇଛି। ଖଲିସ୍ତାନୀ ନେତା ନିଜ୍ଜାରଙ୍କୁ ଗତବର୍ଷ ଜୁନ୍‌ରେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ସହ ଭାରତ ସରକାରଙ୍କ ସମ୍ପୃକ୍ତି ଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ସୋମବାର କହିବା ପରେ ଉତ୍ତେଜନା ବଢ଼ିଥିଲା। ଟ୍ରୁଡୋଙ୍କ ଅଭିଯୋଗର ଜବାବରେ ଭାରତ ଏହାର ୬ ଜଣ କୂଟନୀତିଜ୍ଞଙ୍କୁ ବହିଷ୍କାର କରିବା ସହ ସେଠାରୁ ଭାରତୀୟ ହାଇକମିଶନ ଓ ଅନ୍ୟ କୂଟନୀତିଜ୍ଞମାନଙ୍କୁ ଫେରାଇ ଆଣିଥିଲା। ହତ୍ୟା ମାମଲାର ତଦନ୍ତ ଚାଲିଥିବାରୁ ଭାରତୀୟ କୂଟନୀତିଜ୍ଞମାନଙ୍କୁ ବହିଷ୍କାର କରାଗଲା ବୋଲି କାନାଡା କହିଛି। ତେବେ ହତ୍ୟାରେ ସମ୍ପୃକ୍ତି ଅଭିଯୋଗକୁ ଭାରତ ଦୃଢ଼ ଭାବେ ଖଣ୍ଡନ କରିଆସିଛି।

କାନାଡା ନାଗରିକଙ୍କୁ ଆକ୍ରମଣ କରିବା ପାଇଁ ଭାରତ ଏହାର କୂଟନୀତି ଏବଂ ସଂଗଠିତ ଅପରାଧକୁ ବ୍ୟବହାର କରୁଥିବା ଟ୍ରୁଡୋ ଅଭିଯୋଗ ଆଣିଛନ୍ତି। ଫଳରେ କାନାଡା ଜନସାଧାରଣ ନିଜ ମାଟିରେ ଅସୁରକ୍ଷିତ ଅନୁଭବ କରୁଛନ୍ତି। ଏହା ନୂଆଦିଲ୍ଲୀର ବଡ଼ ଭୁଲ୍ ବୋଲି ଟ୍ରୁଡୋ କହିଛନ୍ତି। ଅନ୍ୟପକ୍ଷରେ ଟ୍ରୁଡୋଙ୍କ ଅଭିଯୋଗକୁ ଭାରତ ଖଣ୍ଡନ କରିଛି। ନିଜ୍ଜାର ହତ୍ୟା ସମ୍ପର୍କରେ କାନାଡା ସରକାର ଭାରତକୁ ନିର୍ଭରଯୋଗ୍ୟ ପ୍ରମାଣ ଦେଇଥିବା ଦାବି ଠିକ୍ ନୁହେଁ ବୋଲି ନୂଆଦିଲ୍ଲୀ କହିଛି। କାନାଡା ସରକାର ଭାରତୀୟ ଉଚ୍ଚାୟୁକ୍ତଙ୍କୁ ଟାର୍ଗେଟ କରୁଥିବା ଏକ ସୂତ୍ରରୁ କୁହାଯାଇଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କ...

ଫେରିଆସିବା କାର୍ଯ୍ୟକ୍ରମ ରହିଛି। ମୁମ୍ବାଇଠାରେ ଅନୁଷ୍ଠିତ ଦୁଇଦିନିଆ ନିବେଶକ ସମ୍ମିଳନୀ ଓ ରୋଡ୍ ଶୋ'ରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସହ ରାଜ୍ୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ସାମିଲ ହେବେ। ଶିଳ୍ପାୟନ କ୍ଷେତ୍ରରେ ରାଜ୍ୟକୁ ଅଧିକ ପୁଞ୍ଜି ଆଣିବା ଲକ୍ଷ୍ୟରେ ଦିଲ୍ଲୀ ପରେ ମୁମ୍ବାଇରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଓଡ଼ିଶାରେ ପୁଞ୍ଜି ବିନିଯୋଗ ପାଇଁ ନିବେଶକଙ୍କ ସହ ରାଜ୍ୟ ସରକାର ଆଲୋଚନା କରିବେ।


ଲୋକସେବା ଭବନରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ଅଧକ୍ଷତା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ଓଡ଼ିଶାକୁ ବାହାର...

ଯେପରି ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବ ତାହା ସୁନିଶ୍ଚିତ କରିବାକୁ ଜିଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଥମଥର ପାଇଁ ଧାନର ସର୍ବନିମ୍ନ ମୂଲ୍ୟ ଉପରେ ୮୦୦ ଟଙ୍କା ଅଧିକ ଦିଆଯାଉଛି। ସେଥିପାଇଁ ଚାଷୀମାନଙ୍କ ଭିତରେ ବିପୁଳ ଉତ୍ସାହ ରହିଛି। ତେଣୁ ଧାନ ସଂଗ୍ରହ ପ୍ରକ୍ରିୟା ଯେପରି ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବ, ସେଥିପାଇଁ ପ୍ରତ୍ୟେକ ମନ୍ତ୍ରୀ ଗୋଟିଏ କିମ୍ବା ଦୁଇଟି ଜିଲାର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବେ। ସେମାନେ ସରକାରଙ୍କ ପାଇଁ ୱାନ୍ ପଏଣ୍ଟ କଣ୍ଟାକ୍ଟ ଭାବେ କାର୍ଯ୍ୟ କରିବେ। ମନ୍ତ୍ରୀମାନେ ଜିଲା ତଥା ବିଭିନ୍ନ ମଣ୍ଡି ଗସ୍ତକରି ଚାଷୀମାନଙ୍କ କଥା ଶୁଣି ତା'ର ପ୍ରତିକାର କରିବେ। ଏହାଦ୍ୱାରା ସାଧାରଣ ଜନତା ସରକାରଙ୍କ ଆନ୍ତରିକତା ଅନୁଭବ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେଥିପାଇଁ ପୂରା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ଓ ଜିଲାପାଳମାନେ ସମନ୍ୱୟ ରଖି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସମୁଦାୟ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୮୩.୧୬ ପ୍ରତିଶତ କ୍ଷୁଦ୍ର ଚାଷୀ। ସେମାନେ ଯେପରି ବିନା କୌଣସି ଅସୁବିଧାରେ ସେମାନଙ୍କ ଧାନ ବିକ୍ରି କରିପାରିବେ ତାହା ଜିଲାପାଳମାନେ ସୁନିଶ୍ଚିତ କରିବେ। ଧାନ ସଂଗ୍ରହରେ କ୍ଷୁଦ୍ର ଚାଷୀମାନଙ୍କୁ ପ୍ରାଥମିକତା ଦେବା ପାଇଁ ସେ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି।

ସେହିପରି ଟୋକନର ଅବଧି ସମ୍ପର୍କରେ କ୍ଷୁଦ୍ର ଚାଷୀମାନେ ବିଶେଷ ସୂଚନା ପାଇ ପାରୁନାହାନ୍ତି। ସେମାନଙ୍କୁ ସଚେତନ କରିବା ସହିତ ଆବଶ୍ୟକ ସ୍ଥଳେ ଜିଲାପାଳମାନେ ସେମାନଙ୍କ ଟୋକନର ଅବଧିକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଚାଷୀଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ଧାନର କଟନି ଛଟନି ବନ୍ଦ କରାଯିବ। ଚାଷୀମାନେ ଯେପରି କେବଳ ଏଫ୍‌ଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବେ, ସେଥିପାଇଁ ବ୍ୟାପକ ସଚେତନତା ଅଭିଯାନ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଚାଷୀମାନଙ୍କ ହ୍ୱାଟ୍‌ସଆପ ଗ୍ରୁପରେ ସେମାନଙ୍କୁ ବାରମ୍ବାର ଏ ସମ୍ପର୍କରେ ସୂଚନା ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏଫ୍‌ଏକ୍ୟୁ ଧାନ ପରୀକ୍ଷାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଧାନର ମାନ ନିର୍ଣ୍ଣୟରେ ମଣ୍ଡି ପରିଚାଳନା ଅଧିକାରୀମାନଙ୍କୁ ଉତ୍ତରଦାୟୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଣ୍ଡି ପରିଚାଳନା ପାଇଁ ପ୍ରତ୍ୟେକ ମଣ୍ଡିରେ ଜଣେ ଜଣେ ମଣ୍ଡି ପରିଚାଳନା ଅଧିକାରୀ ରହିବେ। ୪/୫ ମଣ୍ଡିକୁ ନେଇ ଜଣେ ସୁପରଭାଇଜର ରହିବେ। ଏଥିସହିତ ଗୋଟିଏ କେନ୍ଦ୍ରୀୟ ଡ୍ୟାସ୍ ବୋର୍ଡ ଜରିଆରେ ମଣ୍ଡିରେ ହେଉଥିବା ସମସ୍ତ କାର୍ଯ୍ୟକ୍ରମର ମନିଟରିଂ କରାଯିବ। ଏଥିସହିତ କ୍ୱାଲିଟି କାଉନସିଲ ଅଫ୍ ଇଣ୍ଡିଆର ସହାୟତାରେ ଧାନ ସଂଗ୍ରହ ବ୍ୟବସ୍ଥାର ତଦାରଖ କରାଯିବ। ସେହିପରି ଧାନର ମାନ ନିର୍ଣ୍ଣୟ କରିବା ପାଇଁ ୨୦୦ଟି ବୃହତ୍ ମଣ୍ଡିରେ ଅଟୋମେଟିକ ଗ୍ରେନ୍ ଆନାଲାଇଜର ବ୍ୟବସ୍ଥା କରାଯାଇଥିବା ବେଳେ ଛୋଟ ମଣ୍ଡିରେ ମାନୁଆଲ ଗ୍ରେନ୍ ଆନାଲାଇଜର ବ୍ୟବସ୍ଥା ମଧ୍ୟ କରାଯିବ। ଧାନର ପରୀକ୍ଷା ନିରୀକ୍ଷା କରି ପ୍ରମାଣପତ୍ର ଦେବା ପାଇଁ ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରରେ କ୍ୱାଲିଟି ଆନାଲିଷ୍ଟ ଓ କ୍ୱାଲିଟି ସୁପରଭାଇଜର ନିୟୋଜିତ ହେବେ। ଏହି ଉଚ୍ଚସ୍ତରୀୟ ବୈଠକରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଆଇନ, ଅବକାରୀ ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଏବଂ କୃଷି, ସମବାୟ, ଖାଦ୍ୟ ଯୋଗାଣ, ପରିବହନ ଓ ଅନ୍ୟ ସମ୍ପୃକ୍ତ ବିଭାଗର ପ୍ରମୁଖ ସଚିବ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ଜିଲାର ଜିଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

## ନଭେମ୍ବର ୨୦ରେ...

ସାବ୍ୟସ୍ତ କରିବେ। ସଦ୍ୟସମାପ୍ତ ହରିୟାଣା ନିର୍ବାଚନରେ ସଫଳତା ପରେ ଭାଜପା ମହାରାଷ୍ଟ୍ରରେ ମଧ୍ୟ ଅନୁରୂପ ସଫଳତା ହାସଲ କରିବା ଲକ୍ଷ୍ୟ ରଖିଛି। ତେବେ ଗତ ଲୋକ ସଭା ନିର୍ବାଚନରେ ମହାରାଷ୍ଟ୍ରର ୪୮ ଆସନରୁ ବିରୋଧୀ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟ ୩୦ ଆସନ ଜିତିଥିବାରୁ ବିଧାନସଭା ନିର୍ବାଚନ ଜିତି କ୍ଷମତାକୁ ଫେରିବା ନେଇ ଆଶାବାଦୀ ରହିଛି। ଶାସକ ମହାମେଣ୍ଟରେ ଏକନାଥ ଶିନ୍ଦେଙ୍କ ଶିବସେନା, ଭାଜପା ଏବଂ ଅଜିତ ପାୱାରଙ୍କ ଏନ୍‌ସିପି ରହିଥିବାବେଳେ ବିରୋଧୀ ମହାବିକାଶ ଅଘାଡ଼ିରେ କଂଗ୍ରେସ, ଶିବସେନା (ୟୁବିଟି) ଏବଂ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ରହିଛି। ୨୦୧୯ ବିଧାନସଭା ନିର୍ବାଚନରେ ଭାଜପା ୧୦୫ ଆସନ ଜିତିଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିବାବେଳେ ଏହାର ତତ୍କାଳୀନ ସହଯୋଗୀ ଶିବସେନା ୫୬ ଆସନ ଜିତିଥିଲା। ସରକାର ଗଢ଼ିବାକୁ ଭାଜପା-ଶିବସେନା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ ପଦକୁ ନେଇ କ୍ଷମତା କନ୍ଦଳ ଯୋଗୁ ମେଣ୍ଟ ଭାଙ୍ଗିଯାଇଥିଲା। ଏନ୍‌ସିପି ଏବଂ କଂଗ୍ରେସ ସହଯୋଗରେ ଶିବସେନା ମହା ବିକାଶ ଅଘାଡ଼ି ମେଣ୍ଟ ଗଠନ କରି ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱରେ ସରକାର ଗଢ଼ିଥିଲା। ତେବେ ଶିବସେନାରେ ବିଦ୍ରୋହ ଯୋଗୁ ୨୦୨୨ ଜୁନ୍‌ରେ ସରକାର ଭାଙ୍ଗିଯାଇଥିଲା। ଭାଜପା ସମର୍ଥନରେ ଶିବସେନାର ବିଦ୍ରୋହୀ ନେତା ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ନୂଆ ସରକାର ଗଠନ କରାଯାଇଥିଲା। ସୂତ୍ର ଅନୁଯାୟୀ ଭାଜପା ଏଥର ୧୦୫ ଆସନରେ ପ୍ରାର୍ଥୀ ଦେବାକୁ ଥିବାବେଳେ ଶିବସେନା ୪୦ ଏବଂ ନ୍ୟାଶନାଲ କଂଗ୍ରେସ ପାର୍ଟି (ଏନ୍‌ସିପି) ୪୧ ଆସନରେ ପ୍ରାର୍ଥୀ ଦେବ। ଅବଶିଷ୍ଟ ୧୦୨ଟି ଆସନରେ କିଏ ଲଢ଼ିବେ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ।

ଝାଡ଼ଖଣ୍ଡ ନିର୍ବାଚନରେ ଇଣ୍ଡିଆ ବ୍ଲକ୍ ଭାଜପାକୁ ପରାଜିତ କରି ପୁନର୍ବାର କ୍ଷମତା ଦଖଲ ଲକ୍ଷ୍ୟ ରଖିଥିବାବେଳେ ଜେଏମ୍‌ଏମ୍ ନେତୃତ୍ୱାଧୀନ ସରକାରଙ୍କୁ କ୍ଷମତାରୁ ହଟାଇ କ୍ଷମତାକୁ ଫେରିବା ନେଇ ଭାଜପା ଆଶାବାଦୀ ରହିଛି।୨୦୧୯ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଜେଏମ୍‌ଏମ୍, କଂଗ୍ରେସ ଏବଂ ଆର୍‌ଜେଡି ମେଣ୍ଟ ୮୧ରୁ ୪୭ ଆସନରେ ବିଜୟୀ ହୋଇ ଜେଏମ୍‌ଏମ୍ ନେତା ହେମନ୍ତ ସୋରେନଙ୍କ ନେତୃତ୍ୱରେ ସରକାର ଗଢ଼ିଥିଲା। ଜେଏମ୍‌ଏମ୍ ୩୦ ଆସନ ଜିତିଥିବାବେଳେ କଂଗ୍ରେସ ୧୬ ଏବଂ ଆର୍‌ଜେଡି ଗୋଟିଏ ଆସନ ଜିତିଥିଲା। ଭାଜପା ୨୫ ଆସନ ହାତେଇବାରେ ସକ୍ଷମ ହୋଇଥିଲା। ଜମି ଦୁର୍ନୀତି ମାମଲାରେ ଅଭିଯୁକ୍ତ ହେମନ୍ତ ଏଥର କ୍ଷମତାକୁ ଫେରିବା କଷ୍ଟକର ହୋଇପାରେ।

## ୨୦୩୫ ସୁଦ୍ଧା ଚନ୍ଦ୍ରରେ...

ଉପାଧ୍ୟକ୍ଷ ଡିଙ୍ଗ୍ ଚିବିଆଓ କହିଛନ୍ତି। ୨୦୫୦ ପର୍ଯ୍ୟନ୍ତ ଚାଇନାରେ ମହାକାଶ ବିଜ୍ଞାନର ବିକାଶ ପାଇଁ ଏହାକୁ ରୋଡ୍‌ମ୍ୟାପ ଭାବେ ସେ ଦର୍ଶାଇଛନ୍ତି। ତେବେ ଚାଇନାର ଆଗାମୀ ମହାକାଶ ଯୋଜନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୨୦୨୭ ପର୍ଯ୍ୟନ୍ତ ଏହା ମାନବ ଚନ୍ଦ୍ର ଗବେଷଣା ପ୍ରକଳ୍ପ, ଚନ୍ଦ୍ର ଗବେଷଣା କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଏବଂ ଗ୍ରହ ଗବେଷଣା ପ୍ରକଳ୍ପ ଆଦିକୁ କାର୍ଯ୍ୟକାରୀ କରିବା ଦିଗରେ କାର୍ଯ୍ୟ କରିବ। ଯୋଜନା ଅନୁଯାୟୀ, ଦେଶର ବୈଜ୍ଞାନିକମାନେ ସୌର ପ୍ରଣାଳୀରେ ବାସଯୋଗ୍ୟ ଗ୍ରହମାନଙ୍କର ଗବେଷଣା କରିବେ ଏବଂ ପୃଥିବୀ ବ୍ୟତୀତ ଅନ୍ୟ ଗ୍ରହରେ ଜୀବନର ଅସ୍ତିତ୍ୱକୁ ସନ୍ଧାନ କରିବେ। ଖାସ୍‌କରି ସୌର ପ୍ରଣାଳୀର ଉତ୍ପତ୍ତି ଓ ବିବର୍ତ୍ତନ, ବିଭିନ୍ନ ଗ୍ରହର ବାୟୁମଣ୍ଡଳର ବୈଶିଷ୍ଟ୍ୟ, ଅନ୍ୟ ଗ୍ରହରେ ଜୀବନର ସନ୍ଧାନ ଆଦି କ୍ଷେତ୍ରରେ ଚାଇନା ପକ୍ଷରୁ ଆଗାମୀ ବର୍ଷମାନଙ୍କରେ ଗବେଷଣା କରାଯିବ ବୋଲି ଡିଙ୍ଗ୍ କହିଛନ୍ତି। ସୂଚନାଯୋଗ୍ୟ, ଚାଇନା ୨୦୨୨ରେ ନିଜସ୍ୱ ମହାକାଶ କେନ୍ଦ୍ରର ନିର୍ମାଣ କରିଥିଲା, ଯାହା ସମ୍ପ୍ରତି ଅନେକ ମହାକାଶ ମିଶନକୁ ଲଞ୍ଚ୍ କରିବା ସହ ବୈଜ୍ଞାନିକ ଅଧ୍ୟୟନ ପାଇଁ ଚନ୍ଦ୍ରପୃଷ୍ଠରୁ ନମୁନା ସଂଗ୍ରହ କରି ପୃଥିବୀକୁ ଫେରାଇ ଆଣିବାରେ ସହାୟକ ସାବ୍ୟସ୍ତ ହୋଇଥିଲା।




# ନକଲି ଦେଶୀମଦ କାରଖାନା ଠାବ

## ବିପୁଳ କଞ୍ଚାମାଲ, ପ୍ୟାକିଂ ମେଶିନ ଜବତ, ୨ ଗିରଫ

ବ୍ରହ୍ମପୁର,୧୫।୧୦
(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ନିକଟ ବାଉଁଶିଆପଲ୍ଲୀଠାରେ ନକଲି ଦେଶୀ ମଦ କାରଖାନା ଠାବ ହୋଇଛି। ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଅଧିକାରୀମାନେ ଉକ୍ତ କାରଖାନାରେ ଚଢାଉ କରି ବହୁ ପରିମାଣର ଦେଶୀ ମଦ ପାଉଚ, କଞ୍ଚାମାଲ ଓ ମେଶିନ ଜବତ କରିଛନ୍ତି । ନକଲି ମଦ ଚାଲାଣ କରୁଥିବା ୨ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ନୂଆ ବାଉଁଶିଆପଲ୍ଲୀର ଚନ୍ଦନ ମଲ୍ଲିକ ଓ ତେଲିଆପଲ୍ଲୀର ପ୍ରଦୀପ ମଲ୍ଲିକ । ବାଉଁଶିଆପଲ୍ଲୀସ୍ଥିତ ଏକ ପୁରୁଣା ଅବ୍ୟବହୃତ କମ୍ୟୁନିଟି ହଲ ପରିସରରେ ନକଲି ଦେଶୀ ମଦ ପାଉଚ ପ୍ରସ୍ତୁତ କରାଯାଇ ବିଭିନ୍ନ ଅଞ୍ଚଳକୁ ଯୋଗାଣ ହେଉଥିବା ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା । ସେହି କ୍ରମରେ ବିଭାଗର ଉପ ଅଧୀକ୍ଷକ ଶ୍ରୁତିକାନ୍ତ ରାଉତ, ଇନ୍ସପେକ୍ଟର ନାରାୟଣ ଜେନା, ଏସ୍ଆଇ ଅଜିତ କୁମାର ନାୟକ, ଏଏସ୍ଆଇ ସୁଶାନ୍ତ ମହାଙ୍ଗୁଡକୁ ନେଇ ଗଠିତ ଟିମ ସେଠାରେ ଚଢ଼ାଉ କରିଥିଲେ । ଚଢାଉ ବେଳେ କାରଖାନାରୁ ୧୦୦ ମି.ଲି.ର ୧୪୦୦ ମଦ ପାଉଚ, ୫୦୦ ଲିଟର ନକଲି ଦେଶୀ ମଦ, ୨୦୦ ଲିଟର ପୋଚ, ମଦ ପାଉଚ ପ୍ରସ୍ତୁତ ହେଉଥିବା ୨ଟି ମେଶିନ, ବହୁ ପରିମାଣର ପଲିଥିନ, ପ୍ଲାଷ୍ଟିକ ଜାର, ଗୋଟିଏ ବାଇକ୍, ଗୋଟିଏ ମୋବାଇଲ ଫୋନ୍ ଜବତ ହୋଇଥିଲା। ତେବେ ଏହି ନକଲି ମଦ କାରଖାନା କିଏ ଏବଂ କେବେଠୁ ଚଳାଉଥିଲା ତାକୁ ନେଇ ତଦନ୍ତ ଜାରି ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ୭୫% ଉପସ୍ଥାନ ବାଧ୍ୟତାମୂଳକ କଲା ସିବିଏସ୍‌ଇ

## ଦଶମ, ଦ୍ୱାଦଶ ପରୀକ୍ଷା ପାଇଁ ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ୨୦୨୫ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ, ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କ ୭୫ ପ୍ରତିଶତ ଉପସ୍ଥାନକୁ ବାଧ୍ୟତାମୂଳକ କରାଯାଇଛି। ଏହାଠାରୁ କମ୍ ପ୍ରତିଶତ ଉପସ୍ଥାନ ଥିଲେ ଶିକ୍ଷାର୍ଥୀ ପରୀକ୍ଷା ଦେବାରୁ ବଞ୍ଚିତ ହେବେ। ତେବେ ମେଡିକାଲ ଭଳି ଜରୁରୀ ପରିସ୍ଥିତି କିମ୍ବା ଅନ୍ତର୍ଜାତୀୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଉଥିଲେ ଛାତ୍ରୀଛାତ୍ରଙ୍କ ୨୫ ପ୍ରତିଶତ ଉପସ୍ଥାନକୁ ଛାଡ଼ କରାଯିବ। କିନ୍ତୁ ଏଥିପାଇଁ ଶିକ୍ଷାର୍ଥୀଙ୍କୁ ବୈଧ କାଗଜପତ୍ର ପ୍ରଦର୍ଶନ କରିବାକୁ ପଡ଼ିବ ବୋଲି ସିବିଏସ୍‌ଇ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।

ଆସନ୍ତା ଫେବୃଆରୀରେ ହେବାକୁ ଥିବା ଏହି ପରୀକ୍ଷା ପାଇଁ ସିବିଏସ୍‌ଇ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶେଷକରି ସିବିଏସ୍‌ଇ ଛାତ୍ରୀଛାତ୍ରଙ୍କ ସାମୂହିକ ବିକାଶ ପାଇଁ ଉପସ୍ଥାନକୁ ଅଧିକ ଗୁରୁତ୍ୱ ଦେଇଛି। ସିବିଏସ୍‌ଇ ଉଲ୍ଲେଖ କରିଛି ଯେ, ସ୍କୁଲ କେବଳ ପାଠପଢ଼ା କେନ୍ଦ୍ର ନୁହେଁ, ଏହା ଶିକ୍ଷାର୍ଥୀର ବୌଦ୍ଧିକ, ଶାରୀରିକ ଓ ମାନସିକ ବିକାଶ କରିଥାଏ। ସ୍କୁଲରେ ଶିକ୍ଷାର୍ଥୀର ଚରିତ୍ର ଗଠନ, ସାଥୀ ଶିକ୍ଷା, ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି, ଗୋଷ୍ଠୀ କାର୍ଯ୍ୟ, ସହଯୋଗିତା, ବିବିଧତା ବିକାଶ ହୋଇଥାଏ। ନିୟମିତ ଭାବେ ସ୍କୁଲ ଆସିଲେ ଶିକ୍ଷାର୍ଥୀର ସାମଗ୍ରିକ ବିକାଶ ହେବ ବୋଲି ସିବିଏସ୍‌ଇ କହିଛି।

ଏ ପ୍ରସଙ୍ଗରେ ଓଡ଼ିଶା ଅଭିଭାବକ ମହାସଂଘ କହିଛି, ସିବିଏସ୍‌ଇ କର୍ତ୍ତୃପକ୍ଷ ସବୁ ସ୍କୁଲକୁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ ବୋଲି ଏକ ନିର୍ଦ୍ଦେଶନାମା ଜାରିକରି ପ୍ରତିବର୍ଷ ଭଳି ସଚେତନ କରାଇଛନ୍ତି। ଏହି ନିୟମ ପୂର୍ବରୁ ରହିଛି।

### ■ ପିଲାଙ୍କ ବାୟୋମେଟ୍ରିକ ଉପସ୍ଥାନର ଦୈନିକ ତଥ୍ୟ ରହୁ: ଅଭିଭାବକ ମହାସଂଘ

ଏହା ଏବର୍ଷ ପାଇଁ ଏକ ତାଗିଦ। ପ୍ରକୃତରେ ଦିନକୁ ଦିନ ବେସରକାରୀ ସ୍କୁଲରେ ପିଲାଙ୍କ ଉପସ୍ଥାନ ଉପରେ ବିଶେଷ ଜାଲିଆତି ହେଉଛି। ସ୍କୁଲ ସମୟରେ ଦିନବେଳା ହଜାର ହଜାର ପିଲା କୋଚିଂ ସେଣ୍ଟର ଯାଉଛନ୍ତି। କେବଳ ନାମକୁ ମାତ୍ର ଡମି ସ୍କୁଲରେ ଆଡ଼ମିଶନ କରି ଘରୋଇ ହଷ୍ଟେଲରେ ରହି କୋଚିଂ ସେଣ୍ଟରରେ ପଢୁଛନ୍ତି। ନିଟ୍ ଓ ଜେଇଇ ଆଦି ପରୀକ୍ଷାରେ ଖୁବ୍ କମ୍ ପିଲା ସଫଳ ହେଉଥିଲେ ମଧ୍ୟ ଅଭିଭାବକଙ୍କୁ ସୁନେଲି ସ୍ୱପ୍ନ ଦେଖାଇ ବେଆଇନ ଡମି ସ୍କୁଲ ଓ କୋଚିଂ ସେଣ୍ଟର ଲୁଟି ଚାଲିଛନ୍ତି। ପିଲାମାନେ ଯଦି ସ୍କୁଲ ସମୟରେ କୋଚିଂ କ୍ଲାସ୍ କରୁଛନ୍ତି, ତେବେ ସେମାନଙ୍କ ଉପସ୍ଥାନ କିଏ ପକାଉଛି ଏବଂ ସେମାନେ କେଉଁ ସ୍କୁଲରେ ନାମ ଲେଖାଇ ଏଠାରେ ଆସି କୋଚିଂ କ୍ଲାସ କରୁଛନ୍ତି। ତେଣୁ ଗଣଶିକ୍ଷା ବିଭାଗ ଓ ସିବିଏସ୍‌ଇ କର୍ତ୍ତୃପକ୍ଷ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ସବୁ ସ୍କୁଲର ପିଲାଙ୍କ ବାୟୋ ମେଟ୍ରିକ ଉପସ୍ଥାନର ଦୈନିକ ତଥ୍ୟ ଲକିଙ୍ଗ୍ ସିଷ୍ଟମର ଡାଟା ବେଶ୍ ଉଭୟ ଗଣଶିକ୍ଷା ବିଭାଗ ଓ ସିବିଏସ୍‌ଇର ମନିଟରିଙ୍ଗରେ ରହିଲେ ସବୁ ସତ ସାମ୍ନାକୁ ଆସିବ ବୋଲି ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି।

# ବିଦାୟନେଲା ମୌସୁମୀ

## ବଙ୍ଗୋପସାଗରରେ ଲଘୁଚାପ

ଭୁବନେଶ୍ୱର,୧୫।୧୦(ଅନୁରାଧା ମହାରଣା)

ଭାରତରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ବିଦାୟ ନେଇଛି। ଉତ୍ତର ପଶ୍ଚିମ ଭାଗରୁ ୧୭ ତାରିଖ ବଦଳରେ ୨୩ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ଅପସାରଣ ପ୍ରକ୍ରିୟା ମଙ୍ଗଳବାର ଓଡ଼ିଶାରୁ ସମ୍ପୂର୍ଣ୍ଣ ହୋଇଛି। ଏହି ପ୍ରକ୍ରିୟା ଅକ୍ଟୋବର ୧୩ରେ ଆରମ୍ଭ ହୋଇଥିବାବେଳେ ସ୍ୱାଭାବିକ ତାରିଖର ୪ ଦିନପୂର୍ବରୁ ମୌସୁମୀ ଚାଲିଯାଇଛି। ଚଳିତବର୍ଷ ରାଜ୍ୟରେ ସ୍ୱାଭାବିକ ମୌସୁମୀ ବର୍ଷା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁସାରେ, ବୁଧବାର ରାଜ୍ୟର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଶୀତ ବଢ଼ିବା ନେଇ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ମଙ୍ଗଳବାର ଦାରିଙ୍ଗବାଡ଼ିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୨ଦିନ ଅର୍ଥାତ୍ ୧୭ ତାରିଖ ମଧ୍ୟରେ ଏହା ଅଧିକ ଘନୀଭୂତ ହେବା ସହ ଦକ୍ଷିଣ ତାମିଲନାଡୁ, ପୁଡୁଚେରୀ, ଆନ୍ଧ୍ରପ୍ରଦେଶ ଏବଂ ଆଖପାଖ ଅଞ୍ଚଳ ଦେଇ ଅଗ୍ରସର ହେବାର ସମ୍ଭାବନା ରହିଛି। ତେବେ ଓଡ଼ିଶା ଉପରେ ଏହାର କ'ଣ ପ୍ରଭାବ ରହିବ ସେନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୌଣସି ପୂର୍ବାନୁମାନ କରାଯାଇ ନାହିଁ। ହେଲେ ବିଭିନ୍ନ ସୋସିଆଲ ମିଡିଆ ଲଘୁଚାପକୁ ନେଇ ବାତ୍ୟା ରୂପ ଦିଆଯାଉଥିବାରୁ ଲୋକଙ୍କ ମନରେ ଭୟ ଘାରିଛି। କାରଣ ମୌସୁମୀ ଫେରିବା ସମୟରେ ସାଧାରଣତଃ ଅକ୍ଟୋବର ମାସରେ ଓଡ଼ିଶାରେ ଅଧିକାଂଶ ବାତ୍ୟା ହୋଇଛି। ଏବେ ବିଲରେ ଧାନ ଫସଲ ରହିଥିବାବେଳେ ଥୋଡ଼ ବାହାରିବା ସମୟ ଆସିଛି। ଏପରି ସ୍ଥିତିରେ ରାଜ୍ୟରେ ବାତ୍ୟା କିମ୍ବା ଝଡ଼ତୋଫାନ ହେଲେ, ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହେବା ଆଶଙ୍କା ଥିବାରୁ ଚାଷୀଙ୍କ ମନରେ ଛନକା ପଶିଛି।


**ବୈଦ୍ୟନାଥ**

**ପ୍ରାକୃତିକ ପ୍ରତିକାର ପାଇଁ ମାର୍ଗଦର୍ଶିକା**

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆର୍ଥ୍ରାଇଟିସ୍ | ରୁମା ଅଏଲ୍, ଆର୍ଥ ଅଏଲ୍ ଓ ଆର୍ଥ ପ୍ଲସ୍ କ୍ୟାପ୍ସୁଲ୍ |
| କୋଷ୍ଠକାଠିନ୍ୟ | କବ୍ଜ-ହର୍, ବୈଦ୍ୟନାଥ ତ୍ରିଫଳା ଚୂର୍ଣ |
| ଗ୍ୟାସ ଓ ପେଟ ଫାମ୍ପିବା | ଗ୍ୟାସାନ୍ତକ୍ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍, ସ୍ପିରୁଲିନା ପ୍ଲସ୍ |
| କେଶ ଝଡ଼ିବା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ ରକ୍ତ ଶର୍କରା | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଆର୍କ, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟକ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ମହିଳାଙ୍କ ସମସ୍ୟା | ସୁନ୍ଦରୀ ସଖୀ, ମେନୋ ଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଦାଙ୍ଗାଦି ଲୌହ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍ସୁଲ୍, ନିମ୍ ଅଏଲ୍ |
| ମୂତ୍ରର ସମସ୍ୟା | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଦି ଗୁଗ୍ଗୁଲୁ |

ଡାକ୍ତରଙ୍କ ପରାମର୍ଶ ଉପଲବ୍ଧ :
CUTTACK: 9437511462 BHUBANESWAR: 9437301302 PURI: 9861068109 GANJAM/BERHAMPUR: 9437646389 JAJPUR: 9853909674 ANGUL: 8658021555 BOLANGIR: 9437126153 BARIPADA: 7325940817 BALASORE: 9438725025 SAMBALPUR: 7008508066, 9437256336 BARGARH: 9861246674 KORAPUT: 7008421308 RAYAGADA: 9937649097 GAJAPATI: 9437513129 SONEPUR: 9777776468 ROURKELA: 9337400604 JHARSUGUDA: 8260211300 KEONJHAR: 9438153708 MALKANGIRI: 9556935213





ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ। ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ। ତୁମେ ତୁମ ବାଟରେ ଅନୁସରଣ କରି ଚାଲ। -ଶ୍ରୀମା

-ଗଜଲକ୍ଷ୍ମୀ ପୂଜା, କୁମାର ଉତ୍ସବ ଓ ଶିବଚତୁର୍ଦ୍ଦଶୀ ଉପବାସ



# କାନାଡା ସମ୍ପର୍କ ତୁଟିଲା

ଖଲିସ୍ତାନ ସପକ୍ଷବାଦୀ ନେତା ତଥା ଭାରତ ପକ୍ଷରୁ ଆତଙ୍କବାଦୀ ଘୋଷିତ ହୋଇଥିବା ହରଦୀପ ସିଂ ନିଜ୍ଜାର ହତ୍ୟା ଘଟଣାରେ ଭାରତୀୟ ଉଚ୍ଚାୟୁକ୍ତ ଓ ଅନ୍ୟ କୂଟନୀତିଜ୍ଞମାନଙ୍କୁ କାନାଡା ଅଭିଯୁକ୍ତ କରିବା ପରେ ଦୁଇ ରାଷ୍ଟ୍ର ମଧ୍ୟରେ କୂଟନୈତିକ ସମ୍ପର୍କ ତିକ୍ତ ହେବାରେ ଲାଗିଛି। କାନାଡାର ଏଭଳି ଅଭିଯୋଗକୁ ଭାରତ ଖଣ୍ଡନ କରିବା ସହ ଏହା ସେଠାକାର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ଭୋଟ ବ୍ୟାଙ୍କ ରାଜନୀତି ବୋଲି କହିଛି। ଆସନ୍ତାବର୍ଷ କାନାଡାରେ ନିର୍ବାଚନ ହେବାକୁ ଥିବାରୁ ଶିଖ୍ ସମ୍ପ୍ରଦାୟକୁ ନିଜ ଆଡ଼କୁ ଆଣିବା ଲକ୍ଷ୍ୟରେ ଟ୍ରୁଡୋ ଏଭଳି ପ୍ରଚାର କରିଚାଲିଛନ୍ତି ବୋଲି ଭାରତ ସରକାରଙ୍କ ପକ୍ଷରୁ କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, କାନାଡାରେ ପ୍ରାୟ ୮ ଲକ୍ଷ ଶିଖ୍ ରହୁଥିବାରୁ ଏହି ପ୍ରସଙ୍ଗ ତାଙ୍କ ରାଜନୈତିକ କ୍ୟାରିୟର ପାଇଁ ବଡ଼ ଆକାର ଧାରଣ କରିଥିବା କୁହାଯାଉଛି। ଭାରତ ପକ୍ଷରୁ ଏହା ମଧ୍ୟ କୁହାଯାଉଛି ଯେ, କାନାଡାରେ ଟ୍ରୁଡୋଙ୍କ ଲୋକପ୍ରିୟତା କମିଥିବାରୁ ନିଜ୍ଜାର ପ୍ରସଙ୍ଗକୁ ଉଠାଇ ରଖିବା ଲାଗି ସମୟ ଅନ୍ତରରେ ଏଭଳି ଭାରତ ବିରୋଧୀ ହୁଙ୍କାର ଦେଉଛନ୍ତି। ଅନ୍ୟପକ୍ଷରେ ଭାରତ ମଧ୍ୟ ତାହାର ଅନ୍ତର୍ଜାତୀୟ ବ୍ୟବହାରରେ ପରିବର୍ତ୍ତନ ଆଣିବାରେ ବିଫଳ ହୋଇଛି। ଭାରତର ରାଜନେତାମାନେ ନିଜର ଭୋଟ ବ୍ୟାଙ୍କ ସୁଦୃଢ଼ କରିବା ସକାଶେ ସର୍ବଦା ଉଦ୍ୟମ ଚଳାଇଛନ୍ତି। ତନ୍ମଧ୍ୟରୁ ବିଦେଶରେ ଥିବା ତଥାକଥିତ ଭାରତ ବିରୋଧୀ ଏବଂ ଖଲିସ୍ତାନ ସମର୍ଥକ ବୋଲାଉଥିବା କେତେକ ନେତାଙ୍କୁ ହତ୍ୟା କରାଇ ବାହାବା ନେବାର ଉଦ୍ୟମକୁ ହେୟଜ୍ଞାନ କରିହେବ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ, ନିଜ୍ଜାର ହତ୍ୟା ପଛରେ ଭାରତର ଏଜେଣ୍ଟମାନଙ୍କ ସମ୍ପୃକ୍ତି ଥିବା ନେଇ ଟ୍ରୁଡୋ ଗତବର୍ଷ ସେପ୍ଟେମ୍ବରରେ ମଧ୍ୟ ଅଭିଯୋଗ କରିଥିଲେ। ସେତେବେଳେ ଆମେରିକାର ମତ ପ୍ରକାଶ ପାଇଥିଲା ଯେ, ସେହି ହତ୍ୟା ସମ୍ପର୍କିତ ଗୋଇନ୍ଦା ତଥ୍ୟକୁ ଆମେରିକା ସମେତ 'ଫାଇଭ୍ ଆଇଜ୍' (ପାଞ୍ଚ ଆଖି)ର ଅନ୍ୟ ସଦସ୍ୟ ଦେଶଗୁଡ଼ିକ ଯୋଗାଇଥିଲେ। ଉଲ୍ଲେଖଯୋଗ୍ୟ, ଅଷ୍ଟ୍ରେଲିଆ, କାନାଡା, ନ୍ୟୁଜିଲାଣ୍ଡ, ବ୍ରିଟେନ୍ ଓ ଆମେରିକାକୁ ନେଇ ଗଠିତ ଗୋଇନ୍ଦା ସାଙ୍ଗଠ୍ୟ 'ଫାଇଭ୍ ଆଇଜ୍' ଅତ୍ୟନ୍ତ ଶକ୍ତିଶାଳୀ ବୋଲି ବିଶ୍ୱରେ ବିବେଚିତ ହୋଇଥାଏ। ସେହିପରି ଆମେରିକାରେ ଥିବା ଶିଖ୍ ବିଚ୍ଛିନ୍ନତାବାଦୀ ନେତା ଗୁରପତୱନ୍ତ ସିଂ ପନ୍ନୁଙ୍କୁ ହତ୍ୟା କରିବା ଲାଗି ଭାରତୀୟ ଏଜେଣ୍ଟ ଚେଷ୍ଟା କରି ବିଫଳ ହୋଇଥିବା ଆମେରିକା ପକ୍ଷରୁ କୁହାଯାଇଥିଲା। ଏଥିରୁ ବୁଝିବାକୁ ହେବ ଯେ ଉପରୋକ୍ତ ଘଟଣାରେ ଭାରତର ସମ୍ପୃକ୍ତି ନେଇ ଯେଉଁସବୁ ତଥ୍ୟ କାନାଡା ଓ ଫାଇଭ୍ ଆଇଜ୍ ପକ୍ଷରୁ ଦିଆଯାଇଆସିଛି, ତାହାକୁ ପ୍ରମାଣ ଦେଇ ନୂଆଦିଲ୍ଲୀ ଖଣ୍ଡନ କରିବାରେ ସକ୍ଷମ ହୋଇ ନାହିଁ।

ଏବର ଘଟଣାକୁ ଦେଖିଲେ କାନାଡା ବହିର୍ବ୍ୟାପାର ମନ୍ତ୍ରୀ ମେଲାନି ଜୋଲି ଭାରତୀୟ ହାଇକମିଶନର ସଞ୍ଜୟ କୁମାର ବର୍ମା ଓ ୫ ଅନ୍ୟ କୂଟନୀତିଜ୍ଞଙ୍କୁ ବହିଷ୍କାର ଘୋଷଣା କରିବା ପରେ ଭାରତ ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। ଭାରତ ୧୪ ଅକ୍ଟୋବରରେ ନୂଆଦିଲ୍ଲୀରେ ଅବସ୍ଥାପିତ କାନାଡାର ୬ ଜଣ କୂଟନୀତିଜ୍ଞଙ୍କୁ ବହିଷ୍କାର କରିଛି। ସେମାନଙ୍କୁ ଅକ୍ଟୋବର ୧୯ ତାରିଖ ସୁଦ୍ଧା ଭାରତ ଛାଡ଼ି ଚାଲିଯିବାକୁ କୁହାଯାଇଛି।

ପଞ୍ଜାବର ଜଳନ୍ଧରରେ ଜଣେ ହିନ୍ଦୁ ପୂଜକଙ୍କୁ ହତ୍ୟା କରାଯିବା ଘଟଣାରେ ବିଚ୍ଛିନ୍ନତାବାଦୀ ନେତା ନିଜ୍ଜାରଙ୍କ ସମ୍ପୃକ୍ତି ଥିବା ନେଇ ତାଙ୍କୁ ଭାରତ ସରକାର ୨୦୨୦ରେ ଆତଙ୍କବାଦୀ ଘୋଷଣା କରିଥିଲେ। ତାଙ୍କୁ ଧରିବା ଲାଗି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇ) ୧୦ ଲକ୍ଷ ଟଙ୍କାର ଅର୍ଥରାଶି ଘୋଷଣା କରିଥିଲା। 'ଖଲିସ୍ତାନ ଟାଇଗର ଫୋର୍ସ' ନାମକ ଏକ ଆତଙ୍କବାଦୀ ସଙ୍ଗଠନ ଚଳାଉଥିବାରୁ ନିଜ୍ଜାରଙ୍କ ଉପରେ ଭାରତର କଡ଼ା ନଜର ଥିଲା। କାନାଡାରେ ରହୁଥିବା ନିଜ୍ଜାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଭାରତ ବାରମ୍ବାର ଦାବି ମଧ୍ୟ କରି ଅସୁଥିଲା। ଜୁନ୍ ୨୦୨୩ରେ ବ୍ରିଟିଶ କଲମ୍ବିଆରେ ନିଜ୍ଜାରଙ୍କୁ ହତ୍ୟା କରାଯିବାରୁ ଏଥିରେ ଭାରତୀୟ କୂଟନୀତିଜ୍ଞଙ୍କ ହାତ ରହିଛି ବୋଲି ଟ୍ରୁଡୋ ସରକାର ଅଭିଯୋଗ ଆଣିଥିଲେ। କାନାଡାର ଫେଡେରାଲ ପୋଲିସ ମଧ୍ୟ କହିଛି ଯେ ଭାରତର 'ଏଜେଣ୍ଟମାନେ' ଲରେନ୍ସ ବିଷ୍ଣୋୟୀ ଗ୍ୟାଙ୍ଗ୍ ଭଳି ସଙ୍ଗଠିତ ଅପରାଧୀଙ୍କ ସହ ମିଶି ଖଲିସ୍ତାନୀ ସପକ୍ଷବାଦୀଙ୍କୁ ଟାର୍ଗେଟ କରୁଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, କାନାଡାରେ ରହୁଥିବା ଅଧିକାଂଶ ଶିଖ୍ ସେହି ଦେଶର ନାଗରିକତ୍ୱ ହାସଲ କରିପାରିଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଲରେନ୍ସ ବିଷ୍ଣୋୟୀ ଗ୍ୟାଙ୍ଗ୍ ଏନ୍ସିପି ନେତା ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକିଙ୍କୁ ହତ୍ୟା କରିଥିବା ନେଇ ଦାବି କରିସାରିଛି। ଅନ୍ୟପଟେ ଏହା କହିହେବ ଯେ, ନିଜ୍ଜାର ହତ୍ୟା ବ୍ୟତୀତ ଅନ୍ୟସବୁ ଉଦ୍ୟମରେ ଭାରତ ବିଫଳ ହେବା ସହିତ ତା'ର ଗୋଇନ୍ଦାମାନେ ଧରାପଡ଼ିଯାଉଥିବା ହେତୁ କୌଣସି ରାଜନେତା ବାହାବା ନେବାରେ ସଫଳ ହୋଇପାରୁନାହାନ୍ତି।

ଏଭଳି ପରିପ୍ରେକ୍ଷୀରେ କାନାଡା ବହିର୍ବ୍ୟାପାର ମନ୍ତ୍ରୀ ଜୋଲି କହିଲେଣି, ଭାରତ ବିରୋଧରେ ତାଙ୍କ ଦେଶ ଅର୍ଥନୈତିକ ପ୍ରତିବନ୍ଧକ (ଇକୋନୋମିକ ସାଙ୍କଶନ୍) ଲଗାଇବା ନେଇ ଆଲୋଚନା ଚାଲିଛି। ଏଭଳି ପ୍ରତିବନ୍ଧକ ଲାଗିଲେ ଭାରତ ଉପରେ କିଭଳି ପ୍ରଭାବ ପଡ଼ିବ, ତାହାର ଏକ ସଂକ୍ଷିପ୍ତ ବ୍ୟାଖ୍ୟାନ କରାଯାଇପାରେ। ଭାରତ ୨୦୨୩-୨୪ରେ କାନାଡାଠାରୁ ୪.୬ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଥିବାବେଳେ ରପ୍ତାନି ସାମଗ୍ରୀର ପରିମାଣ ୩.୮ ବିଲିୟନ ଡଲାର ରହିଥିଲା। ରପ୍ତାନି ସାମଗ୍ରୀ ମଧ୍ୟରେ ରହିଛି ଖାଦ୍ୟଶସ୍ୟ, ଅଟା, ଦୁଗ୍ଧଜାତ ପଦାର୍ଥ, ଅପ୍ଟିକାଲ, ଫଟୋ, ଟେକ୍ନିକାଲ ଓ ମେଡିକାଲ ଉପକରଣ, ଷ୍ଟୋନ୍, ପ୍ଲାଷ୍ଟର, ସିମେଣ୍ଟ, ଆଜବେଷ୍ଟସ୍ ଏବଂ ବିଭିନ୍ନ ରାସାୟନିକ ପଦାର୍ଥ। ଅନ୍ୟପକ୍ଷରେ ଭାରତ କାନାଡାରୁ ଘଣ୍ଟା, ଡେଏରି ଉତ୍ପାଦ, ଅଣ୍ଡା, ମହୁ, ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଉପକରଣ ଓ ଯନ୍ତ୍ରାଂଶ, ମାଛ, ମାଂସ ଓ ସାମୁଦ୍ରିକ ଖାଦ୍ୟ ଆମଦାନୀ କରିଥାଏ। ଏହା ଜଣାଶୁଣା ଯେ ଭାରତରୁ ବହୁସଂଖ୍ୟକ ଛାତ୍ରୀଛାତ୍ର କାନାଡାରେ ଉଚ୍ଚଶିକ୍ଷା କରିବାକୁ ଯାଉଥିବା ବେଳେ ଚାକିରି ଅନ୍ୱେଷଣରେ ଅନେକ ରହିଥାଆନ୍ତି। ଏଭଳି ସ୍ଥଳେ ପ୍ରଥମେ କୂଟନୈତିକ ସମ୍ପର୍କ ବିଗିଡ଼ି ଯାଇଥିବା ବେଳେ ଅର୍ଥନୈତିକ ପ୍ରତିବନ୍ଧକ ଲାଗୁ ହେଲେ ଭାରତ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଉପୁଜିଲାଣି। ତେଣୁ ଭାରତୀୟ ଗଣମାଧ୍ୟମରେ ଯେଉଁ ପ୍ରଚାର କରାଯାଉଛି ଯେ, ଭୋଟ ବ୍ୟାଙ୍କ ରାଜନୀତି କରିବାକୁ ଯାଇ ଟ୍ରୁଡୋ ଭାରତକୁ ଦାୟୀ କରୁଛନ୍ତି, ତାହା ସତ୍ୟ ହୋଇ ନ ଥାଇପାରେ। କାରଣ ଭାରତ କୂଟନୀତିରୁ ଅନେକ କ୍ଷତି ସହିଲାଣି। ସମୟ ଥିଲା ଭାରତକୁ ଏକ ବିରାଟକାୟ ବଜାର ଭାବେ ସମଗ୍ର ପୃଥିବୀ ଦେଖୁଥିଲା। ଏବେ ଭାରତର ପ୍ରତ୍ୟେକ ପଡ଼ୋଶୀ ଦେଶଠାରୁ ଆରମ୍ଭ କରି ଦୂର ଦେଶ ପର୍ଯ୍ୟନ୍ତ ସମସ୍ତେ ଶତ୍ରୁ ପାଲଟୁଛନ୍ତି।

# ଆଇନଗତ ଦ୍ୱନ୍ଦ୍ୱରେ ଶିଶୁ



ଘାସିରାମ ପଣ୍ଡା

କିଶୋର/କିଶୋରୀମାନେ ଅପରାଧରେ ସାମିଲ ହେବାର ଅନେକ ଉଦାହରଣ ଏବେ ଲୋକଲୋଚନକୁ ଆସୁଛି। ତେବେ ଏହି ନାବାଳକ/ନାବାଳିକାମାନେ ପେସାଦାର ଅପରାଧୀ। ଏମାନଙ୍କ ଅପରାଧର ପୃଷ୍ଠଭୂମି ଅଛି ନା ଏଭଳି ଏକ ଅପରାଧରେ ସାମିଲ ହେବାରେ ଏମାନଙ୍କର ବାଧ୍ୟବାଧକତା ଥିଲା? ଏସବୁର ଆଲୋଚନା ସାମାଜିକ ସ୍ତରରେ କ୍ୱଚିତ ହୁଏ। ବରଂ ଅପରାଧରେ ସାମିଲ ହୋଇଥିବା ନାବାଳକ/ନାବାଳିକାମାନେ ସମାଲୋଚନାର ଶରବ୍ୟ ହେବା ସହ ସାମାଜିକ ସ୍ତରରେ ଅଗ୍ରହଣୀୟ ବୋଲି ବିଚାର୍ଯ୍ୟ ହୁଅନ୍ତି। ସମ୍ବେଦନଶୀଳତା ଓ ସହାନୁଭୂତିର ଅଭାବଜନିତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉ ହେଉ ଏହି ପ୍ରଭାବିତ ବର୍ଗ ପାଇଁ ଗୋଟିଏ ଅଘଟଣର ପରିଣାମ ସ୍ୱରୂପ ଜୀବନର ଗତିପଥ ପରିବର୍ତ୍ତନ ହୋଇଯାଏ। ସେମାନଙ୍କର ଆଶାଶୂନ୍ୟ, ସମ୍ମାନବିହୀନ ଜୀବନ, ସାମାଜିକ ତାଡ଼ନା ସେମାନଙ୍କର ଜୀବନ ପଥକୁ ପୁନଃ ବିପଥଗାମୀ କରିଦିଏ।

କିଶୋର ନ୍ୟାୟ ଆଇନ ଅନୁଯାୟୀ କିଶୋରାବସ୍ଥାରେ କୌଣସି କାରଣରୁ ଅପରାଧରେ ସାମିଲ ପିଲାଙ୍କୁ ଅପରାଧୀ ବୋଲି କୁହାଯାଏ ନାହିଁ। ଏମାନଙ୍କୁ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ପିଲା ବା 'ଚାଇଲ୍ଡ ଇନ କନଫ୍ଲିକ୍ଟ ଉଇଥ ଲ' ବୋଲି କୁହାଯାଏ। କିଶୋରାବସ୍ଥାର ମାନସିକ ସ୍ଥିତି ଓ ଅଭିଜ୍ଞତାର ଅଭାବ ହେତୁ ଠିକ, ଭୁଲ୍‌ର ନିଷ୍ପତ୍ତି ନେବା, ଭବିଷ୍ୟତ ଉପରେ ଘଟଣା ପରବର୍ତ୍ତୀ ପ୍ରଭାବକୁ ବୁଝିବାର ଜୀବନ କୌଶଳ ବିକଶିତ ହୋଇ ନ ଥାଏ। ତତ୍କ୍ଷଣାତ୍ ଆବେଗକୁ ନିୟନ୍ତ୍ରଣ କରି ନ ପାରି ଅନେକ କିଶୋର/ କିଶୋରୀ ଆଇନ ପ୍ରତିକୂଳ ଘଟଣା ସହିତ ଜଡ଼ିତ ହୋଇଯାନ୍ତି। କୈଶୋରରେ ମନ ଓ ଶରୀରର ପରିବର୍ତ୍ତନ ଯୋଗୁ ଅନ୍ୟ ଲିଙ୍ଗ ପ୍ରତି ଆକର୍ଷିତ ହେବା ସ୍ୱାଭାବିକ। ଜୀବନ କୌଶଳ ଓ ପୋକ୍ସୋ ଭଳି ଆଇନଗତ ସୂଚନାର ଅଭାବ ହେତୁ ୧୮ ବର୍ଷରୁ କମ୍ ବୟସରେ ପ୍ରେମ ଓ ଶାରୀରିକ ସମ୍ପର୍କ ରଖି ପିଲାମାନେ ଅଜାଣତରେ ଅପରାଧ ଭିତରକୁ ପଶି ଆସୁଛନ୍ତି। ପାରିବାରିକ ହିଂସା, ଦରିଦ୍ର ହେବାର ତାଡ଼ନା, ସ୍ନେହ-ଆଦର ଓ ସାମାଜିକ ଶୃଙ୍ଖଳାର ଅଭାବ, ଶିକ୍ଷାର ଅଭାବ, ପିଲାବେଳେ ନିଜେ କୌଣସି ପ୍ରକାରର ହିଂସା ବା ନିର୍ଯାତନାର ଶିକାର ହେବା କାରଣରୁ ମଧ୍ୟ ପିଲାମାନେ କିଶୋରାବସ୍ଥାରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ହୋଇଯାନ୍ତି। ମାତାପିତାଙ୍କ ମୃତ୍ୟୁ, ବାସହରା ହେବା ଭଳି ସ୍ଥିତି ପିଲାଙ୍କୁ ବିପଦସଂକୁଳ କରାଏ। ରାସ୍ତାକଡ଼ରେ ଶୈଶବ କାଟୁଥିବା ପିଲାଟି ପେଟପାଟଣା ପାଇଁ ହୋଟେଲ ପଛପଟୁ ପରିତ୍ୟକ୍ତ ବୋତଲ ସଂଗ୍ରହ



କରୁ କରୁ ଖଣ୍ଡିଆ ସିଗାରେଟ, ବୋତଲ ଭିତରେ ବଳିଯାଇଥିବା ଦି ଠୋପା ମଦର ସଂସ୍ପର୍ଶରେ ଆସେ। ଏହା ଧୀରେ ଧୀରେ ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଏ। ଏଭଳି ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଶୈଶବରେ ପିଲା ଅପରାଧ ଭିତରକୁ ପ୍ରବେଶ କରେ।

ପିଲାଙ୍କ ଏହି ଅସହାୟତାର ସୁଯୋଗ ନେଇ ଅନେକ ଆପରାଧିକ ବ୍ୟକ୍ତି ମଧ୍ୟ ପିଲାଙ୍କୁ ଅପରାଧ ପାଇଁ ବ୍ୟବହାର କରନ୍ତି। କିଶୋରାବସ୍ଥାରେ ଆଇନ ସହ ଛନ୍ଦି ହୋଇ ଧରାପଡ଼ିଲେ ଦଣ୍ଡ କୋହଳ ହୋଇଥାଏ। ଛୋଟମୋଟ ଅପରାଧର ଶୀଘ୍ର ସମାଧାନ କରିବାର ଆଇନଗତ ପ୍ରାବଧାନ ରହିଛି। ପିଲାମାନଙ୍କ ପାଇଁ ଥିବା ଏହି ସୁବିଧାକୁ ଆପରାଧିକ ତତ୍ତ୍ୱ ନିଜ ସୁବିଧା ପାଇଁ ବ୍ୟବହାର କରନ୍ତି। ପିଲାଙ୍କୁ ପକେଟମାର ଠୁ ଆରମ୍ଭ କରି ମାଦକ ଦ୍ରବ୍ୟର ପରିବହନ ଓ ବିକ୍ରିରେ ବ୍ୟବହାର କରାଯାଏ।

ମୋଟ ଭାବରେ ପିଲାଟିଏ ପରିସ୍ଥିତି ପାଇଁ ଆଇନଗତ ଦ୍ୱନ୍ଦ୍ୱରେ ଛନ୍ଦି ହୋଇଥାଏ। ଏଣୁ କିଶୋର ନ୍ୟାୟ ଆଇନ ଅନୁଯାୟୀ କୌଣସି ବି ଅପରାଧ ପାଇଁ ପିଲାଙ୍କୁ ଦାୟୀ କରାଯିବା ଉଚିତ ନୁହେଁ ବୋଲି କୁହାଯାଇଛି ଓ ଏହି ଆଧାରରେ ସେମାନଙ୍କ ସହ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ 'ପ୍ରିନ୍ସିପଲ ଅଫ ପ୍ରିଜମ୍ପସନ ଅଫ ଇନୋସେନ୍ସ' ବା ପିଲାଙ୍କୁ ସରଳ ଓ ନିଷ୍କପଟ ବୋଲି ଧରିନେବା କୁହାଯାଏ। ପ୍ରତିକୂଳ ପରିସ୍ଥିତି ଓ ବିପଦସଂକୁଳତାରୁ ପିଲାଙ୍କୁ ଉଦ୍ଧାର କରାଯାଇପାରିଲେ କିଶୋରାବସ୍ଥାରେ ଅପରାଧ ହ୍ରାସ ପାଇବ। ଏହିହେତୁ କିଶୋରନ୍ୟାୟ ଆଇନ ଓ ମିଶନ ବାତ୍ସଲ୍ୟ ଭଳି ଯୋଜନା ପ୍ରଣୟନ କରାଯାଇଛି। ଏଥିରେ ବିପଦସଂକୁଳ ପରିବାରକୁ ନିରନ୍ତର ଅନ୍ତରାଳରେ ଚିହ୍ନଟ କରିବା, ସେମାନଙ୍କୁ ଓ ସେମାନଙ୍କ ପରିବାରକୁ ସାମାଜିକ ସହାୟତାରେ ସାମିଲ କରିବା ପାଇଁ ବ୍ୟବସ୍ଥା ଓ ବ୍ୟୟବରାଦ ମଧ୍ୟ କରାଯାଇଛି। ବିପଦସଂକୁଳ ପିଲାଟିଏ ଚିହ୍ନିତ ହେଲାମାତ୍ରେ ଅତିବେଶିରେ ଚବିଶ ଘଣ୍ଟା ଭିତରେ ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପିତ ହେବ। ଏହାପରେ ପିଲାଟିର ସର୍ବୋତ୍ତମ ସ୍ୱାର୍ଥର ସୁରକ୍ଷା କରିବାର ଦାୟିତ୍ୱ ଶିଶୁ ମଙ୍ଗଳ କମିଟି ପାଖରେ ନ୍ୟସ୍ତ କରାଯାଇଛି। ପିଲାଟିର ସମସ୍ୟା ଆଧାରରେ ପରିବାର, ଜ୍ଞାତି, ସମାଜ ଭିତରେ ତା'ର ଯତ୍ନ ଓ ସୁରକ୍ଷାର ବନ୍ଦୋବସ୍ତ କରାଯାଇପାରିବ ଅଥବା କୌଣସି ବାଳାଶ୍ରମ, ଆବାସିକ ବିଦ୍ୟାଳୟ ପ୍ରଭୃତିରେ ସେମାନଙ୍କୁ ସୁରକ୍ଷିତ ଭାବରେ ରଖାଯାଇ ପାରିବ। ଆବଶ୍ୟକତା ଓ ଯୋଗ୍ୟତା ଆଧାରରେ ଏଥିପାଇଁ ଆର୍ଥିକ ସହାୟତା ମଧ୍ୟ ଦିଆଯାଇ ପାରିବ। ଓଡ଼ିଶାରେ ବିଜୁ ଶିଶୁ ସୁରକ୍ଷା ଯୋଜନା ଏବଂ ଗ୍ରୀନ ପ୍ୟାସେଜ ଯୋଜନା ମାଧ୍ୟମରେ ଅନାଥ ପିଲାଙ୍କ ଗଣତି ଓ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସହାୟତାର ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ସବୁ ଯୋଜନାର କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ ପ୍ରତ୍ୟେକ ଜିଲାରେ ଶିଶୁ ସୁରକ୍ଷା ୟୁନିଟ ସ୍ଥାପନ କରାଯାଇଛି।

ଏତେସବୁ ବ୍ୟବସ୍ଥା ସତ୍ତ୍ୱେ ଯତ୍ନ ଓ ସୁରକ୍ଷାରୁ ବଞ୍ଚିତ ହେଉଥିବା ପିଲା ଚିହ୍ନଟ ହେବା, ଚିହ୍ନଟ ହେଲେ ବି ସମୟୋପଯୋଗୀ ସହାୟତା ପାଇବା ସମ୍ଭବ ହେଉ ନାହିଁ। ୮ ଜୁଲାଇ ୨୦୨୪ରେ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗରୁ ସମସ୍ତ ରାଜ୍ୟ ସରକାରଙ୍କୁ ଆସିଥିବା ପତ୍ର ଅନୁସାରେ ୨୦୨୩-୨୪ ପାଇଁ ଏହି ବାବଦରେ ଦିଆଯାଇଥିବା ଅର୍ଥ ଜୁନ ଶେଷ ସୁଦ୍ଧା ବି ଖର୍ଚ୍ଚ ହୋଇପାରି ନ ଥିବା ଦର୍ଶାଯାଇଛି। ବିଭାଗ ଅସନ୍ତୋଷ ବ୍ୟକ୍ତ କରିବା ସହ ସମସ୍ତ ରାଜ୍ୟ ତତ୍ପରତା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକୃତରେ ଜିଲାରେ ଥିବା ଶିଶୁ ସୁରକ୍ଷା ୟୁନିଟର ଅଳ୍ପ କିଛି ଅଧିକାରୀଙ୍କ ଦ୍ୱାରା ସମଗ୍ର ଜିଲାର ବିପଦସଂକୁଳ ଶିଶୁଙ୍କ ପାଖରେ ପହଞ୍ଚିବା ସମ୍ଭବ ହେଉନାହିଁ। ବିପଦସଂକୁଳ ପିଲାଙ୍କୁ ଚିହ୍ନଟ କରିବା ପାଇଁ ପ୍ରତ୍ୟେକ ଘରେ ପହଞ୍ଚିବାକୁ ପଡ଼ିବ। ଚିହ୍ନଟ କଲାପରେ ଶିଶୁ ମଙ୍ଗଳ ସମିତି ପାଖରେ ଉପସ୍ଥାପିତ କରିବାକୁ ପଡ଼ିବ। ଜିଲାର କୋଣ ଅନୁକୋଣରୁ ମୁଖ୍ୟାଳୟକୁ ସମସ୍ତ ପିଲା ଆସିବା ସମ୍ଭବ ନୁହେଁ। ଏଣୁ ଶିଶୁ ମଙ୍ଗଳ ସମିତିକୁ ସେମାନଙ୍କ ପାଖକୁ ଯିବାକୁ ପଡ଼ିପାରେ। ସହାୟତା ପାଇଁ ପୂର୍ବ ଯୋଜନା ପ୍ରସ୍ତୁତିପୂର୍ବକ ଅର୍ଥ ଆବଣ୍ଟନ କରିବାକୁ ପଡ଼ିବ ଓ ସହାୟତା ପାଇଥିବା ପ୍ରତ୍ୟେକ ପିଲାକୁ ତଦାରଖ ମଧ୍ୟ କରିବାକୁ ପଡ଼ିବ। ଏହା ଏକ ନିରନ୍ତର ବ୍ୟାପାର ଏବଂ ଏଥିପାଇଁ ମାନବ ସମ୍ବଳର ଅବଶ୍ୟକତା ରହିଛି। ଜିଲାସ୍ତରର ଅଧିକାରୀଙ୍କ ଆଗ୍ରହ ସତ୍ତ୍ୱେ ଏହାକୁ ତୁଲେଇବା ସମ୍ଭବ ହେଉନାହିଁ ଏଣୁ ସମସ୍ୟାକୁ ଏଡ଼ାଇ ଦେବା ଉଚିତ ମନେକରୁଛନ୍ତି। ରାଜ୍ୟ ପଦାଧିକାରୀଙ୍କୁ ଏହାର ସମାଧାନର ପନ୍ଥା ବାହାର କରିବାକୁ ହେବ। ଯେପରି କରୋନା ସମୟରେ ଅଙ୍ଗନୱାଡି କର୍ମୀଙ୍କ ସହାୟତାରେ ଓ ଆଭାସୀ ଢଙ୍ଗରେ ଶିଶୁ ମଙ୍ଗଳ ସମିତିରେ ପିଲାଙ୍କୁ ଉପସ୍ଥାପିତ କରାଯାଇ କମ୍ ସମୟରେ ପଚାଶ ହଜାରରୁ ଅଧିକ ପିଲାଙ୍କୁ ସହାୟତା ପ୍ରଦାନ କରାଯାଇ ପାରିଲା ସେହିପରି ଢଙ୍ଗରେ କିଛି କରାଯାଇପାରିଲେ ଆମେ ପିଲାଙ୍କୁ ଆଇନର ଦ୍ୱନ୍ଦ୍ୱରୁ ମୁକୁଳାଇ ପାରିବା।

**ସୁବର୍ଣ୍ଣପୁର, ମୋ:୯୪୩୮୩୪୧୭୯୪**

# ବୃହତ୍ତମ ସୁପରମୁନ୍ ଓ ଜନମତ



ଡ. କମଳାକାନ୍ତ ଜେନା

ଅକ୍ଟୋବର ୧୭ ତାରିଖ, ଗୁରୁବାର। ୨୦୨୪ମସିହାର ୨୯୧ତମ ଦିନ ଓ ୪୨ତମ ସପ୍ତାହର ୪୨ତମ ଗୁରୁବାର। ସେଦିନ ପଡୁଛି ପୂର୍ଣ୍ଣିମା, କିନ୍ତୁ ଏବର୍ଷର ନିଆରା ପୂର୍ଣ୍ଣିମା। କାରଣ, ଏବର୍ଷର ସବୁଠାରୁ ବଡ଼ ପୂନେଇଁ ଜହ୍ନ ଦେଖିବାକୁ ମିଳିବ। ବିଜ୍ଞାନ ଭାଷାରେ କହିଲେ, ଆମ ପୃଥିବୀର ଅତି ନିକଟକୁ ଏହାର ଉପଗ୍ରହ 'ଚନ୍ଦ୍ର' ଚାଲିଆସିବ। ବୈଜ୍ଞାନିକମାନେ ଯାହାକୁ 'ଚନ୍ଦ୍ର' କହନ୍ତି, ଆମେ ତାକୁ 'ଜହ୍ନମାମୁ' କହୁ। ପୃଥିବୀକୁ 'ଜହ୍ନମାମୁ' ପରିକ୍ରମା କରେ। ତେଣୁ 'ଜହ୍ନମାମୁ' ବା ଚନ୍ଦ୍ର ହେଉଛି ଆମ ପୃଥିବୀର ଉପଗ୍ରହ। ଚନ୍ଦ୍ରକୁ ପୃଥିବୀର ପ୍ରାକୃତିକ ଉପଗ୍ରହ କୁହାଯାଏ, କାରଣ ପ୍ରକୃତି ତାକୁ ଗଢ଼ିଛି। ପୃଥିବୀ ଚାରିପଟେ ଚନ୍ଦ୍ର ଯେଉଁ ପଥରେ ବୁଲୁଛି, ତାହାକୁ ଚନ୍ଦ୍ରର 'କକ୍ଷପଥ' କୁହାଯାଏ। ଦୀର୍ଘବୃତ୍ତାକାର ବା ଅଣ୍ଡାକାର ପଥରେ ପୃଥିବୀ ଚାରିପଟେ ଚନ୍ଦ୍ର ବୁଲୁଛି। ଯଦି ସମ୍ପୂର୍ଣ୍ଣ ଗୋଲ ବା ବୃତ୍ତାକାର ପଥରେ ଚନ୍ଦ୍ର ବୁଲନ୍ତା, ତେବେ ଆମଠାରୁ ଏହାର ଦୂରତା ସବୁବେଳେ ସମାନ ରହନ୍ତା। କିନ୍ତୁ ଲମ୍ବାଳିଆ କକ୍ଷପଥରେ ବୁଲୁଥିବାରୁ ଦୂରତା ବଢ଼ି ବଢ଼ି ଯାଏ, ପୁଣି କମି କମି ଆସେ। ବସ୍ତୁ ଆମଠାରୁ ଦୂରେଇ ଗଲେ ଛୋଟ ଦିଶେ ଓ ପାଖେଇ ଆସିଲେ ବଡ଼ ଦିଶେ। ତେଣୁ ପୃଥିବୀଠାରୁ ଦୂରରେ ଥିବା ସମୟରେ ଚନ୍ଦ୍ର ଆମକୁ ଛୋଟ ଦିଶେ ଓ ପାଖକୁ ପାଖକୁ ଆସିଗଲେ ବଡ଼ ଦିଶେ। ସବୁ ପୂର୍ଣ୍ଣିମାରେ ଚନ୍ଦ୍ର ଗୋଲ ଦିଶିବ, କିନ୍ତୁ ଆକାର ସମାନ ରହିବ ନାହିଁ। ଚନ୍ଦ୍ର ପାଖରେ ଥିଲେ ପୂର୍ଣ୍ଣିମା ରାତିରେ ବଡ଼ ଦିଶେ।

ଆମ ଆକାଶରେ ଅଗଣିତ ଖଗୋଳୀୟ ପିଣ୍ଡ ରହିଥିଲେ ବି ସୂର୍ଯ୍ୟ ଓ ଚନ୍ଦ୍ର ଦୁହେଁ ନିଆରା ପିଣ୍ଡ। ପୃଥିବୀଠାରୁ ଚନ୍ଦ୍ରର ହାରାହାରି ଦୂରତା ୩ ଲକ୍ଷ ୮୪ ହଜାର କିଲୋମିଟର ଓ ସୂର୍ଯ୍ୟର ଦୂରତା ୧୫ କୋଟି କିଲୋମିଟର। ତେଣୁ ଚନ୍ଦ୍ର ଆମଠାରୁ ଯେତିକି ଦୂରରେ ରହେ, ତାହାର ପ୍ରାୟ ୪୦୦ ଗୁଣ ଦୂରରେ ସୂର୍ଯ୍ୟ ଅଛି। ଉଭୟ ପିଣ୍ଡ ଆମକୁ ଓ ପୃଥିବୀକୁ ନିଜ ଆଡ଼କୁ ମାଧ୍ୟାକର୍ଷଣ ବଳ ଦ୍ୱାରା ଟାଣୁଛନ୍ତି। ସୂର୍ଯ୍ୟ ଚାରିପଟେ ପୃଥିବୀ ବୁଲୁଛି, ପୃଥିବୀ ଚାରିପଟେ ଚନ୍ଦ୍ର ବୁଲୁଛି। ଏମିତି ବୁଲୁ ବୁଲୁ ତିନିଟା ପିଣ୍ଡ ଗୋଟିଏ ଧାଡ଼ିରେ ରହିପାରନ୍ତି। ସେଥିପାଇଁ ପୂର୍ଣ୍ଣିମା ଓ ଅମାବାସ୍ୟା ହୁଏ। ଗୋଟିଏ ଧାଡ଼ିରେ ରହିଲେ ପୃଥିବୀ ଉପରେ ବେଶି ମାଧ୍ୟାକର୍ଷଣ ବଳ ପଡ଼େ। ତେଣୁ ପୂର୍ଣ୍ଣିମା ଓ ଅମାବାସ୍ୟା ତିଥିରେ ସମୁଦ୍ରରେ ଅଧିକ ଉଚ୍ଚତାର ଜୁଆର ଆସେ।

ନିଜର ଅଣ୍ଡାକାର ରାସ୍ତାରେ ବୁଲୁ ବୁଲୁ ପୃଥିବୀଠାରୁ ଚନ୍ଦ୍ରର ସର୍ବନିମ୍ନ ଦୂରତା ରହେ ୩,୬୩,୧୦୪ କିଲୋମିଟର ଓ ସର୍ବାଧିକ ଦୂରତା ରହେ ୪,୦୫,୬୯୬ କିଲୋମିଟର। ଏଥିରୁ ବୁଝାପଡୁଛି ଯେ ୩,୬୩,୧୦୪ କିଲୋମିଟର ଦୂରରେ ରହିଲେ ଚନ୍ଦ୍ର ବହୁତ ବଡ଼ ଦିଶିବ ଓ ୪,୦୫,୬୯୬ କିଲୋମିଟର ଦୂରରେ ରହିଲେ ସବୁଠୁ ଛୋଟ ଦିଶିବ। ୧୯୬୯ ଜୁଲାଇ ୨୦ରେ ନୀଲ ଆର୍ମଷ୍ଟ୍ରଙ୍ଗ୍ ଚନ୍ଦ୍ରରେ ପାଦ ଦେଇଥିଲେ। ସେଦିନ ଆମଠାରୁ ତାଙ୍କର ଦୂରତା ଥିଲା ୩,୯୩,୩୦୯ କିଲୋମିଟର। ବର୍ଷକୁ ୧୨ ଥର ପୂର୍ଣ୍ଣିମା ହୁଏ। କିନ୍ତୁ



ସବୁ ପୂର୍ଣ୍ଣିମାରେ ପୃଥିବୀଠାରୁ ଚନ୍ଦ୍ରର ଦୂରତା ସମାନ ରହେ ନାହିଁ। ବର୍ଷକ ଭିତରେ ଯେଉଁ ପୂର୍ଣ୍ଣିମାରେ ପୃଥିବୀଠାରୁ ଚନ୍ଦ୍ରର ଦୂରତା ସର୍ବନିମ୍ନ ରହେ, ସେହି ପୂର୍ଣ୍ଣିମାରେ ସେବର୍ଷର ସବୁଠାରୁ ବଡ଼ ପୂନେଇଁ ଜହ୍ନ ଦେଖିବାକୁ ମିଳେ। ଏବର୍ଷ ଅକ୍ଟୋବର ୧୭ ତାରିଖ ଗୁରୁବାର ରାତିରେ ସେଭଳି ଘଟଣା ଘଟିବ। ଚଳିତ ବର୍ଷର ସବୁଠାରୁ ବଡ଼ ପୂନେଇଁ ଜହ୍ନ ବା ବୃହତ୍ତମ 'ସୁପରମୁନ୍' ଦେଖିବାକୁ ମିଳିବ। ଏହା ଆମ ପାଇଁ ଏକ ବିଶେଷ ପୂର୍ଣ୍ଣିମା, ଏଥିରେ ସନ୍ଦେହ ନାହିଁ।

'ସୁପରମୁନ୍' ପ୍ରସଙ୍ଗ ଆମ ପାଇଁ ନୂଆ ନୁହେଁ। ଆଗରୁ ମଧ୍ୟ ଆମେ ଅନେକ ପୂର୍ଣ୍ଣମୀ ରାତିରେ ସୁପରମୁନ୍ ଦେଖିଛୁ। ଚଳିତ ୨୦୨୪ ମସିହାରେ ୨ଥର ସୁପରମୁନ୍ ଆମେ ଦେଖିସାରିଛୁ। ୨୦୨୪ ମସିହାର ପ୍ରଥମ ସୁପରମୁନ୍ ଦେଖିଥିଲୁ ଗତ ଅଗଷ୍ଟ ୧୯ ତାରିଖ ରାଖୀ ପୂର୍ଣ୍ଣମୀ ରାତିରେ। ତା' ପରେ ସେପ୍ଟେମ୍ବର ୧୮ ତାରିଖରେ ଏବର୍ଷର ୨ୟ ସୁପରମୁନ୍ ଦେଖିଲୁ। ଅକ୍ଟୋବର ୧୭ରେ ୩ୟ ସୁପରମୁନ୍ ଦେଖିବା। ପୁଣି ନଭେମ୍ବର ୧୫ ରାହାସ ପୂର୍ଣ୍ଣମୀରେ ଏବର୍ଷର ୪ର୍ଥ ସୁପରମୁନ୍ ଦେଖିହେବ। କିନ୍ତୁ ନଭେମ୍ବର ୧୫ ବେଳକୁ ଚନ୍ଦ୍ର ଟିକିଏ ଅଧିକ ଦୂରତାରେ ରହିବ ଏବଂ ୩ୟ ସୁପରମୁନ୍ ତୁଳନାରେ ସାନ ଦିଶିବ। ଅତୀତରେ ୨୦୧୩ ଜୁନ୍ ୨୩ରେ ପଡ଼ିଥିବା ପୂର୍ଣ୍ଣମୀରେ ସୁପରମୁନ୍ ଦେଖିବାକୁ ମିଳିଥିଲା। ୨୦୧୧ ମାର୍ଚ୍ଚ ୧୯ର ପୂନେଇଁ ଜହ୍ନ ଆମ ପୃଥିବୀର ସବୁଠାରୁ ନିକଟକୁ ଆସିଥିବାରୁ ବେଶ୍ ବଡ଼ ଓ ଅଧିକ ଉଜ୍ଜ୍ୱଳ ଦେଖାଯାଉଥିଲା। ପୁଣି ୨୦୧୪ ଅଗଷ୍ଟ ୧୦ରେ ଆଉ ଥରେ ଅତି ନିକଟକୁ ଆସିଥିଲା ଓ ସୁପରମୁନ୍ ଦେଖାଗଲା।

ସୁପରମୁନ୍ ପରି ଘଟଣାକୁ ନେଇ ସାଧାରଣ ଲୋକଙ୍କର ଅନ୍ଧବିଶ୍ୱାସ ରହିଛି। ସୁପରମୁନ୍ ଦେଖାଦେଲେ ପୃଥିବୀକୁ ମାରାତ୍ମକ ବିପଦ ମାଡ଼ିଆସେ ବୋଲି ଲୋକେ ବିଶ୍ୱାସ କରନ୍ତି। ଲୋକଙ୍କର ବିଶ୍ୱାସ ରହିଛି ଯେ ଏହିପରି ଘଟଣା ପୃଥିବୀ ଧ୍ୱଂସ ହେବାର ସୂଚନା ଦିଏ। ସୁପରମୁନ୍ ଦର୍ଶନ କଲେ ତାହାର ଶକ୍ତିଶାଳୀ ଆକର୍ଷଣ ଲୋକଙ୍କୁ ପାଗଳ କରିଦିଏ। ସୁପରମୁନ୍ ଦେଖିଥିବା ଲୋକମାନେ ଏଣୁତେଣୁ ଭୁଲ୍ କାମ କରିବସନ୍ତି। କାରଣ, ସେହି ସମୟରେ ପୃଥିବୀ ଉପରେ ବିଶାଳ ଚନ୍ଦ୍ରର ଅଧିକ ମାଧ୍ୟାକର୍ଷଣ ବଳ ପଡୁଥାଏ। ସେହି ମାଧ୍ୟାକର୍ଷଣ ବଳ ଦର୍ଶକର ମସ୍ତିଷ୍କ ଉପରେ କୁପ୍ରଭାବ ପକେଇଥାଏ। ହେଲେ, ଏସବୁ ବିଶ୍ୱାସ ଠିକ୍ ନୁହେଁ। ଚନ୍ଦ୍ରର ଆକର୍ଷଣ ସବୁବେଳେ ଆମ ଉପରେ ପଡୁଛି। ଅବଶ୍ୟ ସୁପରମୁନ୍ ସମୟରେ ଟିକିଏ ଅଧିକ ପଡ଼ିବ। କିନ୍ତୁ ତାହା ଆମର ମସ୍ତିଷ୍କକୁ ପାଗଳ କରିବା କଥା ଭୁଲ୍। ଆଉ ରହିଲା ପୃଥିବୀ ଧ୍ୱଂସ ହେବା କଥା। ଆଗରୁ ଅନେକ ସୁପରମୁନ୍ ଦେଖାଯାଇଛି। ଅକ୍ଟୋବର ୧୭ ର ସୁପରମୁନ୍‌ଠାରୁ ଆହୁରି ବଡ଼ ସୁପରମୁନ୍ ଦେଖାଦେଇଛି। କିନ୍ତୁ, ସୁପରମୁନ୍ ସକାଶେ ସେମିତି ଭୟାବହ ଦୁର୍ଘଟଣା କିମ୍ବା ପ୍ରଳୟ ଘଟି ନାହିଁ। ଆମ ବିଶ୍ୱାସ କେତେ ସତ କେତେ ମିଛ, ତାହା ପ୍ରମାଣିତ ହୋଇସାରିଛି। ତେଣୁ ଆସନ୍ତା ସୁପରମୁନ୍‌କୁ ଆମେ ସମସ୍ତେ ବିନା ଭୟରେ ଦେଖିପାରିବା ଓ ଏତେ ବଡ଼ ଜହ୍ନର ଉଜ୍ଜ୍ୱଳ ଆଲୋକକୁ ଉପଭୋଗ କରିପାରିବା।

**ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ, ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗ,**
**ଭଦ୍ରକ ଅଟୋନୋମସ୍ କଲେଜ, ଭଦ୍ରକ**
**ମୋ: ୯୪୩୯୫୦୧୬୫୧**

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ଓ କଠୋର ପରିଶ୍ରମ ବଳରେ ସବୁ କ୍ଷେତ୍ରରେ ସଫଳତା ମିଳିବା ନିଶ୍ଚିତ। ଏମିତି ଏକ ସଫଳତା ମିଳିଛି ଉତ୍ତରପ୍ରଦେଶର କ୍ରିଷ୍ଣା ଯାଦବଙ୍କୁ। କ୍ରିଷ୍ଣାଙ୍କ ପରିବାର କହିଲେ ତାଙ୍କ ସ୍ୱାମୀ ଓ ତିନି ସନ୍ତାନ। ସେମାନଙ୍କ ସହ କ୍ରିଷ୍ଣା ଖୁସିରେ ରହୁଥିଲେ। କିନ୍ତୁ ଯେତେବେଳେ ତାଙ୍କ ସ୍ୱାମୀଙ୍କ ଚାକିରି ଚାଲିଗଲା ସେତେବେଳେ ତାଙ୍କ ପରିବାରର ଦୁଃଖ ବଢ଼ିଗଲା। ସେ ସପରିବାରେ ଦିଲ୍ଲୀ ଚାଲିଆସିଥିଲେ ରୋଜଗାର ଅନ୍ୱେଷଣରେ। ସେଠାରେ ଏହି ଦମ୍ପତି ଅନ୍ୟମାନଙ୍କ ସହ ଭାଗୀଦାରିରେ ଚାଷ ଆରମ୍ଭ କରିଥିଲେ। ହେଲେ ଚାଷରୁ ଯାହା ରୋଜଗାର ହେଲା ସେଥିରେ ପରିବାର ଚଳିବାକୁ ଯଥେଷ୍ଟ ହେଲା ନାହିଁ। ଫଳରେ କ୍ରିଷ୍ଣା ଆଚାର ତିଆରି କରି ବିକ୍ରି କରିବାକୁ ନିଷ୍ପତ୍ତି ନେଲେ। ଏଥିପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ରରେ ଆଚାର ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ନେବା ପେର ପ୍ରଥମେ ସେ କିଛି ଆଚାର କରି ତାହାକୁ ରାସ୍ତାକଡ଼ରେ ବିକ୍ରି କରିବା ଆରମ୍ଭ କରିଥିଲେ। ଏହି ଆଚାରର ସ୍ୱାଦ ଲୋକଙ୍କୁ ଆକର୍ଷିତ କଲା ଓ ସେ ଅଧିକରୁ ଅଧିକ ଆଚାର ତିଆରି କରି ବିକ୍ରି କଲେ। ଚାହିଦାକୁ ଲକ୍ଷ୍ୟ କରି ସେ ଶ୍ରୀକ୍ରିଷ୍ଣା ପିକଲ୍ସ କମ୍ପାନୀ ଖୋଲିଲେ। ଏହି କାର୍ଯ୍ୟରେ ବହୁ ମହିଳାଙ୍କୁ ନିଯୁକ୍ତି ଦେଇ ଏବେ ଦିନକୁ ୧୦-୨୦ କୁଇଣ୍ଟାଲ ଆଚାର ପ୍ରସ୍ତୁତ କରୁଛନ୍ତି। ବର୍ଷକୁ ଏଥରୁ ସେ ୫ କୋଟି ଟଙ୍କା କାରବାର କରୁଛନ୍ତି। ଏହି କାର୍ଯ୍ୟ ପାଇଁ ତାଙ୍କୁ ୨୦୧୪ରେ 'ଏନ୍‌ଜି ରଙ୍ଗ' ସମ୍ମାନରେ ସମ୍ମାନିତ କରାଯାଇଛି।

## ଚିରନ୍ତନୀ

କେନାଲର ଆର ପାଖେ
ତାଳବନ ଫାଁକେ ଫାଁକେ
ଧବଳିତ କାଶବନ ହସଇ
ପ୍ରତୀଚୀର କୋଳେ ରବି ଖସଇ।
କେନାଲର ଦୁଇ କୂଳେ
ତାଳଗଛ ଧାଡ଼ି ମୂଳେ
ଫୁଲିଉଠେ ଗରବିତ ପାଣିରେ !
ଉଦ୍‌ଭିନ୍ନ ଯଉବନ ଠାଣିରେ।
-(ଶରତ-ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 2 | | | 8 | | 1 | | | |
| | 9 | | | 5 | | | | |
| 4 | | | | 9 | | 3 | | |
| 8 | | | | | | | 4 | |
| | 7 | | | | | | | 8 |
| | 3 | | 2 | | | 9 | | |
| | | | 5 | | | | 1 | |
| 1 | | 2 | 6 | 8 | | | | |
| | | 9 | | 3 | 4 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 3 | 9 | 4 | 6 | 7 | 5 | 8 |
| 9 | 4 | 5 | 3 | 7 | 8 | 2 | 1 | 6 |
| 7 | 8 | 6 | 1 | 2 | 5 | 4 | 3 | 9 |
| 6 | 1 | 2 | 4 | 9 | 7 | 3 | 8 | 5 |
| 5 | 7 | 9 | 6 | 8 | 3 | 1 | 2 | 4 |
| 8 | 3 | 4 | 2 | 5 | 1 | 6 | 9 | 7 |
| 2 | 6 | 7 | 8 | 3 | 9 | 5 | 4 | 1 |
| 4 | 5 | 8 | 7 | 1 | 2 | 9 | 6 | 3 |
| 3 | 9 | 1 | 5 | 6 | 4 | 8 | 7 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଟକ ଦଶହରାକୁ ମାନ୍ୟତା କେବେ

ମହାଶୟ,

କଟକ ଦଶହରା ପ୍ରାୟ ୫ଶହ ବର୍ଷର ପୂଜା ପରମ୍ପରାର ପ୍ରତୀକ। ପ୍ରତିବର୍ଷ ଭଳି ଚଳିତବର୍ଷ ଏହା ଧୁମ୍‌ଧାମରେ ପାଳିତ ହୋଇଛି। କୋଲକାତା ଦୁର୍ଗାପୂଜାକୁ ୨୦୨୧ ଡିସେମ୍ବରରୁ ୟୁନେସ୍କୋ ତରଫରୁ ହେରିଟେଜ ମାନ୍ୟତା ମିଳିସାରିଛି। କଟକ ଦଶହରା ମଧ୍ୟ ଐତିହ୍ୟ ମାନ୍ୟତାର ଅନ୍ୟତମ ପ୍ରମୁଖ ଦାବିଦାର ବୋଲି କୁହାଯାଇପାରେ। ଐତିହ୍ୟ ଓ ପରମ୍ପରା ଦୃଷ୍ଟିରୁ କଟକ ଦଶହରାର ଇତିହାସ ବେଶ୍ ସମୃଦ୍ଧ। କୁହାଯାଏ ଷୋଡ଼ଶ ଶତାବ୍ଦୀରୁ କଟକରେ ଦୁର୍ଗାପୂଜାର ପରମ୍ପରା ପ୍ରଚଳିତ ହୋଇଆସିଛି। ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜୁତି ସମୟରେ ଶ୍ରୀଚୈତନ୍ୟ ଦେବ ଓଡ଼ିଶା ଆସିଥିଲେ। ଏହି ଅବସରରେ ଚୈତନ୍ୟ ଦେବଙ୍କ ପୌରୋହିତ୍ୟରେ ପ୍ରଥମଥର ପାଇଁ ଘଟ ସ୍ଥାପନ ସହ ଦେବୀ ଉପାସନା କରାଯାଇଥିଲା। ୧୮୯୦ ମସିହାରେ କଟକରେ ସାର୍ବଜନୀନ ଦୁର୍ଗାପୂଜା ଆରମ୍ଭ କରାଯାଇଥିଲା ବୋଲି କୁହାଯାଉଛି। ଏବେ କଟକରେ ପ୍ରାୟ ୧୬୦ରୁ ଅଧିକ ମଣ୍ଡପରେ ଜଗଜ୍ଜନନୀଙ୍କୁ ପୂଜା କରାଯାଉଛି। ଅନ୍ୟପକ୍ଷରେ ୫୦ ବର୍ଷରୁ ଅଧିକ ବର୍ଷ ତଳେ କଟକରେ ଚାନ୍ଦିମେଢ଼ ପରମ୍ପରା ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ବ୍ୟବସାୟକୁ ପ୍ରୋତ୍ସାହନ ଦେବାରେ କଟକ ଦଶହରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଐତିହାସିକ ଗୁରୁତ୍ୱ, ସ୍ୱତନ୍ତ୍ରତା ଓ ଲୋକପ୍ରିୟତା କାରଣରୁ କଟକ ଦୁର୍ଗାପୂଜାକୁ ଐତିହ୍ୟ ମାନ୍ୟତା ଦେବାରେ ବିଶେଷ କିଛି ଅସୁବିଧା ହେବନାହିଁ।

**-ସତ୍ୟ ମହାପାତ୍ର, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାସ୍ତାପାର୍ଶ୍ୱ ବିଦ୍ୟାଳୟ ଫାଟକ ମୁହଁ ବଦଳୁନି

■ବାଣିଜ୍ୟ ଓ ପରିବହନ ବିଭାଗ ସଚିବଙ୍କ ଚିଠି ପାଣିର ଗାର
■ଚିହ୍ନଟ ହୋଇଛି ୪୮ ସରକାରୀ ବିଦ୍ୟାଳୟ

ସୋନପୁର,୧୫।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ୪୮ଟି ବିଦ୍ୟାଳୟ ଅଛି, ଯାହାର ମୁଖ୍ୟ ଫାଟକ ରାସ୍ତାପାର୍ଶ୍ୱରେ ରହିଛି। ସେହିସବୁ ବିଦ୍ୟାଳୟରେ ଶିକ୍ଷାଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ସବୁବେଳେ ବିପଦ ରହୁଛି। ବିଦ୍ୟାଳୟ ଖୋଲିବା ଓ ଛୁଟି ସମୟରେ ଛାତ୍ରୀଛାତ୍ରମାନେ ବିପଦଜନକ ଭାବେ ରାସ୍ତା ପାର ହେଉଛନ୍ତି। ତେଣୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେବାକୁ ପଡିବ। ମୁଖ୍ୟ ଫାଟକ ଅନ୍ୟତ୍ର କରି ସୁବିଧାଜନକ ଉପରାସ୍ତା ବ୍ୟବସ୍ଥା କଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇ ଦିଆଯାଇପାରିବ।

୨୦୨୩ ଜାନୁୟାରୀ ମାସରେ ସୋନପୁର ବ୍ଲକ ଶରଧାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ ଛାତ୍ରୀଛାତ୍ରଙ୍କ ଦୁଃଖଦ ମୃତ୍ୟୁ ହୋଇଥିଲା। ଏହି ବିଦ୍ୟାଳୟର ଫାଟକ ମୁହଁ ସୋନପୁର-ବିନିକା ରାସ୍ତାକୁ ଲାଗି ରହିଥିଲା। ବିଦ୍ୟାଳୟ ଛୁଟି ସମୟରେ ଛାତ୍ରୀଛାତ୍ରମାନେ ଫାଟକ ଦେଇ ବାହାରୁଥିଲେ। ଏହି ସମୟରେ ବୁଲାଣି ରାସ୍ତାରେ ଅର୍ଜୁନପୁର ପଟୁ ଆସୁଥିବା ଏକ ବୋଲେରୋ ବିଦ୍ୟାଳୟ ଫାଟକ ନିକଟରେ ଧକ୍କା ଦେଇଥିଲା। ଏଥିଯୋଗୁ ୩ ଶିଶୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ସହ ବିଦ୍ୟାଳୟ ଫାଟକ ମୁହଁ ରାସ୍ତାକୁ ଲାଗି ଥିବାରୁ ଏଥିପାଇଁ ଦାୟୀ କରାଯାଇଥିଲା। ଦୁର୍ଘଟଣାକୁ ନେଇ ତତ୍କାଳୀନ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରଧାନ ମୁଖ୍ୟ ସଚିବ ବିଷ୍ଣୁପଦ ସେଠୀ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଥିଲେ। ଜାତୀୟ ଓ ରାଜ୍ୟ ରାଜପଥ ପାର୍ଶ୍ୱକୁ ଫାଟକ ମୁହଁ ଥିବା ବିଦ୍ୟାଳୟଗୁଡ଼ିକୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ମୁଖ୍ୟ ଫାଟକ ଅନ୍ୟତ୍ର କରି ସୁବିଧାଜନକ ଉପରାସ୍ତା ବ୍ୟବସ୍ଥା କରିବାକୁ ସଚିବ ପରାମର୍ଶ ଦେଇଥିଲେ। ତଦନୁଯାୟୀ ସୁବର୍ଣ୍ଣପୁର ଜିଲାରେ ୪୮ଟି ବିଦ୍ୟାଳୟର ଫାଟକ ମୁହଁ ରାସ୍ତାପାର୍ଶ୍ୱକୁ ଥିବା ଚିହ୍ନଟ ହୋଇଥିଲା। ରାଜ୍ୟ ରାଜପଥ ପାର୍ଶ୍ୱରେ ୩୮ଟି ଓ ଜାତୀୟ ରାଜପଥ ପାର୍ଶ୍ୱରେ ୧୦ଟି ବିଦ୍ୟାଳୟ ଥିବା ଜିଲା ଶିକ୍ଷା ଅଧିକାରୀ ଜିଲାପାଳଙ୍କୁ ରିପୋର୍ଟ କରିଥିଲେ। ଜିଲା ସଡକ ସୁରକ୍ଷା କମିଟି ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ପାଇଁ ଫାଟକ ଅନ୍ୟତ୍ର କରିବାକୁ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଦୁଃଖର କଥା ଇତି ମଧ୍ୟରେ ପାଖାପାଖି ଦେଢ ବର୍ଷ ବିତି ଯାଇଥିଲେ ମଧ୍ୟ ଯଥା ପୂର୍ବଂ ତଥା ପର ସ୍ଥିତି ରହିଛି। କେବଳ ଏହା ନୁହେଁ, ଅନେକ ସମୟରେ ବୈଠକ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେଉଛି। କିନ୍ତୁ ଆଲୋଚନାର ନିର୍ଯ୍ୟାସ ଉପରେ ପଦକ୍ଷେପ ନିଆଯାଉନି। ଅନେକ ବିଦ୍ୟାଳୟର ଫାଟକ ରାସ୍ତାକୁ ଲାଗିକି ଅଛି, ଛାତ୍ରୀଛାତ୍ର ଅସୁରକ୍ଷିତ ଭାବେ ପ୍ରତିଦିନ ଯିବା ଆସିବା କରୁଛନ୍ତି। ସଚିବଙ୍କ ପରାମର୍ଶ ପରେ ଜିଲାରେ କେବଳ ଗୋଟିଏ ଦୁଇଟି ବିଦ୍ୟାଳୟର ଫାଟକ ମୁହଁ ଅନ୍ୟତ୍ର ବଦଳି ଥିବା ଦେଖିବାକୁ ମିଳୁଛି। ଏହା ଉପରେ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) ଅକ୍ଷୟ କୁମାର ଜେନାଙ୍କୁ ପଚାରିବାରେ, ପ୍ରାଥମିକ ପର୍ଯ୍ୟାୟରେ ୪୮ଟି ସରକାରୀ ଶିକ୍ଷାନୁଷ୍ଠାନ ସମ୍ମୁଖ ଫାଟକ ଅନ୍ୟପଟେ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ନୂଆ ବାଟ ଫିଟାଇବା ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ତାର ଆକଳନ(ଏଷ୍ଟିମେଟ୍) କରିବାକୁ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଦାୟିତ୍ୱ ଦିଆଯାଇଥିଲା। ନିକଟରେ ଶରଧାପାଲି ବିଦ୍ୟାଳୟର ଫାଟକ ଫଛକୁ ହଟିଛି। କିନ୍ତୁ ଆଉ ବିଶେଷ କିଛି ଆଗେଇ ପାରିନାହିଁ । ଡିଇଓ ଲକ୍ଷ୍ମଣ କୁମାର ଭୋଇଙ୍କୁ ଶିକ୍ଷାନୁଷ୍ଠାନ ଫାଟକ ଅନ୍ୟ ପଟେ କରିବା ଉପରେ ପଚାରିବାରୁ ତାଲିକା ଦିଆଯାଇଛି, ଏହା ଉପରେ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କାମ ଅରମ୍ଭ କରିବେ ବୋଲି ସୂଚନା ଦେଇଛନ୍ତି।


ଧଉରାମନ ସରକାରୀ ଉ.ପ୍ରା. ବିଦ୍ୟାଳୟର ଫାଟକ ମୁହଁ ସୋନପୁର-ବିନିକା ରାସ୍ତାକୁ ଲାଗିକି ଅଛି।

## ବାପାଙ୍କ କାଠଫାଳିଆ ମାଡ଼ରେ ପୁଅର ମୃତ୍ୟୁ

ସମ୍ବଲପୁର,୧୫।୧୦(ପ୍ରମୋଦ ବହିଦାର)



ସମ୍ବଲପୁର ଜିଲା ଠେଲକୋଲେଇ ଥାନା ଅନ୍ତର୍ଗତ ଡେରବା ଗ୍ରାମରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। ବାପାଙ୍କ କାଠଫାଳିଆ ମାଡ଼ରେ ପୁଅଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ନିତ୍ୟାନନ୍ଦ କିଷାନ(୨୭)। ପୋଲିସ ଅଭିଯୁକ୍ତ ପିତା ଉଦ୍ଧବ କିଷାନଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁସାରେ ସୋମବାର ଅପରାହ୍ଣରେ ଉଦ୍ଧବଙ୍କ ନିକଟରେ ଜଣେ ପଡୋଶୀ ତାଙ୍କ ଛେଳିକୁ ନିତ୍ୟାନନ୍ଦ ମାରି ଦେଇଥିବା ନେଇ ଅଭିଯୋଗ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଉଦ୍ଧବ ନିତ୍ୟାନନ୍ଦଙ୍କୁ ଏକ କାଠଫାଳିଆରେ ମାଡ଼ ମାରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୁଅର ମୃତ୍ୟୁ ହୋଇ ଯାଇଥିବା ଜାଣିବା ପରେ ଉଦ୍ଧବ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ଠେଲକୋଲେଇ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାକୁ ନେଇ ଥାନାରେ ଏକ ମାମଲା(୨୯୭/୨୪) ରୁଜୁ କରି ପୋଲିସ ମଙ୍ଗଳବାର ଅଭିଯୁକ୍ତ ପିତାଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ନିଶାକାନ୍ତ


@ ସୌରଭ


@ ସ୍ୱାଗତିକା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟସ୍ତରୀୟ ଜୁଡୋରେ ସମ୍ବଲପୁର ଖେଳାଳିଙ୍କ ସଫଳତା


ଜିଲାପାଳଙ୍କ ସହ ସଫଳତା ହାସଲ କରିଥିବା ଖେଳାଳିମାନେ।

### କୃତୀ ଖେଳାଳିଙ୍କୁ ବିଧାୟକ, ଜିଲାପାଳଙ୍କ ଶୁଭେଚ୍ଛା

ସମ୍ବଲପୁର,୧୫।୧୦(ବି.ଶଙ୍କର)

ଖୋର୍ଦ୍ଧା ଜିଲା ଜଟଣୀଠାରେ ଆୟୋଜିତ ରାଜ୍ୟ ଜୁଡୋ ପ୍ରତିଯୋଗିତାରେ ଭାଗନେଇ ସମ୍ବଲପୁର ଖେଳାଳିମାନେ ସଫଳତା ହାସଲ କରିଛନ୍ତି। ଖେଳାଳି ଆଶିଷ କୁମାର ସାହୁ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି । ଏନେଇ ମଙ୍ଗଳବାର ପୂର୍ବାହ୍ଣରେ ବିଧାୟକ ଜୟନାରାୟଣ ମିଶ୍ର ଏବଂ ଅପରାହ୍ଣରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତାଙ୍କ କାର୍ଯ୍ୟାଳୟରେ ବିଜୟୀ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଥିଲେ । ସେହିପରି ସମୀର ବେହେରା ସ୍ୱର୍ଣ୍ଣ ଓ ରୌପ୍ୟ, କିଞ୍ଜଲ ଅଗ୍ରୱାଲ ରୌପ୍ୟ, ଦୀପେଶ ଦାଶ ରୌପ୍ୟ ଓ ବ୍ରୋଞ୍ଜ, ହର୍ଷବର୍ଦ୍ଧନ କର୍ଣ୍ଣ ରୌପ୍ୟ, ଶୁଭଶ୍ରୀ ମେହେର ବ୍ରୋଞ୍ଜ, ପ୍ରୀତି ମିର୍ଦ୍ଧା ରୌପ୍ୟ, ନୀଲମ ଦେହୁରୀ ବ୍ରୋଞ୍ଜ , ଅଂଶୁମାନ ପଟ୍ଟନାୟକ ବ୍ରୋଞ୍ଜ, ଅବଦୁଲ ଫରହାନ ଅଜିଜ ରୌପ୍ୟ, ନାନୁ କେୱାଟ ବ୍ରୋଞ୍ଜ, ଚନ୍ଦନ ଚରଣ ଦାସ ବ୍ରୋଞ୍ଜ, ଗୋବିନ୍ଦ ମେହେର ବ୍ରୋଞ୍ଜ, ଖୀତୀଶ ମୋହନ ବେଉରିଆ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆସୋସିଏଶନ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ରାମଦାସ ପଣ୍ଡା, ସୁବ୍ରତ ପଣ୍ଡା, ପ୍ରଫୁଲ୍ଲ ଦାଶ, ଲକ୍ଷ୍ମଣ କୁମାର ମେହେର, ଗାୟତ୍ରୀ ମିଶ୍ର, ପୁଷ୍ପାଞ୍ଜଳି ସାହୁ, ଡିଙ୍ଗର ମେହେର, ସଞ୍ଜିବ ପଟ୍ଟନାୟକ, ବୈଷ୍ଣବୀ ପଟ୍ଟନାୟକ, ଭାରତୀ ଟଣ୍ଡନ, ପ୍ରତ୍ୟୁଷ ମାନ ଗୁରୁଙ୍ଗ, ସୁଶାନ୍ତ କେୱଟ, ଆର୍ଯ୍ୟନ ଦେବ ସାହା, ଭାଗ୍ୟଶ୍ରୀ ସାହୁ, ତମନ୍ନା ଗୋପ, ଶାନ୍ତି ଗୋପ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

# ଇ-କେୱାଇସି ନେଇ ବୈଠକ




ଦେବଗଡ଼,୧୫।୧୦
(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଜିଲାପାଳଙ୍କ ବିକାଶ ଭବନଠାରେ ଜିଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଇ- କେୱାଇସି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡାଙ୍କ ଆବାହନ କ୍ରମେ ସାଧାରଣ ବଣ୍ଟନର ବ୍ୟବସ୍ଥା ଇ- କେୱାଇସିକୁ ନେଇ ବୈଠକରେ ରାସନ କାର୍ଡ ହିତାଧିକାରୀମାନଙ୍କର କେୱାଇସି ଯାଞ୍ଚ ଓ ଗ୍ରାମ ପଞ୍ଚାୟତରେ ପିଡିଏସ କ୍ୟାସବୁକ ଯାଞ୍ଚ, ପିଡିଏସ ଖାଦ୍ୟ ଶସ୍ୟର ଉଠାଣ ବଣ୍ଟନ, ପିଡିଏସ ଡିଲର ମାରକିଙ୍ଗ ପ୍ରଦାନ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ଧର୍ମାନନ୍ଦ ବେହେରା,ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ କେଦାରନାଥ ନାୟକ, ଭାରପ୍ରାପ୍ତ ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ତିନି ବ୍ଲକର ଯୋଗାଣ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ ଯୋଗାଣ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଘରୋଇ ବିଶ୍ୱବିଦ୍ୟାଳୟର ବସ୍ ଓ କାର୍ ଚଳାଇବା ପାଇଁ ଯୋଗାଯୋଗ କରନ୍ତୁ:
୯୩୪୮୧୯୬୧୯୭

WALK-IN-INTERVIEW FOR FIELD ENGINEERS
Printer Service Industry Requires
(1) FIELD ENGINEER(10Nos.):Qual.- +2 Pass General Student / ITI / Diploma in Electrical with Exp. (2) RECEPTIONIST (2 Nos.) : Posting at Jajpur Road / Bhubaneswar, Qualification - Graduation.
Interview on : 20.10.24 & 27.10.24 (10AM to 02 PM)
MICRONIX SERVICES PVT. LTD.
A/132, Saheed Nagar, Bhubaneswar
Ph:7894422011

DELHI PUBLIC SCHOOL, KALINGA
(Under the aegis of The Delhi Public School Society, New Delhi)
REQUIRES PRINCIPAL
Candidates having brilliant academic record upto Post Graduation level including B.Ed. and minimum 15 years of teaching experience in Senior Secondary Classes, including 5 years in an administrative capacity only in English medium Schools may only apply.
Salary, perquisites & other benefits shall be as per the rules of the DPS Society. Higher emoluments will not be a constraint for a deserving candidates.
Application comprising comprehensive resume and a passport size photograph be sent to The Secretary, Delhi Public School Society, F-Block, East of Kailash, New Delhi-110065 with a copy to Pro-Vice Chairperson, DPS Kalinga on trustee.pvc@dpskalinga.edu.in within ten days of the date of the publication. Please mention 'Application for the post of PRINCIPAL DPS Kalinga' on the top of the envelope. Only short listed candidates will be invited for interview.

SHREE JAGANNATH TEMPLE OFFICE, PURI
Bid Identification No. 15206 Dt.14.10.24 in Single Cover System for "Renovation of Drainage System of Outer Bedha inside SJT for the year 2024-25".
Visit Website: www.shreejagannatha.in
Last date: 25.10.2024 by 3.30 P.M.
Sd./- Administrator
Shri Jagannath Temple, Puri

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
NORTHERN (R&B) CIRCLE, SAMBALPUR
Mail ID: sepwdsbp@rediffmail.com
e-Procurement
No. B-408
BID IDENTIFICATION No. CCENC (R AND B)/08/2024-25
No.3521 Dtd. 05.10.2024
1. The Chief Construction Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the construction of Building Works as detailed in the DTCN from the eligible class of contractors.
2. No.of works: 06 (Six) (Building Works)
3. Tender cost: Rs.10,000/-
4. Class of contractor: 'B' Class and 'A' Class
5. Date & time of available in website & receipt of bids from18.10.2024 to 17.00 hours of 02.11.2024.
6. Date of opening of Technical Bid: 03.11.2024 at11.00 hours.
7. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / addendum will be displayed in the website www.tendersodisha.gov.in.
Sd./- Chief Construction Engineer
Northern (R&B) Circle, Sambalpur
OIPR-34035/11/0010/2425

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-PRDP-YARD-429, ତା.08.10.2024ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ PPL ଲେଭେଲ କ୍ରସିଙ୍ଗ ଗେଟ୍ ନଂ. CP-55 କି.ମି. 491/17-19 ଠାରୁ କି.ମି. 494/33 ଅଠରବାଙ୍କି ଫ୍ଲାଏ ଓଭର ବ୍ରିଜ୍ ପର୍ଯ୍ୟନ୍ତ ପାରାଦୀପ ଏବଂ ଏକ୍ସଚେଞ୍ଜ ୟାର୍ଡର ତିନି ବର୍ଷ ଅବଧି ନିମନ୍ତେ ବ୍ୟାପକ ରକ୍ଷଣାବେକ୍ଷଣ ଚୁକ୍ତି।
ଟେଣ୍ଡର ମୂଲ୍ୟ : ₹ 6,07,59,304.56, EMD : ₹ 4,53,800/-
ବିକ୍ରୁ ଆରମ୍ଭ ହେବା ତାରିଖ : ତା.16.10.2024ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.10.2024ରିଖ 1100 ଘଣ୍ଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps. gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-623/P/24-25

OFFICE OF THE SUPERINTENDING ENGINEER
PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH
AMENDMENT NOTICE
Amendment are made in N.I.T. No. 192 Dated: 30.09.2024

| Existing Description | To be read |
|---|---|
| Due date and time for submission of proposal - 21.10.24 17.30 | Due date and time for submission of proposal - 29.11.24 17.30 |
| Opening of Technical proposal and presentation - 22.10.24 11.30 | Opening of Technical proposal and presentation - 02.12.24 11.30 |

Other conditions will remain same.
Sd./- Superintending Engineer
PWD, Bilaspur Circle
Bilaspur (CG)
G-242503183/4

GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE EXECUTIVE ENGINEER, WATER RESOURCES DIVISION, KOTA, DISTT.: BILASPUR (C.G.)
e-PROCUREMENT TENDER NOTICE
eProcurement Portal: https://eproc.cgstate.gov.in
Online tenders are invited for the following works upto 04.11.2024 at 17.30 hour.

| System Tender No. | NIT No. & Date | Name of Work | Probable Amount of Contract (In Lakhs) | Tender Call |
|---|---|---|---|---|
| 159779 | 08/SAC/2024-25 Dtd.14.10.2024 | Construction of Majhwani Anicut - 2 Scheme | 238.97 | First Call |
| 159780 | 09/SAC/2024-25 Dtd.14.10.2024 | Construction of Majhgaon Anicut - 2 Scheme | 240.80 | First Call |

The details can be viewed and downloaded online directly from the Government of Chhattisgarh integrated e-Procurement Portal (https://eproc.cgstate.gov.in) from Date:21.10.2024 at 17.31 hours (IST) onwards.
NOTE: All eligible/interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process. Other terms and condition of this tender visit WRD website https://eproc.cgstate.gov.in under Live Tender available.
Sd./- Executive Engineer
Water Resources Division, Kota
Distt.: Bilaspur (C.G.)
G-242503184/3

OFFICE OF THE CHIEF CONSTRUCTION ENGINEER, RAYAGADA (R&B) CIRCLE, RAYAGADA
e-mail ID-sepwd_rgda@yahoo.com, Phone/Fax No. -06856 - 223049
e-Procurement Notice
Bid Identification No. C.C.E (RANDB) RGDA- 06/ 2024-25 (Online) Dt.7.10.2024
No.953 Date 7.10.2024
INVITATION FOR BIDS
No.B-414

| | | | |
|---|---|---|---|
| 1 | The Chief Construction Engineer, Rayagada (R&B) Circle, Rayagada on behalf of Governor of Odisha invites percentage rate bids in double cover mode to be received in online mode only for the construction of works as detailed in the table below: | | |
| 2 | Nature of work | : | Building & Road Works |
| 3 | No. of works | : | 03 (Three) Nos. of works |
| 4 | Estimated cost (Approximately) | : | Rs.166.79 Lakh, Rs.196.63 Lakhs, Rs.272.53 Lakhs |
| 5 | Bid cost (Online) | : | Rs.10,000/- (each) |
| 6 | EMD/Bid Security Amount (Online) | : | One percentage of the Estimated Cost |
| 7 | Class of contractor | : | 'B' and 'A' Class as per financial eligibility |
| 8 | Availability of bid documents in the website | : | 11.00 hrs. of Dt.18.10.2024 to 17.00 hrs. of Dt.04.11.2024 |
| 9 | Date of opening of bid | : | 11.00 hrs. of Dt.05.11.2024 |
| 10 | The bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any addendum/ corrigendum/ cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd./- Chief Construction Engineer
Rayagada (R&B) Circle, Rayagada
OIPR-34154/11/0007/2425

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SONEPUR
E-mail: eemisnp@yahoo.com,Ph.No. 06654-220516
e- PROCUREMENT NOTICE
BID IDENTIFICATION No.: SNPMI/02/2024-25
No.1103 Date 09.10.2024
No.A-409
The Superintending Engineer, Minor Irrigation Division, Sonepur on behalf of the Governor of Odisha invites online percentage rate tender through "e" procurement (Double cover) for the works as detailed in the Annexure to this bid notice.

| | | |
|---|---|---|
| Name of work | : | Construction Road Work |
| No. of works | : | 01 (One) No. only |
| Estimated cost | : | 82.93 Lakh |
| Tender paper cost | : | Rs.10000.00 |
| Period of completion | : | 6 (Six) calendar months |
| Class of contractor | : | 'B' |
| Available of bid documents | : | From 19.10.2024 (10.00 A.M.) to 02.11.2024 upto (5.00 P.M.) in website (www.tendersorissa.gov.in) |
| Period of receipt of bid through online | : | From 19.10.2024 (10.00 A.M.) to 02.11.2024 upto (5.00 P.M.) through Online |
| Mode of payment | : | Online |
| Date of opening of bid documents / technical bid | : | 04.11.2024 (11.00 A.M. onwards) in the Office of the S.E., M.I. Division, Sonepur |
| Date of opening of financial bid in case of double cover) | : | 06.11.2024 (11.00 A.M.) |
| Date of lottery (If required) | : | 08.11.2024 (11.00 A.M.) |
| Digital signature certificate of bidder | : | The bidder must possess compatible digital signature certificate (DSC) of Class-II or Class-III |
| The detail tender call notice can also be seen in the DOWR website | : | http://dowrorissa.gov.in |
| Name & address of the OIT | : | O/o The Superintending Engineer, MI Division, Sonepur, In front of Civil Court, Dist.- Sonepur, PIN-767017 |
| Further details can be seen from the E-Procurment website | : | https://tendersodisha.gov.in |

Note: Corrigendum / addendum / modifications/ additions if any can be seen through online only.
Sd./- Superintending Engineer, M.I. Division, Sonepur
OIPR-32290/11/0005/2425

## ସଂକ୍ଷେପରେ

### ପ୍ରାକୃତିକ ଓ ଜୈବିକ କୃଷିକୁ ଗୁରୁତ୍ୱ

**ରେଙ୍ଗାଲିରେ ମହିଳା କୃଷକ ଦିବସ ପାଳିତ**

ଖପ୍ରାଖୋଲ,୧୫।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏଫଇଏସ ଓ ଓଡ଼ିଶା ଜୀବିକା ମିଶନର ମିଳିତ ଉଦ୍ୟମରେ ମହିଳା କୃଷକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ବିପିଏମ ମନୋଜ କେରକେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସରପଞ୍ଚ ଉମାକାନ୍ତ ମେହେର, ମୁଖ୍ୟବକ୍ତା ଭାବେ ଏଫଇଏସ ମାଷ୍ଟର ଟ୍ରେନର ଅଭୟ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଅନ୍ନ ଯୋଜନା ବ୍ଲକ ସଂଯୋଜକ ଉମେଶ ଗୁପ୍ତା, ଗ୍ରାମ ପଞ୍ଚାୟତ ମଞ୍ଚର ସଭାନେତ୍ରୀ ନୁରାବତୀ ବେହେରା, ଏମବିକେ ଭୂମିସୁତା ବାଗ ଯୋଗଦେଇଥିଲେ। ଅତିଥିମାନେ ମହିଳା କୃଷକ ଦିବସ ଉପରେ ଆଲୋକପାତ କରିବା ସହିତ ଚାଷ କାମରେ ମହିଳାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରାକୃତିକ କୃଷି ଓ ଜୈବିକ କୃଷି ପଦ୍ଧତିରେ ଚାଷ କରିବା ଲାଗି ପ୍ରାଧାନ୍ୟ ଦେବାକୁ ଅତିଥିମାନେ କହିଥିଲେ। ଭୋଜରାଜ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବହୁ ମହିଳା ଚାଷୀ ଉପସ୍ଥିତ ଥିଲେ।

### ସାଲେଭଟାରେ ରାବଣପୋଡ଼ି

ଲୋଇସିଂହା,୧୫।୧୦(ସୁଶାନ୍ତ ବାରିକ)

ଦଶହରା ଦିନ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭଟା ଚଣ୍ଡୀମନ୍ଦିର ପଡିଆଠାରେ ରାବଣପୋଡ଼ି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେଠାରେ ରାବଣ ଦରବାର ହୋଇଥିଲା। ଏଥିପାଇଁ ସର୍ବପ୍ରଥମେ ପୂର୍ଣ୍ଣମାସୀ ମନ୍ଦିରରୁ ପ୍ରଭୁ ରାମଚନ୍ଦ୍ରଙ୍କ ରଥ ବାହାରି ନଗର ପରିକ୍ରମା କରିଥିବା ବେଳେ ମହାଦେବ ମନ୍ଦିରରୁ ରାବଣ ସଦଳବଳେ ନଗର ଭ୍ରମଣ କରି ମଞ୍ଚରେ ବିରାଜମାନ ହୋଇଥିଲେ। ରାବଣ ଦରବାରରେ ଅନୁଷ୍ଠିତ ସଭାରେ କମିଟି ସଭାପତି ରାଜୁ ନାଏକଙ୍କ ଅଧ୍ୟକ୍ଷତା କରିଥିଲେ । ଗୋବିନ୍ଦ ସାହୁ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଅତିଥିମାନେ ସମସ୍ତଙ୍କ ସହଯୋଗରେ ଆଗାମୀ ଦିନରେ ଏପରି ସାଂସ୍କୃତିକ ଭାବଧାରା ବଜାୟ ରଖିବା ପାଇଁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ରାମଲୀଳା କଳାକାର ଉପେନ୍ଦ୍ର ସାହୁ, ରାଧେଶ୍ୟାମ ଦିଶ୍ରୀ, ପ୍ରସନ୍ନ ଦିଶ୍ରୀ, ଗଣ୍ଡାରାମ ସାହୁ , ଅବସରପ୍ରାପ୍ତ ସୈନିକ ବନମାଳୀ ପଧାନ, ମରଣୋତ୍ତର ଭାବେ ସ୍ୱର୍ଗତ ସୁବନ ସା, ଭିକାରୀ ଦିଶ୍ରୀ ଓ ରାମ ପ୍ରସାଦ ମିଶ୍ରଙ୍କ ଉତ୍ତରାଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା କାର୍ଯ୍ୟ ପରେ ମଞ୍ଚରେ କୁନି କୁନି କଳାକାରମାନଙ୍କ ନୃତ୍ୟଗୀତ ସାଙ୍ଗକୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗଙ୍ଗାଶଙ୍କର ସାହୁ ,ଶ୍ରୀକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ସଦାନନ୍ଦ ସାହୁ ଓ ସଜନ ଅଗ୍ରୱାଲ ପରିଚାଳନା କରିଥିଲେ।

# ରିପୋର୍ଟ ଦାଖଲ ନିର୍ଦ୍ଦେଶର ୧୦ ଦିନ ବିତିଲା: ତଦନ୍ତ ହେଉନି

ଲୋଇସିଂହା,୧୫।୧୦(ସୁଶାନ୍ତ ବାରିକ)

**ଲୋଇସିଂହା ବ୍ଲକ**

**■କ୍ରୀଡ଼ା ଉପକରଣ କିଣାରେ ଦୁର୍ନୀତି ଅଭିଯୋଗ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ କ୍ରୀଡା ଉପକରଣ କିଣାରେ ଦୁର୍ନୀତି ହୋଇଥିବା ନେଇ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ହୋଇଥିବା ଅଭିଯୋଗର ତଦନ୍ତ କରି ସପ୍ତାହକ ମଧ୍ୟରେ ଜିଲାପାଳଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ବିଡିଓଙ୍କୁ ଜିଲା ପ୍ରକଳ୍ପ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚିଠି ହୋଇଛି। ଇତିମଧ୍ୟରେ ୧୦ ଦିନ ବିତି ଯାଇଥିଲେ ସୁଦ୍ଧା ରିପୋର୍ଟ ଦାଖଲ ଦୂରେ ଥାଉ ତଦନ୍ତ କରାଯାଇ ନ ଥିବା ଯୋଗୀସର୍ଡା ସରପଞ୍ଚ ବିଜୁଳି ପଧାନ, ବୁର୍ଡା ସରପଞ୍ଚ ସୁଦୀପ କୁମାର ସା, ସରପଞ୍ଚ ସଂଘ ସଭାପତି ସଞ୍ଜୟ ଗଡତ୍ୟା ଅଭିଯୋଗ କରିଛନ୍ତି ।

ପ୍ରକାଶ ଯେ, ଲୋଇସିଂହା ବ୍ଲକର ୨୦ ପଞ୍ଚାୟତ ମଧ୍ୟରୁ ୧୮ ପଞ୍ଚାୟତକୁ କ୍ରୀଡା ଉପକରଣ କ୍ରୟ ପାଇଁ ଅଢେଇ ଲକ୍ଷ ଟଙ୍କା ଲେଖାଏ ପଞ୍ଚାୟତ ସମିତି ପକ୍ଷରୁ ମଞ୍ଜୁର କରାଯାଇଥିଲା। ଜଣେ ଠିକାଦାର କ୍ରୀଡା ଉପକରଣ ଯୋଗାଣ ଦାୟିତ୍ୱରେ ରହିଥିଲେ। ହେଲେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଚଞ୍ଚକତା କରାଯାଇ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତକୁ କ୍ରୀଡା ସାମଗ୍ରୀ ଯୋଗାଣ କରାଯାଇଥିବା ନେଇ ପିଇଓମାନଙ୍କଠାରୁ ରିସିଭ କରାଇ ନେଇଥିବା ସରପଞ୍ଚମାନେ ଜାଣିବାକୁ ପାଇଥିଲେ। ଏହାକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏନେଇ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ କେତେକ ପଞ୍ଚାୟତକୁ କିଛି ମାତ୍ରାରେ କ୍ରୀଡା ଉପକରଣ ଯୋଗାଣ ହୋଇଥିଲା। ସରପଞ୍ଚ ସଂଘ ସଭାପତି ଗଡତ୍ୟା ଏବଂ କେତେକ ସରପଞ୍ଚ ବିରୋଧ କରି କ୍ରୀଡା ଉପକରଣ ଗ୍ରହଣ କରି ନ ଥିଲେ। ଏନେଇ ଗତ ମାର୍ଚ୍ଚ ମାସ ୨୧ରେ ବ୍ଲକରେ କ୍ରୀଡା ଉପକରଣ କିଣାରେ ୪୫ ଲକ୍ଷ ଦୁର୍ନୀତି ହୋଇଥିବା ନେଇ ଜିଲାପାଳଙ୍କ ନିକଟରେ ସରପଞ୍ଚ ସଂଘ ସଦସ୍ୟମାନେ ଫେରାଦ ହୋଇଥିଲେ। କିନ୍ତୁ ସରପଞ୍ଚ ସଂଘର ଅଭିଯୋଗ ଉପରେ ଜିଲା ପ୍ରଶାସନ ଗୁରୁତ୍ୱାରୋପ କରି ନ ଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ୨୨ରେ ଲୋଇସିଂହା ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସରପଞ୍ଚ ସଂଘ ପକ୍ଷରୁ ପୁନର୍ବାର ଫେରାଦ କରାଯାଇଥିଲା । ଏହାର ଉପଯୁକ୍ତ ତଦନ୍ତ କରି ତତ୍କାଳୀନ ବିଡିଓ ଯୁଧିଷ୍ଠିର ମେହେର ଓ ବିଜୟ କୁମାର ହୋତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଦାବି କରାଯାଇଥିଲା। ଏହାପରେ ଅକ୍ଟୋବର ୩ ରେ ଜିଲାପରିଷଦ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୬୦୩ରେ ପଞ୍ଚାୟତକୁ ଯାଇ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

# ଭୂମିହୀନଙ୍କ ସମସ୍ୟା ଶୁଣିଲେ, ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ

ବଲାଙ୍ଗୀର,୧୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ଗୌରଗୋଠ ପାଟଖଣ୍ଡା ମହୋତ୍ସବ ଅବସରରେ ଜନସାଧାରଣଙ୍କ ସହ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଆଲୋଚନା କରୁଛନ୍ତି।

**■ଗୌରଗୋଠ ପାଟଖଣ୍ଡା ମହୋତ୍ସବରେ ଲୋକଙ୍କୁ ଭେଟିଲେ ନରସିଂହ**

**■ବିଜେଡି ସରକାର ଭୁଆଁ ବୁଲାଇଥିଲେ କହିଲେ ନରସିଂହ**

ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠ ଗ୍ରାମ ପଞ୍ଚାୟତର ଗୌରଗୋଠ ଠାରେ ଆୟୋଜିତ ପାଟଖଣ୍ଡା ମହୋତ୍ସବରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ସାମିଲ ହୋଇଥିଲେ। ଏହି ଅବସରରେ ସେ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ତଥା ଗାଁରୁ ଆସିଥିବା ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ଉପରେ ଅବଗତ ହୋଇଥିଲେ। ବିଶେଷ କରି ଅଞ୍ଚଳର ଚାଷୀମାନେ ଜଳସେଚନକୁ ନେଇ ତାଙ୍କର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଅଞ୍ଚଳରେ ମେଗା ଜଳସେଚନ ପ୍ରକଳ୍ପ ୪ବର୍ଷ ପୂର୍ବରୁ ବିଜେଡି ସରକାରଙ୍କ ଅମଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଏହି ଅଞ୍ଚଳର ଅନେକ ଗାଁକୁ ଆଜି ପର୍ଯ୍ୟନ୍ତ ଜଳସେଚନ ହୋଇପାରିନାହିଁ। ଯେତେ ଅଭିଯୋଗ କଲେ ହେଁ ବିଭାଗୀୟ ଯନ୍ତ୍ରୀମାନେ ସମସ୍ୟା ପ୍ରତି କର୍ଣ୍ଣପାତ କରୁନାହାନ୍ତି। ପୂର୍ବତନ ବିଧାୟକ ନରସିଂହ ମିଶ୍ର ଏହି ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଡକାଇ ଏହାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବଡବାହାଲ, ଗୌରଗୋଠ, ରୁଗୁଡିପାଲି ପଞ୍ଚାୟତରେ ଅନେକ ଭୂମିହୀନ ୪ ଡେସିମିଲ ଲେଖାଇ ଜାଗା ପଟ୍ଟା ପାଇଛନ୍ତି କିନ୍ତୁ ଏ ପର୍ଯ୍ୟନ୍ତ ସେମାନଙ୍କୁ ଜାଗା ଚିହ୍ନଟ କରି ପ୍ରଦାନ କରାଯାଇନାହିଁ। ପ୍ରଶାସନିକ ଅବହେଳାକୁ ପୂର୍ବତନ ବିଧାୟକ ମିଶ୍ର ସମାଲୋଚନା କରିବା ସହ ଦେଓଗାଁ ତହସିଲଦାରଙ୍କୁ ଫୋନ କରି ଏହାର ସମାଧାନ କରିବାକୁ କହିଥିଲେ। ଅକ୍ଟୋବର ୩୧ ତାରିଖ ଭିତରେ ଆବେଦନ କଲେ ସେମାନଙ୍କ ପାଇଁ ମଧ୍ୟ ଜମିପଟ୍ଟାର ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ପୂର୍ବତନ ମନ୍ତ୍ରୀ ମିଶ୍ରଙ୍କୁ କହିଥିବା ଜଣାଇଛନ୍ତି। ବଡବାହାଲ ଠାରେ ନୂତନ ଆରଆଇ ଅଫିସ ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ ଆରଆଇ କାହିଁକି ସେଠାରେ ରହୁନାହାନ୍ତି ବୋଲି ମିଶ୍ର ପ୍ରଶ୍ନ କରିଥିଲେ। ଆଲୋଚନା ସମୟରେ ପାଟଖଣ୍ଡା ମହୋତ୍ସବ ସଭାପତି ପ୍ରତାପ ନାଏକ, ଉପସଭାପତି ଦୁର୍ଯ୍ୟୋଧନ ରଣା, ହରିଶଙ୍କର ଭୋଇ, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, କାନ୍ତେଶ୍ୱର ପ୍ରଧାନ, ମୟ ପ୍ରଧାନୀ, ପପୁ ପାତ୍ର, ସୁଶାନ୍ତ ନାଏକ, ପୀତାମ୍ବର ରଣା, ସୁଶୀଳ ରଣା, ଜିତୁ ରଣା, ହିମାଂଶୁ ରଣା ଏବଂ ବିଭିନ୍ନ ଗାଁରୁ ଆସିଥିବା ଜନସାଧାରଣ ଉପସ୍ଥିତ ଥିଲେ।

# ମାଟି ଖପର ଘରେ ବିତୁଛି ଜୀବନ

**୭ ବର୍ଷ ପୂର୍ବେ ମିଳିଥିଲା କାର୍ଯ୍ୟାଦେଶ**

**ଗ୍ରାମାଞ୍ଚଳରେ ବସବାସ କରୁଥିବା ବାସହୀନ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇ ଦେବାର ବ୍ୟବସ୍ଥା ଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁ ଯୋଜନାର ସୁଫଳ ପାଇବାରୁ ଗରିବ ଲୋକେ ବଞ୍ଚିତ ହେଉଛନ୍ତି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସଦର ଗ୍ରାମର କେବଳ ଘୁସାମଣି ବାଗ ନୁହନ୍ତି , ବିଭିନ୍ନ ଗ୍ରାମର ବହୁ ହିତାଧିକାରୀ କାର୍ଯ୍ୟାଦେଶ ପାଇ ମଧ୍ୟ ଟଙ୍କା ଆଜିଯାଏ ପାଇ ନ ଥିବାରୁ ଦୁର୍ଦ୍ଦିନ ମଧ୍ୟରେ ଦିନ କାଟୁଛନ୍ତି।**

ଲାଠୋର,୧୫।୧୦(ଭୁବନେଶ୍ୱର ବାରିକ)

ଘୁସାମଣିବାଗ।ବୟସ୫୦।ଘରଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସଦର ଗ୍ରାମରେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ଦୀର୍ଘ ବର୍ଷ ହେଲା ଆବେଦନ କରି ମଧ୍ୟ ଅଦ୍ୟାବଧି ପାଇ ପାରି ନ ଥିବା ଘୁସାମଣି ଅଭିଯୋଗ କରିଛନ୍ତି। ଅର୍ଥାଭାବ ଯୋଗୁ ସ୍ୱାମୀ କାଶି ବାଗ, ପୁଅ ବରୁଣ,ଝିଅ ଫୁଲ ଏବଂ ନାତୁଣୀଙ୍କୁ ନେଇ ଏକ ମାଟିଖପର ଘରେ ଅତି ଦୟନୀୟ ଭାବେ ଦିନ କାଟୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାକୁ ବହୁବାର ଆବେଦନ କଲା ପରେ ତତ୍କାଳୀନ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ୧ ମାର୍ଚ୍ଚ ୨୦୧୭ରେ ତାଙ୍କ କାର୍ଯ୍ୟାଳୟ କାର୍ଯ୍ୟାଦେଶ ସଂଖ୍ୟା ୯୮୮ରେ ୧ ଲକ୍ଷ ୩୦ ହଜାର ଟଙ୍କାର ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ସରକାରୀ ନିୟମ ଅନୁସାରେ କାର୍ଯ୍ୟାଦେଶ ସହ ହିତାଧିକାରୀଙ୍କୁ ତାଙ୍କ ବ୍ୟାଙ୍କ ପାସ୍ ବୁକରେ ପ୍ରଥମ କିସ୍ତି ବାବଦରେ ୨୦ ହଜାର ଟଙ୍କା ଜମା ଦେବା କଥା। ହେଲେ ବ୍ୟାଙ୍କରେ ଟଙ୍କା ଜମା ହେବା ଦୂରର କଥ କୌଣସି ପ୍ରକାର ସହଯୋଗ କରାଗଲା ନାହିଁ। ଟଙ୍କା ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡି ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ୪ ଅକ୍ଟୋବର ୨୦୨୧ରେ ବଲାଙ୍ଗୀର ଜିଲାପାଳଙ୍କୁ ଗୁହାରି କରିବାକୁ ଯାଇଥିଲେ। ହେଲେ କୌଣସି କାରଣବଶତଃ ଜିଲାପାଳଙ୍କୁ ସାକ୍ଷାତ କରି ନ ପାରି ଜିଲାପାଳଙ୍କ ସେଣ୍ଟ୍ରାଲ ରିସିଭ ସେକ୍ସନରେ ଅଭିଯୋଗପତ୍ର ଦାଖଲ କରି ରିସିଭ କପି ଆଣିଥିଲେ। କିନ୍ତୁ ଆଜିଯାଏ ତାଙ୍କୁ ବାସଗୃହ ନିର୍ମାଣ ପାଇଁ ଟଙ୍କା ପ୍ରଦାନ କରାଯାଇ ନାହିଁ। ଏ ନେଇ ଘୁସାମଣିଙ୍କ ପରିବାର ୧୪ ଅକ୍ଟୋବର ୨୦୨୪ରେ ଖପ୍ରାଖୋଲ ବ୍ଲକ ଟଙ୍କପାଣିରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିରରେ ପୁଣି ଅଭିଯୋଗ କରିଥିଲେ। ଶିବିରରେ ଉପସ୍ଥିତ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପରମେଶ୍ୱର ନାଏକଙ୍କୁ ପଚାରିବାରେ ଉପରିସ୍ଥ ଅଧିକାରୀଙ୍କ ସହ ଉକ୍ତ ଘଟଣା ସମ୍ପର୍କରେ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଜିଲାପାଳ ଘଟଣାରେ ହସ୍ତକ୍ଷେପ କରି ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ୨୪ତମ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା



ଗଜଲକ୍ଷ୍ମୀ ପୂଜା ପାଇଁ ଗ୍ରାମର ମହିଳା ଓ ପୁରୁଷମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

ସଇଁତଲା,୧୫।୧୦(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଅନ୍ତର୍ଗତ କରମତଲା ପଞ୍ଚାୟତର ଛନଛଡ଼ାଠାରେ ୨୪ତମ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଛନଛଡ଼ା ପୂଜାମଣ୍ଡପରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ କଳସ ନେଇ ନିକଟସ୍ଥ ଲାନ୍ଥନଦୀକୁ ଯାଇଥିଲେ। ସେଠାରେ ପୂଜକ ସୁରେଶ ପୁରୋହିତ, ଶ୍ୟାମ ପୁରୋହିତ, ରବି ପାଢ଼ୀ ଓ ଭିକ ପୂଝାରୀ ପୂଜା କାର୍ଯ୍ୟ ସମାପନ କରିବା ପରେ କଳସ ନେଇ ସ୍ଥାନୀୟ ମଣ୍ଡପରେ ସ୍ଥାପନ କରିଥିଲେ। ଚଳିତବର୍ଷ କର୍ତ୍ତା ଭାବରେ ପ୍ରଦୀପ ବାଗ ଓ ତାଙ୍କ ସ୍ତ୍ରୀ ତିଲୋତ୍ତମା ବାଗ ଦାୟିତ୍ୱ ନିର୍ବାହ କରୁଛନ୍ତି । କମିଟିର ସଭାପତି ସୁବ୍ରତ ବେହେରା, ଉପ-ସଭାପତି ବାମନ ବୁଡେକ, ସମ୍ପାଦକ ନାରାୟଣ ରଣା, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ମହାକୁର, ସଦସ୍ୟ ଦାମୋଦର ମହାକୁର, କୈଳାଶ ମହାକୁର, ରଞ୍ଜିତ ପାଢ଼ୀ, କୁଲ ବେହେରା, ବୁଲୁ ଭୋଇ, ରାଜେଶ ବେହେରା, କୁଶ ଦଳପତିଙ୍କ ସମେତ ସମସ୍ତ ସଦସ୍ୟ କଳସ ଶୋଭାଯାତ୍ରା ସମୟରେ ସହଯୋଗ କରିଥିଲେ।

# ଅଲ୍ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ଶିପ୍‌ରେ ବଲାଙ୍ଗୀରର ଦିବ୍ୟମ୍ ଚାମ୍ପିୟନ

ବଲାଙ୍ଗୀର,୧୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ଅଲ୍ ଓଡ଼ିଶା ବ୍ୟାଡ଼ମିଣ୍ଟନ ଚାମ୍ପିୟନ୍‌ସିପ୍‌ରେ ବଲାଙ୍ଗୀରର ଦିବ୍ୟମ୍ କେଜ୍ରିୱାଲ କମାଲ ଦେଖାଇଛନ୍ତି। ଭବନେଶ୍ୱରସ୍ଥିତ ମଲ୍‌ଟି ପରପୋଜ୍ ବ୍ୟାଡ଼ମିଣ୍ଟନ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ଅଲ୍ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ସିପ୍‌ରେ ଦିବ୍ୟମ୍ ଅଣ୍ଡର ୧୯ ସିଙ୍ଗଲ୍‌ରେ ବାଲେଶ୍ୱର ଜ୍ୟୋତିସୂର୍ଯ୍ୟ ପରମନିକଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଏହାସହିତ ଅଣ୍ଡର ୧୯ ଡ଼ବଲସ୍‌ରେ ସହଯୋଗୀ ବାପୁନ ରାଉତଙ୍କ ସହ ମିଶି ମୟୁରଭଞ୍ଜର ଶ୍ରୀୟାନ୍ସ ଜେନା ଓ ଢେଙ୍କାନାଳର ଶୁଭ୍ରକେତନ୍ ମଲ୍ଲିକଙ୍କୁ ହରାଇ ଦିବ୍ୟମ୍ ଓ ବାପୁନ ଚାମ୍ପିୟନ ହୋଇଛନ୍ତି। ଦିବ୍ୟମ୍‌ଙ୍କ ଏହି ସଫଳତା ପରେ ତାଙ୍କୁ କ୍ରୀଡାପ୍ରେମୀମାନେ ଅଭିନନ୍ଦନ ଜଣାଇଛନ୍ତି।

# ଦଶମତି ଯୁବଗୋଷ୍ଠୀ ପକ୍ଷରୁ ନୂଆଁଖାଇ ଭେଟଘାଟ



ନୂଆଁଖାଇ ଭେଟଘାଟ ଅବସରରେ ପୁରସ୍କୃତ ପ୍ରତିଯୋଗୀ।

ଲୋଇସିଂହା,୧୫।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କଣ୍ଟାପାଲି ଗ୍ରାମର ମା' ଦଶମତି ଯୁବଗୋଷ୍ଠୀ ଓ ସାଂସ୍କୃତିକ କଳା ପରିଷଦ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଇନ ବିଶାରଦ ଜୟରାମ ମିଶ୍ର ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି,ସନାତନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ କଲ୍ୟାଣୀ ମିଶ୍ର ଯୋଗଦେଇ ମଦ ବିରୋଧରେ ସୁନ୍ଦର ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଗ୍ରାମ୍ୟ ସଭାପତି ନୀଳମଣି ପଧାନ, ବେଣୁଧର ନାଏକ, ରାଜକୁମାର ସାହୁ, ରାଧେଶ୍ୟାମ ସାହୁ, ବୃଷଭ ପଧାନ ମଞ୍ଚାସୀନ ଥିଲେ । କାର୍ଯକ୍ରମରେ ଡାଲଖାଇ, ରସରକେଳି, ମାଇଲାଜଡ଼ ନୃତ୍ୟରେ ମଞ୍ଚ ଦୁଲୁକିଥିଲା। ଏହାଛଡା କୁନି କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ମ୍ୟୁଜିକ ଚେୟାର, ଲଡୁଖିଆ, ଜିକେ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

### କଲେଜ ପଡ଼ିଆରେ ରାବଣ ପୋଡ଼ି

ଟିଟିଲାଗଡ଼,୧୫।୧୦(ଶରତ ମିଶ୍ର)

ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଦୃଷ୍ଟିରୁ ଅବହେଳିତ ଟିଟିଲାଗଡ ଅଞ୍ଚଳର ଚାଷୀ, ଶ୍ରମିକ ପରିବାର ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟବାସୀ ପ୍ରଥମ ଥର ପାଇଁ ରାଜ୍ୟରେ ଭାଜପା ସରକାରକୁ କ୍ଷମତାସୀନ କରିଛନ୍ତି । ତାଙ୍କୁ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀବାସୀ ବିଧାୟକ ଭାବରେ ଜିତାଇଛନ୍ତି। ଏଣୁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଲୋକଙ୍କ ସେବା କରିବି ବୋଲି ଦଶହରା ଅବସରରେ ସହରର ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ରାବଣ ଦହନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ ଯୋଗଦେଇ ଟିଟିଲାଗଡ଼ର ବିକାଶ ପାଇଁ ପରିବର୍ତ୍ତନର ଆବଶ୍ୟକତା ଥିଲା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ, ରାବଣ ଦହନ କମିଟି ସଭାପତି ଶ୍ରୀପତି ସାହୁ, ସମ୍ପାଦକ ସୁଧୀର ଘଡେଇ, ସଂଯୋଜକ ଲିଙ୍ଗରାଜ ସାହୁ, ଦୁର୍ଗାପୂଜା କମିଟି ସଭାପତି ସୁମନ୍ତ ବେହେରା, ସମ୍ପାଦକ ହରପ୍ରତାପ ଦାଶ, ଶେଖର ସିହ୍ନା, ଖାଜ ମହମ୍ମଦ, ସଞ୍ଜୀବ ତ୍ରିପାଠୀ, ପ୍ରକାଶ ଗୋଏଲ ପ୍ରମୁଖ ସାମିଲ ଥିଲେ ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ତରଭା,୧୪।୧୦(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୮ ପଞ୍ଜିକୃତ ଅଭିଯୋଗ ଶୁଣିଥିଲେ । ସେଥିରୁ ୩୮ ଟି ବ୍ୟକ୍ତିଗତ ଓ ୨ଟି ସାମୂହିକ ଥିଲା। ଅଭିଯୋଗଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ଶ୍ରମ ବିଭାଗ ତରଫରୁ ଦମୟନ୍ତୀ ମହାଲାଙ୍କୁ ଶିଶୁଙ୍କ ଶିକ୍ଷା ସହାୟତା ନିମନ୍ତେ ୬ ହଜାର, ସନ୍ତୋଷିନୀ ମଲ୍ଲିକଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ୫୦ ହଜାର, ଜଗଦୀଶ ପୋଢ଼ଙ୍କୁ ଅନ୍ତିମ ସଂସ୍କାର ସହାୟତା ଓ ମୃତ୍ୟୁକାଳୀନ ସହାୟତା ଯଥାକ୍ରମେ ୫ହଜାର ଓ ୨ଲକ୍ଷ, ଯଶୋବନ୍ତି ଦଳବେହେରାଙ୍କୁ ମେଟରନିଟି ବେନିଫିଟ ସହାୟତା ୧୦ହଜାର ଟଙ୍କା ଶ୍ରମିକ କଲ୍ୟାଣ ଆର୍ଥିକ ସହାୟତାର ଡେମୋ ଚେକ ଅତିରିକ୍ତ ଜିଲାପାଳ ମାଝୀ ପ୍ରଦାନ କରିଥିଲେ। ଏଥି ସହ ବ୍ଲକ ଅନ୍ତର୍ଗତ ହିତାଧିକାରୀଙ୍କୁ ଜିଲା ଶ୍ରମ ବିଭାଗ ତରଫରୁ ୨୪ ଜଣଙ୍କୁ ଝିଅ ବିବାହ ନିମନ୍ତେ ପ୍ରୋତ୍ସାହନ ସହାୟତା, ଜଣଙ୍କୁ ମେଟରନିଟି ସହାୟତା, ୪୯ ଜଣଙ୍କୁ ଶିକ୍ଷା ନିମନ୍ତେ ସହାୟତା, ୩ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ଓ ୪ଜଣଙ୍କୁ ଅନ୍ତିମ ସଂସ୍କାର ସହାୟତା ନିମନ୍ତେ ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭାଗ ତରଫରୁ ୮୧ ଜଣଙ୍କୁ ମୋଟ ୨୦ ଲକ୍ଷ ୨୯ହଜାର ଟଙ୍କାର ସହାୟତା ଅର୍ଥ ରାଶି ସେମାନଙ୍କ ସଞ୍ଚୟ ଖାତାକୁ ଅନଲାଇନ ଯୋଗେ ପ୍ରଦାନ କରାଯାଇଛି। ଏବିଡିଓ ନିରଞ୍ଜନ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସୁବର୍ଣ୍ଣପୁର ସୌମ୍ୟାରୂପା ରଥ, ସିଡିଏମଓ ଡ. ଦୁର୍ଗାଦତ୍ତ ଦାସ, ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜ୍ଜୁନ ଚରଣ ମାଝୀ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଡିଇଓ ଲକ୍ଷ୍ମଣ ଭୋଇ, ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଶ୍ରମ ଅଧିକାରୀ ସବିତା ନାୟକ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

# ବିଷକ୍ରିୟାରେ ଦନ୍ତାହାତୀର ମୃତ୍ୟୁ ସନ୍ଦେହ

ବଲାଙ୍ଗୀର,୧୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ସୁଲିଆ ଘାଟି ଜଙ୍ଗଲରେ ମରି ପଡିଥିବା ଦନ୍ତାହାତୀକୁ ଆରସିସିଏଫ୍ ସନ୍ତୋଷ ଯୋଷୀ ବୁଲି ଦେଖୁଛନ୍ତି।

**ସୁଲିଆ ଘାଟି ଜଙ୍ଗଲରୁ ହାତୀର ମୃତଦେହ ଠାବ ଘଟଣା**

**■୪ ଦିନରେ ଦୁଇ ଦନ୍ତାହାତୀର ମୃତଦେହ ମିଳିଲାଣି**

**■ଅସ୍ୱାଭାବିକ ମୃତ୍ୟୁ କହିଲେ ଆରସିସିଏଫ୍**

**■ବଲାଙ୍ଗୀର ଜଙ୍ଗଲରେ ହାତୀ ସୁରକ୍ଷିତ ନୁହେଁ**

ବଲାଙ୍ଗୀର ବନାଞ୍ଚଳରେ ଚାରି ଦିନ ମଧ୍ୟରେ ଦୁଇଟି ଦନ୍ତାହାତୀର ମୃତ୍ୟୁ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି। ଗତ ୮ ତାରିଖ ଦିନ ଅସୁରଡୁଙ୍ଗୁରୀ ଗାଁ ନିକଟ ମଠଖାଇ ପାହାଡ ପାଦଦେଶ ପତ୍ରାଜଙ୍ଗଲରେ ଏକ ଦନ୍ତହାତୀର ମୃତ୍ୟୁ ହୋଇଥିଲା। ଉକ୍ତ ଦନ୍ତାହାତୀର ଗୋଟିଏ ଦାନ୍ତ ନ ଥିବାରୁ ହାତୀକୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଥିଲା। ଏହାର ଚାରି ଦିନ ପରେ ବଲାଙ୍ଗୀର ରେଞ୍ଜ ଅନ୍ତର୍ଗତ ଆଟଗାଁ ସେକ୍‌ସନ୍‌ର ସୁଲିଆ ଘାଟି ସଂରକ୍ଷିତ ଜଙ୍ଗଲ ଭିତରେ ଶନିବାର ପୁଣି ଏକ ଦନ୍ତାହାତୀର ମୃତଦେହ ମିଳିଥିଲା। ହାତୀର ମୃତଦେହ ପଡିଥିବା ସ୍ଥାନ ଠାରୁ ପ୍ରାୟ ଶହେ ମିଟର ଅଞ୍ଚଳ ଜଙ୍ଗଲ ଭିତରେ ବହୁ ସଂଖ୍ୟାରେ ଗଛପତ୍ର ଛିନ୍ନଛତ୍ର ହୋଇଯାଇଥିବା ଦେଖିବାକୁ ମିଳିଥିଲା । ଫଳରେ ହାତୀଟି ମରିବା ପୂର୍ବରୁ ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ କରିଥିବା ଅନୁମାନ କରାଯାଇଥିଲା। ଏଣୁ ବିଷକ୍ରିୟା ଯୋଗୁ ହାତୀ ମରିଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ୍) ସନ୍ତୋଷ ଯୋଷୀ ଗତ ଶନିବାର ଦିନ ଘଟଣାସ୍ଥଳ ପରିଦର୍ଶନ କରି ହାତୀ ମୃତଦେହ ଦେଖିବା ପରେ ହାତୀଟିର ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ସନ୍ଦେହ କରିଥିଲେ। ଏନେଇ ଗଣମାଧ୍ୟମରେ ବିବୃତି ଦେବା ପରେ ହଇଚଇ ସୃଷ୍ଟି ହୋଇଥିଲା। ଆରସିସିଏଫ୍ ଯୋଷୀ ହାତୀର ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ସନ୍ଦେହ କରିବା ପରେ ବିଷକ୍ରିୟା ଯୋଗୁ ମୃତ୍ୟୁ ଘଟିଥିବା ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ଆରସିସିଏଫ୍ ଯୋଷୀ ହାତୀର ଅସ୍ୱାଭାବିକ ମୃତ୍ୟୁ ନେଇ ମତାମତ ଦେଇଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଗଣମାଧ୍ୟମରେ କହିଥିଲେ। କିନ୍ତୁ ବନଖଣ୍ଡ ଡିଏଫ୍‌ଓ ସୁଦର୍ଶନ ବେହେରା ବାର୍ଦ୍ଧକ୍ୟଜନିତ କାରଣରୁ ହାତୀର ମୃତ୍ୟୁ ହୋଇଥାଇପାରେ ବୋଲି କହିଥିଲେ। ହାତୀ ମୃତ୍ୟୁ ନେଇ ଆରସିସିଏଫ୍ ଯୋଷୀ ଓ ବନଖଣ୍ଡ ଅଧିକାରୀ ବେହେରାଙ୍କ ମତାମତରେ ତାଳମେଳ ରହୁନାହିଁ। ସୁଲିଆ ଘାଟି ଜଙ୍ଗଲରେ ହାତୀଟି ପ୍ରାୟ ୧୦୦ ମିଟର ଦୂର ଯାଏଁ କଚାଡି ହୋଇଥିବା ଫଳରେ ସେଇ ଅଞ୍ଚଳଟି ଛିନ୍ନଛତ୍ର ହୋଇଯାଇଥିଲା। ହାତୀଟି ଏକ ଛୋଟିଆ ଜଳଧାର କୂଳରେ ମରି ପଡିଥିବା ଦେଖାଯାଇଥିଲା। ରବିବାର ହାତୀର ବ୍ୟବଚ୍ଛେଦ କରିବା ପରେ ଦୁଇ ଦାନ୍ତ ଉଦ୍ଧାର କରାଯାଇଥିଲା। ଦୁଇ ଦାନ୍ତର ଓଜନ ପ୍ରାୟ ୬୦ କେଜି ହେବ ବୋଲି ଜଣାପଡିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଯାଇ ମୃତ୍ୟୁ କାରଣ ସ୍ପଷ୍ଟ ହେବ ବୋଲି ଆରସିସିଏଫ୍ ଓ ଡିଏଫଓ କହିଛନ୍ତି। କିନ୍ତୁ ବିଷକ୍ରିୟାରୁ ହାତୀର ମୃତ୍ୟୁ ହୋଇଥାଇପାରେ ବୋଲି ଆଖପାଖ ଗାଁ ଲୋକେ ସନ୍ଦେହ କରିଛନ୍ତି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ମାସରେ ଦେଓଗାଁ ବନାଞ୍ଚଳରୁ ଉଦ୍ଧାର ହୋଇଥିବା ଏକ ହାତୀ ଛୁଆ ର ଚିକିତ୍ସାଧୀନ ଅବସ୍ଥାରେ ଚନ୍ଦକା ଅଭୟାରଣ୍ୟରେ ମୃତ୍ୟୁ ଘଟିଥିଲା ।

## ସଂକ୍ଷେପରେ

### ଅଭୟାରଣ୍ୟରେ ମହିଳାଙ୍କ ମଦମୁକ୍ତି ଅଭିଯାନ



ନୂଆପଡ଼ା,୧୫।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ୍ ସୁନାବେଡ଼ା ଅଭୟାରଣ୍ୟଠାରେ ଦିନକ ପରେ ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟର ଇଷ୍ଟଦେବୀ ସୁନାଦେଈଙ୍କ ଛତରଯାତ୍ରା ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ମହିଳାମାନେ ମଦମୁକ୍ତି ଅଭିଯାନ ଆରମ୍ଭ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ବିଭିନ୍ନ ସ୍ଥାନ ବୁଲି ବିପୁଳ ପରିମାଣରେ ଦେଶୀ ମଦ, ମହୁଲ ପୋଚ ସହ ମଦ ତିଆରି ସାମଗ୍ରୀ ଜବତ କରିଛନ୍ତି। ସୂଚନାକ୍ରମେ ସୁନାବେଡ଼ା ଅଭୟାରଣ୍ୟ ଭିତରେ ଥିବା ଗାଁଗୁଡ଼ିକରେ ବେଆଇନ ଭାବେ ଦେଶୀମଦ କାରବାର ବୃଦ୍ଧି ପାଇବାରେ ଲାଗିଛି । ସରଳ ଆଦିବାସୀମାନେ ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି । ନିଶା ସେବନ ଯୋଗୁ ପାରିବାରିକ କଳହ ବୃଦ୍ଧି ପାଇବାରେ ଲାଗିଛି। ତା' ସହ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବଢ଼ିବାରେ ଲାଗିଛି। ଏ ବିଷୟରେ କୋମନା ଥାନାରେ ଲିଖିତ ଅଭିଯୋଗ ପରେ ମଧ୍ୟ ସୁଫଳ ନ ମିଳିବାରୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଏକ ବୈଠକ କରି ବେଆଇନ ମଦ କାରବାର ବନ୍ଦ ପାଇଁ ନିଷ୍ପତ୍ତି ନେଇଥିଲେ। ସୋମବାର ଗାତିବେଡ଼ା ଗାଁର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପାଖ ଜଙ୍ଗଲ ଓ ଘରକୁ ଘର ଯାଇ ଦେଶୀ ରନ୍ଧାମଦ ସହ ମଦ ତିଆରି ସାମଗ୍ରୀ ଜବତ କରିଥିଲେ। ପରେ ଏକ ଟ୍ରାକ୍ଟରରେ ବୁଲି ବେଆଇନ ମଦ କାରବାର ବନ୍ଦ କରିବା ପାଇଁ ନାରାବାଜି କରିଥିଲେ। ଗାଁରେ ଦେଶୀମଦ ପ୍ରସ୍ତୁତ କିମ୍ବା ମଦ ବିକ୍ରୟ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଚେତାବନୀ ଦେଇଛନ୍ତି। ମହିଳାମାନେ ଜବତ କରିଥିବା ଦେଶୀମଦ, ମହୁଲ ପୋଚ ଓ ମଦ ତିଆରି ସାମଗ୍ରୀକୁ ପୋଲିସ ଜିମା ଦେଇଥିଲେ।

### ପଞ୍ଚାୟତ ଭବନ ଲୋକାର୍ପିତ

କଲମପୁର,୧୫।୧୦(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ବ୍ଲକ ବଡକୁଟ୍ରୁ ପଞ୍ଚାୟତର ନବନିର୍ମିତ ପଞ୍ଚାୟତ ଭବନ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଉତ୍ସବରେ କଲମପୁର ବିଡ଼ିଓ ବିଜୟ କୁମାର ମାଣ୍ଡଙ୍ଗି, ଜିଲାପରିଷଦ ସଭ୍ୟା ଦୁହିତା ମାଝି, ସରପଞ୍ଚ ଗଣେଶ ପଣ୍ଡା, ସମିତି ସଭ୍ୟ ବିକ୍ରମ ନାୟକ. ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିକାଶ ମୋହନ ମାଝି, କନିଷ୍ଠଯନ୍ତ୍ରୀ ପୀତାମ୍ବର ହେମ୍ବ୍ରମ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସରପଞ୍ଚ ପଣ୍ଡା ପଞ୍ଚାୟତରେ ଥିବା ସରକାରୀ ହୋମିଓପାଥିକ ଡାକ୍ତରଖାନା, ନବନିର୍ମିତ ପ୍ରମୋଦ ଉଦ୍ୟାନ, କଲ୍ୟାଣ ମଣ୍ଡପ, ପ୍ରାଥମିକ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ପାଇଁ ନିବେଦନ କରିଥିଲେ। ଜନସାଧାରଣଙ୍କ ହିତ ପାଇଁ ସମସ୍ତ ବିଷୟକୁ ସକାରାତ୍ମକ ଦୃଷ୍ଟିକୋଣରେ ରଖି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ।

# ତଳମୁଣ୍ଡରେ ପହଞ୍ଚୁନି କେନାଲପାଣି

ଅମରପାଲି,୧୫।୧୦(ପୀତାମ୍ବର ସାହୁ)



ଚାଷୀମାନେ କୋଡ଼ି ଶାବଳ ଧରି ତହସିଲ ଅଫିସକୁ ଆସିଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହରିହର ଯୋର ମଧ୍ୟମ ଜଳ ସେଚନ ପ୍ରକଳ୍ପରୁ ତଳମୁଣ୍ଡରେ ଥିବା ଚାଷ ଜମିକୁ କେନାଲ ପାଣି ପହଞ୍ଚିପାରୁ ନାହିଁ। ଏନେଇ ଚାଷୀମାନେ ବୀରମହାରାଜପୁର ତହସିଲଦାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ବର୍ଷ ବିଳମ୍ବ ହେଲେ ମଧ୍ୟ ଭଲ ବର୍ଷା ହୋଇଥିଲା। ତେଣୁ ଚାଷ କାର୍ଯ୍ୟ ଭଲ ହୋଇଥିଲା। ଏବେ ଧାନ ଫସଲ ରେ କ୍ଷୀର ଢୋକୁଛି। ଏପଟେ ବର୍ଷା ଛାଡ଼ି ଗଲାଣି। ଆଉ ଗୋଟିଏ ବର୍ଷା ହୋଇଥିଲେ ଫସଲ ଅମଳ ହୋଇଥାନ୍ତା। ମାତ୍ର ଏବେ ବର୍ଷାଭାବ ଦେଖାଦେଇଛି। ଫଳରେ ଚାଷୀ ହତାଶ ହୋଇ ପଡ଼ିଛି। ବୀରମହାରାଜପୁର ଅଞ୍ଚଳର ଚାଷୀଙ୍କ ଜମିକୁ ହରିହର ଯୋର ମାଧ୍ୟମ ଜଳ ସେଚନ ପ୍ରକଳ୍ପରୁ କେନାଲ ମାଧ୍ୟମରେ ପାଣି ଆସିଥାଏ। ଚଳିତବର୍ଷ ମଧ୍ୟ ସବୁ ବର୍ଷ ପରି ପାଣି ଛାଡ଼ିବା ପୂର୍ବରୁ କେନାଲ ସଫା କରାଯାଇଥିଲା। ମାତ୍ର ଠିକ୍ ଭାବେ କେନାଲ ସଫା କରାଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହା ସହିତ କେନାଲର ତଳମୁଣ୍ଡରେ ବେଆଇନ ଜବରଦଖଲ ଯୋଗୁ ପାଣି ତଳମୁଣ୍ଡକୁ ଆସୁ ନାହିଁ। ଫଳରେ ତଳମୁଣ୍ଡରେ ଚମ୍ପାମାଳ ଓ

**ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଚାଷୀ**

ଝାରକୁମୁଣ୍ଡା ଗ୍ରାମର ଚାଷୀଙ୍କ ଧାନ ଫସଲ ମରିବାକୁ ବସିଲାଣି। ଏନେଇ ଉଭୟ ଗ୍ରାମର ଚାଷୀ କେନାଲର ପୁନଃରୁଦ୍ଧାର କରି ଚାଷଜମିକୁ ପାଣି ଦେବାକୁ ତହସିଲଦାର ପୁନମ ମହାପାତ୍ରଙ୍କୁ ଅଭିଯୋଗ କରିଛନ୍ତି। ଚମ୍ପେଶ୍ୱର ପାଣି ପାଞ୍ଚାୟତ ଅଞ୍ଚଳ ଥିବା ୮୪୪. ୧୨ ହେକ୍ଟର ଚାଷଜମିକୁ ପାଣିଦେବା ପାଇଁ ଉଦ୍ଦିଷ୍ଟ ଥିବାବେଳେ କେନାଲ ପାଣି ଅପହଞ୍ଚ ହେଇପଡୁଛି। ବିଭାଗକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ଫଳରେ ବାଧ ହୋଇ ଚାଷୀମାନେ କୋଡ଼ି, କୋଦାଳ ଧରି କେନାଲ ସଫା କରିବା ପାଇଁ ଓହ୍ଲାଇ ଥିଲେ। ପରେ ଚାଷୀମାନେ ଏକ ଦାବିପତ୍ର ବୀରମହାରାଜପୁର ତହସିଲଦାରଙ୍କୁ କେନାଲ ଜବର ଦଖଲ ଉଚ୍ଛେଦ, ତଳମୁଣ୍ଡକୁ କେନାଲ ପାଣି ଯୋଗାଇ ଦେବାକୁ ଉଲ୍ଲେଖ କରି ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ କଲାବେଳେ ବେଣୁଧର ନାଏକ, କିଶୋର ହୋତା, ମନୁ ଗୁଡୁରିଆ, ରବିଚନ୍ଦ୍ର ବିଶିଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ତରଭା,୧୫।୧୦(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୮ ପଞ୍ଜିକୃତ ଅଭିଯୋଗ ଶୁଣିଥିଲେ । ସେଥିରୁ ୩୮ ଟି ବ୍ୟକ୍ତିଗତ ଓ ୨ଟି ସାମୂହିକ ଥିଲା। ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ଶ୍ରମ ବିଭାଗ ତରଫରୁ ଦମୟନ୍ତୀ ମହାଲାଙ୍କୁ ଶିଶୁଙ୍କ ଶିକ୍ଷା ସହାୟତା ନିମନ୍ତେ ୬ ହଜାର, ସନ୍ତୋଷିନୀ ମଲ୍ଲିକଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ୫୦ ହଜାର, ଜଗଦୀଶ ପୋଡ଼ଙ୍କୁ ଅନ୍ତିମ ସଂସ୍କାର ସହାୟତା ଓ ମୃତ୍ୟୁକାଳୀନ ସହାୟତା ଯଥାକ୍ରମେ ୫ହଜାର ଓ ୨ଲକ୍ଷ, ଯଶୋବନ୍ତି ଦଳବେହେରାଙ୍କୁ ମେଟରନିଟି ବେନିଫିଟ ସହାୟତା ୧୦ହଜାର ଟଙ୍କା ଶ୍ରମିକ କଲ୍ୟାଣ ଆର୍ଥିକ ସହାୟତାର ଡେମୋ ଚେକ ଅତିରିକ୍ତ ଜିଲାପାଳ ମାଝୀ ପ୍ରଦାନ କରିଥିଲେ। ଏଥି ସହ ବ୍ଲକ ଅନ୍ତର୍ଗତ ହିତାଧିକାରୀଙ୍କୁ ଜିଲା ଶ୍ରମ ବିଭାଗ ତରଫରୁ ୨୪ ଜଣଙ୍କୁ ଝିଅ ବିବାହ ନିମନ୍ତେ ପ୍ରୋତ୍ସାହନ ସହାୟତା, ଜଣଙ୍କୁ ମେଟରନିଟି ସହାୟତା, ୪୯ ଜଣଙ୍କୁ ଶିକ୍ଷା ନିମନ୍ତେ ସହାୟତା, ୩ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ଓ ୪ଜଣଙ୍କୁ ଅନ୍ତିମ ସଂସ୍କାର ସହାୟତା ନିମନ୍ତେ ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭାଗ ତରଫରୁ ୮୧ ଜଣଙ୍କୁ ମୋଟ ୨୦ ଲକ୍ଷ ୨୯ହଜାର ଟଙ୍କାର ସହାୟତା ଅର୍ଥ ରାଶି ସେମାନଙ୍କ ସଞ୍ଚୟ ଖାତାକୁ ଅନଲାଇନ ଯୋଗେ ପ୍ରଦାନ କରାଯାଇଛି। ଏବିଡିଓ ନିରଞ୍ଜନ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସୁବର୍ଣ୍ଣପୁର ସୌମ୍ୟାରୂପା ରଥ, ସିଡିଏମଓ ଡ. ଦୁର୍ଗାଦତ୍ତ ଦାସ, ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଡିଇଓ ଲକ୍ଷ୍ମଣ ଭୋଇ, ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଶ୍ରମ ଅଧିକାରୀ ସବିତା ନାୟକ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## ବୌଦ୍ଧ ଜିଲାରେ ବଢୁଛି ସଡ଼କ ଦୁର୍ଘଟଣା

# ୮ ମାସରେ ଗଲାଣି ୪୫ ଜୀବନ

ବୌଦ୍ଧ,୧୫।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ୩ ଗୋଟି ବ୍ଲକ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ଗଠିତ। ଏହି ଜିଲା ରାଜ୍ୟର ମଧ୍ୟସ୍ଥଳରେ ଥିବା ବେଳେ ଜିଲା ଦେଇ ୫୭ ନମ୍ବର ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥ ଯାଇଛି । ଜିଲାରେ ଜାତୀୟ ରାଜପଥ ୧୦୮ କି.ମି. ମନମୁଣ୍ଡା ଠାରୁ ଆଡେଣୀଗଡ ପଞ୍ଚାୟତର ବଦଲା ପର୍ଯ୍ୟନ୍ତ ରହିଛି। ଏହା ଏକ ଛୋଟ ଜିଲା ହୋଇଥିବା ବେଳେ ସଡକ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲା ପ୍ରଶାସନର ରିପୋର୍ଟ ଅନୁଯାୟୀ , ୨୦୨୪ରେ ଜିଲାରେ ଅଗଷ୍ଟ ମାସ ସୁଦ୍ଧା ୮୮ଟି ଦୁର୍ଘଟଣା ଘଟିଥିବା ବେଳେ ୪୫ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାର ଅନେକ କାରଣ ଥିଲେ ମଧ୍ୟ ବିଶେଷ ଭାବରେ ବେପରୁଆ ଗାଡିଚାଳନା, ଅତ୍ୟଧିକ ମଦ୍ୟପାନ କରି ଦ୍ରୁତ ଗତିରେ ଗାଡି ଚଳାଇବା, ଟ୍ରାଫିକ୍ ନିୟମକୁ ଅଣଦେଖା କରିବାରୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି । ଗତ ସେପ୍ଟେମ୍ବର ୩୦ ତାରିଖରେ ସଡକ ସୁରକ୍ଷା ବୈଠକରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଜିଲାରେ ସଡକ ଦୁର୍ଘଟଣା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଏଥିସହ ଜାତୀୟ ରାଜପଥରେ ଦୁର୍ଘଟଣା ପ୍ରବଣ ଅଞ୍ଚଳଗୁଡିକ ଚିହ୍ନଟ କରି ସୂଚନା ଫଳକ ଲଗାଯାଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଚାରିଛକ ଠାରୁ ହରଭଙ୍ଗା ଓ କୁଶଙ୍ଗ ରାସ୍ତାରେ ସଡକ ଦୁର୍ଘଟଣା ଘଟି ଅନେକଙ୍କ ଜୀବନ ଯାଇଥିବା ବେଳେ ମନମୁଣ୍ଡାରୁ କନ୍ଧମାଳ ଦେଇ ଘଣ୍ଟାପଡା ପର୍ଯ୍ୟନ୍ତ ଯାଇଥିବା ୪୧ ନମ୍ବର ଜାତୀୟ ରାଜପଥରେ ଅନେକ ଦୁର୍ଘଟଣା ଘଟୁଛି। ଜିଲାର ସର୍ବପୁରାତନ ଜଗନ୍ନାଥ ସଡକ ମଧ୍ୟ ଏଥିରୁ ବାଦ ପଡିବାହିଁ । ଜିଲାରେ ଚଳିତବର୍ଷ ଜାନୁୟାରୀ ମାସରେ ୧୨ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୭ ଜଣଙ୍କର ପ୍ରାଣହାନୀ ଘଟିଛି ଓ ୮ ଜଣ ଗୁରୁତର ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । ଫେବୃଆରୀ ମାସରେ ୧୧ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ୫ ଜଣଙ୍କର ମୃତ୍ୟୁ ଘଟିଥିଲା । ଏହି ଦୁର୍ଘଟଣାରେ ୨୦ ଜଣ ଗୁରୁତର ଆହତ ଏବଂ ୩ ଜଣ ଆହତ ହୋଇଥିଲେ । ମାର୍ଚ୍ଚ ମାସରେ ଘଟିଥିବା ୧୫ଟି ସଡକ ଦୁର୍ଘଟଣାରେ ୪ ଜଣଙ୍କର ଜୀବନ ଯାଇଥିବା ବେଳେ ୭ ଜଣ ଗୁରୁତର ଆହତ ଓ ୪ ଜଣ ଆହତ ହୋଇଥିଲେ । ସେହିପରି ଏପ୍ରିଲ ମାସରେ ୯ଟି ଦୁର୍ଘଟଣା ଘଟି ୫ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଜଣ ଗୁରୁତର ଆହତ ଓ ଜଣେ ଆହତ ହୋଇଥିଲେ। ମେ ମାସରେ ୧୩ଟି ଦୁର୍ଘଟଣା ଘଟିଥିବା ବେଳେ ୭ ଜଣଙ୍କର ମୃତ୍ୟୁ ଘଟିଥିଲା ଓ ୯ ଜଣ ଗୁରୁତର ଆହତ ଏବଂ ଜଣେ ଆହତ ହୋଇଥିଲେ । ଜୁନ ମାସରେ ୬ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୨ ଜଣଙ୍କ ପ୍ରାଣହାନୀ ଘଟିଛି ଓ ୮ ଜଣ ଗୁରୁତର ଆହତ ହୋଇଥିଲେ । ଜୁଲାଇ ମାସରେ ୧୦ଟି ଦୁର୍ଘଟଣା ଘଟି ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଓ ୧୭ ଜଣ ଆହତ ହୋଇଥିଲେ। ଅଗଷ୍ଟ ମାସରେ ୧୨ଟି ଦୁର୍ଘଟଣା ଘଟି ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ପ୍ରତିବର୍ଷ ଜିଲାରେ ସଡକ ସୁରକ୍ଷା ସପ୍ତାହ ପାଳନ ହେବା ସହ ସଡକ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହେଉଥିବା ବେଳେ ଜିଲାରେ ଦୁର୍ଘଟଣା ରୋକା ଯାଇପାରୁନାହିଁ। ଏ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

# ଉଫୁଲା କାଳୀପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ



କାଳୀପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

ଅମରପାଲି,୧୫।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲାଠାରେ ଯୁବଶକ୍ତି କ୍ଲବ ଆନୁକୂଲ୍ୟରେ ୪୨ତମ କାଳୀପୂଜା ସକାଶେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଅଚ୍ୟୁତାନନ୍ଦ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କ୍ଲବ ଉପଦେଷ୍ଟା ଦିଲୀପ ଡ଼ାଙ୍ଗ ଓ ଗୁପ୍ତେଶ୍ୱର ପଧାନ, ସଭାପତି ପ୍ରଫୁଲ୍ଲ ଡ଼ାଙ୍ଗ, ସମ୍ପାଦକ ଗୋପୀନାଥ କର୍ଣ୍ଣଙ୍କ ସମେତ କ୍ଲବର ବହୁ ସଦସ୍ୟ ଶୁଭସ୍ତମ୍ଭ ଅବସରରେ ଉପସ୍ଥିତ ଥିଲେ। ଆସନ୍ତା ୩୧ ତାରିଖ କଳସ ଶୋଭାଯାତ୍ରା, ନଭେମ୍ବର ୧ ରେ ସଙ୍କୀର୍ତ୍ତନ ବୈଠକୀ, ୨ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ୩ ରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି । ଭସାଣୀ ଯାତ୍ରାରେ ଚକାବର ସ୍ଥିତ ରଜାବନ୍ଧ ଯାଏ ପାରମ୍ପରିକ ଢୋଲ, ନିଶାନ ଓ ମହୁରୀ ବାଦ୍ୟ, ଦୁଲଦୁଲି ବାଦ୍ୟ ତଥା ଆଦିବାସୀ ନୃତ୍ୟ ପରିବେଷିତ ହେବ ବୋଲି ଜଣାପଡ଼ିଛି।

# ସଡ଼କ ଦୁର୍ଘଟଣାରେ ଗଲା ବାଘ ଜୀବନ

ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ଅନ୍ତର୍ଗତ ସମ୍ବରଧରା–ଲଖନପୁର ରାସ୍ତାରୁ ମଙ୍ଗଳବାର ଏକ କଲରାପତରିଆ ବାଘର ମୃତଦେହକୁ ବନ ବିଭାଗ ଜବତ କରିଛି। ମୃତଦେହକୁ ଭଟଲି ରେଞ୍ଜ ଅଫିସରେ ରଖାଯାଇଛି। ବୁଧବାର ମୃତ ବାଘର ବ୍ୟବଚ୍ଛେଦ ହେବ ବୋଲି ବରଗଡ଼ ଡିଏଫ୍‌ଓ ବିକ୍ରମଦେବ ପଟ୍ଟନାୟକ କହିଛନ୍ତି। ଏକ ଗାଡ଼ି ଧକ୍କାରେ ବାଘର ମୃତ୍ୟୁ ହୋଇଛି, ମାତ୍ର ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ ହୋଇନାହିଁ। ସେ ନେଇ ଅଧିକ ତଦନ୍ତ ଚାଲିଥିବା ଡିଏଫ୍‌ଓ ପଟ୍ଟନାୟକ କହିଛନ୍ତି। ମୃତ ବାଘ ପ୍ରାୟ ୨ଫୁଟ୍ ଲମ୍ବ ଏବଂ ୬ମାସ ବୟସର ହେବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ବରଗଡ଼–ଅମ୍ବାଭୋନା ରାସ୍ତାର ଲଖନପୁର ନିକଟ ମୁଣ୍ଡକଟି ପାଖରେ ବାଘର ମୃତଦେହ ପଡ଼ିଥିବା ଜଣାପଡ଼ିଥିଲା। ଏ ନେଇ ସୂଚନା ପାଇବା ପରେ ବରଗଡ଼ ଡିଏଫ୍‌ଓ ପଟ୍ଟନାୟକଙ୍କ ସମେତ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ବାଘର ମୃତଦେହକୁ ଜବତ କରିଥିଲେ। ସଡ଼କ ଦୁର୍ଘଟଣାରେ ବାଘମୃତ୍ୟୁ ଜିଲାରେ ପ୍ରଥମ ଘଟଣା ବୋଲି ଜଣାପଡିଛି।



ମୃତ କଲରାପତରିଆ ବାଘ।

# ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା

ଅମରପାଲି,୧୫।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାରେ ହେବାକୁ ଥିବା ୧୬ ତମ ଗଜଲକ୍ଷ୍ମୀ ପୂଜା ପାଇଁ ମଙ୍ଗଳବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାଇଗଣୀ ଯୋରକୁ ଏକ ଶୋଭାଯାତ୍ରାରେ ଗ୍ରାମର ଶତାଧିକ ମହିଳା ଜଳ ପୂର୍ଣ୍ଣ କଳସ ପୂଜା ମଣ୍ଡପକୁ ଆଣିଥିଲେ। ଶୋଭାଯାତ୍ରାରେ ଢୋଲ, ନିଶାନ, ତାସା, ମହୁରୀ, ଘଣ୍ଟ, ଶଙ୍ଖ ଆଦି ବାଜାରେ ପରିବେଶ ପ୍ରକମ୍ପିତ ହୋଇପଡିଥିଲା। ଏଥିରେ ବଳରାମ ପଣ୍ଡା ପୂଜକ ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ। ମଧୁ ସୂଦନ ମହାକୁର ଓ କୁନ୍ତୀ ମହାକୁର ସପତ୍ନିକ କର୍ତ୍ତା ଭାବେ କାର୍ଯ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ରୁଦ୍ର ପ୍ରକାଶ ମିଶ୍ର, ସମ୍ପାଦକ ପ୍ରଦୀପ ମାଝୀ, କୋଷାଧ୍ୟକ୍ଷ ଆଶୁତୋଷ ପଣ୍ଡା ଏବଂ ଖଣ୍ଡହତା ଗଡଭିତରର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ

ଡୁଙ୍ଗୁରିପାଲି, ୧୫।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଅହଲ୍ୟା ସାହୁ ବୈଠକରେ ସଭାପତିତ୍ୱ କରିଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସରୋଜ କୁମାର ସେଠୀ, ଏଇ ସୁବନାଥ ମାଝୀ, ଯନ୍ତ୍ରୀ ହିମାଦ୍ରୀ ପଧାନ, ସିଡିପିଓ ସୁକାନ୍ତି ବେହେରା, ବ୍ଲକ କୃଷି ଅଧିକାରୀ ଚଣ୍ଡୀ ପ୍ରସାଦ ମହାଲିକ, ରାମପୁର ଜିଲା ପରିଷଦ ସଭ୍ୟ ଗଣେଶ ଭୋଇ,ଏବିଓ ବଟକୃଷ୍ଣ ପାଢ଼ୀ, ସ୍ଥାନୀୟ ବିଧାୟକଙ୍କ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ହେମନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ଭାରପ୍ରାପ୍ତ ବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର ସଭା ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଶ୍ରମଜୀବୀ ଯେପରି ପାଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରାଇଥିଲେ। ବ୍ଲକର ୨୬ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ପହଞ୍ଚି ପାରିବ ସେ ଦିଗରେ ଜନ ପ୍ରତିନିଧି କାମ କରିବା ଦିଗରେ ବ୍ରତୀ ହେବାକୁ ଆହ୍ୱାନ ଦିଆଯାଇଥିଲା। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ, ବ୍ଲକର ପ୍ରତି ପଞ୍ଚାୟତରେ ହେଉଥିବା କାମ ତଦାରଖ କରିବାରେ ଯନ୍ତ୍ରୀ ଅଭାବ, ସମସ୍ୟା ସବୁ ଆଲୋଚନା ହୋଇଥିଲା। ସରପଞ୍ଚମାନଙ୍କୁ ପ୍ରତି ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ଯୋଜନାର ତାଲିକା ପ୍ରଦାନ କରିବା ଦାବି ଉଠିଥିଲା। ବୈଠକରେ ଦିଗଶିରା ସରପଞ୍ଚ ଅହଲ୍ୟା ମେହେର, ସରପଞ୍ଚ ବିଭୁଦତ୍ତ ରାଜହଂସ, ଚିତ୍ତରଞ୍ଜନ ମିଶ୍ର, ନରେଶ ପୂଜାରୀ, ଦିଲୀପ ଶତପଥୀ, ସମିତିସଭ୍ୟାସଭ୍ୟ, ଅଧିକାରୀ ଉପସ୍ଥିତ ଥିଲେ। ଜିପିଓ ଦେବାଶିଷ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

# ୪୨ ବର୍ଷରେ ମୁର୍ଷୁଣ୍ଡି ଗଜଲକ୍ଷ୍ମୀ ପୂଜା

■ମୁରାସୁର ଦରବାର, ମେଢ଼ ମୁଖ୍ୟ ଆକର୍ଷଣ

■୧୧ ଦିନ ଧରି ହେବ ମା' ଗଜଲକ୍ଷ୍ମୀଙ୍କ ମହୋତ୍ସବ

ଅମରପାଲି,୧୫।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡିରେ ବୁଧବାରଠାରୁ ଆରମ୍ଭ ହେବ ଗଜଲକ୍ଷ୍ମୀ ପୂଜା ମହୋତ୍ସବ। ଚଳିତବର୍ଷ ଏଠାକାର ଗଜଲକ୍ଷ୍ମୀ ପୂଜା ୪୨ବର୍ଷରେ ପହଞ୍ଚିଛି। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ପୂଜା ପରିଚାଳନା ପାଇଁ ସର୍ବସମ୍ମତି କ୍ରମେ ଏକ କମିଟି ଗଠିତ ହୋଇଛି। ଲବ କୁମାର ସାହୁ ସଭାପତି, ଧନଞ୍ଜୟ ସାହୁ ଉପସଭାପତି, ତ୍ରୟଞ୍ଜିବ ମିଶ୍ର ସମ୍ପାଦକ, ବିଦ୍ୟାଧର ଖୁଣ୍ଡିଆ ସହସମ୍ପାଦକ ଓ ସତ୍ୟ ମୋହନ ବେଦପାଣିଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏହା ସହିତ ରାଜ ଗୋପାଳ ପାଣିଗ୍ରାହୀ, କୁଶ କୁମାର ସାହୁ ଓ ପ୍ରେମାନନ୍ଦ ଜଟିଙ୍କୁ ଉପଦେଷ୍ଟା ଚୟନ କରାଯାଇଛି। ବିଭିନ୍ନ ବିଭାଗର କାର୍ଯ୍ୟଭାର ପାଇଁ ପୂଜା କମିଟି ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସମେତ ବଳରାମ ପଧାନ, ମନୋଜ ସାହୁ, ଶାନ୍ତନୁ ଖେତି, ଅମରୀଶ ସାହୁ, ପ୍ରଫୁଲ୍ଲ ବାରିକ, ସୌମିତ୍ରି ଚୌଧୁରୀ, ପଦ୍ମନାଭ ପଧାନ, ଲୋକନାଥ ସାହୁ , ପ୍ରଭାତ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି।

**ସେମାନେ କହନ୍ତି...**



" ଚଳିତବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ମେଢ଼, ତୋରଣ, ରଙ୍ଗୀନ ଆଲୋକ, ସାଜସଜ୍ଜା, ପାରମ୍ପରିକ ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ଭସାଣିକୁ ଗୁରୁତ୍ୱ ଦିଆଯାଇଛି। ପୂଜା କମିଟିର ସମସ୍ତ ସଭ୍ୟ ଶୃଙ୍ଖଳା ରକ୍ଷା ପାଇଁ ସଜାଗ ରହିବେ।

**ଲବ କୁମାର ସାହୁ, ସଭାପତି, ପୂଜା କମିଟି**



" ଚଳିତ ବର୍ଷ ପୂଜାକୁ ପୂର୍ବ ବର୍ଷ ଅପେକ୍ଷା ଅଧିକ ଆକର୍ଷଣୀୟ କରାଯିବ। ଏଥିପାଇଁ ୪୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ବି କମିଟି ଗୁରୁତ୍ୱାରୋପ କରୁଛି।

**ସତ୍ୟ ମୋହନ ବେଦପାଣି, କୋଷଧ୍ୟକ୍ଷ,ପୂଜା କମିଟି**

ପୂଜା ପାଇଁ ବୁଧବାର କଳସ ଶୋଭାଯାତ୍ରା କରାଯିବ। ଏକ ଶୋଭାଯାତ୍ରାରେ ହରିହର ଯୋରରୁ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପ, ଯଜ୍ଞ ମଣ୍ଡପ ଓ ପାରାୟଣ ମଣ୍ଡପରେ ସ୍ଥାପନ କରାଯିବ। ୧୭ ତାରିଖ ଗୁରୁବାରଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଦିନବେଳା ପ୍ରତ୍ୟହ ରାମାୟଣ ପାରାୟଣ ଗାନ କରାଯିବ। ପଣ୍ଡିତ ଅଜିତ ଦାସ ବ୍ୟାସ ଭାବେ ପାରାୟଣ ଗାନ କରିବେ। ଏହା ସହିତ ପ୍ରତ୍ୟହ ରାତ୍ରରେ ମୁକ୍ତାକାଶ ରଙ୍ଗମଞ୍ଚରେ ଲୀଳା ନାଟକ ମୁରାସୁର ଦରବାର ପରିବେଷଣ ହେବ। ଅନ୍ତର୍ଯ୍ୟା ବିନିକାର ଗୋପାଳ ପଣ୍ଡା ମୁରାସୁର ଭୂମିକାରେ ଅଭିନୟ କରିବେ। ୧୮ ତାରିଖ ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ୧୯ ଏବଂ ୨୦ ତାରିଖ ରାତିରେ ସଙ୍କୀର୍ତ୍ତନ ବୈଠକ ପରିବେଷଣ ହେବ। ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ରାତ୍ରରେ ଅପେରା ପରିବେଷଣ ହେବ। ମୀନାବଜାର, ବିଭିନ୍ନ ଘରକରଣା ସାମଗ୍ରୀ ସହିତ ସୌଖୀନ ସାମଗ୍ରୀ ଓ ଚଟପଟି ଖାଦ୍ୟର ପସରା ଲାଗିବ। ପ୍ରତ୍ୟହ ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଯୋଗଦାନ କରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ୨୬ ତାରିଖ ଦିନବେଳା ଭସାଣି ହେବ।

# ରେଳବାଇ-ବନବିଭାଗ ମୁହାଁମୁହିଁ

**ବନ୍ଧମୁଣ୍ଡା,୧୫।୧୦(ସୁବ୍ରତ ଦେ)**



ଧାରଣାରେ ବସିଥିବା ଲୋକପାଇଲଟମାନେ।

## ବନ୍ଧମୁଣ୍ଡାରେ ଟ୍ରେନ୍‌ରେ କଟି ହାତୀ ମୃତ୍ୟୁ ମାମଲା

### ଟ୍ରେନ ଚାଳକ, ସହାୟକଙ୍କ ନାଁରେ ମାମଲା ରୁଜୁ

ରାଉରକେଲା ପାନପୋଷ ଫରେଷ୍ଟ ରେଞ୍ଜରେ ସୋମବାର ରାତିରେ ବନ୍ଧମୁଣ୍ଡା ରେଳ ଖଣ୍ଡର ଏ- କ୍ୟାବିନ ଏବଂ ଆର କ୍ୟାବିନ ମଧ୍ୟରେ ମାଲବାହୀ ଟ୍ରେନରେ କଟି ଛୁଆ ମାଈହାତୀର ମୃତ୍ୟୁ ପରେ ବନବିଭାଗ ଏବଂ ରେଳବାଇ ମୁହାଁମୁହିଁ ହୋଇଛନ୍ତି। ହାତୀ ସୁରକ୍ଷାକୁ ନେଇ ବନ ବିଭାଗ ପକ୍ଷରୁ କରାଯାଇଥିବା ସମସ୍ତ ଯୋଜନା ଉପରେ ପ୍ରଶ୍ନ ଉଠୁଛି। ମଙ୍ଗଳବାର ବନ ବିଭାଗ ଅଧିକାରୀମାନେ ଟ୍ରେନ ଚାଳକ ଓ ସହକାରୀ ଟ୍ରେନ ଚାଳକଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ଏହାକୁ ନେଇ ଟ୍ରେନଚାଳକମାନେ (ଲୋକପାଇଲଟ) ବନ୍ଧମୁଣ୍ଡା ରେଳବାଇ କ୍ରୁ-ଲୋବୀ ସମ୍ମୁଖରେ ବହୁ ସମୟ ଧରି ବିରୋଧ ପ୍ରଦର୍ଶନ କରିଥିଲେ। ହାତୀ ଗତିପଥର କୌଣସି ସୂଚନା ଟ୍ରେନ ଚାଳକଙ୍କୁ ଦିଆଯାଇ ନ ଥିବା କହିବା ସହ ଚାଳକଙ୍କ ନାଁରେ କାହିଁକି ମାମଲା ରୁଜୁ ହେଲା ବୋଲି ସେମାନେ ପ୍ରଶ୍ନ କରିଥିଲେ।

ରାଉରକେଲା ପାନପୋଷ ଫରେଷ୍ଟ ରେଞ୍ଜରେ ସୋମବାର ରାତିରେ ବନ୍ଧମୁଣ୍ଡା ରେଳ ଖଣ୍ଡର ଏ- କ୍ୟାବିନ ଏବଂ ଆର କ୍ୟାବିନ ମଧ୍ୟରେ ଟ୍ରେନରେ କଟି ଏକ ଛୁଆ ମାଈ ହାତୀର ମୃତ୍ୟୁ ଘଟିଥିଲା। ଏଥିଯୋଗୁ ଚକ୍ରଧରପୁର ଏବଂ ରାଉରକେଲା ମଧ୍ୟରେ ଟ୍ରେନ ଚଳାଚଳ ବନ୍ଦ ରହିଥିଲା। ରାତି ପ୍ରାୟ ୩ଟାରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସେପଟେ ବନ ବିଭାଗ ଟିମ୍ ରାତିସାରା ଘଟଣାସ୍ଥଳରେ ଉପସ୍ଥିତ ଥିଲା। ମଙ୍ଗଳବାର ସକାଳେ ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ ଘଟଣାସ୍ଥଳରେ ପହଞ୍ଚିବା ପରେ ମୃତ ହାତୀର ବ୍ୟବଚ୍ଛେଦ କରାଯାଇଥିଲା। ପରେ ମୃତଦେହକୁ ନିକଟସ୍ଥ ଜଙ୍ଗଲରେ ପୋତି ଦିଆଯାଇଥିଲା। ସବୁଠୁ ବଡ଼ କଥା ହେଉଛି ଛୁଆ ହାତୀର ମୃତ୍ୟୁ ପରେ ଘଟଣା ସ୍ଥଳରେ ମା' ହାତୀ ସମେତ ୨୬ଟି ହାତୀ ଜଗି ରହିଥିଲେ। ମଙ୍ଗଳବାର ସକାଳେ ୨୫ଟି ହାତୀ ସନ୍ତୋଷପୁରସ୍ଥିତ ଜାରାଟୋଲି ଆଡ଼କୁ ପଳାଇ ଯାଇଥିଲେ। ମାତ୍ର ମା' ହାତୀ ମୃତଦେହ ପାଖରେ ଜଗି ରହିଥିଲା। ହାତୀର ଖାଦ୍ୟ ଏବଂ ପାଣି ପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ରାଉରକେଲା ଡିଏଫ୍‌ଓ ସେଠୀ କହିଛନ୍ତି, ହାତୀପଲଙ୍କ ଆସିବାର ସୂଚନା ବନ୍ଧମୁଣ୍ଡା ରେଳବାଇ କଣ୍ଟ୍ରୋଲ ରୁମକୁ ଦିଆଯାଇଥିଲା। ତଥାପି ହାତୀ ଜୋନରେ ଦ୍ରୁତଗତିରେ ଟ୍ରେନ ଯାଉଥିଲା। ଫଳରେ ଟ୍ରେନ ଧକ୍କାରେ ଶିଶୁ ହାତୀର ମୃତ୍ୟୁ ଘଟିଛି। ଡିଏଫ୍‌ଓଙ୍କ ଏହି ବୟାନ ପରେ ଏବେ ପ୍ରଶ୍ନ ଉଠିଛି, ଯଦି ବନ ବିଭାଗ ଦ୍ୱାରା ହାତୀର ଆଗମନ ସମ୍ପର୍କରେ ଅଗ୍ରୀମ ସୂଚନା ଦିଆଯାଇଥିଲା ତେବେ ରେଳବାଇ କଣ୍ଟ୍ରୋଲ ରୁମ୍‌ରେ ଥିବା ଅଧିକାରୀ କାହିଁକି ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଗତ କିଛିଦିନ ଧରି ବନ୍ଧମୁଣ୍ଡା, ବିଶ୍ରା, ଭାଲୁଲତା, ଜରାଇକେଲା, ବାରସୁଆ, ବିମଳଗଡ଼ ଭଳି ହାତୀ ପ୍ରଭାବିତ ଅଞ୍ଚଳରେ ହାତୀଙ୍କ ଗତିବିଧି ବଢ଼ିବାକୁ ଲାଗିଛି। ଏଭଳି ପରିସ୍ଥିତିରେ ଯଦି ଏହି ଜଙ୍ଗଲୀ ହାତୀଙ୍କୁ ସୁରକ୍ଷିତ ରାସ୍ତା ଯୋଗାଇ ଦିଆ ନ ଯିବ ତେବେ ଏଭଳି ହାତୀ ମୃତ୍ୟୁ ଘଟଣା ଭବିଷ୍ୟତରେ ଆହୁରି ବଢ଼ିବ।

# ୪୩ ଘଣ୍ଟା ପରେ ମୃତଦେହ ଉଦ୍ଧାର

**ବାଲିଶଙ୍କରା,୧୫।୧୦(ହୃଦାନନ୍ଦ ବାରିକ)**

### କନାକୁଣ୍ଡରେ ବୁଡ଼ି ଯୁବକ ନିଖୋଜ ଘଟଣା

ତଲସରା ଥାନା ଅନ୍ତର୍ଗତ ଘୋଘର କନାକୁଣ୍ଡ ଇବନଦୀରେ ବୁଡି ନିଖୋଜ ଥିବା ଯୁବକଙ୍କ ମୃତଦେହ ମଙ୍ଗଳବାର ଉଦ୍ଧାର ହୋଇଛି। ମୃତକ ହେଲେ ବିଶାଖାପାଟଣାର ସାତ୍ତ୍ୱିକ କଞ୍ଜିପତି(୧୮)। ତଲସରା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ ସାତ୍ତ୍ୱିକ ପରିବାର ଲୋକଙ୍କ ସହ ଇବନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟସ୍ଥଳ କନାକୁଣ୍ଡକୁ ଭୋଜି କରିବାକୁ ଯାଇଥିଲେ। ରୋଷେଇ ସରିବା ପରେ ସାତ୍ତ୍ୱିକ ତାଙ୍କ ଭଉଣୀମାନଙ୍କ ସହ ଗାଧୋଇବାକୁ ଇବନଦୀକୁ ଯାଇଥିଲେ। ଗାଧୋଉଥିବା ବେଳେ ବାଲିରେ ପାଦ ଖସି ଯାଇ ସ୍ରୋତରେ ଭାସି ଯାଇଥିଲେ। ଏହାଦେଖି ଭଉଣୀମାନେ ଚିତ୍କାର କରିଥିଲେ। ପରିବାର ଲୋକେ ଆସିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇ ନ ଥିଲେ। ସୂଚନା ପାଇ ବାଲିଶଙ୍କରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଥିଲେ। ହେଲେ ୨ଦିନ ହେଲା ଯୁବକଙ୍କ ପତ୍ତା ମିଳି ପାରି ନ ଥିଲା। ୪୩ ଘଣ୍ଟା ପରେ ମଙ୍ଗଳବାର ସକାଳୁ କନାକୁଣ୍ଡଠାରୁ ୭ କିଲୋମିଟର ଦୂର କୁସୁମୁରା ଘାଟରେ ତାଙ୍କ ମୃତଦେହ ଅଗ୍ନିଶମ ବାହନୀ ଉଦ୍ଧାର କରିଛନ୍ତି।

# ଚକ୍ରା ରାମଚଣ୍ଡୀ ମନ୍ଦିରରେ ନବରାତ୍ର ପୂଜାର୍ଚ୍ଚନା



**ହେମଗିର,୧୫।୧୦(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ବିଲେଇମୁଣ୍ଡା ଚକ୍ରାସ୍ଥିତ ରଣେଶ୍ୱରୀ ରାମଚଣ୍ଡୀ ମନ୍ଦିରରେ ବିସାସହେ କୁଳତା ସମାଜ ପକ୍ଷରୁ ନବରାତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାର୍ଚ୍ଚନାରେ ବିସାସହେ କୁଳତା ସଭାପତି ବେଲଡ଼ିପାର ଗୌରାଙ୍ଗ ସା ଏବଂ ଗ୍ରାମବାସୀଙ୍କ ସହଯୋଗରେ ୨କୁଇଣ୍ଟାଲର ପ୍ରାୟ ବାରଫୁଟର ଲିଆ ଯୋଗାଡ଼ ବେଲଡିପା ଗ୍ରାମରୁ ପ୍ରସ୍ତୁତ କରାଯାଇ ଶଙ୍ଖଘଣ୍ଟ ସହ ସଂକୀର୍ତ୍ତନ ମାଧ୍ୟମରେ ଆଣି ମନ୍ଦିରରେ ଅର୍ପଣ କରାଯାଇଥିଲା। ଏହି ଅବସରରେ ଚକ୍ରା ଗୌନ୍ଥିଆ ଟଙ୍କଧର ପଧାନ, ପଶ୍ଚିମ ଓଡ଼ିଶା ବିଶାସହେ କୁଳତା ସମାଜ ସଂଯୋଜକ ଗୋପାଳ ଚନ୍ଦ୍ର ପଧାନ, ସଭାପତି ଗଜପତି ବାରିକ, କୋଷାଧକ୍ଷ ଟିକେଶ୍ୱର୍ ବାରିକ, କର୍ତ୍ତା ଯୋଗେନ୍ଦ୍ର ସାଙ୍କ ସମେତ ସମସ୍ତ କମିଟି ସଭ୍ୟ ତଥା ଅଞ୍ଚଳବାସୀ ସହଯୋଗ କରିଥିଲେ।

# ସଂକ୍ଷେପରେ

## ୭ ଅଭିଯୁକ୍ତ କୋର୍ଟ ଚାଲାଣ

**ଲହୁଣୀପଡ଼ା,୧୫।୧୦(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ରୁଗୁଡା ଗ୍ରାମରେ ଜଣେ ମଦ ଭାଟି ମ୍ୟାନେଜରଙ୍କୁ ଭୟଭୀତ କରି ସଂଘବଦ୍ଧଭାବେ ମାରପିଟ କରିବା ସହିତ ନଗଦ ୧୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ପୋଲିସ ମଙ୍ଗଳବାର ୭ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପ୍ରଦୀପ ବଗର୍ତ୍ତି(୨୨), ଭଗବାନ ମୁଣ୍ଡା (୩୦), ଲିଚୁ ମୁଣ୍ଡା(୫୦), ଚଇତୁ ଶବର (୩୬), ପ୍ରଧାନ ମୁଣ୍ଡା(୩୩), ନିରଞ୍ଜନ ଶବର (୨୪), ଅଜୁ ନାଏକ (୨୦)। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ତଦନ୍ତ ଜାରି ରଖିଛି। ସୂଚନାରୁ ପ୍ରକାଶ, ଲହୁଣୀପଡ଼ା ଥାନା ଅନ୍ତର୍ଗତ ରୁଗୁଡା ଗ୍ରାମରେ ଥିବା ମଦ ଭାଟି ମ୍ୟାନେଜର ନରେଲ ଯାଦବଙ୍କୁ ଗତ ୧୧ ତାରିଖ ସନ୍ଧ୍ୟା ୭ଟାରେ କେତେକ ଲୋକ ଆସି ଝଗଡା କରିବା ସହିତ ତାଙ୍କୁ ଜୋରଜବରଦସ୍ତି ନିର୍ଜନ ସ୍ଥାନକୁ ଟାଣି ନେଇଥିଲେ। ସେଠାରେ ତାଙ୍କ ସହ ଝଗଡା କରିବା ସହ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ତାଙ୍କ ପାଖରେ ଥିବା ନଗଦ ୧୫ ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ସେ ୧୨ ତାରିଖରେ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମକୁ ଯାଇ ଫେରିନାହାନ୍ତି ମହିଳା

**ନୂଆପଡ଼ା,୧୫।୧୦ (ମକାରୁ ବେମାଲ):** ନୂଆପଡ଼ା ଏନ୍ଏସିର ୮ନଂ. ୱାର୍ଡ ସାଲେଭଟର ମହିଳା ଥାନୱାରିନ ସାହୁ (୪୩) ଭୁବନେଶ୍ୱରରେ ଅନୁଷ୍ଠିତ ସୁଭଦ୍ରା କାର୍ଯ୍ୟକ୍ରମକୁ ଯାଇ ମାସେ ହେଲା ଫେରିନାହାନ୍ତି। ଏ ନେଇ ପରିବାର ପକ୍ଷରୁ ନୂଆପଡ଼ା ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ମହିଳାଙ୍କୁ ଠାବ କରିପାରି ନାହିଁ। ପ୍ରାପ୍ତ ସୂଚନା ଅନୁସାରେ ଗତ ସେପ୍ଟେମ୍ବର ୧୭ରେ ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନା ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସାଲେଭଟା ଗାଁର ୮ରୁ ୧୦ଜଣ ମହିଳାପୁରୁଷ ଟ୍ରେନ୍ ଯୋଗେ ଯାଇଥିଲେ। ଅନ୍ୟମାନେ ଫେରି ଆସିଥିବାବେଳେ ଥାନୱାରିନ ଘରକୁ ଫେରିନାହାନ୍ତି। ଖୋଜାଖୋଜି ପରେ ସନ୍ଧାନ ନ ମିଳିବାରୁ ଗତ ୨୬ରେ ମହିଳାଙ୍କ ସ୍ୱାମୀ ଦେଶରାମ ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘରେ ସ୍ୱାମୀଙ୍କ ସହ ୪ ଜଣ ଝିଅପୁଅ ରହିଛନ୍ତି। ଦେଶରାମଙ୍କ ଜମିବାଡ଼ି ବୋଲି କିଛି ନାହିଁ। କବାଡି ସାମଗ୍ରୀ ସଂଗ୍ରହକରି ଦୋକାନରେ ବିକି ପରିବାର ପ୍ରତିପୋଷଣ କରନ୍ତି । ଘରେ ରୋଷେଇ କରିବା ଲୋକ ନ ଥିବାରୁ ପିଲାଙ୍କ ସହ ଦେଶରାମ ବହୁ ଅସୁବିଧାରେ ଦିନ କାଟୁଛନ୍ତି। ଏ ନେଇ ଥାନାରେ ଏକ ନିଖୋଜ ମାମଲା ରୁଜୁହୋଇ ତଦନ୍ତ ଜାରି ରହିଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ବିଶ୍ୱନାଥପୁର ସଞ୍ଚସ୍ତରୀୟ ଖେଳକୁଦ ପ୍ରତିଯୋଗିତା



**ଲାଞ୍ଜିଗଡ଼,୧୫।୧୦(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ହରିହରପୁର ଗାଁ ଖେଳପଡିଆଠାରେ ବିଶ୍ୱନାଥପୁର ସଞ୍ଚସ୍ତରୀୟ ଏକଲ ବିଦ୍ୟାଳୟକୁ ନେଇ ମଙ୍ଗଳବାର ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ଥିବା ୨ଟି ସଞ୍ଚ ଅଧୀନରେ ୬୦ ଏକଲ ବିଦ୍ୟାଳୟ ରହିଥିବା ବେଳେ ୬ରୁ ୧୨ବର୍ଷ ମଧ୍ୟରେ ପିଲାଙ୍କୁ ୩ ଘଣ୍ଟା ଲେଖାଏ ଶିକ୍ଷା ପ୍ରଦାନ କରାଯାଉଛି। ବିଶ୍ୱନାଥପୁର ସଞ୍ଚ ସମ୍ପାଦକ ରତ୍ନାକର ଦୋରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ସଞ୍ଚ ଅଧୀନରେ ଥିବା ୩୦ ଏକଲ ବିଦ୍ୟାଳୟର ୫୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମାଜସେବୀ ଧର୍ମୁ ଅଗ୍ରୱାଲ ମୁଖ୍ୟ ଅତିଥି, ମାଧବାନନ୍ଦ ଗିରି ବାବା ମୁଖ୍ୟ ବକ୍ତା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଯୋଶୀ, ବ୍ଲକ ଆଦିବାସୀ ସଂଘ ସଭାପତି ସୁକ୍ରୁ ମାଝି, ବିଶ୍ୱନାଥପୁର ସଞ୍ଚ ଉପସଭାପତି ରଘୁବିର ନାଗ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ୧୦୦ମି ଦୌଡ, ୨୦୦ମି ଦୌଡ, ୪୦୦ମି ଦୌଡ, ଲମ୍ଫଡିଆଁ, ଉଚ୍ଚ ଡିଆଁ ପ୍ରଭୃତି ଖେଳ ଅନୁଷ୍ଠିତ ହୋଇଥିଲା। ୩୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

# ଅଯୋଗ୍ୟ ହିତାଧିକାରୀ ଯୋଜନାରେ ସାମିଲ ହେଲେ ବିଭାଗୀୟ ଅଧିକାରୀ ଦାୟୀ ରହିବେ



ବୈଠକରେ ମନ୍ତ୍ରୀ ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

**ବଡ଼ଗାଁ,୧୫।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗଦେଇଥିଲେ। ବର୍ତ୍ତମାନ ରାଜ୍ୟରେ ସାଧାରଣ ଲୋକଙ୍କ ସରକାର ଚାଲିଛି। ତେଣୁ ସମସ୍ତ ପ୍ରଶାସନିକ ଅଧିକାରୀମାନେ ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏହାସହିତ କୌଣସି ଗରିବ ଉପଯୁକ୍ତ ହିତାଧିକାରୀ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରୁ ଯେପରି ବଞ୍ଚିତ ନ ହୁଅନ୍ତି ପରାମର୍ଶ ଦେଇଥିଲେ। ଅଯୋଗ୍ୟ ହିତାଧିକାରୀ ଯୋଜନାରେ ସାମିଲ ହେଲେ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ସତର୍କ କରାଇଥିଲେ। ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀଙ୍କ ସହ ଜିଲା ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ବିଡିଓ ସୁମତି ପଣ୍ଡା, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସରେଙ୍ଗ, ତହସିଲଦାର ଝରଣା ପ୍ରଧାନ, ଏମ୍‌ପି ପ୍ରତିନିଧି ଶିଶିର ରାଉତରାୟ, ବିଧାୟକ ପ୍ରତିନିଧି ବାବୁଲି କରସେଲ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ମନ୍ତ୍ରୀ ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଚେମଠାପଡା ଗ୍ରାମରେ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ଗରିଆମାଲ ଓ ବଡ଼ଗାଁ ଡାକବଙ୍ଗଳାରେ ଦଳୀୟ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଡାକବଙ୍ଗଳାରେ ଲିଟିପଡା ଗ୍ରାମର ମହିଳା ଗୋଷ୍ଠୀର ସଭ୍ୟାମାନେ ମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କର ସମସ୍ୟାଗୁଡ଼ିକ ପ୍ରକାଶ କରିଥିଲେ। ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘର ଧାରଣା

**ଭବାନୀପାଟଣା,୧୫।୧୦ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଏକ୍ସ କ୍ୟାଡ଼ର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୨ ଦଫା ଦାବି ନେଇ ମଙ୍ଗଳବାର ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ସଂଘର ବ୍ଲକ ସଭାପତି ଦାମୋଦର ଚନ୍ଦନ ଓ ସମ୍ପାଦକ ନିତ୍ୟାନନ୍ଦ ରଣାଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସାମିଲ ହୋଇଛନ୍ତି। ଗତ ୨୦୨୧ ନଭେମ୍ବରରେ ଦରମାରୁ ଜିଆଇଏସ୍ ବାବଦକୁ କାଟିଥିବା ୧୭୧ ଜଣ ଶିକ୍ଷକଙ୍କ ୧୨ ହଜାର ୫ଶହ ଟଙ୍କା ଲେଖାଏ ତୁରନ୍ତ ଜିଆଇଏସ୍ (ଗ୍ରୁପ ଇନ୍‌ସ୍ୟୁରାନ୍ସ)ରେ ଜମା କରିବା ଓ ୨୦୨୪ ଏପ୍ରିଲ, ମେ', ଜୁନ ମାସର ଦରମାରୁ କାଟିଥିବା ଏନ୍‌ପିଏସ୍ ପାଣ୍ଠି ଶୀଘ୍ର ଆକାଉଣ୍ଟରେ ଜମା କରିବାକୁ ଦାବି କରାଯାଇଛି। ଉକ୍ତ ସମସ୍ୟାର ସମାଧାନ ପାଇଁ ଅନେକଥର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ସେମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିବା କହିଛନ୍ତି।

# ବିନୋପୁରରେ ୨୪ତମ ଗଜଲକ୍ଷ୍ମୀ ପୂଜା

**ବୋଡ଼େନ,୧୫।୧୦ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ୍ ବିନୋପୁର ଗ୍ରାମରେ ୨୪ତମ ଗଜଲକ୍ଷ୍ମୀ ପୂଜା ମଙ୍ଗଳବାର ଆରମ୍ଭ ହୋଇଛି। ସଂକୀର୍ତ୍ତନ ଦଳ ସହ ମହିଳାମାନେ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାକରି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ପୂଜାକର୍ତ୍ତା ଭାବେ ଉଗ୍ର ନିଆଲ ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଉଛନ୍ତି। ପୁରୋହିତ ଭାବେ ଶ୍ରୀବତ୍ସ ସୂପକାର ରହିଛନ୍ତି। ୧୫ ତାରିଖ ପୂଜା ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଅଙ୍ଗନୱାଡିରେ ପାତ୍ର ପ୍ରଦାନ



**ସୁନ୍ଦରଗଡ଼,୧୫।୧୦(ଜୟ ନାରାୟଣ ମେଣ୍ଡୁଲି)**

ଏନଟିପିସି ଦର୍ଲିପାଲି ପକ୍ଷରୁ ମଙ୍ଗଳବାର ସୁନ୍ଦରଗଡ଼ ଜିଲା ଲୋଇସିଂ ପଞ୍ଚାୟତର ୧୬ଟି ଆଙ୍ଗନୱାଡିକୁ ପାତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ମୋଟ ୧୫୪ଟି ପାତ୍ର (ଏକ ଟ୍ରେ, ଗ୍ଲାସ ଓ ଚାମଚ) ଅଙ୍ଗନୱାଡିର ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯାଇଛି। ଏଥିସହ ଲୋଇସିଂ ପଞ୍ଚାୟତର ବୃଦ୍ଧ, ଶାରୀରିକ ଅସମର୍ଥ, ବିଧବା ମହିଳାଙ୍କୁ ୩୫୦ ମଶାରୀ ବଣ୍ଟନ କରାଯାଇଛି। ଏହା ଏନଟିପିସି ଦର୍ଲିପାଲିର ପରିକଳ୍ପନା ଅନୁସାରେ ପ୍ରକଳ୍ପ-ପ୍ରଭାବିତ ଗ୍ରାମଗୁଡ଼ିକରେ ଡେଙ୍ଗୁ ରୋଗ ରୋକିବା ଉଦ୍ଦେଶ୍ୟରେ ନିଆଯାଇଥିବା ଏକ ପଦକ୍ଷେପ। ଏହି ଅବସରରେ ଦର୍ଲିପାଲି ପ୍ରକଳ୍ପର ମୁଖ୍ୟ ରାମ ଭଜନ ମାଲିକ, ଏଜିଏମ (ମାନବ ସମ୍ବଳ) ସ୍ମିତା ପ୍ରତିଭା ସିଂହ ଓ ଏଜିଏମ(ପୁର୍ନବାସ ଓ ଥଇଥାନ) ସମୀର ଭଞ୍ଜ, ଛାତ୍ରୀଛାତ୍ରଙ୍କୁ ପାତ୍ର ଏବଂ ବୃଦ୍ଧଙ୍କୁ ମଶାରୀ ହସ୍ତାନ୍ତର କରିଛନ୍ତି।

# ବିଡିଓଙ୍କୁ ପରୋକ୍ଷ ସମର୍ଥନ, କର୍ମଚାରୀଙ୍କ ବିରୋଧ

**କୁଆଁରମୁଣ୍ଡା,୧୫।୧୦(ମହେନ୍ଦ୍ର କୁମାର ସାହୁ)**

### କୁଆଁରମୁଣ୍ଡା ବ୍ଲକରେ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଘଟଣା

କୁଆଁରମୁଣ୍ଡା ବିଡିଓ ଗଙ୍ଗାରାମ ବୁଡେକ ବ୍ଲକ କର୍ମଚାରୀମାନଙ୍କୁ ଅଶାଳୀନ ବ୍ୟବହାର କରୁଥିବା ନେଇ ଅଗଷ୍ଟ ୩୦ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। କର୍ମଚାରୀମାନେ ସାମୂହିକଭାବେ ସେମାନଙ୍କ ଅଭିଯୋଗ ଜିଲା ପ୍ରଶାସନ ସମେତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ ଫ୍ୟାକ୍ସ କରିଥିଲେ। ଉକ୍ତ ଘଟଣାର ତଦନ୍ତ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପାନପୋଷ ଅତିରିକ୍ତ ଉପଜିଲାପାଳ ସରୋଜ କୁମାର ମିଶ୍ର, ସହକାରୀ ଜିଲାପାଳ ଗୋପବନ୍ଧୁ ନାୟକ,ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆଙ୍କୁ ନେଇ ଗଠିତ ଏକ ଟିମ ସୋମବାର କୁଆଁରମୁଣ୍ଡା ବ୍ଲକ ଆସିଥିଲା। ଏହି ସମୟରେ ଉକ୍ତ ଟିମ ମହିଳା ଓ ପୁରୁଷ କର୍ମଚାରୀଙ୍କୁ ବିଡିଓଙ୍କ ପ୍ରକୋଷ୍ଠକୁ ଡାକି ପ୍ରତ୍ୟେକଙ୍କ ଅଭିଯୋଗ ଶୁଣିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟ କନିଷ୍ଠ ଯନ୍ତ୍ରୀଙ୍କୁ ସେମାନଙ୍କ ଅଭିଯୋଗ ପଚାରିବା ବେଳେ ଅନ୍ୟ ଏକ ଗୁରୁତର ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ହେଉଛି ଦୁର୍ଗା ପୂଜା ସମୟରେ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ସମସ୍ତ କର୍ମଚାରୀଙ୍କ ଦରମା ମଞ୍ଜୁର କରାଗଲା। ହେଲେ କେଉଁ କାରଣରୁ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଦରମା ମଞ୍ଜୁର ହେଲା ନାହିଁ ବୋଲି ବିଡିଓଙ୍କ ଠାରୁ ଉତ୍ତର ଜାଣିବାକୁ ଚାହିଁଥିଲେ। ହେଲେ ବିଡିଓ ସେ ବିଷୟରେ କର୍ଣ୍ଣପାତ ନ କରିବାରୁ କର୍ମଚାରୀମାନେ ନିରାଶ ହୋଇଛନ୍ତି। ସେହିପରି ଅନ୍ୟ କର୍ମଚାରୀଙ୍କୁ ବିନା କାରଣରେ ବିଡିଓ ବିଭିନ୍ନ ବାହାନା ଦେଖାଇ ହଇରାଣ କରୁଥିବା ଏପିଓ ଶ୍ରବଣ ସାହୁ, ମୁଖ୍ୟ କିରାଣୀ ପ୍ରବୀର ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବବ୍ରତ ଦାସ, ସହକାରୀ ନିର୍ବାହୀ ଅଧିକାରୀ ଚୈତନ୍ୟ ହେମ୍ବ୍ରମ ପ୍ରମୁଖ ଦୃଢ଼ ବିରୋଧ କରିଥିଲେ। ବିଡ଼ିଓଙ୍କ ବିରୋଧରେ ଅନେକ ଗୁରୁତର ଅଭିଯୋଗ କରାଯାଇଥିଲେ ମଧ୍ୟ ଉକ୍ତ ଟିମ ସେ ସବୁକୁ ହାଲୁକାଭାବେ ନେଇଥିଲେ। ସବୁଠାରୁ ବଡ କଥା ହେଉଛି ଜିଲା ପ୍ରଶାସନ ସୋମବାର ସକାଳ ୧୦ଟାରେ ଅଭିଯୋଗ ଶୁଣାଣି କରିବା ପାଇଁ ସରକାରୀ ନିର୍ଦ୍ଦେଶ ଥିଲା। କିନ୍ତୁ ହଠାତ ତରବରିଆଭାବେ ଏହାକୁ ଘୁଞ୍ଚାଇ ଅପରାହ୍ନ ସାଢ଼େ ୨ଟାରେ ଅଭିଯୋଗ ଶୁଣାଣୀ କରାଯାଇଥିଲା। ପ୍ରଶାସନର ନିର୍ଦ୍ଦେଶକୁ ଉଲ୍ଲଂଘନ କରି ସକାଳ ୧୦ଟା ପରିବର୍ତ୍ତେ ଅପରାହ୍ନରେ କରାଯିବା ଘଟଣାକୁ ବ୍ଲକ କର୍ମଚାରୀମାନେ ଘୋର ନିନ୍ଦା କରିଛନ୍ତି। ଏନେଇ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପୁନଃ ତଦନ୍ତ କରିବାକୁ ବ୍ଲକ କର୍ମଚାରୀମାନେ ଅନୁରୋଧ କରିଛନ୍ତି।

# ମାନବିକତା ଦେଖାଇଲେ ପରିବହନ ବିଭାଗ କର୍ମଚାରୀ

**ସୁନ୍ଦରଗଡ,୧୫।୧୦(ଜୟ ନାରାୟଣ ମେଣ୍ଡୁଲି)**

### ଦୁର୍ଘଟଣାରେ ୨ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲେ

ଦୁର୍ଘଟଣା ସମୟରେ ଜଣେ ପରିବହନ ବିଭାଗ କର୍ମଚାରୀ ମାନବିକତାର ପରିଚୟ ଦେଖାଇଛନ୍ତି। ଇଣ୍ଟରସେପ୍ଟର ପ୍ରୋଗ୍ରାମର ଜିତେନ ପ୍ରଧାନ ୨ ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଘଟଣା ଅନୁସାରେ, ମଙ୍ଗଳବାର ଅପରାହ୍ନରେ ଜିତେନ ବଡ଼ଗାଁ ଥାନା କୁସୁନା ନିକଟ ୧୦ ନମ୍ବର ରାଜ୍ୟ ରାଜପଥରେ ଇଣ୍ଟରସେପ୍ଟର ଗାଡ଼ି ଲଗାଇ ଗାଡ଼ି ଗୁଡ଼ିକର ସ୍ପିଡ ଯାଞ୍ଚ କରୁଥିଲେ। ସେହି ସମୟରେ ଏକ କାର ଓଡ଼ି ୧୬ ଭି ୦୯୩୨ ସୁନ୍ଦରଗଡ଼ ପଟକୁ ଆସୁଥିଲା। ଏହି ସମୟରେ ଏକ ୧୮ ଚକିଆ ଟ୍ରେଲର ଓଡ଼ି ୧୫ୟୁ ୪୫୯୬ ଦୃତ ଗତିରେ ଆସି ହଠାତ ଦିଗ ବଦଳାଇ କାର ପଛରୁ ଧକ୍କା ଦେଇଥିଲା। ଫଳରେ କାର ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିଲା। କାରରେ ଥିବା ୨ ଜଣ ଗୁରୁତର ଆହତ ହୋଇଥିଲେ। ଜିତେନ ପ୍ରଥମେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଜଣାଇଥିଲେ। ଅନୁମତି ପାଇଲା ପରେ ଗୁରୁତର ଆହତଙ୍କୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଟ୍ରେଲର ଚାଳକଙ୍କୁ ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଥିଲେ।

# ସାଗରିକା ରୋଡ ଲାଇନ ଚାମ୍ପିୟନ

**ବଡ଼ଗାଁ,୧୫।୧୦ (ଅଶୋକ ଷଡ଼ଙ୍ଗୀ)**



ଫାଇନାଲ ମ୍ୟାଚ ଖେଳାଳିଙ୍କ ସହିତ ଅତିଥି।

### ଜେଜେୱାଇସି କପ ପାମରା ଉଦ୍‌ଯାପିତ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ପାମରା ଗ୍ରାମର ଜୟ ଜଗନ୍ନାଥ ୟୁଥ କ୍ଲବ ଦ୍ୱାରା ଆୟୋଜିତ ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୧୬ଟି ଟିମ ଅଂଶଗ୍ରହଣ କରିଥିବା ଏହି ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ସାଗରିକା ରୋଡ ଲାଇନ ଓ ଆଦିବାସୀ କ୍ଲବ ଝାରସୁଗୁଡ଼ା ମଧ୍ୟରେ ହୋଇଥିଲା। ପେନାଲଟି କିକ ଜରିଆରେ ସାଗରିକା ରୋଡ ଲାଇନ ଝାରସୁଗୁଡ଼ା ଆଦିବାସୀ କ୍ଲବକୁ ୫-୩ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବଡ଼ଗାଁ କ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ଭାଜପାର ବରିଷ୍ଠ ନେତା ବସନ୍ତ ସାହୁ, ନଳିନୀ ରଞ୍ଜନ ସାହୁ, ଜଗନ୍ନାଥ ସାଥୁଆ, ଫୁଲଚାନ୍ଦ ବାଡ଼ା, ବିନୋଦ ବିହାରୀ ରାଉତ, ରୋଷନ ସୁନ୍ୟାନୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ୫୦ ହଜାର ଟଙ୍କା ସହିତ ଟ୍ରଫି, ରନର୍ସ ଟିମକୁ ୩୦ ହଜାର ଟଙ୍କା ସହିତ ଟ୍ରଫି, ତୃତୀୟ ସ୍ଥାନ ପାଇଥିବା ତୁଡାଲଗା ଟିମ ଓ ଚତୁର୍ଥ ସ୍ଥାନ ପାଇଥିବା ଶଙ୍କରାପୋଷ ଟିମକୁ କପ ସହିତ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କୃତ କରାଯାଇଥିଲା। ଏହାସହିତ ମେନ ଅଫ ଦି ମ୍ୟାଚ ଚୟନ ହୋଇଥିବା ସାଗରିକା ରୋଡ ଲାଇନ ଟିମର ଅଂଶୁମାନ ଓରାମ, ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ ହୋଇଥିବା ମୁନା ସିଂ, ବେଷ୍ଟ ଗୋଲ କିପର ଭାବେ ଅଂଶୁମାନ ଓରାମ, ବେଷ୍ଟ ଡିଫେନଡର ଭାବେ ଦୀପକ ଓରାମ, ଇମରଜିଙ୍ଗ ପ୍ଲେୟାର ଭାବେ ଝାରସୁଗୁଡ଼ା ଆଦିବାସୀ କ୍ଲବର ସଞ୍ଜୀବ ଓରାମଙ୍କୁ ପୁରସ୍କୃତ କରାଯାଇଥିଲା। ରାଜେଶ ଛତ୍ରିଆ, ସୁଜିତ ବାର୍ଲା, ତନ୍ମୟ କିସାନ, ବସନ୍ତ କିସାନ ଖେଳ ପରିଚାଳନା କରିଥିଲା ବେଳେ ଆୟୋଜକ କ୍ଲବର ସଞ୍ଜୀବ କିସାନ, ତୁଳାମଣୀ ମାଝୀ, ରଞ୍ଜିତ ଲାକ୍ରା, ସୁରଜ ଲାକ୍ରା, ତୁଷାର ମହାନନ୍ଦିଆ, ବିଶାଳ ମହାନନ୍ଦିଆ, ଲକ୍ଷ୍ମଣ କିସାନ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। କ୍ଲବର ସାଧାରଣ ସମ୍ପାଦକ ଅର୍ଜୁନ ମହାକୁଡ଼ ଖେଳ ଧାରା ବିବରଣୀ ଦେଇଥିଲେ।

# ସଂକ୍ଷେପରେ

## ବିଶ୍ୱନାଥପୁର ସଞ୍ଚସ୍ତରୀୟ ଖେଳକୁଦ ପ୍ରତିଯୋଗିତା



**ଲାଞ୍ଜିଗଡ଼,୧୫।୧୦(ରମେଶ ଚନ୍ଦ୍ର ନାୟକ):**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ହରିହରପୁର ଗାଁ ଖେଳପଡିଆଠାରେ ବିଶ୍ୱନାଥପୁର ସଞ୍ଚସ୍ତରୀୟ ଏକଲ ବିଦ୍ୟାଳୟକୁ ନେଇ ମଙ୍ଗଳବାର ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ଥିବା ୨ଟି ସଞ୍ଚ ଅଧୀନରେ ୬୦ ଏକଲ ବିଦ୍ୟାଳୟ ରହିଥିବା ବେଳେ ୬ରୁ ୧୨ବର୍ଷ ମଧ୍ୟରେ ପିଲାଙ୍କୁ ୩ ଘଣ୍ଟା ଲେଖାଏ ଶିକ୍ଷା ପ୍ରଦାନ କରାଯାଉଛି। ବିଶ୍ୱନାଥପୁର ସଞ୍ଚ ସମ୍ପାଦକ ରତ୍ନାକର ଦୋରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ସଞ୍ଚ ଅଧୀନରେ ଥିବା ୩୦ ଏକଲ ବିଦ୍ୟାଳୟର ୫୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମାଜସେବୀ ଧର୍ମୁ ଅଗ୍ରୱାଲ ମୁଖ୍ୟ ଅତିଥି, ମାଧବାନନ୍ଦ ଗିରି ବାବା ମୁଖ୍ୟ ବକ୍ତା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଯୋଶୀ, ବ୍ଲକ ଆଦିବାସୀ ସଂଘ ସଭାପତି ସୁକୃ ମାଝି, ବିଶ୍ୱନାଥପୁର ସଞ୍ଚ ଉପସଭାପତି ରଘୁବିର ନାଗ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ୧୦୦ମି ଦୌଡ଼, ୨୦୦ମି ଦୌଡ଼, ୪୦୦ମି ଦୌଡ଼, ଲମ୍ବଡିଆଁ, ଉଚ୍ଚ ଡିଆଁ ପ୍ରଭୃତି ଖେଳ ଅନୁଷ୍ଠିତ ହୋଇଥିଲା। ୩୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ମାନବିକତା ଦେଖାଇଲେ ପରିବହନ ବିଭାଗ କର୍ମଚାରୀ

### ଦୁର୍ଘଟଣାରେ ୨ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲେ

**ସୁନ୍ଦରଗଡ,୧୫।୧୦(ଜୟ ନାରାୟଣ ମେଣ୍ଡୁଲି)**

ଦୁର୍ଘଟଣା ସମୟରେ ଜଣେ ପରିବହନ ବିଭାଗ କର୍ମଚାରୀ ମାନବିକତାର ପରିଚୟ ଦେଖାଇଛନ୍ତି। ଇଣ୍ଟରସେପ୍ଟର ପ୍ରୋଗ୍ରାମର ଜିତେନ ପ୍ରଧାନ ୨ ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଘଟଣା ଅନୁସାରେ, ମଙ୍ଗଳବାର ଅପରାହ୍ନରେ ଜିତେନ ବଡ଼ଗାଁ ଥାନା କୁସୁନା ନିକଟ ୧୦ ନମ୍ବର ରାଜ୍ୟ ରାଜପଥରେ ଇଣ୍ଟରସେପ୍ଟର ଗାଡ଼ି ଲଗାଇ ଗାଡ଼ି ଗୁଡ଼ିକର ସ୍ପିଡ ଯାଞ୍ଚ କରୁଥିଲେ। ସେହି ସମୟରେ ଏକ କାର ଓଡ଼ି ୧୬ ଭି ୦୯୩୨ ସୁନ୍ଦରଗଡ଼ ପଟକୁ ଆସୁଥିଲା। ଏହି ସମୟରେ ଏକ ୧୮ ଚକିଆ ଟ୍ରେଲର ଓଡ଼ି ୧୫ୟୁ ୪୫୯୬ ଦୃତ ଗତିରେ ଆସି ହଠାତ ଦିଗ ବଦଳାଇ କାର ପଛରୁ ଧକ୍କା ଦେଇଥିଲା। ଫଳରେ କାର ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିଲା। କାରରେ ଥିବା ୨ ଜଣ ଗୁରୁତର ଆହତ ହୋଇଥିଲେ। ଜିତେନ ପ୍ରଥମେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଜଣାଇଥିଲେ। ଅନୁମତି ପାଇଲା ପରେ ଗୁରୁତର ଆହତଙ୍କୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଟ୍ରେଲର ଚାଳକଙ୍କୁ ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଥିଲେ।

# ରେଳବାଇ-ବନବିଭାଗ ମୁହାଁମୁହିଁ

**ବନ୍ଧମୁଣ୍ଡା,୧୫।୧୦(ସୁବ୍ରତ ଦେ)**

ରାଉରକେଲା ପାନପୋଷ ଫରେଷ୍ଟ ରେଞ୍ଜରେ ସୋମବାର ରାତିରେ ବନ୍ଧମୁଣ୍ଡା ରେଳ ଖଣ୍ଡର ଏ- କ୍ୟାବିନ ଏବଂ ଆର କ୍ୟାବିନ ମଧ୍ୟରେ ମାଲବାହୀ ଟ୍ରେନରେ କଟି ଛୁଆ ମାଈହାତୀର ମୃତ୍ୟୁ ପରେ ବନବିଭାଗ ଏବଂ ରେଳବାଇ ମୁହାଁମୁହିଁ ହୋଇଛନ୍ତି। ହାତୀ ସୁରକ୍ଷାକୁ ନେଇ ବନ ବିଭାଗ ପକ୍ଷରୁ କରାଯାଇଥିବା ସମସ୍ତ ଯୋଜନା ଉପରେ ପ୍ରଶ୍ନ ଉଠୁଛି। ମଙ୍ଗଳବାର ବନ ବିଭାଗ ଅଧିକାରୀମାନେ ଟ୍ରେନ ଚାଳକ ଓ ସହକାରୀ ଟ୍ରେନ ଚାଳକଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ଏହାକୁ ନେଇ ଟ୍ରେନଚାଳକମାନେ (ଲୋକପାଇଲଟ) ବନ୍ଧମୁଣ୍ଡା ରେଳବାଇ କ୍ରୁ-ଲୋବୀ ସମ୍ମୁଖରେ ବହୁ ସମୟ ଧରି ବିରୋଧ ପ୍ରଦର୍ଶନ କରିଥିଲେ। ହାତୀ ଗତିପଥର କୌଣସି ସୂଚନା ଟ୍ରେନ ଚାଳକଙ୍କୁ ଦିଆଯାଇ ନ ଥିବା କହିବା ସହ ଚାଳକଙ୍କ ନାଁରେ କାହିଁକି ମାମଲା ରୁଜୁ ହେଲା ବୋଲି ସେମାନେ ପ୍ରଶ୍ନ କରିଥିଲେ।

ରାଉରକେଲା ପାନପୋଷ ଫରେଷ୍ଟ ରେଞ୍ଜରେ ସୋମବାର ରାତିରେ ବନ୍ଧମୁଣ୍ଡା ରେଳ ଖଣ୍ଡର ଏ- କ୍ୟାବିନ ଏବଂ ଆର କ୍ୟାବିନ ମଧ୍ୟରେ ଟ୍ରେନରେ କଟି ଏକ ଛୁଆ ମାଈ ହାତୀର ମୃତ୍ୟୁ ଘଟିଥିଲା। ଏଥିଯୋଗୁ ଚକ୍ରଧରପୁର ଏବଂ ରାଉରକେଲା ମଧ୍ୟରେ ଟ୍ରେନ ଚଳାଚଳ ବନ୍ଦ ରହିଥିଲା। ରାତି ପ୍ରାୟ ୩ଟାରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସେପଟେ ବନ ବିଭାଗ ଟିମ୍ ରାତିସାରା ଘଟଣାସ୍ଥଳରେ ଉପସ୍ଥିତ ଥିଲା। ମଙ୍ଗଳବାର ସକାଳେ ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ ଘଟଣାସ୍ଥଳରେ ପହଞ୍ଚିବା ପରେ ମୃତ ହାତୀର ବ୍ୟବଚ୍ଛେଦ କରାଯାଇଥିଲା। ପରେ ମୃତଦେହକୁ ନିକଟସ୍ଥ ଜଙ୍ଗଲରେ ପୋତି ଦିଆଯାଇଥିଲା। ସବୁଠୁ ବଡ଼ କଥା ହେଉଛି ଛୁଆ ହାତୀର ମୃତ୍ୟୁ ପରେ ଘଟଣା ସ୍ଥଳରେ ମା' ହାତୀ ସମେତ ୨୬ଟି ହାତୀ ଜଗି ରହିଥିଲେ। ମଙ୍ଗଳବାର ସକାଳେ ୨୫ଟି ହାତୀ ସନ୍ତୋଷପୁରସ୍ଥିତ ଜାରାଟୋଲି ଆଡ଼କୁ ପଳାଇ ଯାଇଥିଲେ। ମାତ୍ର ମା' ହାତୀ ମୃତଦେହ ପାଖରେ ଜଗି ରହିଥିଲା। ହାତୀର ଖାଦ୍ୟ ଏବଂ ପାଣି ପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ରାଉରକେଲା ଡିଏଫ୍ଓ ସେଠୀ କହିଛନ୍ତି, ହାତୀପଲଙ୍କ ଆସିବାର ସୂଚନା ବନ୍ଧମୁଣ୍ଡା ରେଳବାଇ କଣ୍ଟ୍ରୋଲ ରୁମ୍‌କୁ ଦିଆଯାଇଥିଲା। ତଥାପି ହାତୀ ଜୋନରେ ଦ୍ରୁତଗତିରେ ଟ୍ରେନ ଯାଉଥିଲା। ଫଳରେ ଟ୍ରେନ ଧକ୍କାରେ ଶିଶୁ ହାତୀର ମୃତ୍ୟୁ ଘଟିଛି। ଡିଏଫ୍ଓଙ୍କ ଏହି ବୟାନ ପରେ ଏବେ ପ୍ରଶ୍ନ ଉଠିଛି, ଯଦି ବନ ବିଭାଗ ଦ୍ୱାରା ହାତୀର ଆଗମନ ସମ୍ପର୍କରେ ଅଗ୍ରୀମ ସୂଚନା ଦିଆଯାଇଥିଲା ତେବେ ରେଳବାଇ କଣ୍ଟ୍ରୋଲ ରୁମ୍‌ରେ ଥିବା ଅଧିକାରୀ କାହିଁକି ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଗତ କିଛିଦିନ ଧରି ବନ୍ଧମୁଣ୍ଡା, ବିଶ୍ରା, ଭାଲୁଲତା, ଜରାଇକେଲା, ବାରସୁଆ, ବିମଳଗଡ଼ ଭଳି ହାତୀ ପ୍ରଭାବିତ ଅଞ୍ଚଳରେ ହାତୀଙ୍କ ଗତିବିଧି ବଢ଼ିବାକୁ ଲାଗିଛି। ଏଭଳି ପରିସ୍ଥିତିରେ ଯଦି ଏହି ଜଙ୍ଗଲୀ ହାତୀଙ୍କୁ ସୁରକ୍ଷିତ ରାସ୍ତା ଯୋଗାଇ ଦିଆ ନ ଯିବ ତେବେ ଏଭଳି ହାତୀ ମୃତ୍ୟୁ ଘଟଣା ଭବିଷ୍ୟତରେ ଆହୁରି ବଢ଼ିବ।



ଧାରଣାରେ ବସିଥିବା ଲୋକପାଇଲଟମାନେ।

**ବନ୍ଧମୁଣ୍ଡାରେ ଟ୍ରେନ୍‌ରେ କଟି ହାତୀ ମୃତ୍ୟୁ ମାମଲା**

**ଟ୍ରେନ ଚାଳକ, ସହାୟକଙ୍କ ନାଁରେ ମାମଲା ରୁଜୁ**

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

**ଦେବଗଡ଼, ୧୫।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣୀ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୧୬ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୯ଟି ବ୍ୟକ୍ତିଗତ ଏବଂ ୭ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ, ଶିଶି ରାସ୍ତା, ବନ୍ଧ, ଲକ୍ଷ୍ମୀ ବସ ସମ୍ବନ୍ଧେ, ସୋଲାର ଲାଇଟର ବ୍ୟବସ୍ଥା ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରିକ୍ଷିତ ସାହୁ, ତହସିଲଦାର ସୂର୍ଯ୍ୟକାନ୍ତ ବରିହା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତ୍ରି ଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ



ଫୁଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀରେ ଅତିଥିଙ୍କ ସହ ଖେଳାଳି।

**ଦେବଗଡ଼,୧୫।୧୦(ଶଶାଙ୍କଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ବଳମ ଗ୍ରାମପଞ୍ଚାୟତ ସଦର ମହକୁମାରେ ଜାଗୃତି କ୍ଲବ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ନୂଆଗାଁ ଫୁଟବଲ ଦଳ ଓ ବଡବନାହାଲ ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆୟୋଜକ ଜାଗୃତି କ୍ଲବ ଦୁର୍ଗାପୂଜା କମିଟିର ସଭାପତି ପ୍ରଦୀପ କୁମାର ମୁଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା କଣ୍ଡଲ ସେବା ସମବାୟ ସମିତିର ସଭାପତି ଦେବେନ୍ଦ୍ର କୁମାର ବେହେରା ଯୋଗଦେଇ ଆୟୋଜକ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଯୋଗିତାକୁ ଫିତାକାଟି ଉଦ୍‌ଘାଟନ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ମହେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ବରିଷ୍ଠ ସଦସ୍ୟ କ୍ଷେତ୍ରବାସୀ ପ୍ରଧାନ, ରଞ୍ଜିତ କୁମାର ପ୍ରଧାନ, ସଞ୍ଜୀବ କୁମାର ଶତପଥି ଓ ଗୁରୁଚରଣ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସିଙ୍ଗୁରି ଫୁଟ୍‌ବଲ୍ କ୍ଲବ ଚାମ୍ପିୟନ



ସିଙ୍ଗୁରି ଫୁଟ୍‌ବଲ୍ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

**ଦେବଗଡ଼,୧୫।୧୦(ଶଶାଙ୍କଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ କାଦପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିଙ୍ଗୁରି ଫୁଟବଲ କ୍ଲବ ପକ୍ଷରୁ ସ୍ଥାନୀୟ ଖେଳପଡ଼ିଆରେ ଆୟୋଜିତ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ଟି ଫୁଟ୍‌ବଲ୍ ଟିମ୍‌କୁ ନେଇ ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ସୁନ୍ଦରଗଡ଼ ଜିଲା ବିର୍ସା ମୁଣ୍ଡା ପିପି ଫୁଟବଲ କ୍ଲବକୁ ପରାସ୍ତ କରି ବାରକୋଟ ବ୍ଲକର ସିଙ୍ଗୁରି ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ସରୋଜ ସାହୁ, ଆନନ୍ଦ ମିର୍ଦ୍ଧା, ସାନି ତିର୍କୀ ଓ ଗୁଣନିଧି ବେହେରା ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ମଖାରୁ ଧୀବର ଓ ନାରାୟଣ ବେହେରା ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ ଯୋଗଦେଇ ଉଭୟ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ।

# ସାଗରିକା ରୋଡ଼ ଲାଇନ ଚାମ୍ପିୟନ

### ଜେଜେୱାଇସି କପ ପାମରା ଉଦ୍‌ଯାପିତ

**ବଡ଼ଗାଁ,୧୫।୧୦ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ପାମରା ଗ୍ରାମର ଜୟ ଜଗନ୍ନାଥ ୟୁଥ କ୍ଲବ ଦ୍ୱାରା ଆୟୋଜିତ ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୧୬ଟି ଟିମ ଅଂଶଗ୍ରହଣ କରିଥିବା ଏହି ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ସାଗରିକା ରୋଡ ଲାଇନ ଓ ଆଦିବାସୀ କ୍ଲବ ଝାରସୁଗୁଡ଼ା ମଧ୍ୟରେ ହୋଇଥିଲା। ପେନାଲଟି କିକ ଜରିଆରେ ସାଗରିକା ରୋଡ ଲାଇନ ଝାରସୁଗୁଡ଼ା ଆଦିବାସୀ କ୍ଲବକୁ ୫-୩ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବଡ଼ଗାଁ କ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ଭାଜପାର ବରିଷ୍ଠ ନେତା ବସନ୍ତ ସାହୁ, ନଳିନୀ ରଞ୍ଜନ ସାହୁ, ଜଗନ୍ନାଥ ସାଥୁଆ, ଫୁଲଚାନ୍ଦ ବାଡ଼ା, ବିନୋଦ ବିହାରୀ ରାଉତ, ରୋଷନ ସୁନ୍ୟାନୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ୫୦ ହଜାର ଟଙ୍କା ସହିତ ଟ୍ରଫି, ରନର୍ସ ଟିମକୁ ୩୦ ହଜାର ଟଙ୍କା ସହିତ ଟ୍ରଫି, ତୃତୀୟ ସ୍ଥାନ ପାଇଥିବା ତୁଡାଲଗା ଟିମ ଓ ଚତୁର୍ଥ ସ୍ଥାନ ପାଇଥିବା ଶଙ୍କରାପୋଷ ଟିମକୁ କପ ସହିତ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କୃତ କରାଯାଇଥିଲା। ଏହାସହିତ ମେନ ଅଫ ଦି ମ୍ୟାଚ ଚୟନ ହୋଇଥିବା ସାଗରିକା ରୋଡ ଲାଇନ ଟିମର ଅଂଶୁମାନ ଓରାମ, ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ ହୋଇଥିବା ମୁନା ସିଂ, ବେଷ୍ଟ ଗୋଲ କିପର ଭାବେ ଅଂଶୁମାନ ଓରାମ, ବେଷ୍ଟ ଡିଫେନଡର ଭାବେ ଦୀପକ ଓରାମ, ଇମରଜିଙ୍ଗ ପ୍ଲେୟାର ଭାବେ ଝାରସୁଗୁଡ଼ା ଆଦିବାସୀ କ୍ଲବର ସଞ୍ଜୀବ ଓରାମଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବର ସାଧାରଣ ସମ୍ପାଦକ ଅର୍ଜୁନ ମହାକୁଡ଼ ଖେଳ ଧାରା ବିବରଣୀ ଦେଇଥିଲେ।

# ସ୍ୱଚ୍ଛତା ହିଁ ସେବା ପକ୍ଷ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମ୍ବର୍ଦ୍ଧନା



ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ କାର୍ଯ୍ୟକ୍ରମରେ ସଫଳତା ପାଇଁ ପୁରସ୍କୃତ କରାଯାଉଛି।

**ଝାରସୁଗୁଡ଼ା,୧୫।୧୦(ସଞ୍ଜୟ ମାଲି)**

ଗତ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ପର୍ଯ୍ୟନ୍ତ ଜିଲାବ୍ୟାପୀ ଆୟୋଜିତ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପଞ୍ଚାୟତ ସମିତି, ପୌରପାଳିକା, ଗ୍ରାମ ପଞ୍ଚାୟତ, ଅଫିସ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଅବୋଲି ସୁନୀଲ ନରୱଣେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସମସ୍ତଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଜିଲାପାଳ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଜଡ଼ିତ ହୋଇ ପରିବେଶ ଓ ପରିମଳ ବ୍ୟବସ୍ଥାରେ ନିଜର ସହଯୋଗ ଓ ସହଭାଗିତାର ଉପଯୋଗ କରି ପରିଷ୍କାର ଓ ପରିଚ୍ଛନ୍ନତା ଦିଗରେ ନିଜର ଆନ୍ତରିକତା ପ୍ରଦର୍ଶନ କରିଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ବ୍ଲାକସ୍ପଟଗୁଡ଼ିକୁ ଚିହ୍ନଟ ଓ ତାର ରୂପାନ୍ତରୀକରଣ କାର୍ଯ୍ୟ ସହିତ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆଗକୁ ଚାଲୁରହିବ ବୋଲି ଜିଲାପାଳ କହିଛନ୍ତି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଏଏସ ପ୍ରବେଶନର ସର୍ବାନନ ସି, ଅତିରିକ୍ତ ଜିଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋରଚନ୍ଦ୍ର ସ୍ୱାଇଁ, ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷା, କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ପୌରପାଳିକା ନିର୍ବାହୀ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ। ବ୍ରଜରାଜନଗର ପୌରପାଳିକା ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ସ୍ୱଚ୍ଛତା ସମ୍ପର୍କରେ ନିଜର ଅନୁଭୂତି ବଖାଣି ଥିଲେ। ଏହି ଅବସରରେ ଶ୍ରେଷ୍ଠ ପଞ୍ଚାୟତ ଭାବରେ ଶ୍ରୀପୁରା ପଞ୍ଚାୟତ, ଶ୍ରେଷ୍ଠ ବ୍ଲକ ଭାବରେ କିର୍ମିରା, ଶ୍ରେଷ୍ଠ ପୌରପାଳିକା ଭାବରେ ବ୍ରଜରାଜନଗର, ଶ୍ରେଷ୍ଠ ଅଫିସ ଭାବରେ ଜିଲା ପରିଷଦ କାର୍ଯ୍ୟାଳୟକୁ ପୁରସ୍କୃତ କରାଯାଇଛି। ସେହିପରି ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟଅଂଶୁ ରୁଟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ମହାବୀର କ୍ଲବ୍ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା

**ଦେବଗଡ଼,୧୫।୧୦(ଶଶାଙ୍କଶେଖର ଝାଙ୍କର)**



ଦେବଗଡ଼ ଜିଲା ବାରକୋଟ ବ୍ଲକ କାଉଁଶିବାହଳ ଗ୍ରାମ ପଞ୍ଚାୟତର ମାଝିଚାକୁଣ୍ଡାପାଳ ଗ୍ରାମରେ ମହାବୀର କ୍ଲବ ଆନୁକୂଲ୍ୟରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର କନିଷ୍ଠ ବର୍ଗରେ ରାନୀ ବେହେରା ପ୍ରଥମ, ବନବାସୀ ନାୟକ ଦ୍ୱିତୀୟ ଏବଂ ଗୁଡଲୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ମୁକେଶ କାରିଗର ପ୍ରଥମ, ଅଙ୍କୁର ରଞ୍ଜନ ସ୍ୱାଇଁ ଦ୍ୱିତୀୟ ଏବଂ ରେଶମା ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ସୁନ୍ଦରଗଡ ଜିଲା ବଣାଇର ଚୂଡାମଣି ଗଡନାୟକ, କେନ୍ଦୁଝର ଜିଲାର ପ୍ରହ୍ଲାଦ କୁମାର କୁମାର ସାହୁ, ବାରକୋଟର ଅମୂଲ୍ୟ କୁମାର ନାଥ ଓ ଗଣନାଥ ମହାପାତ୍ର ଯୋଗ ଦେଇଥିଲେ। ସନ୍ଧ୍ୟାରେ କ୍ଲବର ସଭାପତି ଗିରିଧାରୀ ସାହୁଙ୍କ ସଭାପତିତ୍ୱ ଓ ସମ୍ପାଦକ ରବୀନ୍ଦ୍ରନାଥ ସାହୁଙ୍କ ପରିଚାଳନାରେ ପୁରସ୍କାର ବିତରଣି ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ ଯୋଗଦେଇ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହିତ ମହାବୀର କ୍ଲବ ଆନୁକୂଲ୍ୟରେ ପୂର୍ବରୁ ଆୟୋଜିତ ଦଶହରା କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ କ୍ଲବ ପକ୍ଷରୁ ବିଧାୟକ ବିଶ୍ୱାଳଙ୍କୁ ଜିଲାର ଶ୍ରେଷ୍ଠ ରାଜନୀତିଜ୍ଞ ସମ୍ମାନ, ଟିକେଶ୍ୱର ସାହୁଙ୍କୁ ଶ୍ରେଷ୍ଠ ଶିକ୍ଷକ ସମ୍ମାନ, ଭାଗିରଥୀ ସାହୁଙ୍କୁ ଶ୍ରେଷ୍ଠ କ୍ଲବ ସଙ୍ଗଠନ ସମ୍ମାନ, ରମେଶ ଚନ୍ଦ୍ର ବେହେରାଙ୍କୁ ଶ୍ରେଷ୍ଠ କଳାକାର ସମ୍ମାନ, ନନେଇ ଗ୍ରାମର ଟିକେଶ୍ୱର ସାହୁଙ୍କୁ ଶ୍ରେଷ୍ଠ କୃଷକ ସମ୍ମାନ ଓ ସତ୍ୟଶ୍ରୀ ଜେନାଙ୍କୁ ଶ୍ରେଷ୍ଠ କ୍ରୀଡାବିତ ସମ୍ମାନ ପ୍ରଦାନ କରାଯାଇଥିଲା।

# ଲଇକେରାରେ ଜନ ଅଭିଯୋଗ ଶୁଣାଣି ଶିବିର

**ଝାରସୁଗୁଡ଼ା,୧୫।୧୦ (ସଞ୍ଜୟ ମାଲି)**




ଜନ ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀ।

ଲଇକେରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର , ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ସଞ୍ଜିତ ନାଏକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଲେଖ ଗୁଡ଼ା, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୯ଟି ଅଭିଯୋଗ ଆଗତ ହୋଇଥିବାବେଳେ ତନ୍ମଧ୍ୟରୁ ୪ଟି ସାମୂହିକ ୫ଟି ବ୍ୟକ୍ତିଗତ ଥିଲା। ଶିବିରରେ ଗଂଜୁଡିହିରେ ପିଡବ୍ଲ୍ୟୁଡି ରାସ୍ତାରୁ ଝଟାପଡା-ନୂଆଗାଁ ରାସ୍ତା ଏବଂ ଚର୍ଚ୍ଚପଡ଼ା-ମୁଣ୍ଡାପଡ଼ା ରାସ୍ତାକୁ ଗ୍ରାମପଞ୍ଚାୟତ ପାଣ୍ଠିରୁ ନିର୍ମାଣ କରା ନ ଯାଇ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପୂର୍ବକ ରାସ୍ତା ଦ୍ୱୟର ନିର୍ମାଣ କରାଯିବା, ସାହାସପୁରା ଧଉଳାଟିକ୍ରା ପ୍ରାଥମିକ ବିଦ୍ୟାଳୟରେ ଏମ୍‌ଜିଏନଆରଜିଏସ କାର୍ଯ୍ୟ ବାବଦକୁ ପ୍ରାପ୍ୟ ନ ମିଳିବା, ସରକାରୀ ନିୟମାନୁଯାୟୀ ପାକେଲପଡା ଗ୍ରାମର ଶିବାନୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘରୁ ବାଦ ଦେବା ଓ ତାଳମୁଣ୍ଡା ରଟିଆ ବନ୍ଧ ନିଲାମ ସମ୍ପର୍କିତ ସମସ୍ୟାର ସମାଧାନ ଦିଗରେ ଯଥାବିଧି ପଦକ୍ଷେପ ନେବା ଓ ଜାମମାଲ ପଞ୍ଚାୟତ ଅନ୍ତର୍ଗତ ଗଂଜୁଡିହି ଗ୍ରାମର ହକି ଖେଳାଳିଙ୍କ ପାଇଁ ଗୋଲକିପର କିଟ ଯୋଗାଇ ଦେବା ସମ୍ପର୍କିତ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି, ଭିନ୍ନକ୍ଷମ ଚିହ୍ନଟ ସହ ଅନ୍ତୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ କରିବା, ବିଦ୍ୟୁତ୍ ସଂଯୋଗ ଆଦି ବ୍ୟକ୍ତିଗତ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା। ଅଭିଯୋଗ ସମ୍ବନ୍ଧରେ ତର୍ଜମା ପୂର୍ବକ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ପଞ୍ଚାୟତ ଭବନ ଲୋକାର୍ପିତ

**କଲମପୁର,୧୫।୧୦(ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ବ୍ଲକ ବଡକୁଟ୍ରୁ ପଞ୍ଚାୟତର ନବନିର୍ମିତ ପଞ୍ଚାୟତ ଭବନ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଉତ୍ସବରେ କଲମପୁର ବିଡିଓ ବିଜୟ କୁମାର ମାଣ୍ଡଙ୍ଗି, ଜିଲାପରିଷଦ ସଭ୍ୟା ଦୁହିତା ମାଝି, ସରପଞ୍ଚ ଗଣେଶ ପଣ୍ଡା, ସମିତି ସଭ୍ୟ ବିକ୍ରମ ନାୟକ. ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିକାଶ ମୋହନ ମାଝି, କନିଷ୍ଠଯନ୍ତ୍ରୀ ପୀତାମ୍ବର ହେମ୍ବ୍ରମ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସରପଞ୍ଚ ପଣ୍ଡା ପଞ୍ଚାୟତରେ ଥିବା ସରକାରୀ ହୋମିଓପାଥିକ ଡାକ୍ତରଖାନା, ନବନିର୍ମିତ ପ୍ରମୋଦ ଉଦ୍ୟାନ, କଲ୍ୟାଣ ମଣ୍ଡପ, ପ୍ରାଥମିକ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ପାଇଁ ନିବେଦନ କରିଥିଲେ। ଜନସାଧାରଣଙ୍କ ହିତ ପାଇଁ ସମସ୍ତ ବିଷୟକୁ ସକାରାତ୍ମକ ଦୃଷ୍ଟିକୋଣରେ ରଖି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ।

### ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମକୁ ଯାଇ ଫେରିନାହାନ୍ତି ମହିଳା

**ନୂଆପଡ଼ା,୧୫।୧୦ (ମକାରୁ ବେମାଲ):** ନୂଆପଡ଼ା ଏନ୍ଏସିର ୮ନଂ. ୱାର୍ଡ ସାଲେଭଟର ମହିଳା ଥାନୱାରିନ ସାହୁ (୪୩) ଭୁବନେଶ୍ୱରରେ ଅନୁଷ୍ଠିତ ସୁଭଦ୍ରା କାର୍ଯ୍ୟକ୍ରମକୁ ଯାଇ ମାସେ ହେଲା ଫେରିନାହାନ୍ତି। ଏ ନେଇ ପରିବାର ପକ୍ଷରୁ ନୂଆପଡ଼ା ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ମହିଳାଙ୍କୁ ଠାବ କରିପାରି ନାହିଁ। ପ୍ରାପ୍ତ ସୂଚନା ଅନୁସାରେ ଗତ ସେପ୍ଟେମ୍ବର ୧୭ରେ ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନା ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସାଲେଭଟା ଗାଁର ୮ରୁ ୧୦ଜଣ ମହିଳାପୁରୁଷ ଟ୍ରେନ୍ ଯୋଗେ ଯାଇଥିଲେ। ଅନ୍ୟମାନେ ଫେରି ଆସିଥିବାବେଳେ ଥାନୱାରିନ ଘରକୁ ଫେରିନାହାନ୍ତି। ଖୋଜାଖୋଜି ପରେ ସନ୍ଧାନ ନ ମିଳିବାରୁ ଗତ ୨୬ରେ ମହିଳାଙ୍କ ସ୍ୱାମୀ ଦେଶରାମ ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘରେ ସ୍ୱାମୀଙ୍କ ସହ ୪ ଜଣ ଝିଅପୁଅ ରହିଛନ୍ତି। ଦେଶରାମଙ୍କ ଜମିବାଡ଼ି ବୋଲି କିଛି ନାହିଁ। କବାଡି ସାମଗ୍ରୀ ସଂଗ୍ରହକରି ଦୋକାନରେ ବିକି ପରିବାର ପ୍ରତିପୋଷଣ କରନ୍ତି । ଘରେ ରୋଷେଇ କରିବା ଲୋକ ନ ଥିବାରୁ ପିଲାଙ୍କ ସହ ଦେଶରାମ ବହୁ ଅସୁବିଧାରେ ଦିନ କାଟୁଛନ୍ତି। ଏ ନେଇ ଥାନାରେ ଏକ ନିଖୋଜ ମାମଲା ରୁଜୁହୋଇ ତଦନ୍ତ ଜାରି ରହିଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ବିନୋପୁରରେ ୨୪ତମ ଗଜଲକ୍ଷ୍ମୀ ପୂଜା



**ବୋଡ଼େନ,୧୫।୧୦ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ୍ ବିନୋପୁର ଗ୍ରାମରେ ୨୪ତମ ଗଜଲକ୍ଷ୍ମୀ ପୂଜା ମଙ୍ଗଳବାର ଆରମ୍ଭ ହୋଇଛି। ସଂକୀର୍ତ୍ତନ ଦଳ ସହ ମହିଳାମାନେ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାକରି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ପୂଜାକର୍ତ୍ତା ଭାବେ ଉଗ୍ର ନିଆଲ ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଉଛନ୍ତି। ପୁରୋହିତ ଭାବେ ଶ୍ରୀବତ୍ସ ସୂପକାର ରହିଛନ୍ତି। ୧୫ ତାରିଖ ପୂଜା ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। କମିଟି ସଭାପତି ଲୋକନାଥ ନିଆଲ, ଉପସଭାପତି କାଶୀନାଥ ବେହେରା, ସମ୍ପାଦକ ଗଗନ ବିହାରୀ ପରା ଭୋଏ, ସହ ସମ୍ପାଦକ ବିପିନ ବିହାରୀ ନିଆଲା, କୋଷାଧ୍ୟକ୍ଷ କୁଶ ଛତ୍ରିଆ ପ୍ରମୁଖ ସହଯୋଗ କରୁଛନ୍ତି।

# ଧାନ ଫସଲରେ ରୋଗପୋକ

**ଖଡ଼ିଆଳ,୧୫।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକରେ ଧାନ ଫସଲରେ ରୋଗପୋକ ଚାଷୀଙ୍କ ଚିନ୍ତା ବଢ଼ାଇଛି। ବିଶେଷକରି ବ୍ଲକ୍ ଅନ୍ତର୍ଗତ ଡିଖାଲି, ଚନ୍ଦୁଟମାଲ, ବଙ୍କାପୁର, ଦୋହେଲପଡ଼ା ଆଦି ଗ୍ରାମର ଚାଷଜମିରେ ରୋଗପୋକର ପ୍ରାଦୁର୍ଭାବ ଦେଖାଦେଇଛି। କାଣ୍ଡବିନ୍ଧା ରୋଗ ଯୋଗୁ ଧାନଗଛ ଶୁଖି ମରିଯାଉଛି। ଏହି ରୋଗର ପୋକ ଧାନ ଗଛକୁ ନଷ୍ଟକରି ଦେଉଛନ୍ତି। ଚାଷୀମାନେ ନିଜ ଚେଷ୍ଟାରେ ଔଷଧ ଆଣି ସିଞ୍ଚନ କରୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏ ବର୍ଷ ଭଲ ବର୍ଷା ହେବାରୁ ଭଲ ଅମଳର ଆଶା ରଖିଥିଲେ ଚାଷୀ। କିନ୍ତୁ ରୋଗପୋକ ଯୋଗୁ ସେମାନଙ୍କ ଆଶା ମଉଳିବାରେ



ପୋକ ଲାଗିଥିବା ଧାନଗଛ ଦେଖାଉଛନ୍ତି ଚାଷୀ।

ଲାଗିଛି। ଚାଷୀଙ୍କ କହିବା ଅନୁସାରେ କୃଷି ଅଧିକାରୀଙ୍କ ପରାମର୍ଶରେ ଔଷଧ ସିଞ୍ଚନ କଲେ ମଧ୍ୟ କୌଣସି ପ୍ରଭାବ ପଡୁନାହିଁ। ଖାଲି ଖଡ଼ିଆଳ ନୁହେଁ,

### ଚିନ୍ତାରେ ଚାଷୀ

ସିନାପାଲି ବ୍ଲକ୍‌ର ଅନେକ ଗାଁରେ ସମାନ ସମସ୍ୟା ଦେଖିବାକୁ ମିଳୁଛି। ଧାରକରଜ ଓ ବ୍ୟାଙ୍କ ଋଣ କରି ଚାଷୀମାନେ ଚାଷ କରିଥିବାବେଳେ ରୋଗପୋକ ଚିନ୍ତାରେ ପକାଇଛି। ବିଭାଗ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ନୂଆପଡ଼ା ଜିଲା କୃଷି ଅଧିକାରୀ ଦୀପ୍ତିମୟୀ ବାରିକଙ୍କୁ ପଚାରିବାରୁ କିଛି ଜମିରେ ରୋଗପୋକ ଲାଗିଥିବା ସ୍ୱୀକାର କରି ସ୍ଥିତି ନିୟନ୍ତ୍ରଣ ଥିବା କହିଛନ୍ତି। ଗ୍ରାମ ସେବକମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି ଓ ଚାଷୀମାନଙ୍କୁ ସବ୍‌ସିଡିରେ ଔଷଧ ଯୋଗାଇ ଦିଆଯାଉଥିବା ସେ କହିଛନ୍ତି।

## ସଚିବଙ୍କ କେସିଙ୍ଗା ବ୍ଲକ୍ ପରିଦର୍ଶନ



ଯୋଗମାୟା ପୀଠ ବୁଲି ଦେଖୁଛନ୍ତି ସଚିବ।

**କେସିଙ୍ଗା,୧୫।୧୦ (ତୁମେଶ୍ୱର ସାହୁ)**

ପଞ୍ଚାୟତିରାଜ ତଥା ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି ମଙ୍ଗଳବାର କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ତାଙ୍କ ସହ ମିଶନ ଶକ୍ତି ତଥା ସ୍ୱତନ୍ତ୍ର ଯୋଜନା ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ମଧ୍ୟ ଆସିଛନ୍ତି। ସଚିବ ଲୋହାନି ୩ଦିନ ଧରି ଜିଲାର ବିଭିନ୍ନ ସ୍ଥାନ ବୁଲିବା କାର୍ଯ୍ୟକ୍ରମ ରହିଛି। ସକାଳେ ସେ ଉତ୍କେଳା ବିମାନବନ୍ଦରରେ ପହଞ୍ଚିବା ପରେ ଜିଲାପାଳ ପାୱାର ସଚିନ ପ୍ରକାଶ, ସିଡିଓ ଦୟାମୟ ପାଢ଼ୀ, ଏପିଡି ଦିଲୀପ ମହାରଣା, କେସିଙ୍ଗା ବିଡିଓ ପଦ୍ମନାଭ ପୁରୋହିତ ପ୍ରମୁଖ ସ୍ୱାଗତ କରିଥିଲେ। ସେଠାରୁ ସେ ବ୍ଲକର ଗୁର୍ଜିମୁଣ୍ଡା ଗ୍ରାମସ୍ଥିତ ଯୋଗମାୟା ପୀଠକୁ ଯାଇ ମା'ଙ୍କୁ ଦର୍ଶନ କରିବା ସହ ମନ୍ଦିର ବୁଲି ଦେଖିଥିଲେ। ପରେ ପୀଠରେ ନିର୍ମିତ ଶିଶୁ ଉଦ୍ୟାନ ପରିଦର୍ଶନ କରିଥିଲେ। ସେଠାରୁ ଜଗନ୍ନାଥ କପା ମିଲ୍, କେସିଙ୍ଗା ଏନ୍ଏସିର ମୁଖ୍ୟମନ୍ତ୍ରୀ ସଭାଗୃହ, ସକ୍ଷମ ଅଙ୍ଗନୱାଡ଼ି କେନ୍ଦ୍ର, ଜନସେବା କେନ୍ଦ୍ର, କନ୍ତେଶିର ପାନୀୟ ଜଳ ପ୍ରକଳ୍ପ ଓ ତୁଣ୍ଡଲା ଗ୍ରାମ ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟ ତଦାରଖ କରି ହିତାଧିକାରୀଙ୍କୁ ପଚାରି ବୁଝିଥିଲେ। ପରେ ନୂନମାଠ ଗ୍ରାମର କଦଳୀ ବଗିଚା ଓ ଟମାଟୋ ଚାଷ ଦେଖି ଭବାନୀପାଟଣା ଅଭିମୁଖେ ଯାଇଥିଲେ।

## ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘର ଧାରଣା



ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି।

**ଭବାନୀପାଟଣା,୧୫।୧୦ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଏକ୍ସ କ୍ୟାଡ଼ର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୨ ଦଫା ଦାବି ନେଇ ମଙ୍ଗଳବାର ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ସଂଘର ବ୍ଲକ ସଭାପତି ଦାମୋଦର ଚନ୍ଦନ ଓ ସମ୍ପାଦକ ନିତ୍ୟାନନ୍ଦ ରଣାଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସାମିଲ ହୋଇଛନ୍ତି। ଗତ ୨୦୨୧ ନଭେମ୍ବରରେ ଦରମାରୁ ଜିଆଇଏସ୍ ବାବଦକୁ କାଟିଥିବା ୧୭୧ ଜଣ ଶିକ୍ଷକଙ୍କ ୧୨ ହଜାର ୫ଶହ ଟଙ୍କା ଲେଖାଏ ତୁରନ୍ତ ଜିଆଇଏସ୍ (ଗ୍ରୁପ ଇନ୍‌ସ୍ୟୁରାନ୍ସ)ରେ ଜମା କରିବା ଓ ୨୦୨୪ ଏପ୍ରିଲ, ମେ', ଜୁନ ମାସର ଦରମାରୁ କାଟିଥିବା ଏନ୍‌ପିଏସ୍ ପାଣ୍ଠି ଶୀଘ୍ର ଆକାଉଣ୍ଟରେ ଜମା କରିବାକୁ ଦାବି କରାଯାଇଛି। ଉକ୍ତ ସମସ୍ୟାର ସମାଧାନ ପାଇଁ ଅନେକଥର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ସେମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିବା କହିଛନ୍ତି।

### ଶେଷହେଲା ଦୁର୍ଗାପୂଜା ଭସାଣି ଉତ୍ସବ

**ଲାଞ୍ଜିଗଡ଼,୧୫।୧୦(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଶିଳ୍ପାଞ୍ଚଳରେ ସାର୍ବଜନୀନ ଦୁର୍ଗାପୂଜା ମଙ୍ଗଳବାର ଭସାଣି ଉତ୍ସବସହ ଶେଷ ହୋଇଛି। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଶେଷ ଦିବସରେ ରାବଣ ପୋଡ଼ି ଅନୁଷ୍ଠିତ ହୋଇଥିଲା। ପାଞ୍ଚଦିନ ଧରି ଚାଲିଥିବା ଏହି ପୂଜାରେ କର୍ତ୍ତା ଭାବେ ରାମଚନ୍ଦ୍ର ସିଂ ଓ ତାଙ୍କ ଧର୍ମପତ୍ନୀ ଜାନକୀ ସିଂ ରହିଥିବା ବେଳେ ପୂଜକ ଭାବେ ସୁବାସ ଚନ୍ଦ୍ର ତ୍ରିପାଠୀ, ସରୋଜକାନ୍ତ ତ୍ରିପାଠୀ ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। ଲାଞ୍ଜିଗଡ ହାଇସ୍କୁଲ ପଡିଆରେ ଯୁବକ ସଂଘ ତତ୍ତ୍ୱାବଧାନରେ ଦୁର୍ଗାପୂଜା ଓ ରାବଣ ପୋଡି ହୋଇଥିଲା। ଶେଷ ଦିନର ରାବଣ ପୋଡି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଙ୍ଗଳବାର ଦିନ ମା'ଙ୍କ ମୂର୍ତ୍ତିକୁ ଘଣ୍ଟା, ବାଦ୍ୟ ଓ ରୋଷଣୀ ସହ ଲାଞ୍ଜିଗଡ ସହର ପରିକ୍ରମା କରି ଭକ୍ତିମୟ ପରିବେଶରେ ପୋଖରୀରେ ବିସର୍ଜନ କରାଯାଇଥିଲା।

## ଦେବୀ ଦନ୍ତେଶ୍ୱରୀଙ୍କ ଦଶରା ପର୍ବ



ପୀଠରେ ପୂଜା ପାଉଥିବା ଦେବୀ।

**ବେହେରା,୧୫।୧୦ (ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତ ବାଙ୍କିମୁଣ୍ଡାରେ ଦେବୀ ଦନ୍ତେଶ୍ୱରୀଙ୍କ ପୀଠରେ ଖଣ୍ଡାଧୁଆ ସହ ଦଶରା ପର୍ବ ପାଳିତ ହୋଇଯାଇଛି। ଦ୍ୱାଦଶୀ ତିଥିରେ ଗ୍ରାମର ଗୋନ୍ତିଆ ଓ ପୂଜାରୀଙ୍କ ଘରେ ଦେବୀଙ୍କ ଅସ୍ତ୍ରଶସ୍ତ୍ର ଧୂଆ ଯାଇ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଘୁମୁରାର ଅନ୍ୟତମ ପ୍ରଣେତା କୁହାଯାଉଥିବା ପଣ୍ଡିତ ରୀକ୍ଷିରାମ ତିୱାରୀଙ୍କ ସ୍ମୃତିରେ ଘୁମୁରା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଗ୍ରାମର ଗୋନ୍ତିଆ ଚିତ୍ତରଞ୍ଜନ ପୂଜାରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା ଉପସ୍ଥିତ ଥିଲେ। ଅତିଥି ଭାବରେ ଶଙ୍କର ପ୍ରସାଦ ତିୱାରୀ, ପ୍ରଫୁଲ୍ଲ ତିୱାରୀ, ଈଶ୍ୱର ତିୱାରୀ, ବ୍ରଜେନ୍ଦ୍ର ସୋନି, ମୁଖ୍ୟବକ୍ତା ଭାବରେ ପ୍ରଶାନ୍ତ ତିୱାରୀ ଯୋଗଦାନ କରିଥିଲେ। ୭ଟି ଘୁମୁରା ଦଳ ପ୍ରତିଯୋଗିତାରେ ଭାଗନେଇଥିବା ବେଳେ କଦଳୀମୁଣ୍ଡାର ମା' ଷୋହଳକୋଟି କଳା ପରିଷଦ ପ୍ରଥମ, ସାନ କେନ୍ଦୁଗୁଡ଼ାର ମା' ଛୋଟି ମାଉଳି କଳା ପରିଷଦ ଦ୍ୱିତୀୟ ଓ ମହିମାର ମା' ପେନ୍ଦ୍ରାଣୀ ଘୁମୁରା ଦଳ ତୃତୀୟ ସ୍ଥାନ ହାସଲକରିଥିଲେ। କୃତିତ୍ୱ ହାସଲ କରିଥିବା ଦଳକୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ କ୍ଷୀରସିନ୍ଧୁ ବାଣୁଆ, ଅଖଣ୍ଡଲମଣି ଭର୍ତ୍ତିଆ ପରିଚାଳନା କରିଥିଲେ।

## ସେବାଶ୍ରମ ରୋଷେୟା, ସେବାୟତ ସଂଘ ବୈଠକ

**ନୂଆପଡ଼ା,୧୫।୧୦ (ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବିଲେଞ୍ଜର ସହଭାଗୀ ବିକାଶ ଅଭିଯାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରାଙ୍ଗଣରେ ସେବାଶ୍ରମ ରୋଷେୟା ତଥା ସେବାୟତ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ଭୈରବ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲା ଶ୍ରମିକ ମହାସଂଘ ଆବାହକ ତଥା ଭାଜପା ନେତା ଯଦୁମଣି ପାଣଗ୍ରାହୀ ମୁଖ୍ୟ ଅତିଥି, ପାଲା ଗୁରୁ ଅର୍ଜୁନ ଛତ୍ରିଆ ଓ ଭାଜପା ନେତା ମନିଜର ଆର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରୋଷେୟା ତଥା ସେବାୟତମାନେ ବିଭିନ୍ନ ସେବାଶ୍ରମ ଓ ଛାତ୍ରାବାସରେ ନିୟୋଜିତ ହୋଇ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କୁ ଦୁଇ ଓଳି ଖାଦ୍ୟ ରୋଷେଇ କରି ପରିବେଷଣ କରୁଛନ୍ତି। ଛାତ୍ରୀଛାତ୍ରଙ୍କୁ ଜଗିବା, ବିଦ୍ୟାଳୟ ଓ ହଷ୍ଟେଲ ପରିସର ସଫା କରିବା, ବଗିଚା ରକ୍ଷଣାବେକ୍ଷଣ ଇତ୍ୟାଦି କାମ କରିଆସୁଛନ୍ତି। ଏତେ କାମ କରୁଥିଲେ ମଧ୍ୟ ଦିନ ମଜୁରିଆ ଭାବେ ମାତ୍ର ୧୨ ହଜାର ଟଙ୍କା ମାସିକ ପାଉଣା ଦିଆଯାଉଛି। ସରକାର ଦିନଟିଏ ଛୁଟି ମଧ୍ୟ ମଞ୍ଜୁର କରନ୍ତି ନାହିଁ। ଦୀର୍ଘ ବର୍ଷ ଧରି କାମ କରଆସୁଥିଲେ ବି ସରକାରୀ ମାନ୍ୟତା ଦେଇ ଦରମା ଦେଉନାହାନ୍ତି। ଏସବୁ ସମସ୍ୟା ଉଦ୍‌ଥାପନ କରି କର୍ମକର୍ତ୍ତାମାନେ ଅସନ୍ତୋଷ ଜାହିର କରିଥିଲେ। ଆଗାମୀ ଦିନରେ ସଂଘ ପକ୍ଷରୁ ଜିଲାପାଳଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ ଓ ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଉଚ୍ଚ ଅଧିକାରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟଅତିଥି ପାଣିଗ୍ରାହୀ କହିଥିଲେ। ଏଥିରେ ତିନିଶହରୁ ଊର୍ଦ୍ଧ୍ୱ ରୋଷେୟା ଓ ସେବାୟତ ଉପସ୍ଥିତ ଥିଲେ ।

### ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ଦିବସ

**ଟିଟିଲାଗଡ଼,୧୫।୧୦(ଶରତ ମିଶ୍ର):** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରତିଷ୍ଠା ଦିବସ ଅବସରରେ ସଂଘର ଟିଟିଲାଗଡ଼ ଶାଖା ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନେଇ ସଂଘ ସଦସ୍ୟ ସ୍ଥାନୀୟ ବାଳକ ହାଇସ୍କୁଲ ପଡିଆରୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ପରେ ଅନୁଷ୍ଠିତ ସଭାରେ ସନ୍ତୋଷ ମେହେର, ଜ୍ଞାନରଞ୍ଜନ ପଣ୍ଡା ଯୋଗଦେଇ ସ୍ୱଧର୍ମ ରକ୍ଷା, ଦେଶର ଅଖଣ୍ଡତା ରକ୍ଷା ପାଇଁ ହିନ୍ଦୁ ସମାଜ ଏକଜୁଟ ହେବାକୁ ଆହ୍ୱାନ କରିଥିଲେ । ସଂଘର ବରିଷ୍ଠ ସଦସ୍ୟ ଡମ୍ବରୁ କର୍ମୀ, ସ୍ୱପ୍ନେଶର ମହାକୁର, ରାଘବ ରଣା, ରାଜେଶ ବାବୁ, ହରେକୃଷ୍ଣ ରଣା, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, କମ୍ବୁପାଣି ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

## ୨୦ରୁ ଫୁଟ୍‌ବଲ ମହାକୁମ୍ଭ, ନଭେମ୍ବର ୭ ପର୍ଯ୍ୟନ୍ତ ଚାଲିବ

**ଖଡ଼ିଆଳ,୧୫।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳଠାରେ ଆଗାମୀ ଅକ୍ଟୋବର ୨୦ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଫୁଟ୍‌ବଲ ମହାକୁମ୍ଭ ଅନୁଷ୍ଠିତ ହେବ। ଏ ନେଇ ଖଡ଼ିଆଳ କ୍ରିକେଟ ଆଣ୍ଡ ଆସୋସିଏଶନ (କେସିଏସ୍ଏ) ସଭାପତି ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଖବରଦାତା ସମ୍ମିଳନୀ ସାଂସ୍କୃତିକ ଅନୁଷ୍ଠାନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଫୁଟବଲ ମହାକୁମ୍ଭରେ ଜିଲାର ଖଡ଼ିଆଳ, ବୋଡ଼େନ ଓ ସିନାପାଲିର ୭୦ ଗୋଟି





ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ପଞ୍ଚାୟତ ଭାଗନେବେ। ଉଦ୍‌ଘାଟନୀ ଦିବସରେ ସମଲେଶ୍ୱରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ବାହାରି ଖେଳପଡିଆରେ ସ୍ଥାପନ କରାଯିବ। ପ୍ରତ୍ୟକ ଦିନ ସାଢେ ଚାରିଟାରୁ ରାତ୍ର ଆଠ ଘଣ୍ଟା ପର୍ଯ୍ୟନ୍ତ ଖେଳ ହେବ। ନଭେମ୍ବର ୭ ତାରିଖ ସନ୍ଧ୍ୟା ୫ ଘଣ୍ଟା ସମୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ମହାକୁମ୍ଭରେ ଭାଗ ନେଇଥିବା ୭୦ ଗୋଟି ଟିମ୍‌ରୁ ୫୦ ଜଣଙ୍କୁ ଚୟନ କରି ରାଜ୍ୟ ତଥା ଜାତୀୟ ଖେଳ ପାଇଁ ତାଲିମ ପ୍ରଦାନ କରାଯିବା ଲକ୍ଷ୍ୟ ରଖାଯାଇଛି। ଖବରଦାତା ସମ୍ମିଳନୀରେ ଫୁଟବଲ ମହାକୁମ୍ଭ ସଂଯୋଜକ ଜିତେନ୍ଦ୍ରନାଥ ପଟ୍ଟନାୟକ, କେସିଏସ୍ଏ ସମ୍ପାଦକ ଛବି ସାଗର, ଗୋବର୍ଦ୍ଧନ ସୁନା, ଅକ୍ଷୟ ନନ୍ଦ, ସୁଶାନ୍ତ ତାଣ୍ଡି, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ମାଗଣା ସ୍ୱାସ୍ଥ୍ୟ ଶିବିର: ୧୭୫ ରୋଗୀ ଚିକିତ୍ସିତ



**କଲମପୁର,୧୫।୧୦(ଗଣେଶ ରାମ ବାଗ)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଇଚ୍ଛାପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ରଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ମାନବ ଅଧିକାର ପରିଷଦ ଓ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ସୋନାଲି ପଣ୍ଡା ଓ ଡା. ଜ୍ୟୋତି କ୍ରିଷ୍ଣା ମାଝି ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଶିବିରରେ ମୋଟ ୧୭୫ ରୋଗୀଙ୍କ ଚିକିତ୍ସା କରାଯାଇ ପରାମର୍ଶ ଦିଆଯାଇଥିଲା। ଗୁରୁତର ରୋଗୀଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଶିବିରରେ ଭାରତୀୟ ମାନବ ଅଧିକାର ପରିଷଦର ରାଜ୍ୟ ସଭାପତି ମହମ୍ମଦ ମୁସ୍ତାଫ, କଳାହାଣ୍ଡି ଜିଲା ସଭାପତି ଦୀପ୍ତି ରଞ୍ଜନ ମୁଣ୍ଡ, ସାଧାରଣ ସମ୍ପାଦକ ପତୱନ୍ତ ସିଂହ, ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ୍ୱର ସାହୁ, ମହିଳା ଶାଖା ସଭାନେତ୍ରୀ ସରସ୍ୱତୀ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱନାଥପୁର ସଞ୍ଚସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**ଲାଞ୍ଜିଗଡ଼,୧୫।୧୦(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ହରିହରପୁର ଗାଁ ଖେଳପଡିଆଠାରେ ବିଶ୍ୱନାଥପୁର ସଞ୍ଚସ୍ତରୀୟ ଏକଲ ବିଦ୍ୟାଳୟକୁ ନେଇ ମଙ୍ଗଳବାର ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ଥିବା ୨ଟି ସଞ୍ଚ ଅଧୀନରେ ୬୦ ଏକଲ ବିଦ୍ୟାଳୟ ରହିଥିବା ବେଳେ ୬ରୁ ୧୨ବର୍ଷ ମଧ୍ୟରେ ପିଲାଙ୍କୁ ୩ ଘଣ୍ଟା ଲେଖାଏ ଶିକ୍ଷା ପ୍ରଦାନ କରାଯାଉଛି। ବିଶ୍ୱନାଥପୁର ସଞ୍ଚ ସମ୍ପାଦକ ରତ୍ନାକର ଦୋରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ସଞ୍ଚ ଅଧୀନରେ ଥିବା ୩୦ ଏକଲ ବିଦ୍ୟାଳୟର ୫୫ ଛାତ୍ରୀଛାତ୍ର



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଅଂଶଗ୍ରହଣ କରିଥିଲେ। ସମାଜସେବୀ ଧର୍ମୁ ଅଗ୍ରୱାଲ ମୁଖ୍ୟ ଅତିଥି, ମାଧବାନନ୍ଦ ଗିରି ବାବା ମୁଖ୍ୟ ବକ୍ତା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଯୋଶୀ, ବ୍ଲକ ଆଦିବାସୀ ସଂଘ ସଭାପତି ସୁକ୍ରୁ ମାଝି, ବିଶ୍ୱନାଥପୁର ସଞ୍ଚ ଉପସଭାପତି ରଘୁବିର ନାଗ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ୧୦୦ମି ଦୌଡ, ୨୦୦ମି ଦୌଡ, ୪୦୦ମି ଦୌଡ, ଲମ୍ବଡିଆଁ, ଉଚ୍ଚ ଡିଆଁ ପ୍ରଭୃତି ଖେଳ ଅନୁଷ୍ଠିତ ହୋଇଥିଲା। ୩୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ଅଭୟାରଣ୍ୟରେ ମହିଳାଙ୍କ ମଦମୁକ୍ତି ଅଭିଯାନ

**ନୂଆପଡ଼ା,୧୫।୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ୍ ସୁନାବେଡ଼ା ଅଭୟାରଣ୍ୟଠାରେ ଦିନକ ପରେ ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟର ଇଷ୍ଟଦେବୀ ସୁନାଦେଈଙ୍କ ଛତରଯାତ୍ରା ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ମହିଳାମାନେ ମଦମୁକ୍ତି ଅଭିଯାନ ଆରମ୍ଭ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ବିଭିନ୍ନ ସ୍ଥାନ ବୁଲି ବିପୁଳ ପରିମାଣରେ ଦେଶୀ ମଦ, ମହୁଲ ପୋଚ ସହ ମଦ ତିଆରି ସାମଗ୍ରୀ ଜବତ କରିଛନ୍ତି। ସୂଚନାକ୍ରମେ ସୁନାବେଡ଼ା ଅଭୟାରଣ୍ୟ ଭିତରେ ଥିବା ଗାଁଗୁଡ଼ିକରେ ବେଆଇନ ଭାବେ



ମହିଳାଙ୍କ ଦ୍ୱାରା ଜବତ ମଦ ତିଆରି ସରଞ୍ଜାମ ଓ ମହୁଲ ପୋଚ।

ଦେଶୀମଦ କାରବାର ବୃଦ୍ଧି ପାଇବାରେ ଲାଗିଛି । ସରଳ ଆଦିବାସୀମାନେ ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି । ନିଶା ସେବନ ଯୋଗୁ ପାରିବାରିକ କଳହ ବୃଦ୍ଧି ପାଇବାରେ ଲାଗିଛି। ତା' ସହ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବଢିବାରେ ଲାଗିଛି। ଏ ବିଷୟରେ କୋମନା ଥାନାରେ ଲିଖିତ ଅଭିଯୋଗ ପରେ ମଧ୍ୟ ସୁଫଳ ନ ମିଳିବାରୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଏକ ବୈଠକ କରି ବେଆଇନ ମଦ କାରବାର ବନ୍ଦ ପାଇଁ ନିଷ୍ପତ୍ତି ନେଇଥିଲେ। ସୋମବାର ଗାତିବେଡ଼ା ଗାଁର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପାଖ ଜଙ୍ଗଲ ଓ ଘରକୁ ଘର ଯାଇ ଦେଶୀ ରନ୍ଧାମଦ ସହ ମଦ ତିଆରି ସାମଗ୍ରୀ ଜବତ କରିଥିଲେ। ପରେ ଏକ ଟ୍ରାକ୍ଟରରେ ବୁଲି ବେଆଇନ ମଦ କାରବାର ବନ୍ଦ କରିବା ପାଇଁ ନାରାବାଜି କରିଥିଲେ। ଗାଁରେ ଦେଶୀମଦ ପ୍ରସ୍ତୁତ କିମ୍ବା ମଦ ବିକ୍ରୟ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଚେତାବନୀ ଦେଇଛନ୍ତି। ମହିଳାମାନେ ଜବତ କରିଥିବା ଦେଶୀମଦ, ମହୁଲ ପୋଚ ଓ ମଦ ତିଆରି ସାମଗ୍ରୀକୁ ପୋଲିସ ଜିମା ଦେଇଥିଲେ।

## ସଂକ୍ଷେପରେ

### ଘରୁ ତାଲା ଭାଙ୍ଗି ଚୋରି

**ପାଇକମାଳ,୧୫।୧୦( ବଡ ଶତପଥି):** ବରଗଡ଼ ଜିଲା ପାଇକମାଳ ଥାନା ଭେଙ୍ଗରାଜପୁର ଗ୍ରାମରେ ଘରେ କେହି ନ ଥିବା ବେଳେ ଜଣଙ୍କ ଘର କବାଟ ଭାଙ୍ଗି ଆଲମାରୀରୁ ସୁନାଗହଣା, ଟଙ୍କା ଚୋରମାନେ ନେଇଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗ୍ରାମର ସାନନ୍ଦ ବେହେରା ଓ ତାଙ୍କ ପରିବାର ଦଶହରାରେ ବଲାଙ୍ଗୀର ଜିଲା କୁସଙ୍ଗ ସ୍ଥିତ ନିଜର ପୈତୃକ ଗ୍ରାମକୁ ଯାଇଥିଲେ। ସେଠାରୁ ଫେରିବା ପରେ ଘରର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଆଲମାରୀରେ ଥିବା ପ୍ରାୟ ୩୫୦୦୦ ଟଙ୍କା ସହ ସମସ୍ତ ସୁନା ଗହଣା ଏବଂ ଘରେ ଥିବା ଚାଉଳ ବସ୍ତା ଲୁଟ ହୋଇଥିବା କହିଛନ୍ତି। ଏନେଇ ପାଇକମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେଶ ନଂ. ୨୪୯/୨୪ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏନେଇ ପାଇକମାଳ ଥାନା ଅଧିକାରୀ ସୁଶାନ୍ତ ପ୍ରଧାନଙ୍କୁ ପଚାରିବାରୁ, ତଦନ୍ତ ଜାରି ରଖିଛି ବୋଲି କହିଛନ୍ତି ।

### ଗାଇସିଲେଟ୍‌ରେ ଶାରଦୀୟ ପୂଜା ସମ୍ପନ୍ନ

**ଗାଇସିଲେଟ୍,୧୫।୧୦(ଦୁର୍ଗାପ୍ରସାଦ ତ୍ରିବେଦୀ):** ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗାଇସିଲେଟ, ବେହେରାମୁଣ୍ଡା, ଯାମୁଟବାହାଲ, କନ୍ଦାଗାଡ଼, କଟାବାହାଲ ଆଦି ସ୍ଥାନରେ ସାର୍ବଜନୀନ ଦୁର୍ଗାପୂଜା ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ରାବଣପୋଡ଼ି ବେଶ୍ ଆକର୍ଷଣୀୟ ହୋଇଥିଲା। ସେହିପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗାଇସିଲେଟରେ ସୀତା କୁମ୍ଭାର ଓ ପଦ୍ମିନୀ ମହାନନ୍ଦ ସେମାନଙ୍କ ସାଥୀ କଳାକାରଙ୍କ ସହିତ ସଞ୍ଚାର ପରିବେଷଣ କରିଥିଲେ। ଏହା ସହିତ ଦଣ୍ଡନୃତ୍ୟ, କୀର୍ତ୍ତନ, ସୀତାହରଣ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଗୁଣସାଗର ସାହୁ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ଲଳିତ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରଶାନ୍ତ ଦାଶ, ସିଦ୍ଧାର୍ଥ ପଣ୍ଡା ପୂଜାକାର୍ଯ୍ୟ କରିଥିଲେ। ପୂଜା କମିଟି ସଭାପତି ତଥା ସରପଞ୍ଚ ଶରତ କାଲୋ, ୟୁଥ୍ କ୍ଲବ ସଭାପତି ରଞ୍ଜନ କୁମାର ପଣ୍ଡା ଏବଂ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

### ଆଜିଠୁ ଗଜଲକ୍ଷ୍ମୀ ପୂଜା

**ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସହରର ଶକ୍ତିନଗର ଗଜଲକ୍ଷ୍ମୀ ପୂଜା ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏହି କ୍ରମରେ ସ୍ଥାନୀୟ ଲକ୍ଷ୍ମୀ ମଣ୍ଡପ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥର ଗଜଲକ୍ଷ୍ମୀ ପୂଜାକୁ ଅନ୍ୟବର୍ଷ ଭଳି ଆକର୍ଷଣୀୟ ତଥା ଉତ୍ସାହ ଉଦ୍ଦୀପନାର ସହିତ ପାଳନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ସମ୍ପାଦକ ବିକାଶ ମହାପାତ୍ର, କୋଷାଧ୍ୟକ୍ଷ ମନୋରଞ୍ଜନ ପୂଜାରୀ, ଉପଦେଷ୍ଟା ସତ୍ୟନାରାୟଣ ପଣ୍ଡା, ତୁଳସୀ ଚରଣ ଦାଶ, କର୍ତ୍ତା କ୍ଷୀରେନ୍ଦ୍ର ନାଏକ, ଆଶୁତୋଷ ପ୍ରଧାନ, ଭୁବନ ଭୋଇ, ସୁଶାନ୍ତ ତ୍ରିପାଠୀ, ଅମୀୟ କୁମାର ମିଶ୍ର, ବିଭୂତି ଭୂଷଣ ଦାଶ, ପ୍ରଭାସ ରଥ, ପପୁ ଦାଶ, ଜତୀନ ରମାନୀୟ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରାକୃତିକ ଓ ଜୈବିକ କୃଷିକୁ ଗୁରୁତ୍ୱ

#### ରେଙ୍ଗାଲିରେ ମହିଳା କୃଷକ ଦିବସ ପାଳିତ

**ଖପ୍ରାଖୋଲ,୧୫।୧୦(ଅଭୟ ତ୍ରିପାଠୀ)** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏଫଇଏସ ଓ ଓଡ଼ିଶା ଜୀବିକା ମିଶନର ମିଳିତ ଉଦ୍ୟମରେ ମହିଳା କୃଷକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ବିପିଏମ ମନୋଜ କେରକେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସରପଞ୍ଚ ଉମାକାନ୍ତ ମେହେର, ମୁଖ୍ୟବକ୍ତା ଭାବେ ଏଫଇଏସ ମାଷ୍ଟର ଟ୍ରେନର ଅଭୟ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଅନ୍ନ ଯୋଜନା ବ୍ଲକ ସଂଯୋଜକ ଉମେଶ ଗୁପ୍ତା, ଗ୍ରାମ ପଞ୍ଚାୟତ ମଞ୍ଚର ସଭାନେତ୍ରୀ ନୁରାବତୀ ବେହେରା, ଏମବିକେ ଭୂମିସୁତା ବାଗ ଯୋଗଦେଇଥିଲେ। ଅତିଥିମାନେ ମହିଳା କୃଷକ ଦିବସ ଉପରେ ଆଲୋକପାତ କରିବା ସହିତ ଚାଷ କାମରେ ମହିଳାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରାକୃତିକ କୃଷି ଓ ଜୈବିକ କୃଷି ପଦ୍ଧତିରେ ଚାଷ କରିବା ଲାଗି ପ୍ରାଧାନ୍ୟ ଦେବାକୁ ଅତିଥିମାନେ କହିଥିଲେ।

# ଅମଳ ପୂର୍ବରୁ ଧାନ ଫସଲରେ ରୋଗପୋକ


ଧାନ ଫସଲରେ କୀଟନାଶକ ପ୍ରୟୋଗ କରାଯାଉଛି।

**ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ଅଧିକ ଧାନଚାଷ ଯୋଗୁ କୃଷି ପ୍ରଧାନ ଜିଲା ଭାବେ ମଧ୍ୟ ଏହି ଜିଲା ପରିଚିତ। ହେଲେ ଏଠାରେ ଚାଷ ଏବଂ ଚାଷୀଙ୍କ ସମସ୍ୟା ସମାଧାନ ହୋଇପାରୁନାହିଁ। ଫସଲ ଅମଳ ପରେ ଧାନର ଅଭାବୀ ବିକ୍ରି ଯୋଗୁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଅନ୍ୟପଟେ ଅମଳ ଆରମ୍ଭରୁ ମଧ୍ୟ ଚାଷୀଙ୍କ ଦୁର୍ଦ୍ଦଶା ଥମୁନାହିଁ। ଜିଲାରେ ଆଗକୁ ଧାନ ଅମଳ ହେବାକୁ ରହିଛି। କିନ୍ତୁ ଅମଳ ନ ହେଉଣୁ ଧାନ ଫସଲରେ ରୋଗପୋକ ଉପଦ୍ରବ ଚାଷୀଙ୍କ ନିଦ ହଜାଇ ଦେଇଛି। ଚାଷୀମାନେ ତୁହାକୁ ତୁହା କୀଟନାଶକ ପ୍ରୟୋଗ କରୁଛନ୍ତି। ମାତ୍ର କିଛି ସୁଧାର ଆସୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। କାଣ୍ଡବିନ୍ଧା ପୋକ, ନଳୀପୋକ, ସଢ଼ାରୋଗ ପରେ ଏବେ ଜିଲାର ବିଭିନ୍ନ ସ୍ଥାନରେ ଧାନ ଫସଲରେ ଚକଡ଼ା (ମାଟିଆ ଗୁଣ୍ଡି) ରୋଗପୋକ ଉପଦ୍ରବ ହେଲାଣି। ଏହା ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଅପରପକ୍ଷେ ଆଗଭଳି ବର୍ତ୍ତମାନ ଆଉ କୀଟନାଶକରେ ଚାଷୀଙ୍କୁ ରିହାତି ମିଳୁନାହିଁ। ଫଳରେ ପୂର୍ବାପେକ୍ଷା ଚାଷୀଙ୍କୁ ଅଧିକ କ୍ଷତି ସହିବାକୁ ପଡୁଛି ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରସନ୍ନ ମିଶ୍ରଙ୍କୁ ପଚାରିବାରୁ କାଁ ଭାଁ କିଛି କୀଟନାଶକରେ ରିହାତି ମିଳୁଛି। କିନ୍ତୁ ଏପର୍ଯ୍ୟନ୍ତ ଠାକୁରଙ୍କ ଦୟାରୁ ଧାନ ଫସଲରେ ସେଭଳି କିଛି ରୋଗପୋକ ଉପଦ୍ରବ ହୋଇନାହିଁ। ଯେଉଁଠି ଫସଲରେ ରୋଗପୋକ ଉପଦ୍ରବ ହୋଇଥିବା ସୂଚନା ପାଇଲେ ସେଠାକୁ କୃଷି ବିଭାଗ ଟିମ୍ ପହଞ୍ଚି ବିହିତ ପଦକ୍ଷେପ ନେବେ ବୋଲି ସେ କହିଥିଲେ।

#### ଏମାନେ କୁହନ୍ତି

**ଫସଲରେ ଆରମ୍ଭ ହେଲାଣି ଚକଡ଼ା**


“କିଛିଦିନ ତଳେ ଧାନ ଫସଲରେ ନଳୀପୋକ ଦେଖାଯାଇଥିଲା। କୀଟନାଶକ ପ୍ରୟୋଗ ପରେ ଫସଲ ଭଲ ହୋଇଥିଲା। କିନ୍ତୁ ଏବେ ଧାନ ଫସଲରେ ଚକଡ଼ା ରୋଗପୋକ ଉପଦ୍ରବ ହୋଇଛି। ଏହାକୁ ତୁରନ୍ତ ଦମନ କରା ନ ଗଲେ ଆଗକୁ ଏହା ବ୍ୟାପିବ ଏବଂ ଫସଲକୁ ଧୂଳିସାତ୍ କରିଦେବ। ଏଥିପ୍ରତି କୃଷି ବିଭାଗ ଦୃଷ୍ଟି ଦେବା ଦରକାର।

–ସୁରେଶ ନେକାଣ୍ଡି, ଚାଷୀନେତା, କଲାପାଣି

**ରିହାତିରେ ମିଳୁନି କୀଟନାଶକ**


“ଧାନ ଫସଲରେ ରୋଗପୋକ ଉପଦ୍ରବ ଦେଖାଯାଇଛି। ଅତାବିରା, ଭଟଲି, ସୋହେଲା ଆଦି ଅଞ୍ଚଳରେ ଚକଡ଼ା ରୋଗପୋକ ବ୍ୟାପିଲାଣି। ଆଗରୁ ଚକଡ଼ା, ଗଣ୍ଡିପୋକ ଆଦି ରୋଗପୋକ ଦମନ ପାଇଁ ବ୍ୟବହୃତ କୀଟନାଟକ ରିହାତି ଦରରେ ଚାଷୀଙ୍କୁ ମିଳୁଥିଲା। କିନ୍ତୁ ଏବେ ଚାଷୀଙ୍କୁ ଆଉ କୀଟନାଶକ ରିହାତିରେ ମିଳୁନାହିଁ।

–ହର ବଣିଆଁ, ଚାଷୀନେତା, ସରକଣ୍ଡା

**କାମ କରୁନି କୀଟନାଶକ**


“ବରଗଡ଼ ଜିଲାରେ ଧାନ ଫସଲ ବର୍ତ୍ତମାନ ଭୟଙ୍କର ସ୍ଥିତିରେ ରହିଛି। ସବୁଆଡ଼େ ଧାନ ଫସଲରେ ରୋଗପୋକ ଉପଦ୍ରବ ଦେଖାଦେଇଛି। ଚାଷୀମାନେ ବାରମ୍ବାର ଫସଲରେ କୀଟନାଶକ ପ୍ରୟୋଗ କରୁଛନ୍ତି। କିନ୍ତୁ ରୋଗପୋକଙ୍କ ପ୍ରାଦୁର୍ଭାବ କମୁନାହିଁ। ଅନ୍ୟପଟେ ଚାଷୀଙ୍କୁ ଅଧିକ କ୍ଷତି ସହିବାକୁ ପଡୁଛି। କୃଷି ବିଭାଗ ଏହାକୁ ଗୁରୁତ୍ୱର ସହିତ ଗ୍ରହଣ କରିବା ଦରକାର।

–ରମେଶ ମହାପାତ୍ର, ଚାଷୀନେତା, ବରଗଡ଼

### ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା



**ସଇଁତଲା,୧୫।୧୦(ରାଖାଲ ପ୍ରସାଦ ଶତପଥୀ)**

ସଇଁତଲା ବ୍ଲକ ଅନ୍ତର୍ଗତ କରମତଲା ପଞ୍ଚାୟତର ଛନଛଡ଼ାଠାରେ ୨୪ତମ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଛନଛଡ଼ା ପୂଜାମଣ୍ଡପରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ କଳସ ନେଇ ନିକଟସ୍ଥ ଲାନ୍ଥନଦୀକୁ ଯାଇଥିଲେ। ସେଠାରେ ପୂଜକ ସୁରେଶ ପୁରୋହିତ, ଶ୍ୟାମ ପୁରୋହିତ, ରବି ପାଢ଼ୀ ଓ ଭିକ ପୂଝାରୀ ପୂଜା କାର୍ଯ୍ୟ ସମାପନ କରିବା ପରେ କଳସ ନେଇ ସ୍ଥାନୀୟ ମଣ୍ଡପରେ ସ୍ଥାପନ କରିଥିଲେ। ଚଳିତବର୍ଷ କର୍ତ୍ତା ଭାବରେ ପ୍ରଦୀପ ବାଗ ଓ ତାଙ୍କ ସ୍ତ୍ରୀ ତିଳୋତ୍ତମା ବାଗ ଦାୟିତ୍ୱ ନିର୍ବାହ କରୁଛନ୍ତି । କମିଟିର ସଭାପତି ସୁବ୍ରତ ବେହେରା, ଉପ–ସଭାପତି ବାମନ ବୁଡେକ, ସମ୍ପାଦକ ନାରାୟଣ ରଣା, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ମହାକୁର, ସଦସ୍ୟ ଦାମୋଦର ମହାକୁର, କୈଳାଶ ମହାକୁର, ରଞ୍ଜିତ ପାଢ଼ୀ, କୁଳ ବେହେରା, ବୁଲୁ ଭୋଇ, ରାଜେଶ ବେହେରା, କୁଶ ଦଳପତିଙ୍କ ସମେତ ସମସ୍ତ ସଦସ୍ୟ କଳସ ଶୋଭାଯାତ୍ରା ସମୟରେ ସହଯୋଗ କରିଥିଲେ।

## ସପ୍ତଦିବସୀୟ ଶିଶୁ ନାଟ୍ୟ କର୍ମଶାଳା ଉଦ୍‌ଘାଟିତ

**ପଦ୍ମପୁର,୧୫।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ଢୋଲବନ୍ଧଠାରେ ସଚେତନ ହେମା ଅନୁଷ୍ଠାନ ପକ୍ଷରୁ ଶିଶୁ ନାଟ୍ୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଗୁରୁ ଆନନ୍ଦ ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିବା ସହ କର୍ମଶାଳାର ମହତ୍ତ୍ୱ ଉପରେ କହିଥିଲେ। ଆଖପାଖ ଗାଁର ୨୫ ଜଣ ଶିଶୁ ଯୋଗ ଦେଇଥିଲେ। ଗୁରୁ ପ୍ରଶିକ୍ଷକ ଭାବେ ନାଟ୍ୟକାର ରାଜକୁମାର ସାହୁ, ଅଭିନେତା ବିଶ୍ରାମ ମେହେର, ସଙ୍ଗୀତଜ୍ଞ ଲାଦୁ ମହାନନ୍ଦ, ପ୍ରତିମା ସେଠ ଯୋଗ ଦେଇଥିବାବେଳେ ଉପଦେଷ୍ଟା ଭାବେ କେଶରଞ୍ଜନ ପ୍ରଧାନ ଓ ଅଶୋକ ବହିଦାର ଅଛନ୍ତି । ୭ଦିନ ଧରି ହେବାକୁଥିବା କର୍ମଶାଳାକୁ ସଚେତନ ହେମା ଅନୁଷ୍ଠାନ ଆୟୋଜନ ତଥା ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ସହଯୋଗ କରିଥିବା ବେଳେ ପିଲାମାନେ ନାଟ୍ୟ କଳା ବିଷୟରେ ଶିକ୍ଷା ଲାଭ କରିବେ । କାର୍ଯ୍ୟକ୍ରମରେ ଲାଲସାହେବ ସାହୁ, ମହେନ୍ଦ୍ର ସାହୁ, ରବୀନ୍ଦ୍ର ସାହୁ, ଘନଶ୍ୟାମ ଭୋଇ, ବସୁଦେ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ଶିଶୁ ନାଟ୍ୟ ଶାଳରେ ଉପସ୍ଥିତ ଶିଶୁ କଳାକାର।

### ସାଲେଭଟାରେ ରାବଣପୋଡ଼ି

**ଲୋଇସିଂହା,୧୫।୧୦(ସୁଶାନ୍ତ ବାରିକ)**

ଦଶହରା ଦିନ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭଟା ଚଣ୍ଡୀମନ୍ଦିର ପଡିଆଠାରେ ରାବଣପୋଡ଼ି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେଠାରେ ରାବଣ ଦରବାର ହୋଇଥିଲା। ଏଥିପାଇଁ ସର୍ବପ୍ରଥମେ ପୂର୍ଣ୍ଣମାସୀ ମନ୍ଦିରରୁ ପ୍ରଭୁ ରାମଚନ୍ଦ୍ରଙ୍କ ରଥ ବାହାରି ନଗର ପରିକ୍ରମା କରିଥିବା ବେଳେ ମହାଦେବ ମନ୍ଦିରରୁ ରାବଣ ସଦଳବଳେ ନଗର ଭ୍ରମଣ କରି ମଞ୍ଚରେ ବିରାଜମାନ ହୋଇଥିଲେ। ରାବଣ ଦରବାରରେ ଅନୁଷ୍ଠିତ ସଭାରେ କମିଟି ସଭାପତି ରାଜୁ ନାଏକଙ୍କ ଅଧ୍ୟକ୍ଷତା କରିଥିଲେ । ଗୋବିନ୍ଦ ସାହୁ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଅତିଥିମାନେ ସମସ୍ତଙ୍କ ସହଯୋଗରେ ଆଗାମୀ ଦିନରେ ଏପରି ସାଂସ୍କୃତିକ ଭାବଧାରା ବଜାୟ ରଖିବା ପାଇଁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ରାମଲୀଳା କଳାକାର ଉପେନ୍ଦ୍ର ସାହୁ, ରାଧେଶ୍ୟାମ ଦିଶ୍ରୀ, ପ୍ରସନ୍ନ ଦିଶ୍ରୀ, ଗଣ୍ଡାରାମ ସାହୁ , ଅବସରପ୍ରାପ୍ତ ସୈନିକ ବନମାଳୀ ପଧାନ, ମରଣୋତ୍ତର ଭାବେ ସ୍ୱର୍ଗତ ସୁବନ ସା, ଭିକାରୀ ଦିଶ୍ରୀ ଓ ରାମ ପ୍ରସାଦ ମିଶ୍ରଙ୍କ ଉତ୍ତରାଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା କାର୍ଯ୍ୟ ପରେ ମଞ୍ଚରେ କୁନି କୁନି କଳାକାରମାନଙ୍କ ନୃତ୍ୟଗୀତ ସାଙ୍ଗକୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗଙ୍ଗାଶଙ୍କର ସାହୁ ,ଶ୍ରୀକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ସଦାନନ୍ଦ ସାହୁ ଓ ସଜନ ଅଗ୍ରୱାଲ ପରିଚାଳନା କରିଥିଲେ।

## ମାଁ ପଁର୍ରାପାଟ୍‌ଙ୍କ ପାର୍ବଣ ମହୋତ୍ସବ



**ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ମାଁ ପଁର୍ରାପାଟ୍ ଦେବୀଙ୍କ ମନ୍ଦିରରେ ପାର୍ବଣ ମହୋତ୍ସବ ଉତ୍ସାହ ଉଦ୍ଦୀପନାର ସହ ଚାଲିଛି। ଅନ୍ୟଦିନ ଭଳି ମଙ୍ଗଳବାର ସକାଳୁ ବିଧିମତେ ଦେବୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ସକାଳ ୯ଟାରୁ ଦେବୀଙ୍କ ପୀଠରେ ଚଣ୍ଡୀହୋମ କରାଯାଇଥିଲା। ସେହିପରି ସନ୍ଧ୍ୟାରୁ ଲୋକ ମହୋତ୍ସବ ଆରମ୍ଭ ହୋଇଥିଲା। ଏଥିରେ ଅତାବିରା, ବରଗଡ଼ ଅଞ୍ଚଳର ସାଂସ୍କୃତିକ ଦଳ ଅଂଶଗ୍ରହଣ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ପିପିଲିପାଲି ଏବଂ ବିଜେପୁର ଖରମୁଣ୍ଡାର ମହିଳା ସଂକୀର୍ତ୍ତନ ମଣ୍ଡଳୀ କଳାକାରମାନେ ସଂକୀର୍ତ୍ତନ ପରିବେଷଣ କରିଥିଲେ। ମାଁ ପଁର୍ରାପାଟ୍‌ଙ୍କ ଦର୍ଶନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି।

### ଅଲ୍ ଓଡ଼ିଶା ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପ୍‌ରେ ବଲାଙ୍ଗୀରର ଦିବ୍ୟମ୍ ଚାମ୍ପିୟନ

**ବଲାଙ୍ଗୀର,୧୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ଅଲ୍ ଓଡ଼ିଶା ବ୍ୟାଡ଼ମିଣ୍ଟନ ଚାମ୍ପିୟନ୍‌ସିପ୍‌ରେ ବଲାଙ୍ଗୀରର ଦିବ୍ୟମ୍ କେଜ୍ରିୱାଲ କମାଲ ଦେଖାଇଛନ୍ତି। ଭୁବନେଶ୍ୱରସ୍ଥିତ ମଲ୍‌ଟି ପରପୋଜ୍ ବ୍ୟାଡ଼ମିଣ୍ଟନ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ଅଲ୍ ଓଡ଼ିଶା ବ୍ୟାଡ଼ମିଣ୍ଟନ ଚାମ୍ପିୟନ୍‌ସିପ୍‌ରେ ଦିବ୍ୟମ୍ ଅଣ୍ଡର ୧୯ ସିଙ୍ଗଲ୍‌ରେ ବାଲେଶ୍ୱର ଜ୍ୟୋତିସୂର୍ଯ୍ୟ ପରମନିକଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଏହାସହିତ ଅଣ୍ଡର ୧୯ ଡ଼ବଲସ୍‌ରେ ସହଯୋଗୀ ବାପୁନ ରାଉତଙ୍କ ସହ ମିଶି ମୟୁରଭଞ୍ଜର ଶ୍ରୀୟାନ୍ସ ଜେନା ଓ ଢେଙ୍କାନାଳର ଶୁଭ୍ରକେତନ୍ ମଲ୍ଲିକଙ୍କୁ ହରାଇ ଦିବ୍ୟମ୍ ଓ ବାପୁନ ଚାମ୍ପିୟନ ହୋଇଛନ୍ତି। ଦିବ୍ୟମ୍‌ଙ୍କ ଏହି ସଫଳତା ପରେ ତାଙ୍କୁ କ୍ରୀଡାପ୍ରେମୀମାନେ ଅଭିନନ୍ଦନ ଜଣାଇଛନ୍ତି।

## ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ :ଦୋକାନ ଘର ଜଳିଗଲା

**ବୌଦ୍ଧ,୧୫।୧୦(ଅଜିତ କୁମାର ବାରିକ)**



ବୌଦ୍ଧ ସହରର କେଉଟ ସାହିରେ ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ ଘଟି ଗୋଟିଏ ଦୋକାନ ସମେତ ଦୁଇ ବଖରା ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ତେବେ ସୌଭାଗ୍ୟବଶତଃ ଅଗ୍ନିକାଣ୍ଡରେ ଜଳି ଯାଇଥିବା ଘରର ପାଖ କୋଠରୀରେ ଟିଉସନ ପଢୁଥିବା ଛାତ୍ରୀଛାତ୍ରମାନେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ପ୍ରକାଶ ଯେ, କେଉଟସାହିର ଅପୂର୍ବ ପଟ୍ଟନାୟକ ନିଜ ଘରେ ଖୋଲିଥିବା ଦୋକାନରେ ଗ୍ୟାସରେ ଚା ପ୍ରସ୍ତୁତ କରୁଥିବା ବେଳେ ହଠାତ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯାଇଥିଲା। ଏହି ସମୟରେ ନିକଟସ୍ଥ କୋଠରୀରେ ଟିଉସନ ହେଉଥିବା ଛାତ୍ରୀଛାତ୍ରଙ୍କୁ ସଙ୍ଗେ ସଙ୍ଗେ ସୁରକ୍ଷିତ ଭାବରେ ବାହାରକୁ ନିଆଯାଇଥିଲା। ଖବରପାଇ ବୌଦ୍ଧ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ଅଗ୍ନିକାଣ୍ଡରେ ଅପୂର୍ବଙ୍କ ଦୋକାନର ସାମଗ୍ରୀ ଓ ସେ ରହୁଥିବା ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବା ଜଣାଯାଇଛି।

## ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଭଉଣୀଭାଇଙ୍କ ବାଜିମାତ୍

**ବୌଦ୍ଧ,୧୫।୧୦ (ଅଜିତ କୁମାର ବାରିକ)**

ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ବୌଦ୍ଧ ସହରର ବୁଦୁପାଲିର ଭଉଣୀଭାଇ ବାଜିମାତ୍ ମାରିଥିବା ଜଣାପଡିଛି। ସୂଚନା ମୁତାବକ, ସମ୍ବଲପୁର ଜିଲାର ଯୁଜୁମୁରା ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଗତ ଅକ୍ଟୋବର ୯ ତାରିଖରୁ ଅକ୍ଟୋବର ୧୨ ତାରିଖ ପର୍ଯ୍ୟନ୍ତ ହୋଇଥିବା ୨୫ ତମ ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ୧୫ ବର୍ଷରୁ କମ ରିକର୍ଭ ରାଉଣ୍ଡରେ ଟେନିଶା ମେହେର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ତାଙ୍କର ସାନଭାଇ ଦୁର୍ଗାଦତ୍ତ ମେହେର ୧୫ ବର୍ଷ କମ ଇଣ୍ଡିଆନ ରାଉଣ୍ଡରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଟେନିଶା ସୁନ୍ଦରଗଡ ଜିଲାର ସରକାରୀ କ୍ରୀଡା ଛାତ୍ରୀ ନିବାସରେ ରହି କ୍ରୀଡା ଅଭ୍ୟାସ ଜାରି ରଖିଥିବା ବେଳେ ଦୁର୍ଗାଦତ୍ତ କେନ୍ଦୁଝର ଜିଲାର ଧରଣୀଧର କ୍ରୀଡା ଛାତ୍ରାବାସରେ ରହି କ୍ରୀଡା ଅଭ୍ୟାସ କରୁଛନ୍ତି। ବୁଦୁପାଲିର ଯୁବ ସାମାଜିକ କର୍ମୀ ଇନ୍ଦ୍ରମଣି ମେହେରଙ୍କ ପୁଅଝିଅ ହେଲେ ଦୁର୍ଗାଦତ୍ତ ଓ ଟେନିଶା ।


ତୀରନ୍ଦାଜୀ ପ୍ରତିଯୋଗୀ ଦୁଇ ଭାଇଭଉଣୀ

# ବିଷକ୍ରିୟାରେ ଦନ୍ତାହାତୀର ମୃତ୍ୟୁ ସନ୍ଦେହ

**ବଲାଙ୍ଗୀର,୧୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ବନାଞ୍ଚଳରେ ଚାରି ଦିନ ମଧ୍ୟରେ ଦୁଇଟି ଦନ୍ତାହାତୀର ମୃତ୍ୟୁ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି। ଗତ ୮ ତାରିଖ ଦିନ ଅସୁରଡୁଙ୍ଗୁରୀ ଗାଁ ନିକଟ ମଠଖାଇ ପାହାଡ ପାଦଦେଶ ପତ୍ରାଜଙ୍ଗଲରେ ଏକ ଦନ୍ତହାତୀର ମୃତ୍ୟୁ ହୋଇଥିଲା। ଉକ୍ତ ଦନ୍ତାହାତୀର ଗୋଟିଏ ଦାନ୍ତ ନ ଥିବାରୁ ହାତୀକୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଥିଲା। ଏହାର ଚାରି ଦିନ ପରେ ବଲାଙ୍ଗୀର ରେଞ୍ଜ ଅନ୍ତର୍ଗତ ଆଟଗାଁ ସେକ୍‌ସନ୍‌ର ସୁଲିଆ ଘାଟି ସଂରକ୍ଷିତ ଜଙ୍ଗଲ ଭିତରେ ଶନିବାର ପୁଣି ଏକ ଦନ୍ତାହାତୀର ମୃତଦେହ ମିଳିଥିଲା। ହାତୀର ମୃତଦେହ ପଡିଥିବା ସ୍ଥାନ ଠାରୁ ପ୍ରାୟ ଶହେ ମିଟର ଅଞ୍ଚଳ ଜଙ୍ଗଲ ଭିତରେ ବହୁ ସଂଖ୍ୟାରେ ଗଛପତ୍ର ଛିନ୍ନଛତ୍ର ହୋଇଯାଇଥିବା ଦେଖିବାକୁ ମିଳିଥିଲା । ଫଳରେ ହାତିଟି ମରିବା ପୂର୍ବରୁ ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ କରିଥିବା ଅନୁମାନ କରାଯାଇଥିଲା। ଏଣୁ ବିଷକ୍ରିୟା ଯୋଗୁ ହାତୀ ମରିଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ୍) ସନ୍ତୋଷ ଯୋଷୀ ଗତ ଶନିବାର ଦିନ ଘଟଣାସ୍ଥଳ ପରିଦର୍ଶନ କରି ହାତୀ ମୃତଦେହ ଦେଖିବା ପରେ ହାତୀଟିର ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ସନ୍ଦେହ କରିଥିଲେ। ଏନେଇ ଗଣମାଧ୍ୟମରେ ବିବୃତି ଦେବା ପରେ ହଇଚଇ ସୃଷ୍ଟି ହୋଇଥିଲା। ଆରସିସିଏଫ୍ ଯୋଷୀ ହାତୀର ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ସନ୍ଦେହ କରିବା ପରେ ବିଷକ୍ରିୟା ଯୋଗୁ ମୃତ୍ୟୁ ଘଟିଥିବା ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ଆରସିସିଏଫ୍ ଯୋଷୀ ହାତୀର ଅସ୍ୱାଭାବିକ ମୃତ୍ୟୁ ନେଇ ମତାମତ ଦେଇଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଗଣମାଧ୍ୟମରେ କହିଥିଲେ। କିନ୍ତୁ ବନଖଣ୍ଡ ଡିଏଫ୍‌ଓ ସୁଦର୍ଶନ ବେହେରା ବାର୍ଦ୍ଧକ୍ୟଜନିତ କାରଣରୁ ହାତୀର ମୃତ୍ୟୁ ହୋଇଥାଇପାରେ ବୋଲି କହିଥିଲେ। ହାତୀ ମୃତ୍ୟୁ ନେଇ ଆରସିସିଏଫ୍ ଯୋଷୀ ଓ ବନଖଣ୍ଡ ଅଧିକାରୀ ବେହେରାଙ୍କ ମତାମତରେ ତାଳମେଳ ରହୁନାହିଁ। ସୁଲିଆ ଘାଟି ଜଙ୍ଗଲରେ ହାତୀଟି ପ୍ରାୟ ୧୦୦ ମିଟର ଦୂର ଯାଏଁ କଚାଡି ହୋଇଥିବା ଫଳରେ ସେଇ ଅଞ୍ଚଳଟି ଛିନ୍ନଛତ୍ର ହୋଇଯାଇଥିଲା। ହାତୀଟି ଏକ ଛୋଟିଆ ଜଳଧାର କୂଳରେ ମରି ପଡିଥିବା ଦେଖାଯାଇଥିଲା। ରବିବାର ହାତୀର ବ୍ୟବଚ୍ଛେଦ କରିବା ପରେ ଦୁଇ ଦାନ୍ତ ଉଦ୍ଧାର କରାଯାଇଥିଲା। ଦୁଇ ଦାନ୍ତର ଓଜନ ପ୍ରାୟ ୬୦ କେଜି ହେବ ବୋଲି ଜଣାପଡିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଯାଇ ମୃତ୍ୟୁ କାରଣ ସ୍ପଷ୍ଟ ହେବ ବୋଲି ଆରସିସିଏଫ୍ ଓ ଡିଏଫଓ କହିଛନ୍ତି। କିନ୍ତୁ ବିଷକ୍ରିୟାରୁ ହାତୀର ମୃତ୍ୟୁ ହୋଇଥାଇପାରେ ବୋଲି ଆଖପାଖ ଗାଁ ଲୋକେ ସନ୍ଦେହ କରିଛନ୍ତି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ମାସରେ ଦେଓଗାଁ ବନାଞ୍ଚଳରୁ ଉଦ୍ଧାର ହୋଇଥିବା ଏକ ହାତୀ ଛୁଆ ର ଚିକିତ୍ସାଧୀନ ଅବସ୍ଥାରେ ଚନ୍ଦକା ଅଭୟାରଣ୍ୟରେ ମୃତ୍ୟୁ ଘଟିଥିଲା ।


ବଲାଙ୍ଗୀର ସୁଲିଆ ଘାଟି ଜଙ୍ଗଲରେ ମରି ପଡିଥିବା ଦନ୍ତାହାତୀକୁ ଆରସିସିଏଫ୍ ସନ୍ତୋଷ ଯୋଷୀ ବୁଲି ଦେଖୁଛନ୍ତି।

**ସୁଲିଆ ଘାଟି ଜଙ୍ଗଲରୁ ହାତୀର ମୃତଦେହ ଠାବ ଘଟଣା**

- ୪ ଦିନରେ ଦୁଇ ଦନ୍ତାହାତୀର ମୃତଦେହ ମିଳିଲାଣି
- ଅସ୍ୱାଭାବିକ ମୃତ୍ୟୁ କହିଲେ ଆରସିସିଏଫ୍
- ବଲାଙ୍ଗୀର ଜଙ୍ଗଲରେ ହାତୀ ସୁରକ୍ଷିତ ନୁହେଁ

## ସଂକ୍ଷେପରେ

### କୂଅରେ ପଡ଼ି ଯୁବକ ମୃତ

**ରାଉରକେଲା,୧୫।୧୦(ଦିନେଶ ମିଶ୍ର):** ସେକ୍ଟର-୭ ଥାନା ଅନ୍ତର୍ଗତ ଅଭିରାମପାଲ୍ଲୀ ବସ୍ତିରେ ଥିବା ଏକ କୂଅରେ ପଡିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ସନ୍ତୋଷ ରାଉତ(୩୫)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଅଭିରାମପାଲ୍ଲୀ ବସ୍ତିର ସନ୍ତୋଷ ସନ୍ତୋଷ ଠିକା ଶ୍ରମିକ ଭାବେ କାମ କରନ୍ତି। ଗତ ସୋମବାର ରାତିରେ କୌଣସି କଥାକୁ ନେଇ ସନ୍ତୋଷ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଘର ଲୋକେ ଶୋଇଥିବାବେଳେ ସନ୍ତୋଷ ଘରୁ ବାହାରି ବସ୍ତି ନିକଟରେ ଥିବା ଏକ କୂଅ ରାସ୍ତାଦେଇ ଯାଉଥିବାବେଳେ କୌଣସି କାରଣରୁ ଗଳି ପଡିଥିଲେ। ମଙ୍ଗଳବାର ସକାଳେ ବସ୍ତିବାସୀ କୂଅକୁ ପାଣି ଆଣିବାକୁ ଯାଇଥିବାବେଳେ ତାଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ କୂଅରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ମଦ ଯୋଗାଣକାରୀ-ଗ୍ରାହକଙ୍କ ମଧ୍ୟରେ ମାର୍‌ପିଟ୍

**ରାଉରକେଲା,୧୫।୧୦(ସଙ୍ଗୀତା ଜେନା):** ରାଉରକେଲା ସେକ୍ଟର-୧୯ ଥାନାଠାରୁ ମାତ୍ର ୫ଶହ ମିଟର ଦୂର ଆମ୍ବାଗାନ ଗଜପତି ମାର୍କେଟରେ ଥିବା ଏକ ଢାବାରେ ସୋମବାର ବିଳମ୍ବିତ ରାତିରେ ମଦ ଯୋଗାଣକାରୀ ଏବଂ ଗ୍ରାହକଙ୍କ ମଧ୍ୟରେ ମାଡ଼ପିଟ୍ ହୋଇଥିବା ସୂଚନା ମିଳିଛି। ଏ ନେଇ ଥାନାରେ ୨ଟି ପୃଥକ୍ ମାମଲା (ନଂ.୧୬୦/୨୪ ଓ ନଂ.୧୬୧/୨୪) ରୁଜୁ ହୋଇଛି। ଅନ୍ୟପକ୍ଷେ ମଙ୍ଗଳବାର ସକାଳେ ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଢାବାରେ ଚଢ଼ାଉ କରାଯାଇଛି। ସୂଚନା ଅନୁଯାୟୀ, ସୋମବାର ରାତିରେ ଉକ୍ତ ଢାବାକୁ ମଦ ଯୋଗାଉଥିବା ଜଣେ ବ୍ୟକ୍ତିଙ୍କୁ କିଛି ଗ୍ରାହକ ମଦ ମାଗିଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କ (ମଦ ଯୋଗାଣକାରୀ) ଗ୍ରାହକଙ୍କୁ ଚଢ଼ାଦର ମାଗିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଝଗଡ଼ା ଓ ମାଡପିଟ୍ ହୋଇଥିଲା। ମଙ୍ଗଳବାର ସକାଳେ ଘଟଣାସ୍ଥଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ମାମଲାରେ ଥାନାରେ ୨ଟି ମାମଲା ରୁଜୁ ହୋଇଛି ଏବଂ ଏହାର ତଦନ୍ତ କରାଯାଉଛି ବୋଲି ଥାନାଧିକାରୀ ସାଇପ୍ରଭା ସ୍ୱାଇଁ କହିଛନ୍ତି। ସେହିପରି ରାଉରକେଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଆସିଫ୍ ଅଲ୍ଲୀଙ୍କୁ ପଚରାଯିବାରୁ ସମସ୍ତ ବିଷୟ ପଚାରି ବୁଝିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିକ୍ରିୟା ଦେଇଛନ୍ତି।

### ଦୀର୍ଘତମ ହିଟ୍ ସିକ୍ୱେନ୍ସ କାଷ୍ଟିଂରେ ରେକର୍ଡ ହାସଲ

**ଆର୍‌ଏସ୍‌ପି ଏସ୍‌ଏମ୍‌ଏସ୍-୨ ବିଭାଗ**

**ରାଉରକେଲା,୧୫।୧୦(ବିପ୍ଳବ ରଞ୍ଜନ ଦାଶ):** ଆର୍‌ଏସ୍‌ପିର ଷ୍ଟିଲ ମେଲ୍ଟିଂ ଶପ୍-୨ (ଏସ୍‌ଏମ୍‌ଏସ୍-୨) ବିଭାଗର କଣ୍ଟିନ୍ୟୁୟସ କାଷ୍ଟିଂ ମେସିନ-୩ (ସିସିଏମ୍-୩) ଦୀର୍ଘତମ ହିଟ୍ ସିକ୍ୱେନ୍ସ କାଷ୍ଟିଂର ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ଉକ୍ତ ଅବଧିରେ ସମୁଦାୟ ଉଲ୍ଲେଖନୀୟ ୬୦୨୦୦ ଟନ୍ ଅଶୋଧିତ ଇସ୍ପାତ କାଷ୍ଟିଂ ସମ୍ପନ୍ନ ହୋଇଥିଲା। ଏଥିପୂର୍ବରୁ ଗତ ଜାନୁୟାରୀ ମାସରେ ୩୦୯ଟି ହିଟ୍ ରେକର୍ଡ ୟୁନିଟ୍‌ର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଉଲ୍ଲେଖଯୋଗ୍ୟ, ଏହି କାଷ୍ଟିଂ ଅପରେଶନ ସେପ୍ଟେମ୍ବର ୩୦ତାରିଖରେ ଆରମ୍ଭ ହୋଇ ଅକ୍ଟୋବର ୧୨ତାରିଖରେ ଶେଷ ହୋଇଥିଲା ଏବଂ ମୋଟ କାଷ୍ଟିଂ ଅବଧି ୧୧ଦିନ ୨୦ଘଣ୍ଟାରେ ହାସଲ ହୋଇଥିଲା। ଏହି ରେକର୍ଡ ସିକ୍ୱେନ୍ସ ପ୍ରଦର୍ଶନ ଅବଧିରେ କାଷ୍ଟର-୩ରେ ୫ଟି ଅନ୍‌ଲାଇନ ଆକାର ପରିବର୍ତ୍ତନ କରାଯାଇଥିଲା। ଟଣ୍ଡିସ ଅପରେଶନ ଦୃଷ୍ଟିରୁ ବିଭାଗୀୟ ଟିମ୍ ସମୁଦାୟ ୧୮ଟଣ୍ଡିସ ବ୍ୟବହାର କରି ୧୭ଟି ଟଣ୍ଡିସ ଫ୍ଲାଇଂ ହାସଲ କରିଥିଲା। ପ୍ରତି ଟଣ୍ଡିସରେ ହାରାହାରି ହିଟ୍ ସଂଖ୍ୟା ୨୧.୧୧ ରହିଥିଲା। ପ୍ରତ୍ୟେକ ଟଣ୍ଡିସ ହାରାହାରି ୧୫ଘଣ୍ଟା ୫୧ମିନିଟ କାର୍ଯ୍ୟକ୍ଷମ ଥିଲା। ସମଗ୍ର ଉତ୍ପାଦନ ଶୃଙ୍ଖଳ ଓ ସହାୟକ ଏଜେନ୍ସି ଯଥା ମେକାନିକାଲ, ଇଲେକ୍ଟ୍ରିକାଲ, ଇନଷ୍ଟ୍ରୁମେଣ୍ଟେଶନ, ରିସର୍ଚ୍ଚ ଏଣ୍ଡ କଣ୍ଟ୍ରୋଲ ଲ୍ୟାବ୍, ଉତ୍ପାଦନ ଯୋଜନା ଏବଂ ନିୟନ୍ତ୍ରଣ(ପିପିସି) ବିଭାଗର ସମ୍ମିଳିତ ପ୍ରୟାସ ଦ୍ୱାରା ଏହି ସଫଳତା ହାସଲ ହୋଇପାରିଥିଲା।

# ନାବାଳକଙ୍କ ଗାଡ଼ିଚାଳନା, ବିପଦକୁ ଆମନ୍ତ୍ରଣ

**ରାଉରକେଲା ସହର ବର୍ଷକରେ କଟାଯାଇଛି ମାତ୍ର ୧୯ ଚାଲାଣ**

**ରାଉରକେଲା,୧୫।୧୦(ବିପ୍ଳବ ରଞ୍ଜନ ଦାଶ)**

ବିପଦ କେତେବେଳେ ଆସିବ ତାହା କେହି କହିହେବନାହିଁ। ଏଣୁ ସର୍ବଦା ସତର୍କ ଏବଂ ସାବଧାନ ରହିବା ନିତାନ୍ତ ଆବଶ୍ୟକ। ମାତ୍ର ରାଉରକେଲା ସହର ରାସ୍ତାରେ ଯେଉଁଭଳି ଭାବେ ନାବାଳକମାନେ ଯାନବାହନ ଚଳାଉଛନ୍ତି ସେମାନଙ୍କୁ ଦେଖି ଅନ୍ୟମାନେ ଭୟଭୀତ ହୋଇପଡୁଛନ୍ତି। ୧୮ବର୍ଷରୁ କମ୍ ବୟସର ପିଲାଏଁ ଯାନବାହନ ଚଳାଇବା ଦଣ୍ଡନୀୟ ଅପରାଧ। ଏମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଯାନବାହନ ଚାଳନା କରିବା ବାରଣ ରହିଛି। ମାତ୍ର ରାଉରକେଲା ସହରର ରାସ୍ତାଘାଟରେ ନାବାଳକମାନେ ଅନାୟାସରେ ଯାନବାହନ ଚଳାଉଥିବା ଦେଖିବାକୁ ମିଳୁଛି। ତେବେ ବିଭାଗୀୟ ପ୍ରଶାସନ କେବଳ ଭିସିଆର୍ କାଟି ଚୁପ୍ ବସୁଥିବା ଅଭିଯୋଗ ହେଉଛି।

ରାଉରକେଲା ଆଞ୍ଚଳିକ ପରିବହନ ବିଭାଗ ସୂଚନା ଅନୁସାରେ, ୨୦୨୩-୨୪ ଆର୍ଥିକ ବର୍ଷରେ ମାତ୍ର ୧୯ଟି ନାବାଳକ ଗାଡ଼ିଚାଳନା ଜନିତ ଚାଲାଣ ମାମଲା ପଞ୍ଜୀକୃତ ହୋଇଛି। ସେହିପରି ନିଶାପାନ କରି ଗାଡ଼ିଚାଳନା ଜନିତ ୪୨୭ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ଦ୍ରୁତବେଗରେ ଗାଡ଼ିଚାଳନା ସଂକ୍ରାନ୍ତୀୟ ୪୦୨୪, ଗାଡି ଚାଲାଣ ବେଳେ ମୋବାଇଲ ବ୍ୟବହାର ମାମଲା ୫୪୦, ବିନା ହେଲମେଟରେ ଗାଡିଚାଳନା ମାମଲା ୭୧୯୮, ବିନା ସିଟ୍ ବେଲ୍ଟରେ ଗାଡିଚାଳନା ମାମଲା ୪୨୯, ଅଧିକ ଯାତ୍ରୀ ନେବା ଜନିତ ମାମଲା ୪୩, ଓଭର ଲୋଡିଂ ଜନିତ ମାମଲା ୧୧୨ ଏବଂ ଅନ୍ୟାନ୍ୟ ଗାଡି ଚାଳନା ଜନିତ ମାମଲା ୩୩୨୨ ପଞ୍ଜୀକୃତ ହୋଇଛି। ତେବେ ଅନ୍ୟାନ୍ୟ ଗାଡି ଚାଳନା ଜନିତ ମାମଲା ଏତେମାତ୍ରାରେ ପଞ୍ଜୀକରଣ ହେଉଥିବା ବେଳେ ନାବାଳକ ଗାଡ଼ିଚାଳନା ଜନିତ ମାମଲା ବର୍ଷକରେ କେବଳ ୧୯ଟି ପଞ୍ଜୀକୃତ ହେବା ବିଭାଗର ଅବହେଳାକୁ ସ୍ପଷ୍ଟ କରୁଛି। ଗୋଟିଏ ପଟେ ସରକାର ଏ ଦିଗରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ତୃଣମୂଳସ୍ତରରେ ସଚେତନତା ଅଭାବ ଓ ବିଭାଗୀୟ ଅବହେଳା ଯୋଗୁ ରାସ୍ତାରେ ଧନଜୀବନ ନଷ୍ଟ ହେଉଛି। ଏଣୁ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର ବୋଲି ସହରର ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏ ନେଇ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ଭି. ସାମନ୍ତ ସିଂ ରାୟଙ୍କୁ ପଚାରିବାରୁ ସେ କହିଥିଲେ, ପରିବହନ ଜନିତ ନିୟମାବଳୀ ଉଲ୍ଲଂଘନକାରୀଙ୍କ ବିରୋଧରେ ବିଭାଗ ପକ୍ଷରୁ ସବୁବେଳେ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉଛି। ସହରରେ ନାବାଳକମାନଙ୍କ ଗାଡି ଚାଳନା ରୋକିବାରେ ବିଭାଗ ଅପେକ୍ଷା ସେମାନଙ୍କ ଅଭିଭାବକ ଚିନ୍ତାଶୀଳ ହେବା କଥା, ମାତ୍ର ତାହା ହେଉନାହିଁ। ଆଗକୁ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ଅନ୍ତର୍ଜାତୀୟ ଚିଲ୍‌ଡ୍ରେନ ଫେଷ୍ଟିଭାଲରେ ଅତିକ୍ଷସ୍ ପୁରସ୍କୃତ



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ରାଉରକେଲା,୧୫।୧୦(ଦିନେଶ ମିଶ୍ର)**

ରାଉରକେଲା ଓରାମପଡା ସ୍ଥିତ ଇଣ୍ଡୋ ଇଂଲିଶ ବିଦ୍ୟାଳୟରେ ଆୟୋଜିତ ଅର୍ନ୍ତଜାତୀୟ ଚିଲଡ୍ରେନ ଫେଷ୍ଟିଭାଲରେ ଡକ୍ଟର ଏନ୍. କେ. ଖୋସଲା ଡିଏଭି ପବ୍ଲିକ୍ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ର ଅତିକ୍ଷସ୍ ରାଜଗନ୍ଧା ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି। ଅତିକ୍ଷସ୍ ବୀରମିତ୍ରପୁର ଅଞ୍ଚଳରେ ଥିବା ଆମ୍‌କୋ-ସିମ୍‌କୋ ଶହୀଦ ପୀଠକୁ ନେଇ ଏକ କ୍ଷୁଦ୍ର ଫିଲ୍ମ ନିର୍ମାଣ କରିଥିଲେ। ଏହି ଚଳଚ୍ଚିତ୍ର ଆମକୋ-ସିମକୋ ଶହୀଦ ପୀଠର ଇତିହାସର ଗାଥାକୁ ବଖାଣିଥିଲା। ଏହି ଚଳଚ୍ଚିତ୍ରଟି ଅନ୍ତର୍ଜାତୀୟ ଚିଲଡ୍ରେନ ଫେଷ୍ଟିଭାଲ ସ୍ତରରେ ବେଶ୍ ପ୍ରଭାବିତ କରିଥିବାରୁ ଅତିକ୍ଷସ୍‌ଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ଓଡିଶା ଫିଲ୍ମ ଡେଭଲପ୍‌ମେଣ୍ଟ କର୍ପୋରେଶନର ସଦସ୍ୟ ଶକ୍ତିସୌରଭ ପାତ୍ର, ପ୍ରଶାନ୍ତ କୁମାର ପତି, କୈଳାସ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅତିକ୍ଷସ୍‌ଙ୍କୁ ମୋମେଣ୍ଟୋ ପ୍ରଦାନ କରିଥିଲେ। ଏହି ଅର୍ନ୍ତଜାତୀୟ ଚିଲଡ୍ରେନ ଫେଷ୍ଟିଭାଲ ପ୍ରତିଯୋଗିତାରେ ଫ୍ରାନ୍ସ, ଜର୍ମାନୀ, ଥାଇଲ୍ୟାଣ୍ଡ, ତାଇୱାନ ଭଳି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ସହରର ବିଭିନ୍ନ ସ୍କୁଲରୁ ୧୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ଅତିକ୍ଷସ୍‌ଙ୍କୁ ଏହି ସଫଳତା ମିଳିଥିଲା। ଏହି ପ୍ରତିଯୋଗିତା ଇଣ୍ଡୋ ଇଂଲିଶ ସ୍କୁଲ ଓ ତିତିଲି ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ସୂଚନାଯୋଗ୍ୟ, ଅତିକ୍ଷସ୍‌ଙ୍କ ପିତା ମହେଶ ରାଜଗନ୍ଧା ଆର୍‌ଏସ୍‌ପି କର୍ମଚାରୀ ଏବଂ ମାତା ସ୍ୱାଗତିକା ମହାନ୍ତି ଜଣେ ଆଇନଜୀବୀ। ଛୁଆବେଳୁ ଅତିକ୍ଷସ୍ ଜଣେ ବୈଜ୍ଞାନିକ ହେବେ ବୋଲି ସ୍ୱପ୍ନ ଦେଖିଥିବାବେଳେ ଓଡିଶା ଇତିହାସ ଉପରେ ଗବେଷଣା କରି ଆଗକୁ ଏଭଳି ଅନେକ ଫିଲ୍ମ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଥିଲେ।

# ମେଳଣରେ ୩ ମେଢ଼ ପୁରସ୍କୃତ



ମେଳଣ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା,୧୫।୧୦(ବିପ୍ଳବ ରଞ୍ଜନ ଦାଶ)**

**ରାଉରକେଲା ଦୁର୍ଗାପୂଜା ଭସାଣି**

ରାଉରକେଲା ସହରରେ ଶାରଦୀୟ ଦୁର୍ଗାପୂଜା ମେଳଣ ଗତ ସୋମବାର ବିଳମ୍ବିତ ରାତିରେ ଭସାଣି ସହିତ ଶେଷ ହୋଇଛି। ଏହି କ୍ରମରେ ରାଉରକେଲା କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଭସାଣି ଯାତ୍ରା ମହାଆଡମ୍ବରରେ ପାଳିତ ହୋଇଥିଲା। ପୂଜା କମିଟିଗୁଡିକ ମା'ଙ୍କ ମୃଣ୍ମୟ ମୂର୍ତ୍ତିଗୁଡିକୁ ଶୋଭାଯାତ୍ରାରେ ସେକ୍ଟର-୧୩ ମେଳଣ ପଡିଆକୁ ନେଇଥିଲେ। ପରେ ହାତଗଣତି କିଛି ମେଢକୁ ଛାଡି ସହରର ପ୍ରାୟ ସମସ୍ତ ମେଢ ସିଧାସଳଖ ବାଲୁଘାଟ ସ୍ଥିତ ବିସର୍ଜନ ଘାଟକୁ ଯାଇଥିଲେ। ଡିଜେ, ଦୁଲଦୁଲି ଆଦି ବାଦ୍ୟଯନ୍ତ୍ରର ତାଳେ ତାଳେ ଭସାଣି ଶୋଭାଯାତ୍ରା ଚାଲିଥିଲା। ଚଳିତ ବର୍ଷ ମେଳଣ ପଡିଆରେ ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟାରିକେଡ ଯୋଗୁ ମେଢ ଲଦାଯାଇଥିବା ଟ୍ରକ୍ ଓ ଟ୍ରଲର ମେଳଣ ପଡିଆକୁ ଯାଇ ନ ପାରି ସିଧାସଳଖ ରିଂରୋଡ୍ ଓ ହନୁମାନ ବାଟିକା ଦେଇ ବିସର୍ଜନ ଘାଟକୁ ଯାଇଥିଲା। ଅନ୍ୟପଟେ ମେଳଣ ପଡିଆକୁ ଯାଇଥିବା ପ୍ରଥମ ୩ଟି ମେଢକୁ ସିପିସି ତରଫରୁ ପୁରସ୍କୃତ କରାଯାଇଥିଲା। ଉଦିତନଗର ବିରଜାପାଲି ମେଢ ପ୍ରଥମ, ତରକେରା ପୂଜା କମିଟି ମେଢ ଦ୍ୱିତୀୟ ଏବଂ ସେକ୍ଟର-୧୪ ପୂଜା କମିଟି ମେଢ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମେଳଣରେ ଆର୍‌ଏସ୍‌ପି ପ୍ରକଳ୍ପ ଏବଂ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦାନ କରିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ପୂଜା କମିଟି ସଭାପତି ତଥା ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀ ଏବଂ କେନ୍ଦ୍ରୀୟ ପୂଜା କମିଟି ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କୈବଲ୍ୟ ପସରା ଅନୁଷ୍ଠାନର କଳାକାରମାନଙ୍କ ନୃତ୍ୟ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା।

### ଭିଜିଲାନ୍ସ ସଚେତନତା ସପ୍ତାହରେ ବିବିଧ ପ୍ରତିଯୋଗିତା

**ରାଉରକେଲା,୧୫।୧୦(ବିପ୍ଳବ ରଞ୍ଜନ ଦାଶ)**

ଆରଏସ୍‌ପିର ସତର୍କତା ବିଭାଗ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୪ ପାଳିତ ହୋଇଯାଇଛି। ଚଳିତ ବର୍ଷ ଏହି ସପ୍ତାହ ପାଳନର ବିଷୟବସ୍ତୁ ଥିଲା ଜାତିର ସମୃଦ୍ଧତା ପାଇଁ ଅଖଣ୍ଡତାର ସଂସ୍କୃତି। ଏଥିପାଇଁ ରାଉରକେଲାର ସ୍କୁଲ, କଲେଜର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଆଁରମୁଣ୍ଡାର ପୁଟ୍ରିଖମନ ସରକାରୀ ହାଇସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଗତ ୭ତାରିଖରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ କୁଇଜ ଓ ବିତର୍କ ପ୍ରତିଯୋଗିତାରେ ଯଥାକ୍ରମେ ୮୦ ଓ ୫୦ଜଣ ଅଂଶଗ୍ରହଣ କରିଥିଲେ। ସେହିପରି ୮ତାରିଖରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ୫୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହାପରେ ଜଲଦା ହାଇସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେପ୍ଟେମ୍ବର ୨୮ତାରିଖରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ ୯୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୨୭ତାରିଖରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରାୟ ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ଯଥାକ୍ରମେ ୩୦ ଓ ୬୦ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅକ୍ଟୋବର ୪ରେ ରାଉରକେଲା ମ୍ୟୁନିସିପାଲ କଲେଜରେ କୁଇଜ ଏବଂ ବିତର୍କ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅନୁରୂପ ଭାବେ ବାସନ୍ତୀ କଲୋନୀ ନିକଟସ୍ଥ ଡକ୍ଟର ଏ. ଏନ୍ ଖୋସଲା, ଡିଏଭି ପବ୍ଲିକ ସ୍କୁଲରେ ଗତ ୩ତାରିଖରେ ଚିତ୍ରାଙ୍କନ, ବକ୍ତୃତା ଓ କୁଇଜ ପ୍ରତିଯୋଗିତା ହୋଇଥିଲା।

### ୧୦୦୮ ଗାୟତ୍ରୀ ମହାମନ୍ତ୍ର ଜପ

**ରାଉରକେଲା,୧୫।୧୦(ଦିନେଶ ମିଶ୍ର)**

ସେକ୍ଟର-୨ ସ୍ଥିତ ଗାୟତ୍ରୀ ପୀଠରେ ଗାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ସାମୂହିକ ବିଶ୍ୱଶାନ୍ତି ଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଗାୟତ୍ରୀ ପରିବାରର ପଣ୍ଡିତଗଣଙ୍କ ସମେତ ସ୍ଥାନୀୟ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଗାୟତ୍ରୀ ମୂଳମନ୍ତ୍ର ଉଚ୍ଚାରଣ କରି ଯଜ୍ଞକୁଣ୍ଡରେ ଘୃତ ଓ ନାରିକେଳ ସମର୍ପଣ କରିଥିଲେ। ଶ୍ରଦ୍ଧାଳୁଙ୍କ ଦ୍ୱାରା ୧୦୦୮ ଗାୟତ୍ରୀ ମହାମନ୍ତ୍ର ଜପ କରାଯାଇଥିଲା। ପରେ ଗାୟତ୍ରୀ ପରିବାର ପକ୍ଷରୁ ବିଶ୍ୱଶାନ୍ତି ଲାଗି ସାମୂହିକ ପ୍ରାର୍ଥନା କରାଯାଇଥିଲା।

# ବିଭିନ୍ନ ଦାବି ନେଇ ଏଲ୍‌ଆଇସି ଅଭିକର୍ତ୍ତାଙ୍କ ବିକ୍ଷୋଭ

**ରାଉରକେଲା,୧୫।୧୦(ଦିନେଶ ମିଶ୍ର)**

ଭାରତୀୟ ଜୀବନ ବୀମା (ଏଲଆଇସି) ରାଉରକେଲା ଅଭିକର୍ତ୍ତା ସଂଘ ପକ୍ଷରୁ ମଙ୍ଗଳବାର ଘଣ୍ଟିକିଆ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବୀମା କମ୍ପାନୀର ପଲିସି ଉପରେ ପରିବର୍ତ୍ତନ, ପଲିସି ପ୍ରିମିୟମ୍ ଉପରେ ବୃଦ୍ଧି, ଅଭିକର୍ତ୍ତାମାନଙ୍କ କମିଶନ ହ୍ରାସ, ବୀମାଧାରୀଙ୍କ ବୋନସ୍ ଦର ହ୍ରାସ କରାଯାଇଥିବା ଆଦି ପ୍ରସଙ୍ଗରେ ସର୍ବଭାରତୀୟ ସ୍ତରରେ ଏହି ବିକ୍ଷୋଭ କରାଯାଇଥିଲା। ରାଉରକେଲା ଶାଖା ଅଭିକର୍ତ୍ତା ସଂଘ ସଭାପତି ସୁବ୍ରତ ମହାନ୍ତି, ପୂର୍ବତନ ମଣ୍ଡଳ ସଭାପତି ପ୍ରଫୁଲ ପାଢ଼ୀ, ଶାଖା ସମ୍ପାଦକ ସଞ୍ଜୟ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ମଣ୍ଡଳ କୋଷାଧ୍ୟକ୍ଷ ଯୁବଜାନୀ ବେଜ୍, ମଣ୍ଡଳ ଉପସଭାପତି ପ୍ରଦୀପ ମହାନ୍ତି, କୋଷାଧ୍ୟକ୍ଷ ଅମର ବିଜୟ ପୃଷ୍ଟେଠ୍‌ଙ୍କ ସମେତ ଅନ୍ୟ ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

# ସ୍ଥାପନ ହେବ ବିର୍ସା ମୁଣ୍ଡାଙ୍କ ୧୫୦ଫୁଟ୍ ସ୍ମାରକୀ

**ରାଉରକେଲା,୧୫।୧୦(ବିପ୍ଳବ ରଞ୍ଜନ ଦାଶ)**


ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି।

ସୁନ୍ଦରଗଡ ଜିଲାରେ ଆଦିବାସୀ ନେତା ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ ଫୁଟ୍ ବିଶିଷ୍ଟ ସ୍ମାରକୀ ସ୍ଥାପନ ହେବ। ଏହି ଉପଲକ୍ଷେ ଆସନ୍ତା ନଭେମ୍ବର ୧୫ତାରିଖରେ ବିର୍ସା ମୁଣ୍ଡା ଜୟନ୍ତୀରେ ରାଉରକେଲାଠାରେ ଏକ ରାଜ୍ୟସ୍ତରୀୟ ବିଶାଳ ସମାରୋହ ମଧ୍ୟ ଆୟୋଜନ ହେବ। ସମାରୋହରେ ବିର୍ସା ମୁଣ୍ଡାଙ୍କ ସ୍ମାରକୀ ସ୍ଥାପନ ଲାଗି ଆଧାରଶିଳା ସ୍ଥାପନ ହେବା କାର୍ଯ୍ୟକ୍ରମ ରହିଛି। ଅନ୍ୟପଟେ ଆସନ୍ତା ବର୍ଷ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀରେ ନିର୍ଦ୍ଧାରିତ ବିଶାଳକାୟ ବିର୍ସା ମୁଣ୍ଡା ସ୍ମାରକୀ ନିର୍ମାଣ କାମ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବିର୍ସା ମୁଣ୍ଡାଙ୍କ ସ୍ମାରକୀ ସହ ପାର୍କ ନିର୍ମାଣ ପାଇଁ ଜମି ଚିହ୍ନଟ କରିବାକୁ ଏସ୍‌ସି ଏସ୍‌ଟି ବିକାଶ ବିଭାଗ ସଚିବ ବିଷ୍ଣୁପଦ ସେଠୀ ସୁନ୍ଦରଗଡ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଜନା ମୁତାବକ ବିର୍ସା ମୁଣ୍ଡାଙ୍କ ୧୫୦ଫୁଟ ବିଶିଷ୍ଟ ସ୍ମାରକୀ ନିର୍ମାଣ କରାଯିବା ସହ ତାଙ୍କ ବୀରଗାଥା ତଥ୍ୟାବଳୀ କେନ୍ଦ୍ର, ଏକ ସମ୍ମିଳନୀ କକ୍ଷ ମଧ୍ୟ ନିର୍ମାଣ ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଖବର ପରେ ଜିଲାବ୍ୟାପୀ ଆନନ୍ଦର ଲହରି ଖେଳିଯାଇଛି।

# ୧୮ରୁ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

**ରାଉରକେଲା,୧୫।୧୦(ବିପ୍ଳବ ରଞ୍ଜନ ଦାଶ)**


ଖବରଦାତା ସମ୍ମିଳନୀରେ ସଙ୍ଗଠନର କର୍ମକର୍ତ୍ତା ସୂଚନା ପ୍ରଦାନ କରୁଛନ୍ତି।

ରାଉରକେଲା ସେକ୍ଟର-୬ ଏଚ୍ ବ୍ଲକ ଲକ୍ଷ୍ମୀ ମାର୍କେଟ ଏବଂ ପଦ୍ମବେର୍ଣ୍ଣା ସାଂସ୍କୃତିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା-୨୦୨୪ ଆସନ୍ତା ୧୮ତାରିଖରୁ ଆରମ୍ଭ ହୋଇ ୨୦ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ଆୟୋଜିତ ହେବ। ଏଥିସହ ଆସନ୍ତା ୨୧ତାରିଖ ସନ୍ଧ୍ୟାରେ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ଉପଲକ୍ଷେ ପୁରସ୍କାର ବିତରଣ କରାଯିବ। ଏ ନେଇ ମଙ୍ଗଳବାର ସେକ୍ଟର-୬ ସ୍ଥିତ ଶାରଳା ପରିଷଦରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଲକ୍ଷ୍ମୀ ପୂଜା କମିଟି ସଭାପତି ଗଣେଶ୍ୱର ରାୟ, ପଦ୍ମବେର୍ଣ୍ଣା ସାଂସ୍କୃତିକ ସଙ୍ଗଠନର ସମ୍ପାଦକ ବିଘ୍ନେଶ୍ୱ ସାହୁ, ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ବଳ ଏବଂ ସହ ସାଂସ୍କୃତିକ ସମ୍ପାଦକ ପଞ୍ଚାନନ ପାତ୍ର ପ୍ରମୁଖ ସୂଚନା ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ୧୮ତାରିଖରେ ରାଉରକେଲା ସେକ୍ଟର-୨ର ଓମ୍ ଶ୍ରୀ କଳା ନିକେତନ ନାଟ୍ୟକଳା ପରିଷଦର କଳାକାରମାନଙ୍କ ଦ୍ୱାରା 'ଭୁଲ ତୋର ଭୋଗୁଛି ମୁଁ' ପରିବେଷଣ କରାଯିବ। ୧୯ତାରିଖରେ ସେକ୍ଟର-୬ ସ୍ଥିତ କୋଶଳ ନାଟକ ପରିଷଦର କଳାକାରମାନଙ୍କ ଦ୍ୱାରା କୋଶଳୀ ନାଟକ 'ଧରିଥିଲି ହାତ ହେଲା ହତିଆର' ଏବଂ ୨୦ତାରିଖରେ ଯାଜପୁରର ଆହ୍ୱାନ ଥିଏଟର ପକ୍ଷରୁ ନାଟକ 'କିଏ କେବେ ଦେଖିଛ କି' ମଞ୍ଚସ୍ଥ କରାଯିବ। ଉକ୍ତ ୩ଟି ନାଟକ ସମ୍ପୂର୍ଣ୍ଣ ପାଣ୍ଡୁଲିପି ବିରଚିତ ବୋଲି ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ବଳ କହିଥିଲେ। ସଭାପତି ଗଣେଶ୍ୱର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# କଳା ସୃଜନୀ ଶିଳ୍ପୀ ଶିବିର ଉଦ୍‌ଯାପିତ

**ରାଉରକେଲା,୧୫।୧୦(ଦିନେଶ ମିଶ୍ର)**

କଳା ସୃଜନୀ ଓ ସେକ୍ଟର-୭ କମ୍ୟୁନିଟି ସେଣ୍ଟରର ମିଳିତ ଆନୁକୂଲ୍ୟରେ ଗତ ୧୩ତାରିଖରୁ ଆରମ୍ଭ ହୋଇଥିବା ସୃଜନୀ ଶିଳ୍ପୀ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କମ୍ୟୁନିଟି ସେଣ୍ଟର ସମ୍ପାଦକ ସମୀର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ଜାମସେଦପୁରର ବରିଷ୍ଠ ଚିତ୍ରଶିଳ୍ପୀ ସ୍ୱରୂପ କୁମାର ଦତ୍ତ ଚିତ୍ରକଳା ଶିବିର ଓ ଚିତ୍ର ପ୍ରଦର୍ଶନୀର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଚିତ୍ରଶିଳ୍ପୀ ରମେଶ ପାତ୍ର, ଦିଲୀପ ଦାସ, ପ୍ରତାପ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିଳ୍ପୀ ଶିବିରରେ ଅନିରୁଦ୍ଧ ସାହୁ, ଅଭିଷେକ ରାଓ୍ୱତ, ସସ୍ମିତା ପଟ୍ଟନାୟକ, ବିନିତା ପୁରୋହିତ, ଅଙ୍କିତା ମିଶ୍ର, ରୁବି କୁମାରୀ, ଦୀପିକା ଦେ, କେୱଲ ତିର୍କୀ ଓ ଚିତ୍ତରଞ୍ଜନ ମହନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୧୯ ଓ ୨୦ ତାରିଖରେ ଆମ୍ବଗାନ ନିକଟସ୍ଥ ଏଫ୍‌ଇମେଲଠାରେ ଚିତ୍ରକଳା ପ୍ରଦର୍ଶନୀ ହେବ ବୋଲି ବରିଷ୍ଠ ଚିତ୍ରଶିଳ୍ପୀ ରମେଶ ପାତ୍ର ଘୋଷଣା କରିଥିଲେ।


ଶିବିରରେ ଉପସ୍ଥିତ କର୍ମକର୍ତ୍ତାଗଣ।

# ସର୍ବନିମ୍ନ ଜଳ ଉପଯୋଗରେ ଆର୍‌ଏସ୍‌ପିର ଶ୍ରେଷ୍ଠ ପ୍ରଦର୍ଶନ

**ରାଉରକେଲା,୧୫।୧୦(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଗତ ସେପ୍ଟେମ୍ବର ମାସରେ ଅଶୋଧିତ ଇସ୍ପାତ ଟନ ପିଛା ରେକର୍ଡ ସର୍ବନିମ୍ନ ମାସିକ ୨.୮୩ ଘନ ମିଟର ଆପେକ୍ଷିକ ଜଳ ଉପଯୋଗର ରେକର୍ଡ ସ୍ଥାପନ କରିଛି। ଏଥିପୂର୍ବରୁ ୨୦୨୩ ଜୁଲାଇ ମାସରେ ଅଶୋଧିତ ଇସ୍ପାତ ଟନ୍ ପିଛା ୨.୮୪ ଘନ ମିଟର ଆପେକ୍ଷିକ ଜଳ ଉପଯୋଗ ଆର୍‌ଏସ୍‌ପିର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଜଳ ଉପଯୋଗରେ ହ୍ରାସ ହେଉଛି ଆର୍‌ଏସ୍‌ପିର ଜଳ ପ୍ରବନ୍ଧନ ବିଭାଗ (ଡବ୍ଲ୍ୟୁଏମ୍‌ଡି) ଦ୍ୱାରା ଏହାର ବ୍ୟାପକ ଜଳ ସଂରକ୍ଷଣ ରଣନୀତିର ଅଂଶସ୍ୱରୂପ ଗ୍ରହଣ କରାଯାଇଥିବା ବିବିଧ ପ୍ରୟାସର ପ୍ରତ୍ୟକ୍ଷ ଫଳାଫଳ। ଜିରୋ ଲିକ୍ୱିଡ ଡିସ୍‌ଚାର୍ଜ (ଜେଡ୍ ଏଲ୍‌ଡି) ବା ଶୂନ୍ୟ ବର୍ଜ୍ୟ ଜଳ ନିଷ୍କାସନ ପ୍ରକଳ୍ପ ଅଧୀନରେ ଟ୍ରିଟମେଣ୍ଟ ସିଷ୍ଟମ-୧ର ସ୍ଥାପନ ଏହାର ମୁଖ୍ୟ କାରକ ଅଟେ। ଇସ୍ପାତ କାରଖାନା ଆଉଟଫଲ-୧ରୁ ବିଶୋଧିତ ବର୍ଜ୍ୟଜଳର ପୁନଃ ସଞ୍ଚାଳନରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି, ଯାହାକୁ ବର୍ତ୍ତମାନ ବିଭିନ୍ନ ପ୍ରମୁଖ ଉତ୍ପାଦନ ୟୁନିଟରେ ପୁନଃ ବ୍ୟବହାର କରାଯାଉଛି ଏବଂ କାରଖାନାର ତାଜା ଜଳ ଚାହିଦାକୁ ଆହୁରି ହ୍ରାସ କରାଯାଇପାରିଛି। ଅନ୍ୟ ଏକ ପୃଥକ୍ ପଦକ୍ଷେପ ସ୍ୱରୂପ ଜଳ ପ୍ରବନ୍ଧନ ବିଭାଗ ଦୈନିକ ୪ ନିୟୁତ ଲିଟର କ୍ଷମତା ବିଶିଷ୍ଟ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟରୁ ବିଶୋଧିତ ଜଳକୁ ଆର୍‌ଏସ୍‌ପି ମଧ୍ୟରେ ଥିବା ବିଭିନ୍ନ ବଗିଚାରେ ଜଳସେଚନ ଓ ରାସ୍ତା ସଫା କରିବା ପାଇଁ ଉପଯୋଗ ଲାଗି ଯୋଜନା କାର୍ଯ୍ୟକାରୀ କରିଛି। ଏଚ୍‌ଏସ୍‌ଏମ୍-୧ ଏବଂ ସିଆର୍‌ଏମ୍ ବିଭାଗକୁ ଜଳ ଯୋଗାଣ କରୁଥିବା ରୋଲିଂ ମିଲ୍ ପମ୍ପ ହାଉସ ବନ୍ଦ ଯୋଗୁ ମେକ୍ ଇନ୍ ଜଳ ବ୍ୟବହାର ମଧ୍ୟ ହ୍ରାସ ପାଇଛି। ଏହି ସମସ୍ତ ପଦକ୍ଷେପ ତରକେରା ପମ୍ପ ହାଉସରୁ ସାମଗ୍ରିକ ଭାବେ ମେକ୍ ଅପ୍ ୱାଟର ପମ୍ପିଂ ହାର ହ୍ରାସ କରିଛି। କାରଖାନାର ପ୍ରମୁଖ ଉତ୍ପାଦନ ୟୁନିଟ ଗୁଡିକରେ ଜଳ ବ୍ଲୋ ଡାଉନ ହ୍ରାସ ପାଇଁ ଜଳ ବିଶୋଧନ ରାସାୟନିକ ପ୍ରକ୍ରିୟା ପ୍ରୟୋଗ ମାଧ୍ୟମରେ ଜଳ ଉପଯୋଗକୁ ହ୍ରାସ କରାଯାଇଛି। ଏହାସହିତ କାରଖାନା ମଧ୍ୟରେ ବିଭିନ୍ନ ଜଳ କ୍ଷରଣ ବନ୍ଦ ପାଇଁ ବ୍ୟାପକ ମରାମତି କରାଯାଉଛି। ଏହି ମିଳିତ ପଦକ୍ଷେପ ଗୁଡିକ ଜଳ ଆବଶ୍ୟକତା କ୍ରମାଗତ ହ୍ରାସ କରିବାରେ ସହାୟକ ହେଉଛି ଏବଂ ପରିବେଶ ସ୍ଥାୟିତ୍ୱ ପାଇଁ ଆର୍‌ଏସ୍‌ପିର ପ୍ରତିବଦ୍ଧତାକୁ ସୂଚିତ କରୁଛି।


ଆର୍‌ଏସ୍‌ପି ଦ୍ୱାରା ବର୍ଜ୍ୟ ଜଳ ପରିଚାଳନା ।

## ସଂକ୍ଷେପରେ

### ଜନ୍ମତିଥିରେ ଏପିଜେ ଅବଦୁଲ କଲାମଙ୍କ ସ୍ମୃତିଚାରଣ

ସମ୍ବଲପୁର,୧୫ା୧୦(ବି.ଶଙ୍କର)

ଜୁଏହୁଲା ପତ୍ରିକା ପକ୍ଷରୁ ଭାରତରତ୍ନ ତଥା ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ୯୪ ତମ ଜୟନ୍ତୀ ମଙ୍ଗଳବାର ହୀରାକୁଦ ସୁବାଷ ପଡ଼ିଆ ହଲଠାରେ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ଫଗନୁ ନାଗଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମକୁ ଛନ୍ଦାମୟି ମିଶ୍ର ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସାଧୁ ଚରଣ ପଣ୍ଡା, ମୁଖ୍ୟବକ୍ତା ପ୍ରମୋଦ ଦାଶ ଓ ସମ୍ମାନିତ ଅତିଥିଭାବେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସମାଜିକ କର୍ମୀ ଦିପକ ପାଣ୍ଡେ, ଜୁଏହୁଲା ମୁଖ୍ୟ ସମ୍ପାଦକ ନିହାଲ ସିଂ, ଜିଲା ପ୍ରତିନିଧି ଶିବଶଙ୍କର ପ୍ରଧାନ ଯୋଗଦେଇଥିଲେ। ଅତିଥିମାନେ କାଲାମ ଜୀବନ ବିଷୟରେ ଆଲୋଚନା କରିଥିଲେ । ବବଲୁ ଚାଆର, ଆର୍ତ୍ତତ୍ରାଣ ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ହୀରାକୁଦରୁ ରେମେଡ ଆଲୋକୀକରଣ ପ୍ରକଳ୍ପ ଶୁଭାରମ୍ଭ

ସମ୍ବଲପୁର,୧୫ା୧୦(ବି.ଶଙ୍କର)

ହୀରାକୁଦ ହିଣ୍ଡାଲକୋ ସିଏସଆର ପାଣ୍ଠି ସହାୟତାରେ ହୀରାକୁଦରୁ ରେମେଡ଼ ପର୍ଯ୍ୟନ୍ତ ଆଲୋକୀକରଣ ପ୍ରକଳ୍ପ ମଙ୍ଗଳବାର ଶୁଭାରମ୍ଭ ହୋଇଛି । ଏହି ପ୍ରକଳ୍ପ ଦମ୍ବଲପୁର ମହାନଗର ନିଗମ ସହଯୋଗରେ ହୋଇଛି । ପୂର୍ବରୁ ଏହି ରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥିବାରୁ ପଥଚାରୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଆଲୋକୀକରଣ ପରେ ହୀରାକୁଦ ବାସୀଙ୍କ ଏହି ରାସ୍ତାରେ ଯିବା ଆସିବା ସୁଗମ ହେବା ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ, ହୀରାକୁଦଠାରୁ ରେମଡେ ୭କିଲୋମିଟର ରାସ୍ତା ଆଲୋକୀକରଣ କରିବାକୁ ହିଣ୍ଡାଲକୋ ସିଏସଆର ପାଣ୍ଠିରୁ ୧କୋଟି ଟଙ୍କା ଖର୍ଚ୍ଚ କରିଛି ।

### କୁଞ୍ଜେଲପଡା ଛକରେ ସଂକୀର୍ତ୍ତନ କାର୍ଯ୍ୟକ୍ରମ

ସମ୍ବଲପୁର,୧୫ା୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର କୁଞ୍ଜେଲପଡା ଛକରେ ସୋମବାର ରାତିରେ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡବଜାରର ମା' ସମଲେଶ୍ୱରୀ ସଂକୀର୍ତ୍ତନ ମଣ୍ଡଳୀର ଘନଶ୍ୟାମ ମେହେର, ଉଗ୍ରସେନ ମେହେର, ଲକ୍ଷ୍ମଣ ମେହେର, ନିମାଇ କଣ୍ଠା, ଗୋପାଳ ଶାହ, ନିରଞ୍ଜନ ମେହେର, କୁନୁ ସାହୁ, ବୁଟୁ ପ୍ରଧାନ, ସବ୍ୟାରାଣୀ ଦାଶ, ବିଦେଶିନୀ ମହେର, ଯୌବନୀ ନାକ, ଲକ୍ଷ୍ମୀ ମେହେର, ପିଙ୍କି ମେହେର, ଭାରତୀ ପ୍ରଧାନ ପ୍ରମୁଖ ସଂକୀର୍ତ୍ତନ୍ୟ ପରିବେଷଣ କରିଥିଲେ। ବାବଲୁ ଡନସନା, ଶଙ୍କର ମଲ୍ଲିକ, ରାଜେନ୍ଦ୍ର କୁମାର, ଆନନ୍ଦ ଗୁପ୍ତା, ସୁବ୍ରତ ତରିଆ, ବିଶ୍ୱନାଥ ସେଠ, ଓମପ୍ରକାଶ କାଲୋ, ପ୍ରୀତମ ସେଠ, ଓମ ସେଠ ଆୟୋଜନରେ ସହଯୋଗ କରିଥିଲେ । ରାହୁଲ ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବନ୍ଧୁକ ମୁନରେ ଲୁଟ୍, ଅଭିଯୁକ୍ତ ଗିରଫ

ସମ୍ବଲପୁର,୧୫ା୧୦(ପ୍ରମୋଦ ବହିଦାର)

ବୁର୍ଲାରେ ବନ୍ଧୁକ ମୁନରେ ଜଣେ ଯୁବକଙ୍କଠାରୁ ଟଙ୍କା ଲୁଟ୍ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ଏକ ଦେଶୀ ବନ୍ଧକ ଜବତ ହୋଇଛି। ଗିରଫ ଅଭିଯୁକ୍ତ ବୁର୍ଲା ମହତାବ ନଗରର ଟୁଲୁ ଓରଫ ତନ୍ମୟ ବନ୍‌ଛୋର(୨୬)। ସୋମବାର ସନ୍ଧ୍ୟାରେ ବୁର୍ଲା ନେତାଜୀ ଛକରେ ମହତାବନଗର ନିବାସୀ ପିଙ୍କୁ ବନ୍‌ଛୋର ଛିଡ଼ା ହୋଇଥିଲେ। ଏହି ସମୟରେ ଅଭିଯୁକ୍ତ ଟୁଲୁ ତାଙ୍କ ନିକଟକୁ ଆସି ଏକ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ତାଙ୍କଠାରୁ ୧୨ ଶହ ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଥିଲେ। ପିଙ୍କୁ ବୁର୍ଲା ଥାନାରେ ଏସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ଟୁଲୁଙ୍କୁ ଗରଫ କରିବା ସହ ତାଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଜବତ କରିଥିଲା। ଏହାକୁ ନେଇ ବୁର୍ଲା ଥାନାରେ ଦଫା ୩୦୯ ଓ ଅସ୍ତ୍ରଶସ୍ତ୍ର ନିଷେଧ ଆଇନ ଦଫା ୨୫/୨୭ରେ ଏକ ମାମଲା(୫୦୭/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଜନ୍ମ ହୋଇ ବି ପ୍ରମାଣପତ୍ର ନାହିଁ

- ରୋଟାରୀ ଡାକ୍ତରଖାନାରେ ଜନ୍ମ ରେକର୍ଡ ନାହିଁ
- ୨ବର୍ଷ ପରେ ବି ମିଳିପାରୁନି ଜନ୍ମ ପ୍ରମାଣପତ୍ର
- ୨୫ ଶିଶୁଙ୍କ ଭବିଷ୍ୟତ ଅନିଶ୍ଚିତ

ସମ୍ବଲପୁର,୧୫ା୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରର ରୋଟାରୀ କ୍ଲବ ପକ୍ଷରୁ ଧନୁପାଲି ନିକଟରେ ସ୍ଥାପିତ ଶିଶୁ, ସ୍ତ୍ରୀ ଏବଂ ପ୍ରସୂତି ଡାକ୍ତରଖାନାରେ ଜନ୍ମ ହୋଇଥିବା ୨୫ ଶିଶୁଙ୍କର ଦୀର୍ଘ ୨ବର୍ଷ ପରେ ବି ଜନ୍ମ ପ୍ରମାଣପତ୍ର ମିଳିପାରୁ ନାହିଁ। ଏଥିଯୋଗୁ ସମ୍ପୃକ୍ତ ଶିଶୁମାନଙ୍କର ମାତାପିତା ଶିଶୁ ପାଇଁ କୌଣସି ସରକାରୀ ସୁବିଧା ପାଇପାରୁ ନାହାନ୍ତି। ଆଗାମୀ ଦିନରେ ସେହି ଶିଶୁମାନେ ବିଦ୍ୟାଳୟରେ ନାମ ଲେଖାଇବା ନେଇ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ଦେଖାଦେଇଛି। ଜନ୍ମ ହୋଇ ବି ସେମାନଙ୍କର ଜନ୍ମର ରେକର୍ଡ ନ ଥିବାରୁ ସେହି ଶିଶୁମାନଙ୍କୁ ଜନ୍ମ ପ୍ରମାଣପତ୍ର ମିଳିପାରୁନାହିଁ। ଶିଶୁମାନେ ଜନ୍ମ ହୋଇଥିବା ରୋଟାରୀ ଡାକ୍ତରଖାନାରେ ଜନ୍ମ ରେକର୍ଡ ହିଁ ନାହିଁ।

ନିୟମ ଅନୁସାରେ ଶିଶୁଜନ୍ମର ୨୧ ଦିନ ମଧ୍ୟରେ ସମ୍ପୃକ୍ତ ଡାକ୍ତରଖାନା କିମ୍ବା ଘରୋଇ ନର୍ସିଂହୋମ ପକ୍ଷରୁ ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟକୁ ଜନ୍ମ ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇଥାଏ। ଏହାପରେ ମାତାପିତା ଆବେଦନ କଲେ ସେହି ସୂଚନା ଆଧାରରେ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ। ହେଲେ ଯଦି ଶିଶୁ ଜନ୍ମ ହୋଇଥିବା ଡାକ୍ତରଖାନାରୁ ଠିକ୍ ସମୟରେ କିମ୍ବା ଭୁଲ୍ ତଥ୍ୟ ଆସେ, ତେବେ ଠିକ୍ ଜନ୍ମ ପ୍ରମାଣପତ୍ର ହାସଲ କରିବାକୁ ନାନା ସମସ୍ୟା ଭୋଗିବାକୁ ପଡିଥାଏ। ସମ୍ବଲପୁର ଧନୁପାଲି ନିକଟରେ ରୋଟାରୀ ସଂସ୍ଥା ପକ୍ଷରୁ ଖୋଲାଯାଇଥିବା ଶିଶୁ, ସ୍ତ୍ରୀ ଏବଂ ପ୍ରସୂତି ଡାକ୍ତରଖାନାରେ ହିଁ ଏଭଳି ଘଟିଛି। ଏହି ଡାକ୍ତରଖାନା ପକ୍ଷରୁ ଜନ୍ମ ହୋଇଥିବା ୨୫ରୁ ଅଧିକ ଶିଶୁଙ୍କର କୌଣସି ରେକର୍ଡ ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟକୁ ଦିଆଯାଇନାହିଁ। ସମ୍ବଲପୁର ମହାନଗର ନିଗମ ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ ନିଜ ଶିଶୁର ଜନ୍ମ ପ୍ରମାଣ ପତ୍ର ଆବେଦନ କଲେ ସମ୍ପୃକ୍ତ ତାରିଖରେ ଏଭଳି କୌଣସି ଶିଶୁ ଜନ୍ମ ହୋଇଥିବା ନେଇ ସେମାନଙ୍କ ପାଖରେ କୌଣସି ତଥ୍ୟ ନ ଥିବା କହୁଛନ୍ତି। ତେଣୁ ଜନ୍ମ ପ୍ରମାଣପତ୍ର ପାଇଁ ଆବେଦନ କଲେ ଖାରଜ କରିଦିଆଯାଉଥିବା ଅଭିଯୋଗ ହେଉଛି। ସମ୍ବଲପୁର ସାରସ୍ୱତ କଲୋନୀର ରାଜା ସାହୁ, ମୁଦିପଡ଼ାର ବିଶିକେଶନ ସାହୁ ଏଭଳି ଅଭିଯୋଗ କରି କହିଛନ୍ତି, ଜନ୍ମ ପ୍ରମାଣପତ୍ର ନ ଥିବାରୁ ଶିଶୁ ଲାଗି କୌଣସି ଯୋଜନାରେ ଆବେଦନ କରିପାରୁନାହାନ୍ତି। ଏ ନେଇ ରୋଟାରୀ ଡାକ୍ତରଖାନା ଦାୟିତ୍ୱରେ ଥିବା ଡାକ୍ତର ଅଶୋକ ସିଂହଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆମେ ଭିତ୍ତିଭୂମି ତିଆରି କରି ଏକ ଘରୋଇ ଡାକ୍ତରଖାନାକୁ ପରିଚାଳନା ପାଇଁ ଦେଇଥିଲୁ। ହେଲେ ସେ ଏହାର ଆବଶ୍ୟକ କାଗଜପତ୍ର ତିଆରି କରିବାରେ ବିଫଳ ହୋଇଥିଲେ। ତେଣୁ ସେଠାରେ ଜନ୍ମ ହୋଇଥିବା ଶିଶୁମାନଙ୍କର ଜନ୍ମ ପ୍ରମାଣପତ୍ର ପାଇବାରେ ଅସୁବିଧା ହୋଇଛି। ଆମେ ଜଣେ ଆଇନ ବିଶାରଦଙ୍କୁ ସମସ୍ୟାର ସମାଧାନ ପାଇଁ ଦାୟିତ୍ୱ ଦେଇଛୁ। ସେ ଖୁବ୍‌ଶୀଘ୍ର ରୋଟାରୀ ଡାକ୍ତରଖାନାରେ ଜନ୍ମ ହୋଇଥିବା ଶିଶୁଙ୍କୁ ଜନ୍ମ ପ୍ରମାଣପତ୍ର ହାସଲ କରିବା ବ୍ୟବସ୍ଥା କରୁଛନ୍ତି ବୋଲି ସେ କହିଛନ୍ତି। ଏନେଇ ମହାନଗର ସ୍ୱାସ୍ଥ୍ୟ ଅଧିକାରୀ ଡ. ମହେନ୍ଦ୍ର ନନ୍ଦଙ୍କୁ ପଚାରିବାରୁ ସେ କହିଛନ୍ତି, ରୋଟାରୀ ଶିଶୁ, ସ୍ତ୍ରୀ ଏବଂ ପ୍ରସୂତି ଡାକ୍ତରଖାନା ୨୦୨୨ ମସିହାରେ ପଞ୍ଜୀକୃତ ହୋଇ ନ ଥିଲା। ସେଥିପାଇଁ ସେହି ଡାକ୍ତରଖାନାରେ ଜନ୍ମ ହୋଇଥିବା ଶିଶୁମାନଙ୍କର ତଥ୍ୟକୁ ଗ୍ରହଣ କରାଯାଇପାରିବ ନାହିଁ। ତେଣୁ ଜନ୍ମ ପ୍ରମାଣପତ୍ର ଆବେଦନ ଖାରଜ ହୋଇଯାଇଛି।



ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ ଅବଦୁଲ କଲାମଙ୍କ ଜୟନ୍ତୀରେ ଓଡ଼ିଶା ସାଂସ୍କୃତିକ ସମାଜ କର୍ମକର୍ତ୍ତା ଓ ସଭ୍ୟମାନେ ମାଲ୍ୟାର୍ପଣ କରୁଛନ୍ତି।

# ସକାରାତ୍ମକ ମନୋବୃତ୍ତି ଆଗକୁ ବଢ଼ାଇଥାଏ

**ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ କଲାମ ଜୟନ୍ତୀ**

ସମ୍ବଲପୁର,୧୫ା୧୦(ବି.ଶଙ୍କର)

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ. ଏ.ପି.ଜେ ଅବଦୁଲ କଲାମଙ୍କ ୯୪ତମ ଜନ୍ମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ଜିଲା ସ୍କୁଲରେ ଆୟୋଜକ ଅନୁଷ୍ଠାନ ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଶିକ୍ଷାବିତ୍ ଡ. ବସନ୍ତ କୁମାର ଦାଶ ମୁଖ୍ୟବକ୍ତାଭାବେ ଯୋଗଦେଇ ଯୋଗଦେଇ କଲାମଙ୍କ ଜୀବନୀ ଏବଂ କାର୍ଯ୍ୟଦକ୍ଷତାର ବିଭିନ୍ନ ଦୃଷ୍ଟାନ୍ତ ଉପସ୍ଥାପନ କରିଥିଲେ। ମଣିଷକୁ ଆଗକୁ ବଢିବାକୁ ହେଲେ ସକରାତ୍ମକ ମନୋବୃତ୍ତି ନେଇ ଆଶାବାଦୀ ହେବା ଉଚିତ। ବିବେକାନନ୍ଦଙ୍କ ସଦୃଶ କଲାମ ମଧ୍ୟ ତାଙ୍କ ଏହି ସକରାତ୍ମକ ଆଚରଣ ଯୋଗୁ ସର୍ବଗ୍ରାହ୍ୟ ଏବଂ ସର୍ବଜନଙ୍କ ଆଦରଣୀୟ ହୋଇ ପାରିଥିଲେ । ଅତି ସାଧାରଣ ଜୀବନଶୈଳୀ ସହ ଉଚ୍ଚ ଚିନ୍ତାଧାରା ଏବଂ ପରୋପକାରର ମହାନ ଆଦର୍ଶ ବହନ କରି ସେ ନିଜକୁ ଜଣେ ମହତ ପୁରୁଷ ଭାବେ ପ୍ରତିଷ୍ଠା କରି ପାରିଥିଲେ। ଦୂରଦୃଷ୍ଟି ହେବା, ବୈଜ୍ଞାନିକ ଚିନ୍ତାଧାରା, ଗ୍ରାମାଞ୍ଚଳରେ ସହରୀକରଣ କରିବା, ଯୁବଶକ୍ତି ପ୍ରୋତ୍ସାହିତ କରିବା, ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା, ସ୍ଥାୟୀ ଅଭିବୃଦ୍ଧିକୁ ଧ୍ୟାନ ଦେବା, ଅନ୍ତର୍ଭୁକ୍ତିକରଣ, ଲୋକାଭିମୁଖୀ ହେବା ଏହି ସାତଟି ଦିଗ ରାଷ୍ଟ୍ର ନିର୍ମାଣ ସକାଶେ ନିହାତି ଜରୁରୀ । ଡ.କଲାମଙ୍କ ଆଦର୍ଶରେ ଏହାସବୁ ପ୍ରତିଫଳିତ ହୋଇଥିବା ଡ. ଦାଶ ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥିଭାବେ ଜିଲା ସ୍କୁଲର ବରିଷ୍ଠ ଶିକ୍ଷକ ଦିଲୀପ କୁମାର ସାହୁ, ଅରବିନ୍ଦ ମହାପାତ୍ର, ସୁଶାନ୍ତ କୁମାର ଗୁରୁ, ରାମାନୁଜ ପଣ୍ଡା, ପୁରାତନ ଛାତ୍ରସଂସଦ ସଭାପତି ପ୍ରଦୀପ୍ତ କୁମାର ନାଥ, ସ୍କୁଲର ଅଧ୍ୟୟନରତ ଛାତ୍ର ପ୍ରବୀଣ କୁମାର ପାଣ୍ଡେ କଲାମଙ୍କ ବିଭିନ୍ନ ବିଚାରଧାରା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସହ ସମ୍ପାଦକ ସୁରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପୂର୍ବରୁ ଜିଲାସ୍କୁଲ ସମ୍ମୁଖରେ ଥିବା କଲାମଙ୍କ ପ୍ରତିମୂର୍ତ୍ତିରେ କର୍ମକର୍ତ୍ତା, ସଭ୍ୟମାନେ ମାଲ୍ୟାର୍ପଣ କରିଥିଲେ।

## ହକି ଟୁର୍ନାମେଣ୍ଟ: ତାଲକୁଦର ଏ ଚାମ୍ପିୟନ

କୁଚିଣ୍ଡା,୧୫ା୧୦(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତ ଅନ୍ତର୍ଗତ କାଲିଝରନଠାରେ ଚାରିଦିନ ଧରି ଚାଲିଥିବା ହକି ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କାଲିଝରନ ୟୁଥ କ୍ଲବ ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ରାଜଗାଙ୍ଗପୁର ତାଲକୁଦର-ଏ ଓ ରାଜଗାଙ୍ଗପୁର ତାଲକୁଦର-ବି ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ପରେ ପେନାଲଟି ସୁଟ୍ ଆଉଟ ହୋଇଥିଲା। ଏଥିରେ ତାଲକୁଦର-ଏ ଚାମ୍ପିୟନ ହୋଇଥିଲା। ଖେଳକୁ କିଶୋର ଛତ୍ରିଆ, ମାର୍ସିତ କୁଜୁର, ଜ୍ୟୋତିଷ କୁଜୁର ଓ ଇସ୍ରେଲ ଲୁଗୁନ ପରିଚାଳନା କରିଥିଲେ। କ୍ଲବ ସଭାପତି ଏଡୱାଟ ତିଲେଶ୍ୱର ଏକ୍କାଙ୍କ ସଭାପତିତ୍ୱରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ ମୁଖ୍ୟ ଅତିଥି, ନିକାଶ ଏକ୍କା, ମାନୁଏଲ ଏକ୍କା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ କରିଥିଲେ। ତୃତୀୟ ରନର ଅପ ଓରାମନିକ୍ରିମାଲ ଓ ଚତୁର୍ଥ ରନର ଅପ ଦୁର୍ଗାଡିହିକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜନରେ କ୍ଲବ ଉପସଭାପତି ଦୀପକ ଏକ୍କା, ସମ୍ପାଦକ ପ୍ରମୋଦ ଏକ୍କା, ଆକାଶ କୁଜୁର, ମୋଜେଶ ଏକ୍କା, ପ୍ରବୀଣ ବାହାଲା, ବିଜୟ କୁଜୁର, ଆନିଶ ଟପ୍ପୋ ପ୍ରମୁଖ ସହଯୋଗ କରିଥିଲେ।



ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

## କଲାମ ଜୟନ୍ତୀ, ବିଶ୍ୱ ଛାତ୍ର ଦିବସ ପାଳିତ



ବୁର୍ଲା ପ୍ଲାନେଟୋରିୟମରେ ଡ. କଲାମ ଜୟନ୍ତୀ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର।

ସମ୍ବଲପୁର,୧୫ା୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ବୁର୍ଲା ଆଲୋକ ଅନୁଷ୍ଠାନ ଓ କାଲାମ ସାର ହେଲପିଙ୍ଗ ହ୍ୟାଣ୍ଡ ଓଡ଼ିଶା ମିଳିତ ଆୟୋଜନରେ ମଙ୍ଗଳବାର ଭାରତର ପୂର୍ବତନ ରାଷ୍ଟ୍ରପତି ଡ଼ ଏପିଜେ ଅବଦୁଲ କଲାମ ଜୟନ୍ତୀ ଓ ବିଶ୍ୱ ଛାତ୍ର ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜଣେ ମାନବବାଦୀ ବ୍ୟକ୍ତିତ୍ୱଭାବେ ଡ କଲାମ ଦେଶ ବିଦେଶରେ କିଭଳି ଲୋକପ୍ରିୟ ହୋଇ ପାରିଥିଲେ ସେ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଯାଇଥିଲା। ସ୍ଥାନୀୟ ବସ୍ତି ଅଞ୍ଚଳର ଶିଶୁମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରମୋଦ କୁମାର ଦାସ, ଡ଼ ଅମୀୟ କୁମାର ସାହୁ, ଅଭିନନ୍ଦନ ଖୁଣ୍ଟିଆ, ଡ଼ ହରିଦାସ ମହନ୍ତ, ଆଶୁତୋଷ ବିଶି, ରୋଜି ମେହେର ବିଚାରକଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଡ଼ କଲାମଙ୍କ ପ୍ରତିମୂର୍ତ୍ତିରେ ଅତିଥିଗଣ ଓ ଛାତ୍ରୀଛାତ୍ର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଲୋକଙ୍କ ରାଷ୍ଟ୍ରପତି: ଡ଼ କଲାମ ଆଲୋଚନାର ବିଷୟବସ୍ତୁ ରଖାଯାଇଥିଲା। ସମସ୍ତ ପ୍ରତିଯୋଗୀମାନଙ୍କୁ ପ୍ଲାନେଟୋରିୟମ, ବିଜ୍ଞାନ ପାର୍କ ଓ ସ୍ମାର୍ଟ ପାର୍କକୁ ପରିଦର୍ଶନ କରାଯାଇ ଏଗୁଡିକର ମହତ୍ତ୍ୱ ବିଷୟରେ ଅବଗତ କରାଯାଇଥିଲା।

## ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

- ମୌଳିକ ସୁବିଧା ଥିବା ଟ୍ରକ୍ ଟର୍ମିନାଲର ବ୍ୟବସ୍ଥା କରାଯିବ
- ଦୁର୍ଘଟଣା ପ୍ରବଣ ଅଞ୍ଚଳର ଇଞ୍ଜିନିୟରିଂ ତ୍ରୁଟିକୁ ସୁଧାର କରାଯିବ

ସମ୍ବଲପୁର,୧୫ା୧୦(ଭବାନୀ ଶଙ୍କର ଭୋଇ)

ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କିଭଳି ଭାବେ ଜିଲାରେ ସଡ଼କ ଦୁର୍ଘଟଣାଗୁଡିକୁ ରୋକାଯାଇ ପାରିବ ସେ ଦିଗରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ସଡ଼କ ବର୍ଗୀକରଣ ହିସାବରେ ଦୁର୍ଘଟଣା, ଦୁର୍ଘଟଣାର କାରଣ, ପ୍ରବର୍ତ୍ତନ, ବେଆଇନ ପାର୍କିଂ ଏବଂ ଶିଳ୍ପାଞ୍ଚଳ ନିକଟରେ ଥିବା ରାସ୍ତାର ସ୍ଥିତି ବିଷୟରେ ଆଲୋଚନା କରାଯାଇଥିଲା। ସମ୍ବଲପୁରରେ ମୌଳିକ ସୁବିଧା ଥିବା ଟ୍ରକ୍ ଟର୍ମିନାଲର ବ୍ୟବସ୍ଥା କରିବା, ଶିଳ୍ପ ସୁରକ୍ଷା ସୁନିଶ୍ଚିତ କରିବା, ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଫୁଟ୍ କ୍ରସିଂ ବ୍ରିଜ୍, ଶିଳ୍ପ ଗେଟ୍ ନିକଟରେ ଆମ୍ବୁଲାନ୍ସ ଓ କଣ୍ଟ୍ରୋଲ ରୁମ୍, ଆଲୋକିତ ବୋର୍ଡ, ଧୂଳି ଯୋଗୁ ଦୃଷ୍ଟିଶକ୍ତି ନିୟନ୍ତ୍ରଣ ପାଇଁ ପାଣି ସିଞ୍ଚନ କରିବା ଏବଂ ଦୁର୍ଘଟଣା ପ୍ରବଣ ଅଞ୍ଚଳର ଇଞ୍ଜିନିୟରିଂ ତ୍ରୁଟିକୁ ଚିହ୍ନଟ କରି ସୁଧାରିବା ପାଇଁ ଜିଲାପାଳ ଏବଂ ଏସପି ଶିଳ୍ପ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ ସଡକ ଦୁର୍ଘଟଣାଗୁଡିକୁ ରୋକିବା ସହ ଯାତାୟାତକୁ ସହଜ ଏବଂ ସରଳ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ବୈଠକରେ ଏସ.ପି ମୁକେଶ ଭାମୁ, ଆରଟିଓ ରାମଦାସ ଟୁଡୁ ଓ ବିଭିନ୍ନ ଶିଳ୍ପର ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ୪ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଜାତୀୟ ଗୁଣବତ୍ତା ପୁରସ୍କାର



ସମ୍ବର୍ଦ୍ଧିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ୱାସ୍ଥ୍ୟସେବୀ ।

ସମ୍ବଲପୁର,୧୫ା୧୦(ପ୍ରମୋଦ ବହିଦାର)

ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ସମ୍ବଲପୁର ସ୍ୱାସ୍ଥ୍ୟ ବିଭାଗ ଅଧିନ ୪ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଉପସ୍ୱାସ୍ଥ୍ୟକେନ୍ଦ୍ର) ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ(ଏନ୍‌କ୍ୟୁଏଏସ୍) ପୁରସ୍କର ହାସଲ କରିଛି। ଏଥିମଧ୍ୟରେ ମାଝିପାଲି, କୁଚିଣ୍ଡା ବ୍ଲକ ପରୁଆଭାଡ଼ି, ଜମନକିରା ବ୍ଲକ ଯାମୁମାଲ ଓ ନାକଟୀଦେଉଳ ବ୍ଲକର ନାକଟୀଦେଉଳ ଆୟୁଷ୍ମାନ ଅରୋଗ୍ୟ ମନ୍ଦିର ଅନ୍ତର୍ଭୁକ୍ତ। ସ୍ୱାସ୍ଥ୍ୟସେବା ଗୁଣବତ୍ତା ମୂଲ୍ୟାୟନ ଅନୁସାରେ ଉକ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ରାଜ୍ୟସ୍ତରରୁ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିଲା। ଗତ ସେପ୍ଟେମ୍ବରରେ ଜାତୀୟସ୍ତରର ପର୍ଯ୍ୟବେକ୍ଷକମାନେ ଉକ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ପରିଦର୍ଶନ କରି ଏଠାରେ ୭ଟି ସେବା କାର୍ଯ୍ୟର ମୂଲ୍ୟାଙ୍କନ କରିଥିଲେ। ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ସମ୍ବଲପୁର ସ୍ୱାସ୍ଥ୍ୟ ବିଭାଗ ୪ଟି ଏନ୍‌କ୍ୟୁଏଏସ୍ ମାନପତ୍ର ହାସଲ କରିଛି। ଏହି ପରୁସ୍କାର ହାସଲ କରି ସମ୍ବଲପୁରକୁ ଗୌରବାନ୍ୱିତ କରିଥିବାରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ରାଣୀ ମିଶ୍ର କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଈଶ୍ୱର ମୁଣ୍ଡା ଓ ଫାସିମାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଶରତ ଚନ୍ଦ୍ର ଦେହୁରୀ, ନାକଟୀଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଅମୂଲ୍ୟରତ୍ନ ମହନ୍ତଙ୍କ ସହିତ ଅନ୍ୟ ସ୍ୱାସ୍ଥ୍ୟସେବୀଙ୍କ ପରିଶ୍ରମ ଓ ସହଯୋଗକୁ ଉଚ୍ଚ ପ୍ରଶଂସା କରିଥିଲେ। ଏଥିରେ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ(ପରିବାର କଲ୍ୟାଣ) ଡା. ଭରତ ଚନ୍ଦ୍ର ଦାଶ ଓ କ୍ୱାଲିଟି ନୋଡାଲ ଅଧିକାରୀ ଡା. ଅଲେଖ ମହାପାତ୍ରଙ୍କ ପ୍ରରାମର୍ଶକ୍ରମେ ଡା. ମୌସୁମୀ ମିଶ୍ର, ସୁଶୀଲ ପ୍ରଧାନ, ସୁସ୍ମିତା ପ୍ରିୟଦର୍ଶିନୀ, ଅଶ୍ୱିନୀ ମହାନନ୍ଦ, ଯଶୋବନ୍ତ ହୋତା, ସୁବାଷ ଥାଟି ପ୍ରମୁଖ ଉତ୍ତମ ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବାରେ ସମସ୍ତ ପ୍ରକାର ସହାୟତା ଯୋଗଇ ଦେଇଥିଲେ। କ୍ୱାଲିଟି ମ୍ୟାନେଜର ବୈଶାଳିନୀ ସାହୁ ଏହାର ସଫଳ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ରେଳ ମଣ୍ଡଳ ସଫେଇ ଅଭିଯାନ ଉଦ୍‌ଯାପିତ

ସମ୍ବଲପୁର,୧୫ା୧୦(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ ଉପଲକ୍ଷେ ଜାରି ରହିଥିବା ସଫେଇ ଅଭିଯାନ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅକ୍ଟୋବର ୧ରୁ ୧୫ତାରିଖ ପର୍ଯ୍ୟନ୍ତ ରେଳ ମଣ୍ଡଳରେ ପ୍ରତିଦିନ ସ୍ୱଚ୍ଛ ସମ୍ବାଦ, ସ୍ୱଚ୍ଛ ଷ୍ଟେଶନ, ସ୍ୱଚ୍ଛ ରେଳଗାଡ଼ି, ସ୍ୱଚ୍ଛ ରେଳ ଧାରଣା, ସ୍ୱଚ୍ଛ ପରିସର, ସ୍ୱଚ୍ଛ ଆହର, ସ୍ୱଚ୍ଛ ନୀର ଆଦି ବିଭିନ୍ନ ପ୍ରକାର ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେଙ୍କ ନେତୃତ୍ୱରେ କାର୍ଯ୍ୟାଳୟ ପରିସର ଓ ରେଳ ଷ୍ଟେଶନରେ ଏକ ମେଗା ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସ୍ୱରୂପ ରେଳବାଇ ଅଧିକାରୀ ଓ କର୍ମଚାରୀମାନେ ଶ୍ରମଦାନ କରିଥିଲେ। ସେହିପରି ଅତିରିକ୍ତ ରେଳ ପ୍ରବନ୍ଧକ ଆନନ୍ଦ ସିଂ ସ୍ୱଚ୍ଛତା ଅଭିଯାନରେ ସାମିଲ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ। ଏହି ଅବସରରେ ସ୍ୱଚ୍ଛ ସମ୍ବାଦ ଅନ୍ତର୍ଗତ ରେଳବାଇର ହାଉସ୍ କିପିଂ କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛତାକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।





ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ବାହାରିଥିବା ସ୍ୱଚ୍ଛତା ଅଭିଯାନ।

ସ୍ୱଚ୍ଛ ଷ୍ଟେଶନ ଅନ୍ତର୍ଗତ ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ରେଳ ଷ୍ଟେଶନରେ ସଫେଇ ଅଭିଯାନ କରାଯାଇଥିଲା। ସ୍ୱଚ୍ଛ ରେଳଗାଡ଼ି କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ବଲପୁର ରେଳ ମଣ୍ଡଳ ଦେଇ ଚଳାଚଳ କରୁଥିବା ଅଥବା ସମ୍ବଲପୁର ମଣ୍ଡଳରୁ ବାହାରୁଥିବା ରେଳଗାଡ଼ି ଓ କୋଚଗୁଡ଼ିକ ସହିତ ଏହାର ଶୌଚାଳୟ, ବର୍ଥ, ୱାସ ବେସିନ ତଥା କୋଚରେ ଖଞ୍ଜା ଯାଇଥିବା ବିଦ୍ୟୁତ୍ ଉପକରଣ ଆଦିର ସଫେଇକୁ ନିଶ୍ଚିତ କରଯାଇଥିଲା। ସ୍ୱଚ୍ଛ ପଟରୀ ଅନ୍ତର୍ଗତ ରେଳ ଟ୍ରାକ୍ ଓ ଏହାର ଆଖପାଖ ଅଞ୍ଚଳଗୁଡ଼ିକୁ ସଫେଇ କରାଯାଇଥିଲା। ସ୍ୱଚ୍ଛ ପରିସର ଅନ୍ତର୍ଗତ ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟସ୍ଥ ବିଭିନ୍ନ ବିଭାଗ, ରେଳବାଇ ଚିକିତ୍ସାଳୟ, ସ୍ୱାସ୍ଥ୍ୟ ୟୁନିଟ୍, ଡିପ୍ପୋ, କ୍ରୁ-ଲବି, ରେଳବାଇ କଲୋନୀ, ବିଶ୍ରାମାଗାର, ପ୍ରତୀକ୍ଷାଳୟ ଆଦିର ସଫେଇ କରାଯାଇଥିଲା। ସ୍ୱଚ୍ଛ ଆହର ଅନ୍ତର୍ଗତ ସମ୍ବଲପୁର ରେଳ ମଣ୍ଡଳ ଅଧିନ ସମସ୍ତ ରେଳ ଷ୍ଟେଶନ ପରିସରସ୍ଥ କ୍ୟାଣ୍ଟିନ୍, ଫୁଡ୍ ଷ୍ଟଲ, ପ୍ୟାଣ୍ଟ୍ରିକାର, ଟି-ଷ୍ଟଲ ଆଦି ବିଭିନ୍ନ ସ୍ଥାନରେ ସଫେଇ କରାଯାଇଥିଲା। ସ୍ୱଚ୍ଛ ନୀର ଅନ୍ତର୍ଗତ ବିଭିନ୍ନ ଷ୍ଟେଶନର ଜଳ ଉତ୍ସ, ଫିଲ୍ଟର ପ୍ଲାଣ୍ଟ ଆଦିରେ ଜଳର ମାନକୁ ଯାଞ୍ଚ କରାଯାଇ ଉତ୍ତମ ଗୁଣବତ୍ତା ଯୁକ୍ତ ପାନୀୟ ଜଳ ଯୋଗାଣକୁ ନିଶ୍ଚିତ କରାଯାଇଥିଲା। ସେହିପରି ବିଭିନ୍ନ ଷ୍ଟେଶନରେ ଥିବା ଖାଦ୍ୟ ଓ ଚା ଷ୍ଟଲରେ ଖାଦ୍ୟର ଗୁଣବତ୍ତା ଯାଞ୍ଚ ସହ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଉପରେ ଲାଗୁ ହୋଇଥିବା ନିଷେଧାଦେଶ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜରିମାନା କରାଯାଇଥିଲା। ଏହି ଅବସରରେ ରେଳ ମଣ୍ଡଳ କାର୍ଯ୍ୟାଳୟରେ ରେଳବାଇ କର୍ମଚାରୀଙ୍କ ସନ୍ତାନଙ୍କ ମଧ୍ୟରେ ସ୍ୱଚ୍ଛ ପ୍ରତିଯୋଗିତା ଅନ୍ତର୍ଗତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।



ପଞ୍ଚାୟତ ନିର୍ବାଚନରେ ପଞ୍ଜାବ ଅମୃତସରର ଏକ ମତଦାନ କେନ୍ଦ୍ରରୁ ଭୋଟ ଦେବା ପରେ ମହିଳାମାନେ ସ୍ୟାହି ଲାଗିଥିବା ଅଙ୍ଗୁଳି ଦେଖାଉଛନ୍ତି।

# ୱାୟନାଡ୍‌ରୁ ଉପନିର୍ବାଚନ ଲଢ଼ିବେ ପ୍ରିୟଙ୍କା

ନୂଆଦିଲ୍ଲୀ,୧୫।୧୦

କେରଳର ୱାୟନାଡ୍ ଆସନ ପାଇଁ ନିର୍ବାଚନ କମିଶନ ଉପନିର୍ବାଚନ ଘୋଷଣା କରିଥିବାବେଳେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉକ୍ତ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ଏହା ହେବ ପ୍ରିୟଙ୍କାଙ୍କର ପ୍ରଥମ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା। ଉପନିର୍ବାଚନରେ ବିଜୟୀ ହେଲେ ସକ୍ରିୟ ରାଜନୀତିରେ ଯୋଗଦେବାର ୫ ବର୍ଷ ପରେ ତାଙ୍କୁ ପାର୍ଲାମେଣ୍ଟରେ ଦେଖିବାକୁ ମିଳିବ। ଏଥିସହିତ ପ୍ରଥମ ଥର ପାଇଁ ଗାନ୍ଧୀ ପରିବାରର ୩ ସଦସ୍ୟ ସୋନିଆ, ରାହୁଲ ଏବଂ ପ୍ରିୟଙ୍କା ଏକସଙ୍ଗେ ଏମ୍‌ପି ରହିବେ।

ଲୋକ ସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ୨ଟି ଆସନରୁ ବିଜୟୀ ହୋଇଥିବା ରାହୁଲ ଗାନ୍ଧୀ ରାଏବରେଲିକୁ ରଖି ୱାୟନାଡ୍ ଆସନ ଛାଡ଼ିଥିଲେ। ସେଠାରୁ ତାଙ୍କ ଭଉଣୀ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ନିର୍ବାଚନ କମିଶନ ମଙ୍ଗଳବାର ୱାୟନାଡ୍ ଏବଂ ନାଣ୍ଡେଡ୍ ଲୋକ ସଭା ଆସନ ସମେତ ୪୮ ବିଧାନସଭା ଆସନ ଲାଗି ଉପନିର୍ବାଚନ ଘୋଷଣା କରିଥିଲେ। ନଭେମ୍ବର ୧୩ରେ ୱାୟନାଡ୍‌ରେ ମତଦାନ ହେବାକୁ ଯାଉଛି। ୨୦୧୯ରେ



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ପ୍ରିୟଙ୍କା ସକ୍ରିୟ ରାଜନୀତିକୁ ଆସିବା ପରେ ସେ ବାରାଣସୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚ୍ୟାଲେଞ୍ଜର ହୋଇପାରନ୍ତି ବୋଲି ଆକଳନ କରାଯାଇଥିଲା। ପରେ ସୋନିଆଙ୍କ ଉତ୍ତରାଧିକାରୀ ଭାବେ ସେ ଗାନ୍ଧୀ ପରିବାରର ଗଡ଼ କୁହାଯାଉଥିବା ରାଏବରେଲିରୁ ଲଢ଼ିପାରନ୍ତି ବୋଲି ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ତାଙ୍କୁ ୱାୟନାଡ୍‌ରୁ ପ୍ରାର୍ଥୀ କରିବା ପାଇଁ କଂଗ୍ରେସ ନିଷ୍ପତ୍ତି ନେଇଛି। ପ୍ରିୟଙ୍କା ପୂର୍ବରୁ ଉତ୍ତରପ୍ରଦେଶର କଂଗ୍ରେସର ପ୍ରଭାରୀ ଥିଲେ।

# ପାଣ୍ଡିଆନ୍‌ଙ୍କ ଯୋଗୁ ବିଜେଡି ଛାଡ଼ିଲି: ପାଢ଼ଶାଣୀ

ଭୁବନେଶ୍ୱର, ୧୫।୧୦(ଅନିଲ ଦାସ)

ଗତ ନିର୍ବାଚନରେ ବିଜେଡିର ପରାଜୟ ପରେ ଦଳରେ ଥିବା ଓ ଅନ୍ୟ ଦଳକୁ ଯାଇଥିବା ବରିଷ୍ଠ ନେତାମାନେ ଜଣକ ପରେ ଜଣେ ବୟାନ ଦେଉଛନ୍ତି। ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଥିବା ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ବିଜେଡି ଛାଡ଼ିବା ପାଇଁ ପାଣ୍ଡିଆନଙ୍କୁ ଦାୟୀ କରିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି, ପାଣ୍ଡିଆନଙ୍କ ପାଇଁ ସେ ବିଜେଡି ଛାଡ଼ିଛନ୍ତି। ସେ ଥିବା ଯାଏ ବିଜେଡି କେବେ ଜିତିବନି। ଯେଉଁ ଦଳକୁ ଆମେ ସଂଘର୍ଷ କରି ଗଢ଼ିଥିଲୁ, ମୋର ଦୁର୍ଭାଗ୍ୟ ଯେ ସେହି ଦଳ ଛାଡ଼ି ଆସିବାକୁ ପଡ଼ିଲା। ମୁଁ ସ୍ପଷ୍ଟ ଭାବେ କହୁଛି ଯେ, ପାଣ୍ଡିଆନ ବାବୁଙ୍କ ପାଇଁ ମୁଁ ବିଜେଡି ଛାଡ଼ିଦେଲି। ତାଙ୍କ ପାଇଁ ଲୋକପ୍ରିୟ ସରକାର ଚାଲିଗଲା। ଯେ ପର୍ଯ୍ୟନ୍ତ ସେ ଥିବେ, ସେପର୍ଯ୍ୟନ୍ତ ବିଜେଡି ଆସିବନି। ଅମର ଶତପଥୀ ଯାହା କହିଛନ୍ତି କିଛି ଖରାପ କହିନାହାନ୍ତି। ଲୋକମାନେ ଥରେ ଫୋପାଡ଼ି ଦେଲେ ଦଳର ଅବସ୍ଥା କ'ଣ ହୁଏ, ସେ କଥା ସମସ୍ତେ ଦେଖିଲେ। ଦଳରେ ଥିଲାବେଳେ ମୁଁ ନବୀନ ବାବୁଙ୍କ ସହ



ପ୍ରସନ୍ନ ପାଟ୍ଟଶାଣୀ

ବୁଲୁଥିଲି। ତାଙ୍କ ପ୍ରତି ମୋର ଦୁର୍ବଳତା ରହିବା ସ୍ୱାଭାବିକ। ମୁଁ ତାଙ୍କ ବିରୋଧରେ କେବେ କିଛି କହି ନାହିଁ କି ଏବେ ମଧ୍ୟ କହୁ ନାହିଁ। ଲୋକେ ନବୀନ ପଟ୍ଟନାୟକଙ୍କ ବିରୋଧରେ କିଛି କହୁ ନାହାନ୍ତି। ସମସ୍ତେ ପାଣ୍ଡିଆନଙ୍କ ବିରୋଧରେ କହୁଛନ୍ତି ବୋଲି ପ୍ରସନ୍ନ କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ , ୨୦୨୪ରେ ବହୁ ଆଶା କରିଥିଲେ ମଧ୍ୟ ବିଜେଡି ପ୍ରସନ୍ନ ପାଟ୍ଟଶାଣୀଙ୍କୁ ଟିକେଟ୍ ଦେଇ ନ ଥିଲା । ଏଥିରେ ଅସନ୍ତୋଷ ପ୍ରକାଶ କରି ସେ ଭାଜପା ମୁହାଁ ହୋଇଥିଲେ । ନିର୍ବାଚନ ପ୍ରଚାର ବେଳେ ଭାଜପା ଉତ୍ତରୀୟ ପିନ୍ଧିଥିଲେ। ପରେ ଦିଲ୍ଲୀ ଯାଇ ଭାଜପାରେ ମିଶିଥିଲେ।

# କେ. ଲକ୍ଷ୍ମଣ ରିଟର୍ନିଂ ଅଫିସର ନିଯୁକ୍ତ

ନୂଆଦିଲ୍ଲୀ,୧୫।୧୦

ଭାଜପାର ଦେଶବ୍ୟାପୀ ସାଂଗଠନିକ ନିର୍ବାଚନ ପାଇଁ ବରିଷ୍ଠ ନେତା କେ. ଲକ୍ଷ୍ମଣଙ୍କୁ ଦଳ ମଙ୍ଗଳବାର ରିଟର୍ନିଂ ଅଫିସର ନିଯୁକ୍ତ କରିଛି। ସାଂଗଠନିକ ନିର୍ବାଚନ ଶେଷରେ ଦଳର ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ ହେବେ। ଭାଜପା ଉପାଧ୍ୟକ୍ଷ ରେଖା ବର୍ମା, ପୁରୀ ଏମ୍‌ପି ସମ୍ବିତ ପାତ୍ର ଏବଂ ଉତ୍ତରାଖଣ୍ଡରୁ ରାଜ୍ୟ ସଭା ସଦସ୍ୟ ଥିବା ନରେଶ ବଂଶଲଙ୍କୁ କୋ-ରିଟର୍ନିଂ ଅଫିସର ନିଯୁକ୍ତ କରାଯାଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସେମାନଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଲକ୍ଷ୍ମଣ



କେ. ଲକ୍ଷ୍ମଣ

ଉତ୍ତରପ୍ରଦେଶରୁ ଭାଜପାର ରାଜ୍ୟସଭା ସଦସ୍ୟ ଏବଂ ଓବିସି ମୋର୍ଚ୍ଚାର ଅଧ୍ୟକ୍ଷ ରହିଛନ୍ତି। ଭାଜପାର ନୂଆ

## ଭାଜପାର ସାଙ୍ଗଠନିକ ନିର୍ବାଚନ

ଅଧ୍ୟକ୍ଷ ଚୟନ ପାଇଁ ନିର୍ବାଚନ ପ୍ରକ୍ରିୟା ଡିସେମ୍ବର କିମ୍ବା ଆସନ୍ତା ବର୍ଷ ପ୍ରଥମ ଭାଗରୁ ଆରମ୍ଭ ହେବ। ସେପ୍ଟେମ୍ବର ୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଥିଲେ। ୨୦୨୦ରୁ ନଡ୍ଡା ଭାଜପା ଅଧ୍ୟକ୍ଷ ରହିଛନ୍ତି। ତାଙ୍କର ୩ ବର୍ଷିଆ କାର୍ଯ୍ୟକାଳ ଶେଷ ହେବା ପରେ ସାଂଗଠନିକ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଛି।

# ଅନାସ୍ଥା ଭୋଟରେ ପଦ ହରାଇଲେ ବାଲିପଟା ସରପଞ୍ଚ

ଛେଣ୍ଡିପଦା,୧୫।୧୦(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଲିପଟା ସରପଞ୍ଚ ରଶ୍ମିତା ଗଡ଼ନାୟକ ମଙ୍ଗଳବାର ଅନାସ୍ଥା ଭୋଟରେ ପଦ ହରାଇଛନ୍ତି। ଫଳରେ ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚ ସୁଦାମ ପ୍ରଧାନଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ବାଲିପଟା ପଞ୍ଚାୟତର ବିଦାୟୀ ସରପଞ୍ଚ ରଶ୍ମିତାଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ୱାର୍ଡ ସଭ୍ୟାସଭ୍ୟମାନେ ଅନୁଗୋଳ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଅନାସ୍ଥା ପ୍ରସ୍ତାବ ଆଗତ କରିବାକୁ ଦାବି କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅନାସ୍ଥା ଭୋଟ ପାଇଁ ଅକ୍ଟୋବର ୧୫କୁ ଦିନ ସ୍ଥିର କରାଯାଇଥିଲା। ନିୟମ ଅନୁଯାୟୀ ପ୍ରଶାସନ ପକ୍ଷରୁ ବାଲିପଟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନାସ୍ଥା ଭୋଟ କେନ୍ଦ୍ର କରାଯାଇଥିଲା।



COLLECTORATE, ANGUL
DISTRICT PANCHAYAT SECTION, ANGUL

ORDER No. 817 /GP Dt.15.10.2024

In pursuance of provision laid down U/S 24 (1) & 2 (i) of Odisha Gram Panchayat Act, 1964 and as per report submitted by the Sub-Collector, Angul vide his letter No.6841 Dt.15.10.2024 regarding want of confidence meeting held on 15.10.2024 against Smt. Rashmita Gadanayak, Sarpanch, Balipatta Gram Panchayat under Chhendipada Panchayat Samiti. I Shri Abdaal M. Akhtar, IAS, Collector & District Magistrate, Angul do hereby publish that, the said Sarpanch Smt. Rashmita Gadanayak is no more to hold the office of Sarpanch of the said Gram Panchayat and by this time she shall be deemed to have vacated the office of Sarpanch, Balipatta Gram Panchayat with immediate effect.

Collector & District Magistrate, Angul

Memo No. 818 /GP Dt.15.10.2024.
Copy to Notice Board.

Collector & District Magistrate, Angul

Memo No. 819 /GP Dt.15.10.2024.
Copy forwarded to :-
1. Smt. Rashmita Gadanayak, Ex-Sarpanch, Balipatta Gram Panchayat Po-Balipatta, Dist- Angul. She is directed to hand over the charges to the Naib- Sarpanch, Balipatta Gram Panchayat immediately.
2. Naib-Sarpanch, Balipatta Gram Panchayat, Chhendipada Block for information and necessary action. He is directed to take over the charges of Sarpanch, Balipatta Gram Panchayat immediately.
3. Copy to the Panchayat Executive Officer, Balipatta Gram Panchayat for information and necessary action.

Collector & District Magistrate, Angul

Memo No. 820 /GP Dt.15.10.2024.
Copy forwarded to the Block Development Officer, Chhendipada / Sub-Collector, Angul for information and necessary action.

Collector & District Magistrate, Angul

Memo No. 821 /GP Dt.15.10.2024
Copy to the Deputy Secretary to Government Panchayat Raj & Drinking Water Department Odisha Bhubaneswar / Deputy Secretary to State Election Commission Odisha, Toshali Bhawan, Satyanagar, Bhubaneswar for information and necessary action.

Collector & District Magistrate, Angul

ଅନୁଗୋଳ ଜିଲାପାଳଙ୍କ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମା।

ସରପଞ୍ଚଙ୍କ ସମେତ ମୋଟ ୧୮ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ୧୨ଜଣ ୱାର୍ଡ ସଭ୍ୟାସଭ୍ୟ ଭୋଟ ଦେଇଥିଲେ। ନିର୍ବାଚନ ଅଧିକାରୀ ଭାବେ ଛେଣ୍ଡିପଦା ତହସିଲଦାର ସୁକାନ୍ତ କୁମାର ସାହୁଙ୍କ ସହିତ ବିଡିଓ ତ୍ରିବିକ୍ରମ କୁମରା ଓ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଅନାସ୍ଥା ସପକ୍ଷରେ ଭୋଟ ଯାଇଥିବା ସମ୍ପର୍କିତ ବିବରଣୀ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାର ବାଲିପଟା ସରପଞ୍ଚ ରଶ୍ମିତାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଖାଲି କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବା ସହ ଚିଠି ନଂ. ୮୧୯ରେ ନାଏବ ସରପଞ୍ଚ ସୁଦାମ ପ୍ରଧାନଙ୍କୁ ସରପଞ୍ଚ ଭାବେ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିବା ତହସିଲଦାର ସାହୁ କହିଛନ୍ତି, ଅନାସ୍ଥା ଭୋଟର ଫଳାଫଳ ଉପଜିଲାପାଳଙ୍କୁ ଜଣାଇ ଦିଆଯାଇଛି। ବିଦାୟୀ ସରପଞ୍ଚ ରଶ୍ମିତାଙ୍କ ମୋବାଇଲ ସୁଇଚଅଫ୍ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ।

# ବୈଜୟନ୍ତଙ୍କୁ ଦିଲ୍ଲୀ ନିର୍ବାଚନ ଇନ୍‌ଚାର୍ଜ କଲା ଭାଜପା

ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)

ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ଦିଲ୍ଲୀ ନିର୍ବାଚନ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ମିଳିଛି। ଭାଜପା ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି । ସେହିପରି ସାଂସଦ ଅତୁଲ ଗର୍ଗଙ୍କୁ ସହକାରୀ ଇନ୍‌ଚାର୍ଜ ଭାବେ ମଧ୍ୟ ନିଯୁକ୍ତି ମିଳିଛି। ଭାଜପା



ବୈଜୟନ୍ତ ପଣ୍ଡା

ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଉଭୟଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଆଗକୁ ଦିଲ୍ଲୀ ବିଧାନସଭା ନିର୍ବାଚନ ରହିଛି। ସମ୍ଭବତଃ ୨୦୨୫ ଫେବୃଆରୀରେ ନିର୍ବାଚନ ହୋଇପାରେ। ସେଥିଲାଗି ଦେଶର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ନିଜର ପ୍ରସ୍ତୁତି ଆରମ୍ଭ କରିଛନ୍ତି।

# ୩୧ ପର୍ଯ୍ୟନ୍ତ ଜାରି ରହିବ ଭାଜପାର ସକ୍ରିୟ ସଦସ୍ୟ ଗ୍ରହଣ ପ୍ରକ୍ରିୟା

ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)

ଭାଜପା ହେଉଛି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ। ଦଳର ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରତ୍ୟେକ ୬ ବର୍ଷରେ ସଦସ୍ୟ ସଂଗ୍ରହ କରାଯାଏ । ପ୍ରଥମେ ପ୍ରାଥମିକ ସଦସ୍ୟ ହେବା ପରେ କାର୍ଯ୍ୟକର୍ତ୍ତାମାନେ ସକ୍ରିୟ ସଦସ୍ୟ ହୁଅନ୍ତି। ଏହାପରେ ବୁଥ୍‌ରୁ ଆରମ୍ଭକରି ମଣ୍ଡଳ, ଜିଲା, ରାଜ୍ୟ ଏବଂ ରାଷ୍ଟ୍ରୀୟସ୍ତରୀୟ କମିଟି ନିର୍ବାଚନ ହୋଇଥାଏ। ଚଳିତ ଥର ସଦସ୍ୟତା ଅଭିଯାନ-୨୦୨୪ ସେପ୍ଟେମ୍ବର ୨ରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବାବେଳେ ଏ ପର୍ଯ୍ୟନ୍ତ ଚାଲୁ ରହିଛି। ଦଳର ସକ୍ରିୟ ସଦସ୍ୟ ଗ୍ରହଣର ପ୍ରକ୍ରିୟା ବୁଧବାରଠାରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସମୟରେ ପ୍ରାଥମିକ ସଦସ୍ୟ ସଂଗ୍ରହ ଅଭିଯାନ ମଧ୍ୟ ଜାରି ରହିବ। ଭାଜପାର ପ୍ରାଥମିକ ସଦସ୍ୟ ସଂଗ୍ରହ ପାଇଁ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ




ବ୍ୟବସ୍ଥା କରାଯାଇଛି। ଅନ୍‌ଲାଇନରେ ଫୋନ ନଂ.୮୮୦୦୦୦୨୦୨୪ରେ ମିସ୍‌ଡ କଲ୍ ମାଧ୍ୟମରେ ସଦସ୍ୟ ସଂଗ୍ରହ କରାଯାଉଛି। ଅଫ୍‌ଲାଇନରେ ସଦସ୍ୟତା ସଂଗ୍ରହ ଅଭିଯାନ ପାଇଁ ପ୍ରତ୍ୟେକ ବୁଥ୍‌କୁ ଆବଶ୍ୟକ ପରିମାଣର ସଦସ୍ୟ ପୁସ୍ତିକା ଦିଆଯାଇଛି। ଏସବୁ ପୁସ୍ତିକା ବୁଥ୍‌ଗୁଡ଼ିକରୁ ଫେରି ନ ଥିବାରୁ ମୋଟ ସଦସ୍ୟ ସଂଖ୍ୟା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଭାଜପା ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟରେ ଉତ୍ସାହିତ ହୋଇ ଅଧିକରୁ ଅଧିକ ଜନସାଧାରଣ ଦଳରେ ସାମିଲ ହେଉଛନ୍ତି। ଆସନ୍ତା ୨୧ରେ ଦଳର କେନ୍ଦ୍ରୀୟ କମିଟି ଆଗାମୀ ଦିନର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ନିର୍ଦ୍ଧାରଣ କରିବ। କେନ୍ଦ୍ରୀୟ କମିଟି ପକ୍ଷରୁ ନିର୍ଦ୍ଧାରିତ ହେବାପରେ ଦଳରେ କେବେ ଓ କେଉଁଭଳି ଭାବେ ସାଙ୍ଗଠନିକ ନିର୍ବାଚନ ହେବ ସେ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିପାରିବ।

## ଅନ୍ୟାନ୍ୟ ଖବର

# କନ୍‌ଷ୍ଟେବଲ୍‌ଙ୍କ ବୁଲେଟ୍ ଧକ୍କାରେ ଜଣେ ମୃତ

ପାଟଣା,୧୫।୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ୪୯ ନମ୍ବର ଜାତୀୟ ରାଜପଥ ବାଉଁଶୁଳି ନିକଟରେ ମଙ୍ଗଳବାର ୨ ପୋଲିସ କନ୍‌ଷ୍ଟେବଲ୍‌ଙ୍କ ବୁଲେଟ ଧକ୍କାରେ ଜଣେ ବସ୍ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟଣା ଥାନା ସାହରପଡ଼ା ପଞ୍ଚାୟତ ଦୁବେଇ ପେଣ୍ଠ ଗ୍ରାମ ନୂଆସାହିର ଜଗବନ୍ଧୁ ମହାରଣା(୫୪)। ୨ ପୋଲିସ କର୍ମଚାରୀଙ୍କୁ ସ୍ଥାନୀୟ ଲୋକେ ଅଟକ ରଖିଥିବା ବେଳେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନା ଅନୁଯାୟୀ, ଜଗବନ୍ଧୁ ବାଉଁଶୁଳି ଛକ ନିକଟରେ ବସରୁ ଓହ୍ଲାଇଥିଲେ। ପାଟଣା ବ୍ଲକ୍ ବାଉଁଶୁଳିସ୍ଥିତ ଭଉଣୀ ଘରକୁ ଯିବାକୁ ରାସ୍ତା କଡ଼ରେ ଅଟୋକୁ ଅପେକ୍ଷା କରିଥିଲେ। ଏହି ସମୟରେ ବଳାଣି ଥାନାର କନ୍‌ଷ୍ଟେବଲ୍ ପୁରୁଷୋତ୍ତମ ମହାନ୍ତ(୩୫) ଓ ତୁରୁମୁଙ୍ଗା ଥାନା କନ୍‌ଷ୍ଟେବଲ୍ ବିଶ୍ୱରଞ୍ଜନ ଭଞ୍ଜଦେଓ (୪୪) ଏକ ବୁଲେଟରେ ତୁରୁମୁଙ୍ଗାରୁ କେନ୍ଦୁଝରକୁ ରିଜର୍ଭରେ ଡ୍ୟୁଟି କରିବାକୁ ଯାଉଥିବା ସମୟରେ ଜଗବନ୍ଧୁଙ୍କୁ ଧକ୍କା ଦେଇଥିଲେ। ଜଗବନ୍ଧୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁରୁଷୋତ୍ତମ ବୁଲେଟ ଚଳାଉଥିବା ବେଳେ ବିଶ୍ୱରଞ୍ଜନ ପଛରେ ବସିଥିଲେ। ଦୁର୍ଘଟଣାରେ ଉଭୟ ମଧ୍ୟ ଗୁରୁତର ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ୨ କନ୍‌ଷ୍ଟେବଲ୍ ମଦ୍ୟପାନ କରି ଗାଡ଼ି ଦୁର୍ଘଟଣା କରିଥିବା ଅଭିଯୋଗ କରି ଉଭୟଙ୍କୁ ଘେରିଥିଲେ। ତୁରୁମୁଙ୍ଗା ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲା। ସମ୍ଭାବ୍ୟ ଉତ୍ତେଜନାକୁ ଦୃଷ୍ଟିରେ ରଖି ବାଉଁଶୁଳି ଛକରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୨୮୮/୨୪) ରୁଜୁ ହୋଇଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। କେନ୍ଦୁଝରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ କରାଯାଉଛି।

# ଆଇଟିଡିଏ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ଉପରେ ବର୍ଷିଲେ ମନ୍ତ୍ରୀ

ଚିତ୍ରକୋଣ୍ଡା/ମାଲକାନଗିରି, ୧୫।୧୦
(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ/ଦୁର୍ଯ୍ୟୋଧନ ପାତ୍ର)

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ମାଲକାନଗିରି ଜିଲା ଗସ୍ତରେ ଆସି ଅନୁସୂଚିତ ଜାତି ଜନଜାତି ବିଦ୍ୟାଳୟଗୁଡିକର ସ୍ଥିତି, ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ ଶିକ୍ଷାଦାନ ଆଦି ବିଷୟରେ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ । ସେହିପରି ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳକୁ ଯାଇ ଗୁରୁପ୍ରିୟା ସେତୁ, ବଡପଡା ସ୍ଥିତ ନବ ନିର୍ମିତ ଅନୁସୂଚିତ ଜାତି ଓ ଜନଜାତି ଏଜୁକେଶନ କମ୍ପ୍ଲେକ୍ସ ପରିଦର୍ଶନ କରିଥିଲେ। ୧୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏଜୁକେଶନ କମ୍ପ୍ଲେକ୍ସ ୭ବର୍ଷ ମଧ୍ୟରେ ଏହି କମ୍ପ୍ଲେକ୍ସ ନଷ୍ଟ ଅବସ୍ଥାରେ ଥିବା ଦେଖିଥିଲେ। ବିଶେଷ କରି ଏହି କମ୍ପ୍ଲେକ ଶେଣୀ ଗୃହଠାରୁ ଆରମ୍ଭକରି ଅଧିକାଂଶ ସ୍ଥାନରେ ଫାଟ ସୃଷ୍ଟି ହେବା, କାନ୍ଥରୁ ପ୍ଲାଷ୍ଟର ବାହାରିଯିବା ଆଦି ଦେଖିବାକୁ ପାଇଥିଲେ। ମନ୍ତ୍ରୀ ଗଣ୍ଡ ଉପସ୍ଥିତ ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ତାଗିଦା କରିବା ସହ ଏହାର



ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ବଡପଡା ପଞ୍ଚାୟତରେ ନଷ୍ଟ ହୋଇଥିବା ଏଜୁକେଶନ କମ୍ପ୍ଲେକ୍ସ ନିକଟରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନେ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି ।

ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ଗଣ୍ଡ କହିଥିଲେ, ନିର୍ବାଚନ ପୂର୍ବରୁ ଭୋଟ ପାଇଁ ସ୍ୱାଭିମାନ ଅଞ୍ଚଳ ବଡପଡାଠାରେ ଏହି କମ୍ପ୍ଲେକ୍ସକୁ ପୂର୍ବ ସରକାର ଉଦ୍‌ଘାଟନ କରିଥିଲେ । ଏହି କମ୍ପ୍ଲେକ୍ସରେ ୧ ହଜାର ଛାତ୍ରୀଛାତ୍ର ପଢିବା ସୁବିଧା ଥିବା ବେଳେ ଏଠାରେ ଏନ୍‌ସିସି କକ୍ଷ, ଆଇସିଟି ସ୍ମାର୍ଟ ଲର୍ନିଂ କେନ୍ଦ୍ର, ବିଜ୍ଞାନ କକ୍ଷ, ଟ୍ରାଇବାଲ କର୍ନର ସହ ୨୦୦ ଛାତ୍ର ଓ ୫୦୦ ଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ ଇତ୍ୟାଦି ଥିବା ବେଳେ ସମସ୍ତ ଗୃହ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ମନରେ ଭୟ ସୃଷ୍ଟି ହେଉଛି । ସ୍ଥାନୀୟ ଲୋକମାନେ ଏହି କାର୍ଯ୍ୟ ନିମ୍ନମାନର ହୋଇଥିବା ମଧ୍ୟ ମନ୍ତ୍ରୀଙ୍କ ପାଖରେ ଅଭିଯୋଗ କରିଥିଲେ ।

ଚିତ୍ରକୋଣ୍ଡା ବ୍ଲକ ପରିସରରେ ମହିଳାଙ୍କୁ ନେଇ ଏକ ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସୁଭଦ୍ରା ଯୋଜନା ଦ୍ୱାରା ମହିଳାମାନେ କିପରି ଉପକୃତ ହେବେ ସେ ସମ୍ପର୍କରେ ମହିଳାମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହା ସହିତ ସରସ୍ୱତୀ ଶିଶୁ

## ଗଣଶିକ୍ଷା ମନ୍ତ୍ରୀଙ୍କ ମାଲକାନଗିରିରେ ସମୀକ୍ଷା

ମନ୍ଦିର ପାଇଁ ଏକ ଅନୁନ୍ୟ ବିଦ୍ୟାଳୟ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପରେ ସେ ଖଇରପୁଟ ବ୍ଲକ ବଣ୍ଡାଘାଟି ଗସ୍ତକରି ମୁଦୁଲିପଡା ବଣ୍ଡା ଉନ୍ନୟନ ସଂସ୍ଥା ଦ୍ୱାରା କି କାର୍ଯ୍ୟ କରାଯାଇଛି, ବଣ୍ଡା ସମ୍ପ୍ରଦାୟ ଲୋକେ କେତେ ଉପକୃତ ହୋଇଛନ୍ତି ଆଗାମୀ ଦିନରେ କେଉଁ କାର୍ଯ୍ୟ କରାଯିବ ସେ ବିଷୟରେ ସମୀକ୍ଷା ସହ ମୁଦୁଲିପଡା ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟ ପରିସର ବୁଲି ଦେଖିଥିଲେ। ସେଠାରେ ଶିକ୍ଷାଦାନ, ଛାତ୍ରୀଛାତ୍ରଙ୍କ ରହିବା ବିଷୟରେ ସମୀକ୍ଷା କରିଥିଲେ । ଏଥିସହ ବଣ୍ଡା ଉନ୍ନୟନ ସଂସ୍ଥା ତରଫରୁ ୧୦ ଜଣ ରାଜମିସ୍ତ୍ରୀଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରିଥିଲେ । ମନ୍ତ୍ରୀଙ୍କ ସହ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ, ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

**ବମ୍ପର ରିୱାର୍ଡ୍ସର ଶୁଭାରମ୍ଭ**

**ନୂଆଦିଲ୍ଲୀ:** ଆମାଜନ୍.ଇନର ବହୁ ପ୍ରତୀକ୍ଷିତ ଅଫର 'ବମ୍ପର ରିୱାର୍ଡ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଆକର୍ଷଣୀୟ ରିହାତି ଅଫର ଜରିଆରେ ଗ୍ରାହକମାନେ ଉଭୟ ଆମାଜନ.ଇନ ଏବଂ ଆମାଜନ.ପେ ୟୁପିଆଇ ମାଧ୍ୟମରେ କାରବାର କରି ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଜିତିପାରିବେ। ଆମାଜନ ପେ'ର ନିର୍ଦ୍ଦେଶକ (ପେମେଣ୍ଟ ଆଣ୍ଡ ମର୍ଚ୍ଚାଣ୍ଟ ସର୍ଭିସେସ୍) ଗିରୀଶ କ୍ରିଷ୍ଣା କହିଛନ୍ତି, ଚଳିତ ପାର୍ବଣ ଋତୁରେ ଆମର ପ୍ରତ୍ୟେକ ଗ୍ରାହକ ଆମାଜନ ପେ ଜରିଆରେ ବ୍ରାଣ୍ଡର ଶପିଂ ଅନ୍ ଓ ଅଫ୍‌ରେ ରିୱାର୍ଡ ଅନ୍‌ଲକ୍ କରିପାରିବେ।

# ଭାରତୀୟ ଡେଟା ସେଣ୍ଟରରେ ଭାରତର ଡେଟା ରହୁ: ଆକାଶ

**ନୂଆଦିଲ୍ଲୀ,୧୫।୧୦**

ଭାରତରେ ଡେଟା ସୃଷ୍ଟି ହେବାର ଆକାର ଏବଂ ଗତି ବେଶ୍ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏପରିକି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହିତ ଆହୁରି ଦ୍ରୁତଗତିରେ ମଧ୍ୟ ବୃଦ୍ଧି ପାଇବ। ତେଣୁ ଦେଶରେ ଏଆଇ ଓ ମେଶିନ ଲର୍ଣ୍ଣିଂ ଡେଟା ସେଣ୍ଟର ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ଭାରତୀୟ କମ୍ପାନୀଗୁଡ଼ିକୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ମିଳିବା ଉଚିତ ବୋଲି ଇଣ୍ଡିଆ ମୋବାଇଲ କଂଗ୍ରେସ-୨୦୨୪ରେ ଯୋଗଦେଇ ରିଲାଏନ୍ସ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନୀ ଏହା କହିଛନ୍ତି। ସେହିଭଳି ଭାରତର ଡେଟା କେବଳ ଭାରତୀୟ ଡେଟା ସେଣ୍ଟରରେ ରଖାଯିବା ସପକ୍ଷରେ ଆକାଶ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏଥିସହ ଡେଟା ସେଣ୍ଟର ନୀତି-୨୦୨୦ର ଡ୍ରାଫ୍ଟକୁ



ଆକାଶ ଅମ୍ବାନୀ

ଶୀଘ୍ର ଅପ୍‌ଡେଟ୍ କରିବାକୁ ଆକାଶ ସରକାରଙ୍କୁ ଅନୁରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ଦିଲ୍ଲୀଠାରେ ଆରମ୍ଭ ହୋଇଥିବା ୩ଦିନିଆ ଇଣ୍ଡିଆ ମୋବାଇଲ କଂଗ୍ରେସ-୨୦୨୪ର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିବାବେଳେ ଏଥିରେ ଆକାଶଙ୍କ ସମେତ ବହୁ ଜଣାଶୁଣା ଶିଳ୍ପ ପ୍ରତିନିଧି ମଧ୍ୟ ଯୋଗଦେଇଛନ୍ତି। ଏହି ଅବସରରେ ଆକାଶ ଅମ୍ବାନୀ କହିଛନ୍ତି, ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଏଆଇ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏବଂ ଜିଓ ପ୍ରତ୍ୟେକ ଭାରତୀୟଙ୍କ ପର୍ଯ୍ୟନ୍ତ ଏଆଇର ଲାଭ ପହଞ୍ଚାଇବାର ଉଦ୍ୟମ ଆରମ୍ଭ କରିଛି। ଠିକ୍ ସେହିଭଳି ଯେପରି ଆମେ ମୋବାଇଲ ବ୍ରଡ୍‌ବ୍ୟାଣ୍ଡ ସହ କରିଥିଲୁ। ସୁଲଭ ମୂଲ୍ୟରେ ଶକ୍ତିଶାଳୀ ଏଆଇ ମଡେଲ ଏବଂ ସେବା ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ଏଥିପାଇଁ ଆମେ ଏକ ଜାତୀୟ ଏଆଇ ଭିତ୍ତିଭୂମିର ଆଧାର ପ୍ରସ୍ତୁତ କରୁଛୁ।

ସେହିପରି ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସାକରି ଆକାଶ କହିଛନ୍ତି, ଆଜି ଭାରତୀୟ ମୋବାଇଲ କମ୍ପାନୀ ଏବଂ ସଫଳ ଷ୍ଟାର୍ଟ ଅପ୍ ଇକୋସିଷ୍ଟମ୍ ବଳରେ ଭାରତ ବିକଶିତ ଦେଶ ସମେତ ସମଗ୍ର ବିଶ୍ୱକୁ ଏଆଇ ସମାଧାନ ପ୍ରଦାନ କରିପାରିବ। ସରକାରଙ୍କ ଦ୍ୱାରା ଉଦ୍ୟୋଗ ଏବଂ ନବସୃଜନ ବା ଇନୋଭେଶନକୁ ଆଗକୁ ବଢ଼ାଯିବା ଯୋଗୁ ଭାରତରେ ସବୁଠାରୁ ବଡ଼ ଡିଜିଟାଲ୍ କ୍ରାନ୍ତି ଆସିଛି। ନୂତନ ଭାରତରେ ବ୍ୟବସାୟ ବର୍ତ୍ତମାନ ସମ୍ପୂର୍ଣ୍ଣ ରୂପେ ବଦଳିଯାଇଛି। ୧୪୫ କୋଟି ଭାରତୀୟଙ୍କ ଆବଶ୍ୟକତା ଏବଂ ଆକାଂକ୍ଷା ପୂରଣ କରିବା ପାଇଁ ସରକାର ଏବଂ ଶିଳ୍ପଜଗତ ସମନ୍ୱୟରେ ଏକାଠି କାର୍ଯ୍ୟ କରୁଛନ୍ତି।

ଇଣ୍ଡିଆ ମୋବାଇଲ କଂଗ୍ରେସର ମଞ୍ଚରୁ ଆକାଶ ଅମ୍ବାନୀ କହିଛନ୍ତି, ଭାରତ କେବଳ ମୋବାଇଲ ଇନୋଭେଶନରେ ଅଗ୍ରଣୀ ହେବ ନାହିଁ ବରଂ ଏକ ସଂଯୁକ୍ତ ତଥା ବୁଦ୍ଧିମାନ ଭବିଷ୍ୟତ ପାଇଁ ଏଆଇର ଶକ୍ତିକୁ ବ୍ୟବହାର କରିବ। ଏହାଦ୍ୱାରା ମଧ୍ୟ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ଆସିବା ସମୟରେ ଘଟିଥିବା ପରି ନିଯୁକ୍ତି କ୍ଷେତ୍ରରେ ମଧ୍ୟ ବୃଦ୍ଧି ଘଟିବ।

## ଖସିଲା ଶେୟାର ବଜାର

**ନୂଆଦିଲ୍ଲୀ,୧୫।୧୦**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୫୩ (୧୫୨.୯୩) ପଏଣ୍ଟ କମି ୮୧,୮୨୦ (୮୧,୮୨୦.୧୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୭୧ (୭୦.୬୦) ପଏଣ୍ଟ ହ୍ରାସ ଘଟି ୨୫,୦୫୭ (୨୫,୦୫୭.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ରିଲାଏନ୍ସ ଜିଓର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୧୫।୧୦(ଅଭୟ ଦାଶ)**

ରିଲାଏନ୍ସ ଜିଓର ନୂତନ ଉତ୍ପାଦ 'ଜିଓଭାରତ ଭି୩ ଏବଂ ଜିଓ ଭାରତ ଭି୪' ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରିକି ଏହି ୨ ନୂଆ ୪ଜି ଫିଚର ଫୋନ୍‌ର ଶୁଭାରମ୍ଭ ଇଣ୍ଡିଆ ମୋବାଇଲ୍ କଂଗ୍ରେସ-୨୦୨୪ ପରିସରରେ ହୋଇଯାଇଛି। ଜିଓଭାରତ ଭି୩ ଏବଂ ଜିଓଭାରତ ଭି୪ ନାମରେ ନାମିତ ଏହି ଦୁଇ ୪ଜି ଫିଚର ଫୋନ ଜିଓଭାରତ ସିରିଜ୍ ଅଧୀନରେ ଶୁଭାରମ୍ଭ କରାଯାଇଥିଲାବେଳେ ବଜାରରେ ନୂଆ ମଡେଲଗୁଡ଼ିକ ୧୦୯୯ ଟଙ୍କାରେ ଉପଲବ୍ଧ ହେଉଛି। ଗତ ବର୍ଷ ଜିଓଭାରତ ଭି୨ ମଡେଲ ଶୁଭାରମ୍ଭ କରାଯାଇଥିଲା, ଯାହା ଭାରତୀୟ ଫିଚର ଫୋନ୍ ବଜାରରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏପରିକି କମ୍ପାନୀର ସୂଚନା ଅନୁଯାୟୀ ଲକ୍ଷ ଲକ୍ଷ ୨ଜି ଗ୍ରାହକ ଜିଓଭାରତ ଫିଚର ଫୋନ୍ ମାଧ୍ୟମରେ ୪ଜିକୁ ପରିବର୍ତ୍ତିତ ହୋଇସାରିଛନ୍ତି। ସେହିଭଳି ଆଗାମୀ ପିଢ଼ିର ଏହି ନୂଆ ଫିଚର ଫୋନ ଆଧୁନିକ ଡିଜାଇନ୍, ଶକ୍ତିଶାଳୀ ୧୦୦୦ ଏମ୍‌ଏଏଚ୍ ବ୍ୟାଟେରି, ୧୨୮ଜିବି ପର୍ଯ୍ୟନ୍ତ ବିସ୍ତାରଯୋଗ୍ୟ ଷ୍ଟୋରେଜ୍ ଏବଂ ୨୩ଟି ଭାରତୀୟ ଭାଷାକୁ ସମର୍ଥନ କରୁଛି। ଜିଓଭାରତ ଫୋନରେ ମାସିକ ମାତ୍ର ୧୨୩ ଟଙ୍କାରେ ରିଚାର୍ଜ କରାଯାଇପାରିବ। ଯେଉଁଥିରେ ଅସୀମିତ




ଭଏସ୍ କଲ୍ ଏବଂ ଦୈନିକ ଅଧା ଜିବି ହିସାବରେ ମୋଟ ୧୪ ଜିବି ହାଇ-ସ୍ପିଡ୍ ଡେଟା ମଧ୍ୟ ଉପଲବ୍ଧ ହେବ। ଉଭୟ ଭି୩ ଏବଂ ଭି୪ ମଡେଲ ଜିଓ-ଟିଭି, ଜିଓ-ସିନେମା, ଜିଓ-ପେ ଏବଂ ଜିଓ-ଚାଟ୍ ଭଳି ଉପଯୋଗୀ ପ୍ରି-ଲୋଡେଡ୍ ଆପ୍ ସହିତ ଆସିବ। ଏପରିକି ୪୫୫ରୁ ଅଧିକ ଲାଇଭ ଟିଭି ଚ୍ୟାନେଲ ସହିତ ଚଳଚ୍ଚିତ୍ର, ଭିଡିଓ ଏବଂ କ୍ରୀଡ଼ା ବିଷୟବସ୍ତୁ ମଧ୍ୟ ମାତ୍ର ଗୋଟିଏ କ୍ଲିକ୍‌ରେ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ଅପରପକ୍ଷରେ ଜିଓ-ପେ ସହଜରେ ନିରବଚ୍ଛିନ୍ନ ଦେୟ ପ୍ରଦାନ ସୁବିଧା ପ୍ରଦାନ କରୁଥିବାବେଳେ ଜିଓଚାଟ ଅସୀମିତ ଭଏସ୍ ମେସେଜିଂ, ଫଟୋ ଶେୟାର ଏବଂ ଗ୍ରୁପ୍ ଚାଟ୍ ବିକଳ୍ପ ପ୍ରଦାନ କରିଥାଏ। ଜିଓଭାରତ ଭି୩ ଏବଂ ଜିଓଭାରତ ଭି୪ ଖୁବ୍‌ଶୀଘ୍ର ସମସ୍ତ ମୋବାଇଲ ଷ୍ଟୋର ସହିତ ଜିଓମାର୍ଟ ଏବଂ ଆମାଜନ୍‌ରେ ମଧ୍ୟ ଉପଲବ୍ଧ ହେବ।

# ଭୁବନେଶ୍ୱର ବଜାରରେ ହୋମ୍ ଟ୍ରାଏଙ୍ଗେଲ

**ନୂଆଦିଲ୍ଲୀ,୧୫।୧୦**

ଭାରତର ଘରୋଇ ସେବା ଶିଳ୍ପରେ ଏକ ଅଗ୍ରଣୀ ସଂସ୍ଥା ହୋମ୍ ଟ୍ରାଏଙ୍ଗେଲ ଭୁବନେଶ୍ୱର ବଜାରରେ ପ୍ରବେଶ ସହ ବ୍ରାଣ୍ଡର ଉପସ୍ଥିତିକୁ ବିସ୍ତାର କରିଛି। ଏପରିକି ଏହି ରଣନୈତିକ ପଦକ୍ଷେପ ବଜାର ପହଞ୍ଚକୁ ବୃଦ୍ଧି କରିବା ଓ ଏଭଳି ବିକଶିତ ବଜାରଗୁଡ଼ିକରେ ଘରମାଲିକମାନଙ୍କର ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀର ଲକ୍ଷ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରୁଛି। ସେହିଭଳି ସାମ୍ପ୍ରତିକ ବିସ୍ତାର ସହ କମ୍ପାନୀ ବର୍ତ୍ତମାନ ଭାରତର ୨୩ଟି ସହରରେ ଉପସ୍ଥିତ ସହ ଆଗାମୀ ମାସଗୁଡ଼ିକରେ ଅଧିକ ସହରକୁ ସମ୍ପ୍ରସାରିତ ହେବା ପାଇଁ ଯୋଜନା ରଖିଛି। ସେହିପରି କମ୍ପାନୀ ତା'ର ପରିଚାଳନାର ୬ମାସ ମଧ୍ୟରେ ମୋଟ ରାଜସ୍ୱରୁ ପ୍ରାୟ ୩ରୁ ୫% ଭୁବନେଶ୍ୱର ବଜାରରୁ ହାସଲ କରିବା ପାଇଁ ଆଶା ରଖିଛି। ଲ୍ଲେଖଯୋଗ୍ୟ, ୨୦୧୫ରେ ସ୍ଥାପିତ ହୋମ୍ ଟ୍ରଏଙ୍ଗେଲ ଭାରତର ଘରୋଇ ସେବା କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ ଆଗଧାଡ଼ିରେ ରହିଆସିଛି। ଏପରିକି ସ୍ଥାନୀୟ ପେସାଦାରମାନଙ୍କୁ ଘର ମାଲିକଙ୍କୁ ସଂଯୋଜିତକରି କମ୍ପାନୀ କେବଳ କ୍ଷୁଦ୍ର ବ୍ୟବସାୟଗୁଡ଼ିକୁ ସହଯୋଗ କରୁ ନାହିଁ ବରଂ ଦେଶବ୍ୟାପୀ କୁଶଳୀ କର୍ମଚାରୀମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତିକୁ ଉନ୍ନତ କରିବାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ବିଶେଷକରି ଘର ମରାମତି, ସଫେଇ, ପେଷ୍ଟ କଣ୍ଟ୍ରୋଲ, ଆପ୍ଲାଏନ୍ସ ମରାମତି ଓ ହ୍ୟାଣ୍ଡିମ୍ୟାନ ସର୍ଭିସ୍ ଭଳି ବିସ୍ତୃତ ରେଞ୍ଜର ସେବାଗୁଡ଼ିକ ସହିତ ହୋମ୍ ଟ୍ରାଏଙ୍ଗେଲ ପ୍ରତ୍ୟେକ ଯୋଗାଯୋଗରେ ଉଚ୍ଚ ଗୁଣବତ୍ତା ଓ ନିର୍ଭରଯୋଗ୍ୟତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ହୋମ୍ ଟ୍ରାଏଙ୍ଗେଲର ସିଇଓ ସରିଥା ଶିବାରୁଦ୍ରୈୟା କହିଛନ୍ତି,ଭୁବନେଶ୍ୱର ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ସୁଯୋଗ ଉପସ୍ଥାପନ କରୁଛି। ଏହି ସହରରେ ଦ୍ରୁତ ସହରାଞ୍ଚଳ ବିକାଶ ଏବଂ ନିର୍ଭରଯୋଗ୍ୟ ଘରୋଇ ସେବା ପାଇଁ ଏକ ବର୍ଦ୍ଧିତ ଚାହିଦା ଦେଖିବାକୁ ମିଳିଛି। ଏହି ବଜାରରେ ଆମର ସମ୍ପ୍ରସାରଣ କେବଳ ଆମର ଉପସ୍ଥିତି ବୃଦ୍ଧି କରିବା ସମ୍ପର୍କିତ ନୁହେଁ ବରଂ ଏଭଳି ଜୀବନ୍ତ ସମୁଦାୟଗୁଡ଼ିକର ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମିତ ଉଚ୍ଚମାନର ସେବା ପ୍ରଦାନ କରିବା ପ୍ରତି ଆମର ପ୍ରତିବଦ୍ଧତା ଜାରି ରହିଛି।

ଭାରତରେ ଘରୋଇ ସେବା ଶିଳ୍ପର ଯଥେଷ୍ଟ ଅଭିବୃଦ୍ଧି ପରିଲକ୍ଷିତ କରିଥିବା ବେଳେ ନମନୀୟ ଓ ଦକ୍ଷ ସମାଧାନ ପାଇଁ ଚାହିଦା ବୃଦ୍ଧି ପାଉଛି। ସଦ୍ୟତମ ତଥ୍ୟ ମୁତାବକ, ଭାରତୀୟ ଘରୋଇ ସେବା ବଜାର ଦ୍ରୁତବେଗରେ ବୃଦ୍ଧି ପାଉଛି, ଯାହା ସହରୀକରଣ ଓ ବର୍ଦ୍ଧିତ ମଧ୍ୟବିତ୍ତ ଶ୍ରେଣୀ ଦ୍ୱାରା ପରିଚାଳିତ ହେଉଛି। ଉଦୀୟମାନ ସହରାଞ୍ଚଳ କେନ୍ଦ୍ର ଭାବେ ଭୁବନେଶ୍ୱର ନିର୍ଭରଯୋଗ୍ୟ ସେବା ପ୍ରଦାତାଙ୍କ ପାଇଁ ଅଧିକ ଆବଶ୍ୟକତା ସହିତ ଏହି ଟ୍ରେଣ୍ଡକୁ ପ୍ରତିଫଳନ କରୁଛି। ହୋମ୍ ଟ୍ରାଏଙ୍ଗେଲର ପ୍ରତିଷ୍ଠାତା ରମେଶ ଚିଂଚୋଲି କହିଛନ୍ତି, ଭୁବନେଶ୍ୱରରେ ଆମର ପ୍ରବେଶ ଭାରତରେ ଏକ ଅଗ୍ରଣୀ ଘରୋଇ ସେବା ପ୍ରଦାତାରେ ପରିଣତ ହେବା ନେଇ ଆମର ଲକ୍ଷ୍ୟ ସହ ଜଡିତ ରହିଛି।

# ତନିସ୍କର ନୂତନ କଲେକ୍ସନ 'ନବରାଣୀ'




**ସମ୍ବଲପୁର,୧୫।୧୦(ବି.ଶଙ୍କର)**

ତନିସ୍କର ନୂତନ କଲେକ୍ସନ 'ନବରାଣୀ' ନିକଟରେ ସର୍ବଭାରତୀୟସ୍ତରରେ ଅନାବରଣ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ତନିସ୍କର ରାଉରକେଲା, ସମ୍ବଲପୁର ଓ ଝାରସୁଗୁଡ଼ା ଷ୍ଟୋରରେ ଏହାର ଆନୁଷ୍ଠାନିକ ଅନାବରଣ (ଶୁଭାରମ୍ଭ) ମଙ୍ଗଳବାର ହୋଇଯାଇଛି। ଏହି ଅବସରରେ ତନିସ୍କର ବ୍ୟବସାୟିକ ସହଯୋଗୀ ମଲିନ୍ଦର କୌର, ନବପ୍ରିତ ସିଂଙ୍କ ସମେତ ତନିସ୍କ ରାଉରକେଲା ଷ୍ଟୋର ମ୍ୟାନେଜର ବିକ୍ରମ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

ଭାରତର ସର୍ବବୃହତ ଅଳଙ୍କାର ବ୍ରାଣ୍ଡ ତନିସ୍କ ସର୍ବଦା ନୂତନ ଓ ଅତ୍ୟାଧୁନିକ ଅଳଙ୍କର ସମ୍ଭାର ନେଇ ବଜାରକୁ ଆସିଥାଏ। ସଂପ୍ରତି ପାର୍ବଣର ମାହୋଲ ଚାଲିଛି। ଏହାକୁ ଦୃଷ୍ଟିରେ ରଖି ତନିସ୍କ ଅତ୍ୟାଧୁନିକ ନବ ରାଣୀ ଅଳଙ୍କାର ଗ୍ରାହକମାନଙ୍କୁ ଭେଟି ଦେଇଛନ୍ତି। ଆଜିର ମହିଳାମାନଙ୍କୁ ସମ୍ମାନ ଜଣାଇ ସଂଗ୍ରହଟି ବୋଲ୍ଡ ଆଧୁନିକତା ଏବଂ କ୍ଲାସିକ ଶୋଭାର ଉପଯୁକ୍ତ ସନ୍ତୁଳନକୁ ଧାରଣ କରିଥାଏ। ନବ-ରାଣୀ ପାରମ୍ପରିକ ଅଳଙ୍କାରକୁ ସମସାମୟିକ ଚମତ୍କାର ସହିତ ଜଟିଳ ହସ୍ତତନ୍ତ କାରିଗରୀ ମିଶ୍ରଣ କରି ତିଆରି କରିଛନ୍ତି। ଏହା ସର୍ବଦା ଚମକ ପ୍ରଦାନ କରିବ ବୋଲି ନବପ୍ରିତ ସିଂ କହିଛନ୍ତି। ସେହିପରି ଏହି ସଂଗ୍ରହ ବିଷୟରେ ଟାଇଟାନ କମ୍ପାନୀ ଲିମିଟେଡର ମୁଖ୍ୟ ଡିଜାଇନ ଅଧିକାରୀ ରେଭାଥୀ କାଣ୍ଟ ସୂଚିତ କରିଛନ୍ତି ଯେ, ନବ-ରାଣୀ ସଂଗ୍ରହକୁ ଉପସ୍ଥାପନ କରି ଆମେ ଗର୍ବିତ। ଜଟିଳ କାରିଗରର ଚମତ୍କାର ପ୍ରତିଫଳନ ପ୍ରତ୍ୟେକ ଖଣ୍ଡଟି ଯତ୍ନର ସହିତ ନିର୍ମିତ ହୋଇଛି। ଆଧୁନିକ ମହିଳାମାନଙ୍କ ପ୍ରତି ଏକ ସମ୍ମାନ ନେଇ ତନିସ୍କ ନବରାଣୀ ସଂଗ୍ରହକୁ ବଜାର ପ୍ରବେଶ କରାଇଛି।

# ମାମାଆର୍ଥ ସହ ମିଶୋର ବୁଝାମଣା

**ନୂଆଦିଲ୍ଲୀ,୧୫।୧୦**

ଭାରତରେ ଦ୍ରୁତ ବୃଦ୍ଧି ପାଉଥିବା ପର୍ସନାଲ କେୟାର ବ୍ରାଣ୍ଡ ମାମାଆର୍ଥ ଏବଂ ଇ-କମର୍ସ ପ୍ଲାଟ୍‌ଫର୍ମ ମିଶୋ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉକ୍ତ ବୁଝାମଣା ଅନୁଯାୟୀ ବ୍ରାଣ୍ଡର ଉଚ୍ଚ ଗୁଣାତ୍ମକ ବ୍ୟକ୍ତିଗତ ଯତ୍ନ ଉତ୍ପାଦକୁ ଅନୁପ୍ରବେଶକାରୀ ଅଞ୍ଚଳ ସହ ଉଦୀୟମାନ ଅଞ୍ଚଳରେ ଅଧିକ ଉପଲବ୍ଧ କରାଇବା ଲାଗି ସ୍ଥିର ହୋଇଛି। ସେହିଭଳି ଇ-ବାଣିଜ୍ୟ ପାଇଁ ଟାୟାର-୩ ଓ ବାହାର ବଜାରଗୁଡ଼ିକରେ ମଧ୍ୟ ପ୍ରମୁଖ ପ୍ଲାଟ୍‌ଫର୍ମ ଭାବେ ଉଭା ମିଶୋ ହୋଇଥିବାରୁ ମାମାଆର୍ଥର ପ୍ରିମିୟମ, ପ୍ରାକୃତିକ ଓ ବ୍ୟକ୍ତିଗତ ଯତ୍ନ ଉତ୍ପାଦର ବଢୁଥିବା ଚାହିଦା ପୂରଣ ଲାଗି ବ୍ରାଣ୍ଡ ମିଶୋ ସହ ସହଭାଗିତା କରିଥିଲାବେଳେ ମିଶୋର ବିସ୍ତୃତ ନେଟ୍‌ୱର୍କ ଜରିଆରେ ବ୍ରାଣ୍ଡ ବିଶେଷକରି ଛୋଟ ଛୋଟ ସହରକୁ ଟାର୍ଗେଟ କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ମିଶୋ ବିକ୍ରୟ ଅବଧି ମଧ୍ୟରେ ଏହି ବ୍ରାଣ୍ଡ ୫ ଗୁଣା ଅଭିବୃଦ୍ଧି ହାସଲ କରିଛି। ଆସନ୍ତା ୧୨ମାସରେ ମାମାଆର୍ଥ ମିଶୋରେ ପ୍ରାୟ ୧୦୦ କୋଟି ଟଙ୍କାର ଏଆର୍‌ଆର୍ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ହୋନାସା କଞ୍ଜ୍ୟୁମର ଲିମିଟେଡ୍‌ର ସହ-ପ୍ରତିଷ୍ଠାତା ତଥା ସିଇଓ ବରୁଣ ଆଲାଗ କହିଛନ୍ତି, ମାମାଆର୍ଥରେ ଆମେ ସର୍ବଦା ଉପସ୍ଥିତି ରହିବାକୁ ଚେଷ୍ଟା କରିଛୁ, ଯେଉଁଠାରେ ଆମ ଗ୍ରାହକମାନେ ଆମକୁ ଅଧିକ ଆବଶ୍ୟକ କରିଥାନ୍ତି। ଆମେ ଗୁଣବତ୍ତାଯୁକ୍ତ ଉତ୍ପାଦକୁ ମିଶୋ ସହିତ ସହଭାଗୀ ହୋଇ ବିସ୍ତାର କରିବାକୁ ପ୍ରୟାସ କରୁଛୁ। ନୂଆ ନୂଆ ଅଞ୍ଚଳରେ ଆମର ଉପସ୍ଥିତି ସହ ୧୦୦ କୋଟି ଟଙ୍କାର ଏଆର୍‌ଆର୍ ହାସଲ କରିବା ଲକ୍ଷ୍ୟରେ ଆମେ କାର୍ଯ୍ୟ ଜାରି ରଖିଛୁ।

ସେହିଭଳି ହୋନାସା କଞ୍ଜ୍ୟୁମର ଲିମିଟେଡ୍‌ର ସହ-ପ୍ରତିଷ୍ଠାତା ତଥା ସିଇଓ ବିଦିତ ଆଟେରେ କହିଛନ୍ତି, ଆମେ ମିଶୋରେ ରହି ଲକ୍ଷ୍ୟ ରଖିଛୁ, ଇଣ୍ଟରନେଟ୍ ବାଣିଜ୍ୟକୁ ବିମୁଦ୍ରୀକରଣ କରିବା ଯେପରି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଉପଲବ୍ଧ ହୋଇପାରିବ। ସୌନ୍ଦର୍ଯ୍ୟ ଓ ବ୍ୟକ୍ତିଗତ ଯତ୍ନ ଭଳି ବର୍ଗରେ ବ୍ରାଣ୍ଡେଡ୍ ଉତ୍ପାଦଗୁଡ଼ିକର ଚାହିଦା ବଢୁଥିବାରୁ ମିଶୋ ମଲ୍‌ର ଶୁଭାରମ୍ଭ ଏକ ରଣନୀତିକ ପ୍ରତିକ୍ରିୟା ଥିଲା। ଯେହେତୁ ଆମେ ପ୍ଲାଟ୍‌ଫର୍ମରେ ମାମାଆର୍ଥକୁ ସ୍ୱାଗତକରୁ।ତେଣୁ ଆମେ ଦୋକାନୀମାନଙ୍କ ଠାରୁ ଅବିଶ୍ୱସନୀୟ ପ୍ରତିକ୍ରିୟା ଓ ଅର୍ଡରରେ ଏକ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛୁ। ଆମ ଗ୍ରାହକ ତଥା ମିଶୋ ସହଭାଗିଙ୍କ ଲାଗି ମିଶୋ ମଲ ଉପସ୍ଥାପନ କରୁଥିବା ବ୍ରାଣ୍ଡ ସୁଯୋଗକୁ ନେଇ ଆମେ ଆନନ୍ଦିତ।

**ଫୁରସତ**

# 'ଉନ୍ନତ ଜୀବନ ଏବଂ ଭବିଷ୍ୟତ ପାଇଁ ଖାଦ୍ୟ ଅଧିକାର'

**ଆଜି ବିଶ୍ୱ ଖାଦ୍ୟ ଦିବସ**

ମନୁଷ୍ୟ ବଞ୍ଚି ରହିବା ପାଇଁ ଖାଦ୍ୟ ନିତାନ୍ତ ଆବଶ୍ୟକ। ଖାଦ୍ୟ କେବଳ ଆମର ଆବଶ୍ୟକତା ନୁହେଁ ବରଂ, ଏହା ଜଣେ ଲୋକର ଅଧିକାର ମଧ୍ୟ। ମାତ୍ର ଏବେ ବି ଆମ ଦେଶ, ରାଜ୍ୟ ତଥା ଆମ ଆଖପାଖରେ ଅନେକ ଲୋକ କ୍ଷୁଧାର ତାଡ଼ନାରେ ଜର୍ଜରିତ। ଦିନକୁ ଦୁଇଓଳି ଖାଦ୍ୟ ସେମାନଙ୍କ ଭାଗ୍ୟରେ ଜୁଟେ ନାହିଁ। ଅଥଚ ଆମ ଆଖପାଖରେ ଏପରି ଅନେକ ଧନୀ ଲୋକ ଅଛନ୍ତି ଯେଉଁମାନେ କି ଖାଦ୍ୟର



ଅପଚୟ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ମାତ୍ର ମୁଠେ ଆହାର ଯୋଗାଡ଼ କରି ନ ପାରି ଅନେକ ଲୋକ ପେଟରେ ଓଦାକନା ପକାଇ ରହିବାକୁ ବାଧ୍ୟ ହୁଅନ୍ତି। ତେଣୁ ଖାଦ୍ୟର ମହତ୍ତ୍ୱ ଜଣାଇବା ତଥା ଖାଦ୍ୟ ସୁରକ୍ଷା ଓ କ୍ଷୁଧା ସମ୍ବନ୍ଧିତ ପ୍ରସଙ୍ଗ ଉପରେ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୧୬କୁ 'ବିଶ୍ୱ ଖାଦ୍ୟ ଦିବସ' ଭାବେ ପାଳନ କରାଯାଉଛି।

ସଦ୍ୟ ପ୍ରକାଶିତ ଚଳିତବର୍ଷର 'ବିଶ୍ୱ କ୍ଷୁଧା ସୂଚକାଙ୍କ' (ଗ୍ଲୋବାଲ ହଙ୍ଗର୍ ଇଣ୍ଡେକ୍ସ)ରେ ଭାରତର ସ୍ଥିତି ନୈରାଶ୍ୟଜନକ ରହିଛି। କ୍ଷୁଧା ଓ ଅନାହାର ପରିସ୍ଥିତି ଥିବା ବିଶ୍ୱର ୧୨୭ଟି ଦେଶକୁ ନେଇ ପ୍ରସ୍ତୁତ ହୋଇଥିବା ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତର ସ୍ଥାନ ୧୦୫ ରହିଛି। ପୂର୍ବବର୍ଷ ୧୨୫ଟି ଦେଶକୁ ନେଇ ପ୍ରସ୍ତୁତ ହୋଇଥିବା ତାଲିକାରେ ଭାରତ ୧୧୧ ତମ ସ୍ଥାନରେ ରହିଥିଲା। କ୍ଷୁଧା ସୂଚକାଙ୍କରେ ମୋଟ୍ ୧୦୦ରୁ ଚଳିତବର୍ଷ ଭାରତ ୨୭.୩ ସ୍କୋର ରଖିଛି। ଫଳରେ ଭାରତରେ କ୍ଷୁଧାର ସ୍ଥିତି ଗୁରୁତର ଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ତେବେ ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ସାମାନ୍ୟ ଉନ୍ନତି ଆସିଥିଲେ ହେଁ, ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ର ପାଇଁ ଏହା ଶୁଭଙ୍କର ନୁହେଁ ବୋଲି ମତ ପ୍ରକାଶ ପାଉଛି। ବିଶ୍ୱରେ ଭାରତର ସ୍ଥିତି ଭଲ ନ ଥିବାବେଳେ, ବିଗତ ଦିନରେ ଓଡ଼ିଶାର ଅନେକ ସ୍ଥାନରେ କ୍ଷୁଧା ଓ ଅନାହାର ପ୍ରସଙ୍ଗ ସାମ୍ନାକୁ ଆସିଛି। ସରକାରଙ୍କ ପକ୍ଷରୁ ରାସନକାର୍ଡରେ ପ୍ରତି ମାସରେ ଦିଆଯାଉଥିବା ଚାଉଳ ଅନେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଏବେ ବି ପହଞ୍ଚି ପାରୁନାହିଁ। ଅପରପକ୍ଷେ ରାଜ୍ୟର କେଉଁ ଜିଲା କ୍ଷୁଧା ଓ ଅନାହାରରେ ବିଶେଷମାତ୍ରାରେ ପୀଡ଼ିତ, କେତେ ଲୋକ ଦୈନିକ ଖାଦ୍ୟ ଯୋଗାଡ଼ କରିବାରେ ବିଫଳ ସେ ନେଇ ସରକାରୀସ୍ତରରେ କୌଣସି ସର୍ଭେ ହେଉନାହିଁ। ତେଣୁ ଏହାକୁ ସୁଧାରିବାକୁ ମଧ୍ୟ ସରକାରଙ୍କ ପକ୍ଷରୁ ସେତେଟା ଆଗ୍ରହ ଦେଖାଯାଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ସାମାଜିକକର୍ମୀ ସୁଶାନ୍ତ ସାହୁ କହିଛନ୍ତି, ସରକାରୀସ୍ତରରେ ସର୍ଭେ ହେଲେ କ୍ଷୁଧାରେ ପୀଡ଼ିତ ଲୋକଙ୍କ ତଥ୍ୟ ସରକାରଙ୍କ ପାଖରେ ରହିବ। ସେହି ଅନୁପାତରେ ସମ୍ପୃକ୍ତ ଜିଲାର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇ ପାରନ୍ତା। ଧନୀକ ଶ୍ରେଣୀର ଲୋକମାନେ ବେଶୀ ମାତ୍ରାରେ ଖାଦ୍ୟ ଅପଚୟ କରୁଛନ୍ତି। ଭୋଜିଭାତରୁ ଆରମ୍ଭ କରି ହୋଟେଲ, ରେଷ୍ଟୁରାଣ୍ଟ ଆଦିରେ ପ୍ରତ୍ୟେହ ଟନ୍‌ଟନ୍ ଖାଦ୍ୟ ଅପଚୟ ହେଉଛି। ତେଣୁ ଖାଦ୍ୟର ମହତ୍ତ୍ୱ ସମ୍ପର୍କରେ ସରକାରଙ୍କ ପକ୍ଷରୁ ପ୍ରଚାର ପ୍ରସାରର ଯଥେଷ୍ଟ ଆବଶ୍ୟକତା ରହିଛି। ସମସ୍ତେ ସଚେତନ ହେଲେ ଯାଇ କ୍ଷୁଧାମୁକ୍ତ ରାଜ୍ୟ ଏବଂ ରାଷ୍ଟ୍ର ଗଠନ ହୋଇପାରିବ।

**କାହିଁକି ପାଳନ ହୁଏ ବିଶ୍ୱ ଖାଦ୍ୟ ଦିବସ**

ବିଶ୍ୱ ଖାଦ୍ୟ ଦିବସର ସ୍ଥାପନା ୧୯୪୫ରେ ଖାଦ୍ୟ ଏବଂ କୃଷି ସଙ୍ଗଠନ ପକ୍ଷରୁ କରାଯାଇଥିଲା। ତେବେ ୨୦୧୪ରେ ପ୍ରଥମ କରି ଏହି ଦିବସ ପାଳନ କରାଯାଇଥିଲା। ଖାଦ୍ୟର ମହତ୍ତ୍ୱ ତଥା କ୍ଷୁଧାର ପ୍ରକୋପ ନେଇ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୧୬ରେ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଉଛି। ଏହି ଦିନରେ ଖାଦ୍ୟର ଅପଚୟ ନକରିବା ଏବଂ ବଳକା ଖାଦ୍ୟକୁ ନ ଫୋପାଡ଼ି ଲୋକଙ୍କ ମଧ୍ୟରେ ବାଣ୍ଟିବା ପାଇଁ ସଚେତନ କରାଯାଇଥାଏ। ଚଳିତବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ଉନ୍ନତ ଜୀବନ ଏବଂ ଭବିଷ୍ୟତ ପାଇଁ ଖାଦ୍ୟ ଅଧିକାର'। ଲୋକଙ୍କୁ ଖାଦ୍ୟ ଏବଂ ସୁସ୍ଥ ଜୀବନ ପ୍ରତି ସଚେତନତା ବଢ଼ାଇବା ଏହାର ଉଦ୍ଦେଶ୍ୟ।

**-ବନ୍ଦନା ସେଠୀ, ଭୁବନେଶ୍ୱର**

# ଦର୍ଶକଙ୍କ ମନ ଜିଣୁଛି ଜେନିଙ୍କ 'ମନ୍ତ୍ରା'



**ସିଓଲ:** ବହୁ ପ୍ରତୀକ୍ଷା ପରେ ଦକ୍ଷିଣ କୋରିଆର ପ୍ରସିଦ୍ଧ କଣ୍ଠଶିଳ୍ପୀ, ରାପର ତଥା ଅଭିନେତ୍ରୀ ଜେନି କିମ୍ ଗତ ୧୧ରେ ତାଙ୍କର ମ୍ୟୁଜିକ୍ ଭିଡିଓ 'ମନ୍ତ୍ରା'କୁ ରିଲିଜ୍ କରିଛନ୍ତି। କଲମ୍ବିଆ ରେକର୍ଡସ୍ ଓ ଓଡାଟେଲିୟରର ମାଧ୍ୟମରେ ଏହି ଗ୍ଲୋବାଲ ସୁପରଷ୍ଟାର୍ ନିଜର ନୂତନ ସିଙ୍ଗଲ୍ ଓ ମ୍ୟୁଜିକ ଭିଡିଓକୁ ଜାରି କରିଛନ୍ତି। ସେ ତାଙ୍କ ଅଫିସିଆଲ ୟୁଟ୍ୟୁବ୍‌ଚ୍ୟାନେଲରେ ଏହିଭିଡିଓକୁଜାରିକରିଛନ୍ତି। ରିଲିଜ୍ ହେବାର ମାତ୍ର ୪ ଦିନ ମଧ୍ୟରେ 'ମନ୍ତ୍ରା'କୁ ବିଶ୍ୱବ୍ୟାପୀ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଏହି ଭିଡିଓକୁ ୨୩ ଲକ୍ଷ ଲାଇକ୍ ମିଳିଥିବାବେଳେ ୩ କୋଟି ୧୦ ଲକ୍ଷ ଭିଉଜ୍ ମିଳିଛି। 'ମନ୍ତ୍ରା'ର ରିଲିଜ୍ ଅବସରରେ ଜେନି କହିଥିଲେ, ଜଣେ ସୋଲୋ ଆର୍ଟିଷ୍ଟ ଭାବରେ ତାଙ୍କର ନୂତନ ରୂପକୁ 'ମନ୍ତ୍ରା' ପ୍ରଦର୍ଶିତ କରିବ। ସେହିପରି ଏହି ଭିଡିଓ ତାଙ୍କର ମହିଳା ପ୍ରଶଂସକଙ୍କ ପାଇଁ ନିଜ ନିଜର ବ୍ୟକ୍ତିତ୍ୱକୁ ଭଲ ପାଇବାର ଏକ ଶକ୍ତିଶାଳୀ ଓ ସଶକ୍ତ ବାର୍ତ୍ତା ପହଞ୍ଚାଇବ। ସୁନ୍ଦର ଭିଜୁଆଲ ସହ ସୁସଜ୍ଜିତ ଏହି ଗୀତରେ ନିଶ୍ଚିତ ରୂପେ ଏକ ବ୍ଲକ୍‌ବଷ୍ଟର ଭିଡିଓ ହେବାର ସମସ୍ତ ଉପାଦାନ ଥିବା ସେ କହିଥିଲେ। ଲସ୍ ଏଞ୍ଜେଲ୍‌ସରେ 'ମନ୍ତ୍ରା'ର ସୁଟିଂ ହୋଇଥିବା କହିବା ସହ ଏହା ତାଙ୍କ ପ୍ରଶଂସକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବବୋଲିଜେନିଆଶାବ୍ୟକ୍ତକରିଥିଲେ।

# ରଶ୍ମିକା 'ଆଇ୪ସି'ର ବ୍ରାଣ୍ଡ ଆମ୍ବାସାଡର



ରଶ୍ମିକା ମନ୍ଦାନା

**ନୂଆଦିଲ୍ଲୀ:** ଦେଶରେ ସାଇବର ଅପରାଧର ମୁକାବିଲା କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପରିଚାଳତ ଭାରତୀୟ ସାଇବର କ୍ରାଇମ ସମନ୍ୱୟ କେନ୍ଦ୍ର(ଆଇ୪ସି)ର ଜାତୀୟ ବ୍ରାଣ୍ଡ ଆମ୍ବାସାଡର ଭାବେ ମଙ୍ଗଳବାର ଅଭିନେତ୍ରୀ ରଶ୍ମିକା ମନ୍ଦାନା ନିଯୁକ୍ତ ହୋଇଛନ୍ତି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏକ୍ସ ହ୍ୟାଣ୍ଡେଲ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ରଶ୍ମିକା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ସାଇବର ଅପରାଧର ମୁକାବିଲା ପାଇଁ 'ଆଇ୪ସି'ର ଜାତୀୟ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ଏଥିପାଇଁ ଧନ୍ୟବାଦ। ଅତୀତରେ ସେ ସାଇବର ଅପରାଧର ସମ୍ମୁଖୀନ ହୋଇଛନ୍ତି। ସାଇବର ଅପରାଧ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବାର ସମୟ ଆସିଛି। ଭବିଷ୍ୟତର ପିଢ଼ିଙ୍କ ପାଇଁ ଏକ ନିରାପଦ ସାଇବର ସ୍ପେସ୍ ନିର୍ମାଣ କରିବା ଉଦ୍ଦେଶ୍ୟରେ ସମସ୍ତଙ୍କୁ ଏକଜୁଟ ହେବାକୁ ପଡ଼ିବ। 'ଆଇ୪ସି'ର ବ୍ରାଣ୍ଡ ଆମ୍ବାସାଡର ଭାବେ ସାଇବର ସୁରକ୍ଷା ପାଇଁ ସେ ଯଥାସମ୍ଭବ ସଚେତନତା ଆଣିବେ। ଭାରତ ସରକାରଙ୍କ ସହଯୋଗରେ ସେ ଏହି କାର୍ଯ୍ୟ କରିବେ। ସେହିପରି ସାଇବର ଅପରାଧର ରିପୋର୍ଟ ଦାଏର କରିବା ପାଇଁ ୧୯୩୦ ନମ୍ବରକୁ କଲ୍ କରିବା ଅଥବା cybercrime.gov.in ୱେବ୍‌ସାଇଟ୍‌କୁ ବ୍ୟବହାର କରିବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। 'ପୁଷ୍ପା ଦି ରାଇଜ୍', 'ଡିଅର କମରେଡ୍', 'ଆନିମଲ' ଭଳି ଚଳଚ୍ଚିତ୍ରରେ ନିଜ ଉତ୍କୃଷ୍ଟ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିଥିବା ରଶ୍ମିକାଙ୍କର ଏକ ଡିପ୍‌ଫେକ୍ ଭିଡିଓ ଚଳିତ ବର୍ଷ ପ୍ରାରମ୍ଭରେ ସୋସିଆଲ ମିଡିଆରେ ବ୍ୟାପକ ଭାବରେ ଭାଇରାଲ ହୋଇଥିଲା।

# ୨ ମହିଳାଙ୍କ ଆକାଉଣ୍ଟରୁ ଲୁଟି ନେଲେ ୨୩ ହଜାର ୩୨୭ ଟଙ୍କା

ନିମାପଡ଼ା,୧୫।୧୦ (ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ନିମାପଡ଼ା ବ୍ଲକ ଡେଣୁଅାଁ ପଞ୍ଚାୟତ ଛେନୁଅାଁ ଗ୍ରାମର ୨ଜଣ ଗର୍ଭବତୀ ମହିଳା ସାଇବର ଠକେଇର ଶିକାର ହୋଇଛନ୍ତି। ଜଣେ ବ୍ୟକ୍ତି ନିଜକୁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ପରିଚୟ ଦେଇ ଗର୍ଭବତୀ ମହିଳା ଲିପାରାଣୀ ସେଠୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଚଞ୍ଚକତା କରି ୧୯ ହଜାର ୭୩୦ ଟଙ୍କା ଓ ଲକ୍ଷ୍ମୀପ୍ରିୟା ବେହେରାଙ୍କ ଆକାଉଣ୍ଟରୁ ୩ ହଜାର ୫୯୭ ଟଙ୍କା ଠକି ନେଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ନାଁ କହି ଉକ୍ତ ବ୍ୟକ୍ତିଜଣକ ଲିପାରାଣୀ ଏବଂ ଲକ୍ଷ୍ମୀପ୍ରିୟାଙ୍କୁ ଫୋନ କରି ତୁମ ଆକାଉଣ୍ଟକୁ ସରକାରୀ ପ୍ରୋତ୍ସାହନ ରାଶି ଅନୁଦାନ ପଠାଯିବ ବୋଲି କହି ଟଙ୍କା ଠକି ନେଇଛନ୍ତି। ଗ୍ରାମର ଆଉ ୫/୬ଜଣ ମହିଳାଙ୍କ ପାଖକୁ ଏଭଳି ଫୋନ କଲ୍ ଆସିଥିବାବେଳେ ସେମାନେ ଏହି ଠକେଇରୁ ବର୍ତ୍ତି ଯାଇଛନ୍ତି। ଏ ସମ୍ପର୍କରେ ଲିପାରାଣୀଙ୍କ ଶ୍ୱଶୁର ମନମୋହନ ସେଠୀ ନିମାପଡ଼ା ଥାନାରେ ଓ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସାଇବର ଠକମାନେ ମୁଖ୍ୟତଃ ନିମାପଡ଼ା ଅଞ୍ଚଳରେ ମହିଳାମାନଙ୍କୁ ଟାର୍ଗେଟ କରି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ କରି ନେଉଥିବା ସ୍ପଷ୍ଟ ଜଣାପଡ଼ିଛି। ଏ ସମ୍ପର୍କରେ ନିମାପଡ଼ା ବ୍ଲକ ମହିଳା ଶିଶୁ ବିକାଶ ବିଭାଗ ଅଧିକାରୀ (ସିଡିପିଓ) ମୀନାକ୍ଷି ସାହୁଙ୍କୁ ପଚାରିବାରେ, ଏହି ଠକେଇ ସମ୍ପର୍କରେ ତାଙ୍କୁ କୌଣସି ମହିଳା ହିତାଧିକାରୀ ଜଣାଇନାହାନ୍ତି କି ତାଙ୍କ ପାଖରେ ଏଭଳି କିଛି ଅଭିଯୋଗ ପହଞ୍ଚି ନାହିଁ। ତେବେ ସେ ଜଣେ ସୁପରଭାଇଜରଙ୍କଠାରୁ ଏ ସମ୍ପର୍କରେ ସୂଚନା ପାଇଛନ୍ତି ବୋଲି ସିଡିପିଓ ସାହୁ କହିଛନ୍ତି। ସାଇବର ଠକମାନଙ୍କ ବିରୋଧରେ ସାଇବର ସେଲ୍ର ଅଧିକାରୀମାନେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ସୁଭଦ୍ରା ଯୋଜନା ନାଁରେ ଜଣେ ମହିଳା ସାଇବର ଠକେଇର ଶିକାର ହୋଇଥିଲେ।

### ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପରିଚୟ ଦେଇ ସାଇବର ଠକେଇ

# ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା

ଘସିପୁରା,୧୫।୧୦(ନିରଞ୍ଜନ ସାହୁ)/ ରାମଚନ୍ଦ୍ରପୁର(ଗଣେଶ୍ୱର ସା)



ମୃତକ ରେହମତ୍ ଖାଁ

- ହତ୍ୟାକାରୀଙ୍କ ଘର ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ
- ମୃତଦେହ ରଖି ରାସ୍ତା ଅବରୋଧ, ପୋଲିସ ମୁତୟନ

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ପଣ୍ଡୁଆ ଛକରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ମୃତକ ହେଲେ ପଣ୍ଡୁଆ ଗ୍ରାମର ରେହମତ୍ ଖାଁ (୨୫)। ଘଟଣା ପରେ ହତ୍ୟା କରିଥିବା ଅଭିଯୁକ୍ତ ଉକ୍ତ ଗ୍ରାମର ମୁନା ଜେନା ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି। ଏଥିସହ ମୃତଦେହ ରାସ୍ତା ଉପରେ ରଖି ଟାୟାର ଜାଳି ଅବରୋଧ କରିଛନ୍ତି। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା ଖବର ଲେଖା ହେବା ପର୍ଯ୍ୟନ୍ତ ଲୋକମାନେ ଅଭିଯୁକ୍ତଙ୍କ ଗିରଫ ଦାବିରେ ଅଡ଼ିବସି ରାସ୍ତା ଅବରୋଧ ଜାରି ରଖିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ରେହମତ୍ ପଣ୍ଡୁଆ ଛକରେ ଥିବା ଦୋକାନକୁ ପାନ ପାଇଁ ଆସିଥିଲେ। ପାନ ଭାଙ୍ଗି ସାରି ନିଜ ବାଇକ୍ ଉପରେ ବସିଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ ନେଇ ଅଭିଯୁକ୍ତ ମୁନାଙ୍କ ସହ ରେହମତ୍‌ଙ୍କ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମୁନା ଏକ ଠେଙ୍ଗାରେ ରେହମତ୍‌ଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ରେହମତ୍‌ଙ୍କ ମୃତ୍ୟୁ ହୋଇଯାଇଥିଲା। ଏହା ଜଣାପଡ଼ିବା ପରେ ରେହମତ୍‌ଙ୍କ ସମ୍ପର୍କୀୟ ଏବଂ ସ୍ଥାନୀୟ ଅଞ୍ଚଳର ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଘଟଣା ପରେ ଅଭିଯୁକ୍ତ ମୁନା ଏବଂ ତାଙ୍କ ପରିବାର ସଦସ୍ୟମାନେ ଫେରାର ହୋଇଯାଇଥିବାରୁ ଲୋକେ ରାଗିଯାଇ ତାଙ୍କ ଘର ମଧ୍ୟ ଜାଳିଦେଇଥିଲେ। ଖବରପାଇ ଘଟଣା ସ୍ଥଳରେ ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ କୁମାର ସିଂ, ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, ଦୈତାରୀ ଥାନା ଅଧିକାରୀ ଏଚ୍‌କେ ବେହେରା, ଘସିପୁରା ଥାନା ଅଧିକାରୀ ସୁନୀଲ କୁମାର କର ପହଞ୍ଚି ବୁଝାଶୁଝା କରିଥିଲେ। ମାତ୍ର ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। ଏପରିକି ଆନନ୍ଦପୁର ଏସ୍‌ଡିପିଓ ବେହେରା ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ପରିସ୍ଥିତି ଅଶାନ୍ତ ରହିଛି। ରାସ୍ତାରୋକୋ ଯୋଗୁ ବସ୍ ଚଳାଚଳ ଠପ୍ ସହ ଅନ୍ୟ କୌଣସି ଗାଡ଼ିକୁ ଗ୍ରାମବାସୀ ଛାଡ଼ୁ ନ ଥିବା ଜଣାପଡ଼ିଛି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଆଖି ଆଗରେ ରଖି ଘଟଣାସ୍ଥଳରେ ଘସିପୁରା ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ଗାଡ଼ି ଓ କର୍ମୀ ଉପସ୍ଥିତ ରହିଛନ୍ତି।

# ୨ ମାଓବାଦୀ ଗିରଫ

ମାଲକାନଗିରି, ୧୫।୧୦ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ପୋଲିସ ମଙ୍ଗଳବାର ୨ ମାଓବାଦୀଙ୍କ ଗିରଫ କରିଛି। ସେମାନେ ହେଲେ ଜିତେନ୍ଦ୍ର ସୋଡି ଓ ବେଲାଦି ରାମଚନ୍ଦ୍ର । ବିଜାପୁର ଜିଲା ଭୋପାଲପାଟନମ ଥାନା ଅନ୍ତର୍ଗତ ପୋଷଣପଲି ଗୋରଗୁଣ୍ଡା ସଡକ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଯାନବାହନରେ ନିଆଁ ଲଗାଇବା ଘଟଣାରେ ୨ ମାଓବାଦୀ ସଦସ୍ୟଙ୍କୁ ପୋଲିସ ଗିରଫ କରିଛି। ତେବେ ବିଜାପୁର ଜିଲାରେ ମାଓବାଦୀ ବିରୋଧୀ ଅଭିଯାନ ଦ୍ୱାରା ଭୋପାଲପାଟନମ ଥାନା ପୋଲିସ ଏବଂ ୧୫ଡି ରାମପୁରମ କ୍ୟାମ୍ପ ଯବାନଙ୍କ ମିଳିତ ଉଦ୍ୟମରେ କରକାବାୟା ମେଘାପୁର ଅଞ୍ଚଳରୁ ଦୁଇ ମାଓବାଦୀଙ୍କୁ ଗିରଫ କରାଯାଇଛି। ଏହି ଦୁଇ ମାଓବାଦୀ ୨୦୨୩ ଫେବୃଆରୀ ୨୮ରେ ପୋଷଣପଲି ଗୋରଗୁଣ୍ଡା ସଡକ ନିର୍ମାଣରେ ନିୟୋଜିତ ଯାନବାହନରେ ନିଆଁ ଲଗାଇବା ଘଟଣାରେ ସମ୍ପୃକ୍ତ ଥିଲେ। ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

# ଯୁବକଙ୍କୁ ଗଳା କାଟି ହତ୍ୟା, କାରଣ ଅସ୍ପଷ୍ଟ

ମାଲକାନଗିରି, ୧୫।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ବ୍ଲକ୍ ଏମ୍‌ଭି ୮ ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଡାକି ନେଇ କୌଣସି କାରଣରୁ ତାଙ୍କ ଗଳାକାଟି ହତ୍ୟା କରାଯାଇଛି। ଏମ୍‌ଭି ୮ ଗ୍ରାମର ମିଳନ ମଜୁମଦାରଙ୍କୁ ସୋମବାର ରାତି ୭ଟାରେ ତାଙ୍କର ଜଣେ ସାଙ୍ଗ ଫୋନ୍ କରି ବାହାରକୁ ଯିବାକୁ ଡାକିଥିଲେ। ପରେ ମିଳନ ଘରୁ ବାହାରକୁ ଯାଇଥିଲେ। ରାତି ପ୍ରାୟ ୯ ଟାରେ ତାଙ୍କ ସ୍ତ୍ରୀ ମିଳନଙ୍କୁ ଫୋନ କରିବାରୁ ସେ ସାଙ୍ଗମାନଙ୍କ ସହ ଥିବା କହିଥିଲେ । କିଛି ସମୟ ପରେ ତାଙ୍କ ସ୍ତ୍ରୀ ପୁନର୍ବାର ଫୋନ୍ କରିବାରୁ ମିଳନଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ମଙ୍ଗଳବାର ସକାଳେ ଏମ୍‌ଭି ୮ ଗ୍ରାମ ନିକଟ ଖେଳ ପଡ଼ିଆରେ ଗ୍ରାମବାସୀ ଏକ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ । ପରେ ଉକ୍ତ ମୃତଦେହ ମିଳନଙ୍କର ବୋଲି ଜଣାପଡିଥିଲା। ଏଥିସହ ମୃତଦେହ ନିକଟରେ ମଦ ବୋତଲ ଓ ଚପଲ ଆଦି ପଡିଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରୁଛି। ରାତିରେ ମିଳନ କାହା ସହ ବାହାରକୁ ଯାଇଥିଲେ, ସେଠାରେ କ'ଣ ଘଟିଥିଲା। ତାଙ୍କୁ କାହିଁକି ହତ୍ୟା କରାଗଲା ଆଦି ବିଷୟରେ କୌଣସି ସୂଚନା ମିଳି ନ ଥିବା କାରଣ ଅସ୍ପଷ୍ଟ ଥିବା ବେଳେ ତଦନ୍ତ ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡିବ ବୋଲି ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

# ସାଇବର ଠକେଇ: ଅନ୍‌ଲାଇନ ଟ୍ରେଡିଂରେ ୨୧ ଲକ୍ଷ ନେଇଗଲେ

ବ୍ରହ୍ମପୁର,୧୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ସାଇବର ଠକ ଗ୍ୟାଙ୍ଗ ଅନ୍‌ଲାଇନ ଟ୍ରେଡିଂ ନାଁରେ ପୁଣି ଜଣେ ମହିଳାଙ୍କଠାରୁ ୨୧ ଲକ୍ଷ ନେଇଯାଇଛନ୍ତି। ଏ ନେଇ ସେ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଗତ ୪ ତାରିଖରେ କେ. ନୂଆଗାଁ ଥାନା ଅଞ୍ଚଳର ଅଭିଯୋଗକାରୀ ମହିଳାଙ୍କ ହ୍ୱାଟସ୍‌ଆପ ନମ୍ବରଟି ବି ୨୮-ଟିପିଜି କମ୍ୟୁନିଟି ଭିଆଇପି ନାମକ ଏକ ଗ୍ରୁପରେ ଯୋଡି ହୋଇଥିଲା। ସେହି ହ୍ୱାଟସ୍‌ଆପ ଗ୍ରୁପରେ ଅନ୍‌ଲାଇନ ଟ୍ରେଡିଂ ବିଷୟରେ କୌଶଳ ଶିକ୍ଷା ଦିଆଯାଉଥିଲା। ଟ୍ରେଡିଂ ବିଷୟରେ ଜାଣିବାକୁ ମହିଳା ଜଣଙ୍କ ଇଚ୍ଛା ପ୍ରକାଶ କରିଥିଲେ। ପରେ ସୁଜତା ପ୍ରମୋଦ ନାମ୍ନୀ ଜଣେ ଯୁବତୀ ନିଜକୁ ଟିପିଜିର ଆସିଷ୍ଟାଣ୍ଟ ମ୍ୟାନେଜର ପରିଚୟ ଦେଇ ନିଜର ହ୍ୱାଟସ୍ ଆପ (ନଂ. ୮୧୪୫୦୭୧୩୦୬) ଜରିଆରେ ମହିଳାଙ୍କୁ ଟ୍ରେଡିଂ ବିଷୟରେ ବୁଝାଇଥିଲେ। ପରେ ତାଙ୍କୁ ଅନଲାଇନ କଷ୍ଟମର ସର୍ଭିସ ନାମକ ଏକ ଟେଲିଗ୍ରାମ ଚ୍ୟାନେଲରେ ଯୋଡି ଦିଆଯାଇଥିଲା। ସେହି ଚ୍ୟାନେଲ ଜରିଆରେ ଅନଲାଇନରେ ଟ୍ରେଡିଂ ତଥା କେଉଁ ଉପାୟରେ ଟଙ୍କା ବିନିଯୋଗ କରିବ, କେତେ ଦିନରେ କେତେ ଲାଭ ମିଳିପାରିବ, କେଉଁ ଷ୍ଟକରେ ଇନଭେଷ୍ଟ କଲେ ଅଧିକ ବୋନସ ମିଳିବ ସେ ବିଷୟରେ ବିଭିନ୍ନ କୌଶଳ ଶିଖାଯାଇଥିଲା। ସେହିକ୍ରମରେ ମହିଳା ଜଣଙ୍କ ୯ଟି ପର୍ଯ୍ୟାୟରେ ମୋଟ ୨୧ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। କିଛି ଦିନ ପରେ ବୋନସ ଟଙ୍କା ବଢିଥିବା ଦେଖି ମହିଳା ଜଣଙ୍କ ନିଜ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ। ହେଲେ ସେଥିରେ ସେ ବିଫଳ ହୋଇଥିଲେ। ଏ ନେଇ ଟିପିଜି ସଂସ୍ଥା ସହ ଯୋଗାଯୋଗ କରିବାରୁ ଆଉ ୨୦ ଲକ୍ଷ ବିନିଯୋଗ କଲେ ସମସ୍ତ ମୂଳ ଟଙ୍କା ଓ ବୋନସ ଉଠାଇପାରିବେ ବୋଲି ତାଙ୍କୁ କୁହାଯାଇଥିଲା। ଏଥିରୁ ମହିଳା ଜଣଙ୍କ ଠକେଇର ଶିକାର ହୋଇଥିବା ଜାଣି ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୩/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କାର୍‌ରୁ ମିଳିଲା ୧୬୬ କେଜି ରୁପା ସାମଗ୍ରୀ

ସମ୍ବଲପୁର,୧୫।୧୦(ପ୍ରମୋଦ ବହିଦାର)

- ସିକ୍ରେଟ୍ ଚାମ୍ବରରେ ରଖି ହେଉଥିଲା ଚାଲାଣ
- ବୈଧତା ଯାଞ୍ଚ କରୁଛି ସିଟି ଜିଏସ୍‌ଟି



ଆଳୁ ଖୋଳୁଖୋଳୁ ମହାଦେବ ମିଳିଲା ଭଳି ଗଞ୍ଜେଇ ଯାଞ୍ଚ ବେଳେ ଅବକାରୀ ବିଭାଗକୁ ମିଳିଛି ବିପୁଳ ପରିମାଣର ରୁପା ସାମଗ୍ରୀ। ମଙ୍ଗଳବାର ସକାଳେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ୍ ୱେ(ରାଜ୍ୟ ରାଜପଥ-୧୦)ର ସମ୍ବଲପୁର ଜିଲା ରେଙ୍ଗାଲି ନିକଟ ଝୁରିପଡ଼ା ଗ୍ରାମ ନିକଟରେ। ଏକ କାରର ସିକ୍ରେଟ ଚ୍ୟାମ୍ବରରୁ ଜବତ ହୋଇଛି ରୁପା ସାମଗ୍ରୀ। ଏଠାରେ ଅବକାରୀ ବିଭାଗ ପକ୍ଷରୁ ସମ୍ବଲପୁର ସିଟି ଜିଏସ୍‌ଟି ବିଭାଗକୁ ଖବର ଦିଆଯାଇଥିଲା। ଜିଏସ୍‌ଟି ପ୍ରବର୍ତ୍ତନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ୧୬୬.୪୬୦ କେଜି ରୁପା ସାମଗ୍ରୀ ଜବତ କରିଛନ୍ତି। ସେଥିରେ ରୁପାର ପାଉଁଜି, ଝୁମକା, ମୂର୍ତ୍ତି, ଗ୍ଲାସ ଆଦି ରହିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟି ୭୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଜବତ ରୁପା ସାମଗ୍ରୀ ମହାରାଷ୍ଟ୍ରରୁ ଝାଡ଼ଖଣ୍ଡର ରାଞ୍ଚିକୁ ଚାଲାଣ ହେଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ କାର୍‌ରେ ଥିବା ୩ ଜଣଙ୍କୁ ଅଟକ ରଖି ଜିଏସ୍‌ଟି ପ୍ରବର୍ତ୍ତନ ବିଭାଗ ଅଧିକାରୀମାନେ ପଚରାଉଚରା କରୁଛନ୍ତି।

ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ସକାଳେ ପ୍ରତିଦିନ ଭଳି ଅବକାରୀ ବିଭାଗ ପକ୍ଷରୁ ରେଙ୍ଗାଲି ଥାନା ଅନ୍ତର୍ଗତ ଝୁରିପଡ଼ା ନିକଟରେ ନିୟମିତ ପ୍ରକ୍ରିୟାରେ ଗାଡ଼ିଗୁଡ଼ିକର ଯାଞ୍ଚ କରାଯାଉଥିଲା। ଏହି ସମୟରେ ସେହିବାଟ ଦେଇ ମହାରାଷ୍ଟ୍ର ରାଜ୍ୟ ନମ୍ବର ଥିବା ଏକ କାର(ଏମ୍‌ଏଚ୍-୧୪-ଏଚ୍-୧୬୯୩)କୁ ଅବକାରୀ ବିଭାଗ କର୍ମଚାରୀମାନେ ଅଟକାଇଥିଲେ। ଯାଞ୍ଚ ବେଳେ କାରର ସିଟ୍‌ତଳେ ସ୍ୱତନ୍ତ୍ର ଭାବେ ନିର୍ମିତ ସିକ୍ରେଟ୍ ଚ୍ୟାମ୍ବରରେ ବ୍ୟାପକ ପରିମାଣର ରୁପା ସାମଗ୍ରୀ ଥିବା ଦେଖିବାକୁ ପାଇଥିଲେ। ଯାଞ୍ଚକାରୀ ଦଳଠାରୁ ଖବର ପାଇ ସମ୍ବଲପୁର ସିଟି ଜିଏସ୍‌ଟି ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ରୁପା ସାମଗ୍ରୀର କାଗଜପତ୍ର ଯାଞ୍ଚ କରିଥିଲେ। ମାନୁଆଲ କାଗଜପତ୍ର ଓ ରୁପା ସାମଗ୍ରୀ କାରର ସିକ୍ରେଟ୍ ଚ୍ୟାମ୍ବରରେ ଲୁକ୍କାୟିତ ଭାବେ ରଖାଯାଇଥିବା ନେଇ ସନ୍ଦେହ ହେବାରୁ ଜିଏସ୍‌ଟି ପ୍ରବର୍ତ୍ତନ ବିଭାଗ ରୁପା ସାମଗ୍ରୀକୁ ଜବତ କରିଛି। ଜବତ ରୁପା ସାମଗ୍ରୀକୁ ସମ୍ବଲପୁର ଟ୍ରେଜେରିରେ ଜମା ଦିଆଯିବ। ତେବେ ଜବତ ସାମଗ୍ରୀର ବୈଧତା ଯାଞ୍ଚ ପରେ କୌଣସି ଅନିୟମିତତା ପ୍ରମାଣିତ ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଟି ଜିଏସ୍‌ଟି ଡେପୁଟି କମିଶନର ଟେକଚାନ୍ଦ ମେହେର କହିଛନ୍ତି। ତେବେ ମାନୁଆଲ କାଗଜପତ୍ର ମିଳିଥିବା ସତ୍ତ୍ୱେ ଏତେ ପରିମାଣର ରୁପାକୁ କିଏ କାହା ନିକଟକୁ ଓ କାହିଁକି ପ୍ରେରଣ କରୁଥିଲା ସେ ସମ୍ପର୍କରେ ଜିଏସ୍‌ଟି ପକ୍ଷରୁ କିଛି କୁହାଯାଇନାହିଁ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସରସର ଗୁଡ଼ ସରସର**
**ଫୁଲୁଥାଏ ବିରିବରା,**
**ତୁଚ୍ଛା ପଲମରେ ଫୁଲି ମରୁଥାଏ**
**ନିଲଠା ଚିତଉ ଫଡ଼ା।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। ପରନ୍ତୁ ଦୈନନ୍ଦିନ ଗୁଜରାଣ ମେଣ୍ଟାଇବାକୁ ପାଖରେ ପଇସା ନ ଥିବାବେଳେ କିଛି ବ୍ୟକ୍ତି ବେଶ ପରିପାଟୀ ହୋଇ ଅନ୍ୟଆଗରେ ତୁଚ୍ଛାକୁ ଦେଖେଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଘର ଝିଅ ପରକୁ**
**ପର ଝିଅ ଘରକୁ।**

ସାଧାରଣତଃ ଝିଅ ଘରଯୋଗ୍ୟା ହେଲେ ତାକୁ ପରଗୋତ୍ରୀ କରିଦିଆଯାଇଥାଏ। ସେହିପରି ନିଜ ଝିଅ ପରଘରକୁ ବୋହୂ ହୋଇ ଚାଲିଗଲା ଭଳି ପର ଝିଅ ମଧ୍ୟ ସମୟକ୍ରମେ ନିଜ ଘରକୁ ବୋହୂ ହୋଇ ଆସିଥାଏ। ଏହାହିଁ ସାମାଜିକ ରୀତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଯବାନଙ୍କ ୨ ଏକର ଜମି ହଡ଼ପ ଅଭିଯୋଗ

ଭୁବନେଶ୍ୱର,୧୫।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଅଧୀନ ଶ୍ୟାମପୁର ମୌଜାରେ ଥିବା ଜଣେ ଯବାନଙ୍କ ଜମିକୁ ନକଲି କାଗଜପତ୍ର ଜରିଆରେ ଜମି ଦଲାଲମାନେ ହଡ଼ପ କରିଥିବା ଅଭିଯୋଗ ହୋଇଛି। ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଏସବୁ ବେଆଇନ କାରବାର ହୋଇଛି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଯବାନଙ୍କ ପରିବାର ଲୋକେ ଏଯାଏ ଜମି ଫେରି ପାଇପାରିନାହାନ୍ତି। ବାଲିପାଟଣା ଥାନା ଅଧୀନ ବେଙ୍ଗବତୀ ବସ୍ତିର ମୃତ ଯବାନ ସୟଦ ବାସର ଅଲ୍ଲିଙ୍କ ପୁଅ ସୟଦ ଆବିଦ ଅଲ୍ଲୀ ଏନେଇ ମଙ୍ଗଳବାର ଉତ୍କଳ ସାମ୍ବାଦିକ ଭବନରେ ଖବରଦାତା ସମ୍ମିଳନୀ ଜରିଆରେ ଅଭିଯୋଗ ଆଣିବା ସହ ଉକ୍ତ ଜମିକୁ ମୁକ୍ତ ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି।

ଆବିଦ୍‌ଙ୍କ ଅଭିଯୋଗ ଅନୁଯାୟୀ, ପିତା ବାସର ଅଲ୍ଲି ସେନା ବିଭାଗରେ କାର୍ଯ୍ୟ କରୁଥିଲେ। ଅବସର ପରେ ସରକାର ତାଙ୍କୁ ଶ୍ୟାମପୁରରେ ଥିବା ୫ ଏକର ଜମି ଦେଇଥିଲେ। ପାରିବାରିକ ଆର୍ଥିକ ଦୁଃସ୍ଥିତିରୁ ବାସର ଅଲ୍ଲି ୧୯୮୦ରେ ୨ ଏକର ୯୦୦ ଡିସିମିଲ୍‌କୁ ବିକ୍ରି କରିଥିଲେ। ହେଲେ ଅବଶିଷ୍ଟ ୨ ଏକର ୧୦୦ ଡିସିମିଲ ଜମିକୁ ୨/୪ ବର୍ଷ ପରେ ଜଣେ ବ୍ୟକ୍ତି ବାସର ଅଲ୍ଲି ପରିଚୟରେ ୧୩ଜଣଙ୍କୁ ବିକ୍ରି କରିଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ଜମି ବାରମ୍ବାର କିଣାବିକା ହୋଇଛି। ତେବେ କେତେଜଣ ଜମି ଦଲାଲ ନକଲି ଦସ୍ତଖତ କରି ତାଙ୍କ ଜମିକୁ କିଣାବିକା କରିଥିବା ନେଇ ୨୦୦୯ରେ ବାସର ଅଲ୍ଲୀ ଜାଣିବା ପରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପରେ ଉକ୍ତ ବ୍ୟକ୍ତିମାନେ ଖଣ୍ଡଗିରି ଥାନାରେ ପହଞ୍ଚି ଜମି କିଣାବିକାରୁ ଓହରିବା ପାଇଁ ରାଜି ହୋଇଥିଲେ। ହେଲେ ଏହାର ସମାଧାନ ପରିବର୍ତ୍ତେ ଉକ୍ତ ବ୍ୟକ୍ତିମାନେ ସିଭିଲ୍ ଜଜ୍ ଜୁନିୟର ଡିଭିଜନ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏହି ଆବେଦନକୁ ଖାରଜ କରିଥିଲେ। ଫଳରେ ସେମାନଙ୍କ ଦଲିଲ ଖାରଜ କରିବା ପାଇଁ ବାସର ଅଲ୍ଲୀ ୨୦୧୪ରେ ହାଇକୋର୍ଟରେ ମାମଲା କରିଥିଲେ। କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ଆଉ କେତେଜଣ ଦଲାଲ ବାସର ଅଲ୍ଲିଙ୍କୁ ମିଛ ପ୍ରତିଶ୍ରୁତି ଦେଇ କାଗଜପତ୍ରରେ କିଛି ଲେଖାଇ ନେଇ ଆପାର୍ଟମେଣ୍ଟ ନିର୍ମାଣ କରିଥିଲେ। ୨୦୧୭ରେ ବାସର ଅଲ୍ଲୀଙ୍କ ମୃତ୍ୟୁ ପରେ ପୁଅ ସୟଦ ଆବିଦ ଅଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନକଲି ଦଲିଲକୁ ଖାରଜ କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରିବାକୁ ସବ୍ ରେଜିଷ୍ଟ୍ରାର ପଦକ୍ଷେପ ନେଉ ନ ଥିବା ଯବାନଙ୍କ ପୁଅ ଆବିଦ ଅଭିଯୋଗ କରିଛନ୍ତି।

# ରିପୋର୍ଟ ମାଗିଲେ ମହିଳା କମିଶନ

### ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ବଳାତ୍କାର ଘଟଣା

ଭୁବନେଶ୍ୱର,୧୫।୧୦ (ସତ୍ୟଜିତ୍ ରାଉତ)

ଦିଲ୍ଲୀରେ ଜଣେ ଓଡ଼ିଆ ଯୁବତୀଙ୍କୁ ବଳାତ୍କାର ଘଟଣାକୁ ଓଡ଼ିଶା ରାଜ୍ୟ ମହିଳା କମିଶନ (ଓଏସ୍‌ସିଡବ୍ଲ୍ୟୁ) ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମୀନତି ବେହେରା ମଙ୍ଗଳବାର ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଓ ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ)ଙ୍କୁ ଚିଠି ଲେଖିଛନ୍ତି। ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଏସ୍‌ସିଡବ୍ଲ୍ୟୁ ଅନୁରୋଧ କରିଛନ୍ତି। ୧୫ଦିନ ମଧ୍ୟରେ ଏହି ଘଟଣାର ରିପୋର୍ଟ ଦେବାକୁ କମିଶନଙ୍କ ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି। ତେବେ ପୀଡ଼ିତାଙ୍କୁ ଶୀଘ୍ର ନ୍ୟାୟ ଦେବାକୁ ବ୍ୟକ୍ତିଗତ ଭାବେ ଗୁରୁତ୍ୱ ଦେଉଥିବା ମୀନତି କହିଛନ୍ତି।

# ଦୁର୍ବୃତ୍ତଙ୍କ ସହ ଲଢ଼ି ୩୮ ଲକ୍ଷ ବଞ୍ଚାଇଲେ ସୁରକ୍ଷା କର୍ମୀ

### ବ୍ୟାଙ୍କ ଗାଡ଼ିରୁ ଟଙ୍କା ଲୁଟ୍ ଉଦ୍ୟମ

ଯୋଡ଼ା,୧୫।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଫ୍ଲାଏ ଓଭରର ୧୦୨ ନମ୍ବର ପିଲର ନିକଟ ସର୍ଭିସ ରୋଡ୍‌ରେ ମଙ୍ଗଳବାର ବ୍ୟାଙ୍କରୁ ଟଙ୍କା ନେଇ ଯାଉଥିବା ଗାଡ଼ିରୁ ଲୁଟ୍ ଉଦ୍ୟମ ହୋଇଛି। ଗାଡ଼ିରେ ଥିବା ସୁରକ୍ଷାକର୍ମୀ ସାହସ ଦେଖାଇ ଦୁର୍ବୃତ୍ତଙ୍କ ସହ ଲଢ଼ି ୩୮ ଲକ୍ଷ ଟଙ୍କା ଲୁଟ୍ ହେବାରୁ ବଞ୍ଚାଇ ଦେଇଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ସୁରକ୍ଷାକର୍ମୀ ବଳରାମ ପୃଷ୍ଟି ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଯୋଡ଼ା ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଇଣ୍ଡସ୍‌ଇଣ୍ଡ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ବ୍ୟାଙ୍କରୁ ୩୮ ଲକ୍ଷ ଟଙ୍କା ନେଇ ସିଏମ୍‌ଏସ୍ କମ୍ପାନୀର ଗାଡ଼ି ଜୁରୁଡ଼ି ଯାଉଥିଲା। ଫ୍ଲାଏ ଓଭରର ସର୍ଭିସ ରୋଡ୍ ୧୦୨ ନମ୍ବର ପିଲର ନିକଟରେ ଗାଡ଼ି ରଖି କର୍ମଚାରୀ ପରମେଶ୍ୱର ଦେହୁରୀ ଓ ଚକ୍ରଧର ମହାନ୍ତ କମାର ଯୋଡ଼ାର ରିଲାଏନ୍ସ ସ୍ମାର୍ଟ ବଜାରକୁ ଯାଇଥିଲେ। ସେହି ସମୟରେ ୩ ଜଣ ଦୁର୍ବୃତ୍ତ ଆସି ଟଙ୍କା ଲୁଟ୍ ଉଦ୍ୟମ କରିଥିଲେ। ବ୍ୟାଙ୍କ ଗାଡ଼ିରେ ଥିବା ସୁରକ୍ଷାକର୍ମୀ ବଳରାମ ପୃଷ୍ଟି ବିରୋଧ କରିବାକୁ ତାଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। କିଛି ସମୟ ପର୍ଯ୍ୟନ୍ତ ସେମାନଙ୍କ ସହ ବଳରାମ ଲଢ଼ିଥିଲେ। ଧସ୍ତାଧସ୍ତି ସମୟରେ ଦୁର୍ବୃତ୍ତମାନେ ଧରିଥିବା ପିସ୍ତଲକୁ ସୁରକ୍ଷାକର୍ମୀ ଛଡ଼ାଇ ନେଇଥିଲେ। ଦୁର୍ବୃତ୍ତମାନେ ମଧ୍ୟ ସୁରକ୍ଷାକର୍ମୀଙ୍କ ବନ୍ଧୁକକୁ ଛଡ଼ାଇ ନେଇ ଲୁହା ରଡ୍‌ରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ପରେ ଜୁରୁଡ଼ି ଅଭିମୁଖେ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତଙ୍କ ମାଡ଼ରେ ସୁରକ୍ଷାକର୍ମୀ ଆହତ ହୋଇଥିଲେ ମଧ୍ୟ ବଡ଼ଧରଣର ଲୁଟ୍‌ରୁ ବର୍ତ୍ତି ଯାଇଥିଲେ। ଦୁର୍ବୃତ୍ତମାନେ ଛୁରି, ଭୁଜାଲି, ପିସ୍ତଲ ଓ ଲୁହା ରଡ ଧରି କିଛି ସମୟ ପାଇଁ ଆତଙ୍କରାଜ ଚଳାଇଥିଲେ। ଘଟଣାସ୍ଥଳରେ ଲୋକେ ଉପସ୍ଥିତ ଥିଲେ ହେଁ କେହି ପାଖକୁ ଯିବା ପାଇଁ ସାହସ କରିପାରି ନ ଥିଲେ। ବଡ଼ବିଲ ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଏଥିସହ ବାମବାରୀ ଥାନା ଅଞ୍ଚଳରେ ମଧ୍ୟ ଯାଞ୍ଚ କରାଯାଉଥିବା ଏସ୍‌ଡିପିଓ କହିଛନ୍ତି। ଦିନ ଦ୍ୱିପ୍ରହରରେ ଏପରି ଲୁଟ୍ ଉଦ୍ୟମ ଘଟଣା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

# ୪ ୱେବ୍ ଖବରଦାତାଙ୍କ ସମେତ ୫ ଗିରଫ

ଭବାନୀପାଟଣା,୧୫।୧୦ (ଉତ୍ତମ କୁମାର ଦାଶ)




ଗିରଫ ୫ ଅଭିଯୁକ୍ତ ଏବଂ ଜବତ କାର୍, ବାଇକ୍ ଓ ମୋବାଇଲ।

### ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ୍ ଘଟଣା

ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ୍ କରିବା କଳାହାଣ୍ଡି ଜିଲା ଭବାନୀପାଟଣାର ୪ ୱେବ୍ ଖବରଦାତାଙ୍କ ପାଇଁ ମହଙ୍ଗା ପଡିଛି। ଭବାନୀପାଟଣା ସଦର ଥାନା ପୋଲିସ ଏହି ୪ଜଣଙ୍କ ସମେତ ୫ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ୪ ୱେବ୍ ଖବରଦାତା ହେଲେ ଲକ୍ଷ୍ମୀରଞ୍ଜନ ବାଗ (୪୯), ଅଜିତ କୁମାର ପୂଜାରୀ (୨୪), ମଧୁସୂଦନ ମହାପାତ୍ର (୪୪) ଓ ସଂଗ୍ରାମ କେଶରୀ ପାତ୍ର (୪୬)। ସେହିପରି ଅନ୍ୟ ଜଣେ ଗିରଫ ଅଭିଯୁକ୍ତ ହେଲେ କସ୍‌ମେଟିକ୍ ଦୋକାନୀ ହନିଫ ଖାଁ (୫୧)। ପୋଲିସ ସେମାନଙ୍କଠାରୁ ୬୮ ହଜାର ଶହେ ଟଙ୍କା, ଗୋଟିଏ କାର୍, ପଲସର ବାଇକ୍, ୮ ମୋବାଇଲ ଓ ବିଭିନ୍ନ ଚ୍ୟାନେଲର ବୁମ୍ ଜବତ କରିଛି। ଏହି ଘଟଣାରେ ଅନ୍ୟ ଜଣେ ୱେବ୍ ଖବରଦାତା ଡୁଲମଣି ନାଗଙ୍କ ସମେତ ଅନ୍ୟ ୨ ଜଣ ସମ୍ପୃକ୍ତ ଥିବା ସ୍ଥାନୀୟ ଆଇଆଇସି ନରେଶ ପ୍ରଧାନଙ୍କଠାରୁ ସୂଚନା ମିଳିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିନ କଣ୍ଟାବାଞ୍ଜିର ବ୍ୟବସାୟୀ ଆକବର ଖାଁ ନିଜ କାର୍ ଯୋଗେ ହାଇଦ୍ରାବାଦରୁ ଘରକୁ ଫେରୁଥିଲେ। ଏହି ସମୟରେ ଭବାନୀପାଟଣା କୃଷି ମହାବିଦ୍ୟାଳୟ ନିକଟ ନୋ ଏଣ୍ଟ୍ରି ପୋଲିସ ଚେକ୍‌ପୋଷ୍ଟ ପାଖରେ ଦୁର୍ବୃତ୍ତମାନେ ତାଙ୍କ କାର୍ ଅଟକାଇ ୨ ଲକ୍ଷ ୫୫ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ଆକବର ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ

- **ଭଲ ଫର୍ମ ବଜାୟ ରଖିବା ଲକ୍ଷ୍ୟରେ ଗିଲ୍, ଜୟସ୍ୱାଲ**
- **ସ୍ଥିର ପ୍ରଦର୍ଶନ ଉପରେ ରୋହିତ, କୋହଲିଙ୍କ ନଜର**

**ବେଙ୍ଗାଲୁରୁ, ୧୫।୧୦ (ପି.ଟି.)**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ସିରିଜର ପ୍ରଥମ କ୍ରିକେଟ ଟେଷ୍ଟ ବୁଧବାର ଏଠାରେ ଆରମ୍ଭ ହେବ। ସିରିଜରେ ୩ଟି ଟେଷ୍ଟ ଖେଳାଯିବାକୁ ଥିବାବେଳେ ଭଲ ଫର୍ମ ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି ଭାରତୀୟ ଦଳର ଦୁଇ ପ୍ରତିଭା ସମ୍ପନ୍ନ ଖେଳାଳି ଶୁବମନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲ। ଦୁଇ ତାରକା ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମା ସ୍ଥିର ପ୍ରଦର୍ଶନ ଉପରେ ନଜର ରଖିଛନ୍ତି। ଏ ଦୁହିଙ୍କ ପରେ ଗିଲ୍ ଓ ଜୟସ୍ୱାଲ ଭବିଷ୍ୟତରେ ଟିମ୍ ଇଣ୍ଡିଆ ବାଟନ ଧରିବା ଆଶା କରାଯାଉଛି। ଚଳିତ ବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ସିରିଜ ଅପେକ୍ଷା ଏ ଦୁହେଁ କ୍ରମେ ଟେଷ୍ଟ କ୍ରିକେଟରେ ଅଭିଜ୍ଞ ହୋଇଛନ୍ତି। ଶୁଣାଯାଉଛି ଯେ ଗିଲ୍‌ଙ୍କ ବେକରେ ରକା ପଶିଛି। ମାତ୍ର ସେ ମ୍ୟାଚ ବେଳକୁ ଫିଟ୍ ହୋଇଯାଇଥିବେ ବୋଲି ଟିମ୍ ଫିଜିଓ ଦୃଢ଼ ଆଶା ପୋଷଣ କରିଛନ୍ତି। ତେବେ ପ୍ରଥମ ଦିବସ ଖେଳ ବର୍ଷାଦ୍ୱାରା ବାଧାପ୍ରାପ୍ତ ହେବା ସମ୍ଭାବନା ରହିଛି।

ଗିଲ୍ ନିଜର ଶେଷ ୧୦ ଇନିଂସରେ ୩ଟି ଶତକ ଓ ୨ଟି ଅର୍ଦ୍ଧଶତକ ହାସଲ କରି ସାରିଛନ୍ତି। ସେହିପରି ଜୟସ୍ୱାଲ ଶେଷ ୮ ଇନିଂସ ମଧ୍ୟରେ ୫ ଅର୍ଦ୍ଧଶତକ ହାସଲ କରିଥିବାବେଳେ ଥରେ ୨୧୪ ରନ ସ୍କୋର କରିଛନ୍ତି। ଭାରତୀୟ ଦଳ ଆସନ୍ତା ମାସରେ ଅଷ୍ଟ୍ରେଲିଆ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଆଗାମୀ କଷ୍ଟସାଧ୍ୟ ସିରିଜ ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭଲ ଅଭ୍ୟାସ କରିପାରିବ। ଗିଲ୍ ଏବେ ମଧ୍ୟ ଦ୍ରୁତ ବୋଲରଙ୍କୁ ଖେଳିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚେନ୍ନାଇରେ ବାଂଲାଦେଶ ପେସର ହାସନ ମେହମୁଦ ତାଙ୍କୁ ଅଡୁଆରେ ପକାଇଥିଲେ ଏବଂ ଶେଷରେ ତାଙ୍କ ଉଇକେଟ ମଧ୍ୟ ହାସଲ କରିଥିଲେ। ଜୟସ୍ୱାଲ ମଧ୍ୟ ବଡ଼ ଶଟ୍ ଖେଳିବାକୁ ଯାଇ ୩ ଥର ଯାକ ପେସ୍ ବୋଲରଙ୍କ ଦ୍ୱାରା ହିଁ ଆଉଟ ହୋଇଛନ୍ତି। ନ୍ୟୁଜିଲାଣ୍ଡ ଦ୍ରୁତ ବୋଲିଂ ବିଭାଗ ମ୍ୟାଟ ହେନରି, ୱିଲିୟମ ଓ'ରୌର୍କ ଏବଂ ଅଭିଜ୍ଞ ଟିମ୍ ସୌଦୀଙ୍କୁ ନେଇ ବେଶ୍ ଶାଣିତ।

ରୋହିତ ଚଳିତ ବର୍ଷ ୧୫ ଇନିଂସ ଖେଳି ସାରିଛନ୍ତି। ଏହା ମଧ୍ୟରେ ୨ଟି ଶତକ ହାସଲ କରିଛନ୍ତି। ତେବେ ଅବଶିଷ୍ଟ ୧୩ ଇନିଂସରେ ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ସେ ୮ ଟେଷ୍ଟରେ ୩୫ରୁ ଊର୍ଦ୍ଧ୍ୱ ଆଭରେଜରେ ୪୯୭ ରନ କରି ପାରିଛନ୍ତି। କୋହଲି ୯୦୦୦ ଟେଷ୍ଟ ରନ ପୂରଣଠାରୁ ୫୩ ରନ ଦୂରରେ ରହିଛନ୍ତି। ତେବେ ସେ ଚଳିତ ବର୍ଷ ୬ଟି ଇନିଂସ ଖେଳିଥିଲେ ମଧ୍ୟ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି। ୩୫ ବର୍ଷୀୟ କୋହଲି ୨ଥର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନାହାନ୍ତି। ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪୬ ଓ ବାଂଲାଦେଶ ବିପକ୍ଷରେ ୪୭ ରନରେ ଆଉଟ ହୋଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ବଡ଼ ସ୍କୋର କରିବାନେଇ ଆଶା ରହିଛି।




ଅଭ୍ୟାସ ଅବସରରେ ଅଧିନାୟକ ରୋହିତ ଶର୍ମା ଓ ତାରକା ବ୍ୟାଟର ବିରାଟ କୋହଲି।

ନ୍ୟୁଜିଲାଣ୍ଡ ଉଭୟ ବ୍ୟାଟିଂ ଓ ବୋଲିଂକୁ ନେଇ ଚିନ୍ତାରେ ରହିଛି। ନିକଟରେ ଶ୍ରୀଲଙ୍କା ସ୍ପିନରଙ୍କୁ ଖେଳିବାରେ ନ୍ୟୁଜିଲାଣ୍ଡ ବ୍ୟାଟରମାନେ ଅସମର୍ଥ ହୋଇଥିଲେ। ଫଳରେ ସିରିଜକୁ ୦-୨ରେ ହାରିଥିଲେ। ଭାରତୀୟ ଦଳରେ ଆଧୁନିକ କ୍ରିକେଟର ଦୁଇ ଶ୍ରେଷ୍ଠ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଥିବାରୁ ନ୍ୟୁଜିଲାଣ୍ଡକୁ ସତର୍କ ହୋଇ ଖେଳିବାକୁ ପଡ଼ିବ। ବାଂଲାଦେଶ ବିପକ୍ଷରେ ଦୁହେଁ ୨୦ ଉଇକେଟ ହାସଲ କରିଥିଲେ। ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ ପିଚ୍ ସ୍ପିନରଙ୍କୁ ସୁହାଇବା ଆଶା କରାଯାଉଥିବାରୁ ଏ ଦୁଇ ଭେଟେରାନ ସଫଳତା ପାଇବା ସମ୍ଭାବନା ରହିଛି। ଏ ଦୁଇ ସ୍ପିନରଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡ ବ୍ୟାଟରଙ୍କୁ ଫର୍ମରେ ଥିବା ଯଶପ୍ରୀତ୍ ବୁମ୍‌ରାଙ୍କ ପେସ୍‌କୁ ସାମ୍ନା କରିବାକୁ ହେବ। ଆହତ ସମସ୍ୟା ଯୋଗୁ ଅଭିଜ୍ଞ କେନ୍ ୱିଲିୟମସନ ଖେଳିବା ସମ୍ଭାବନା ନାହିଁ। ଆଣ୍ଠୁରେ ସମସ୍ୟା ଯୋଗୁ ଡାହାଣହାତୀ ଦ୍ରୁତ ବୋଲର ବେନ୍ ସିଅର୍ସ ମଧ୍ୟ ସିରିଜରୁ ଓହରି ଯାଇଛନ୍ତି। ଫଳରେ ମାତ୍ର ୬ ଦିନିକିଆ ଓ ୧୪ ଟି୨୦ ଖେଳିବା ଅଭିଜ୍ଞତା ରଖିଥିବା ଜ୍ୟାକବ ଡୁଫିଙ୍କୁ ଦଳରେ ସାମିଲ କରାଯାଇଛି।

## ଟେଷ୍ଟ ପଦାର୍ପଣରେ ଗୁଲାମଙ୍କ ଶତକ

**ମୁଲ୍‌ତାନ, ୧୫।୧୦ (ଏପି)**



ଶତକ ହାସଲ ପରେ କାମରାନ ଗୁଲାମ।

ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ପଦାର୍ପଣକାରୀ ଖେଳାଳି କାମରାନ ଗୁଲାମଙ୍କ ଶତକ ଓ ସଇମ ଆୟୁବଙ୍କ ୭୭ରନ ସହାୟତାରେ ପାକିସ୍ତାନ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୫ ଉଇକେଟ ବିନିମୟରେ ୨୫୯ରନ କରିଛି। ଗୁଲାମ ୨୨୪ ବଲ୍‌ର ସାମ୍ନା କରି ଧୈର୍ଯ୍ୟପୂର୍ଣ୍ଣ ୧୧୮ରନ କରିଥିଲେ। ଏହା ଦ୍ୱାରା ୪ନମ୍ବର ସ୍ଥାନରେ ପାକିସ୍ତାନର ଦେଖା ଦେଇଥିବା ବ୍ୟାଟିଂ ସମସ୍ୟା କହିବାକୁ ଗଲେ ସମାଧାନ ହୋଇପାରିଛି। ଟେଷ୍ଟ ପଦାର୍ପଣରେ ଶତକ ହାସଲ କରିବାରେ ଗୁଲାମ ୧୩ତମ ଏବଂ ଇଂଲଣ୍ଡ ବିପକ୍ଷରେ ପ୍ରଥମ ପାକିସ୍ତାନୀ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଫାଇନାଲ ସେସନ ଖେଳରେ ଦ୍ୱିତୀୟ ନୂଆ ବଲ୍ ୪ଓଭର ଖେଳାଯାଇ ସାରିବା ପରେ ଅଫ୍ ସ୍ପିନର ଶୋଏବ ବଶିର (୧/୬୬)ଙ୍କ ବଲ୍‌ର ଶିକାର ହୋଇଥିଲେ ଗୁଲାମ। ଷ୍ଟମ୍ପ ଅପସାରଣ ବେଳକୁ ମହମ୍ମଦ ରିଜୱାନ ୩୭ ଓ ପ୍ରଥମ ଟେଷ୍ଟରେ ଶତକ ହାସଲକାରୀ ସଲମନ ଅଲି ଆଘା ୫ ରନ କରି ଅପରାଜିତ ରହିଥିଲେ। ୨୯ ବର୍ଷୀୟ ଗୁଲାମଙ୍କ ନାମରେ ୧୬ଟି ପ୍ରଥମଶ୍ରେଣୀ ଶତକ ରହିଛି। ଟେଷ୍ଟ ଦଳରେ ସ୍ଥାନ ପାଇଁ ବହୁ ଦିନ ଧରି ଅପେକ୍ଷାରେ ଥିଲେ। ସିରିଜର ଅବଶିଷ୍ଟ ଦୁଇଟି ମ୍ୟାଚରୁ ବାବର ଆଜାମ ବାଦ୍ ପଡ଼ିବା ପରେ ତାଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା। ଗୁଲାମ ତାଙ୍କର ସ୍ମରଣୀୟ ଶତକ ଫାଇନାଲ ସେସନରେ ୧୯୨ଟି ବଲ୍‌ରୁ ହାସଲ କରିଥିଲେ। ଜୋ ରୁଟ୍‌ଙ୍କ ବଲ୍‌ରେ ସେ ମିଡ୍ ଉଇକେଟ ଅଞ୍ଚଳକୁ ତାଙ୍କ ୯ମ ଚୌକା ଲଗାଇ ତାଙ୍କ ସ୍ମରଣୀୟ ଶତକ ହାସଲ କରିଥିଲେ। ଏହି ମାଇଲଖୁଣ୍ଟ ପରେ ସେ ଆଣ୍ଠେଇ ପଡ଼ି ଟର୍ଫକୁ ଚୁମ୍ବନ ଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୨୫୯/୫ (କମରାନ ଘୁଲାମ-୧୧୮, ସଇମ ଆୟୁବ-୭୭, ମହମ୍ମଦ ରିଜୱାନ-ବ୍ୟାଟିଂ ୩୭ ; ଜ୍ୟାକ୍ ଲିଚ୍-୨/୯୨, ବ୍ରାଇଡନ କାର୍ସ-୧/୧୪)।

# ରାଜ୍ୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ




ରାଜ୍ୟ ଜୁନିୟର ବ୍ୟାଡ୍‌ମିଣ୍ଟନର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୫।୧୦ (ତପନ ସ୍ୱାଇଁ)**

- **ବଲାଙ୍ଗୀରର ଦିବ୍ୟମଙ୍କୁ ଦ୍ୱିମୁକୁଟ**
- **ବାଳିକାରେ ସୁନ୍ଦରଗଡ଼ର ଗୀତାଶ୍ରୀ ଚାମ୍ପିୟନ**

ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ପୋଖରୀପୁଟସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ସମ୍ପନ୍ନ ହୋଇଛି। ୯୫,୦୦୦ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ପ୍ରତିଯୋଗିତାରେ ମୋଟ ୧୦୩ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଜୁନିୟର ବାଳକ ବିଭାଗରେ ବଲାଙ୍ଗୀରର ଦିବ୍ୟମ କେଜ୍ରିୱାଲ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି। ସିଙ୍ଗିଲ୍ସ ଫାଇନାଲରେ ସେ ବାଲେଶ୍ୱରର ଜ୍ୟୋତିସୂର୍ଯ୍ୟ ପାରାମାଣିଙ୍କୁ ୨୧-୧୮, ୨୧-୮ରେ ପରାସ୍ତ କରିଛନ୍ତି। ସେହିପରି ଡବଲ୍ସ ବିଭାଗରେ ଭୁବନେଶ୍ୱରର ବାପୁନ ରାଉତଙ୍କୁ ସାଥିକରି ଢେଙ୍କାନାଳ ଓ ମୟୂରଭଞ୍ଜ ଯୋଡି ଶୁଭ୍ରକେତନ ଓ ଶ୍ରୀୟାଂଶ ଜେନାଙ୍କୁ ୨୨-୨୪, ୨୧-୧୩ ଓ ୨୧-୧୪ରେ ହରାଇ ଚାମ୍ପିୟନ ହୋଇଛନ୍ତି। ବାଳିକାରେ ସୁନ୍ଦରଗଡର ଗୀତାଶ୍ରୀ ଦେ' ଖୋର୍ଦ୍ଧାର ଆଦ୍ୟା ପାଢୀଙ୍କୁ ୨୧-୭, ୨୧-୧୩ ରେ ପରାଜିତ କରି ଚାମ୍ପିୟନ ଆଖ୍ୟା ଲାଭ କରିଛନ୍ତି। ବାଳିକା ଡବଲ୍ସ ଫାଇନାଲରେ ଆଦ୍ୟା ପାଢୀ ଓ ସ୍ୱିଟିପ୍ରିୟା ପ୍ରଧାନ ଫାଇନାଲରେ ଅମ୍ବିକା ମିଶ୍ର ଓ ସିରିନ ସାଦିକ ଯୋଡିଙ୍କୁ ପରାଜିତ କରି ଟାଇଟଲ ହାସଲ କରିଛନ୍ତି।

ସେହିପରି ମିକ୍ସଡ ଡବଲ୍ସରେ ଶୁଭ୍ରକେତନ ଓ ସ୍ୱିଟିପ୍ରୀୟା ପ୍ରଧାନ (ଢେଙ୍କାନାଳ, ରାୟଗଡ଼ା) ଯୋଡି ମୟୂରଭଞ୍ଜ ଓ ଖୋର୍ଦ୍ଧା ଯୋଡି ସାଇକେଶବ ମୋଦି ଏବଂ ସିରିନ ସାଦିକଙ୍କୁ ୨୧-୧୧, ୨୧-୧୬ ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଭାରତୀୟ ଜନତାପାର୍ଟିର ମୁଖପାତ୍ର ଯତୀନ ମହାନ୍ତି ମୁଖ୍ୟ ଅତିଥି, ରାଜ୍ୟ କ୍ରୀଡା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ସ୍ୱରୂପ ନନ୍ଦନ ବେହେରା, ରାମଗୋବିନ୍ଦ ପରିଡା ଏବଂ ଧୀରଜ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଆସୋସିଏଶନ ସମ୍ପାଦକ ନିଳନୀ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ସାଙ୍ଗଠନିକ ସମ୍ପାଦକ ପ୍ରଦୀପ କୁମାର ପଟ୍ଟନାୟକ, ଟୁର୍ନାମେଣ୍ଟ ସଂଯୋଜକ ଅଜିତ ମହାନ୍ତି, ଅବଦୁଲ ହାକିମ୍, ସୌଭାଗ୍ୟ ଜଗଦେବ ପ୍ରମୁଖ ପରିଚାଳନା କରିଥିଲେ।

## ବାଂଲାଦେଶ ମୁଖ୍ୟ କୋଚ୍ ହାଥୁରୁସିଂଘା ସସ୍‌ପେଣ୍ଡ

**ଢାକା, ୧୫।୧୦ (ପି.ଟି.)**




ଗତବର୍ଷ ଭାରତରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ବେଳେ ଅନୁଚିତ ଆଚରଣ ପାଇଁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପୁରୁଷ ଦଳର ମୁଖ୍ୟ କୋଚ୍ ଚଣ୍ଡିକା ହାଥୁରୁସିଂଘାଙ୍କୁ ସସ୍‌ପେଣ୍ଡ କରିଛି। ହାଥୁରୁସିଂଘା ହେଉଛନ୍ତି ପୂର୍ବତନ ଶ୍ରୀଲଙ୍କା ଅଲରାଉଣ୍ଡର। ନିକଟରେ ତାଙ୍କ ତତ୍ତ୍ୱାବଧାନରେ ବାଂଲାଦେଶ ଭାରତ ଟୁର୍‌ରେ ଯାଇ ଉଭୟ ଟେଷ୍ଟ ଓ ଦିନିକିଆ ସିରିଜରେ ଶୋଚନୀୟ ପରାଜିତ ହୋଇଥିଲା। ତାଙ୍କୁ ପଦବୀରୁ ବହିଷ୍କାର କରାଯିବ। ତାଙ୍କ ସ୍ଥାନରେ ୱେଷ୍ଟଇଣ୍ଡିଜର ପୂର୍ବତନ ଖେଳାଳି ଫିଲ୍ ସିମନ୍ସଙ୍କୁ ନିଯୁକ୍ତି ଦିଆଯାଇଛି। ସେ ମଧ୍ୟ ଜଣେ ଅଲରାଉଣ୍ଡର ଥିଲେ। ୧୯୯୦ ଦଶକ ଆରମ୍ଭ ଓ ମଧ୍ୟ ଭାଗରେ ସିମନ୍ସ ୱେଷ୍ଟଇଣ୍ଡିଜ ଦଳର ବ୍ୟାଟିଂ ଓପନ କରୁଥିଲେ। ଆସନ୍ତାବର୍ଷ ହେବାକୁଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ପର୍ଯ୍ୟନ୍ତ ସେ ବାଂଲାଦେଶ ଦାୟିତ୍ୱରେ ରହିଥାନ୍ତେ। ଗତବର୍ଷ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ବେଳେ ଜଣେ ଖେଳାଳିଙ୍କୁ ଚାପୁଡ଼ା ମାରିବା ଅଭିଯୋଗରେ ହାଥୁରୁସିଂଘାଙ୍କୁ ସସ୍‌ପେଣ୍ଡ କରାଯାଇଛି। ସସ୍‌ପେଣ୍ଡ ହେବାର ୪୮ଘଣ୍ଟା ମଧ୍ୟରେ ତାଙ୍କ ସହିତ ହୋଇଥିବା ଚୁକ୍ତିକୁ ରଦ୍ଦ କରିଦିଆଯିବ। ତାଙ୍କ ସ୍ଥାନରେ ଫିଲ୍ ସିମନ୍ସ ଆସନ୍ତାବର୍ଷର ଚାମ୍ପିୟନ୍ସ ଟ୍ରଫି ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ ବୋଲି ବିସିବି ଏହାର ୱେବ୍‌ସାଇଟ୍‌ରେ କହିଛି। ୫୬ବର୍ଷୀୟ ହାଥୁରୁସିଂଘାଙ୍କ ସହିତ ଚୁକ୍ତି ହେବା ପରେ ସେ ଗତବର୍ଷ ଫେବୃଆରୀରେ ଦ୍ୱିତୀୟ ଥର ପାଇଁ ବାଂଲାଦେଶ ଦଳ ସହିତ ଯୋଗ ଦେଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୨୫ ଚାମ୍ପିୟନ୍ସ ଟ୍ରଫି ପର୍ଯ୍ୟନ୍ତ ରହିଥିଲା।


# Classified Everyday
0674-2580101, 2549949


REAL ESTATE
SALE

(Sale/ Sharing), ଶ୍ରୀନୀଳମାଧବ କ୍ଷେତ୍ର କଣ୍ଟିଲୋ ହାଇସ୍କୁଲ ନଡ଼ିଆପୋଖରୀ ଚଣ୍ଡୀମନ୍ଦିର ରାସ୍ତାରେ ଗାଡୱାଲ, ବାଉଣ୍ଡରି, ରାସ୍ତା, ବିଦ୍ୟୁତ୍ ସଂଯୋଗ ଥାଇ ଶାନ୍ତି ଓ ସୁସ୍ଥ ପରିବେଶରେ ୨ଏକର ଘରବାରି ଜାଗା ଓ ପ୍ଲଟ୍ ବିକ୍ରି କରାଯିବ। ଇଚ୍ଛୁକ ବ୍ୟକ୍ତି ସଙ୍ଗେସଙ୍ଗେ ରେଜିଷ୍ଟ୍ରେଶନ ସହ ଘର କରି ରହିପାରିବେ। ଯୋଗାଯୋଗ ନଂ.- 8917664737, 9937281897. D-1656

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964. D-1650

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grandbazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି plot କିଣନ୍ତୁ। 9078699286. D-75998

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584. D-1649


CONSTRUCTION

Construct your dream home @460/-, 850/-, 1325/- with branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact :The Engineering Pvt. Ltd., 9439856856. D-1449

HEALTH CARE

Kerala Massage therapy gents/ Ladies pain relief Bhubaneswar. 9337672475. D-1575

AFFIDAVIT

ମୁଁ ଶ୍ରୀ ପ୍ରଫୁଲ ପ୍ରଧାନ, ବୟସ ୬୯, ପିତା- ୰ଧୂଳି ପ୍ରଧାନ, ଘର ଠିକଣା- ନୂଆ ତାରିଣୀ ବସ୍ତି, ଗଣ୍ଡମୁଣ୍ଡା, ଖଣ୍ଡଗିରି, ସାମ୍ନା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଭୁବନେଶ୍ୱର, ପିନ୍-୭୫୧୦୩୦। ମୁଁ ଘୋଷଣା କରୁଛି କି ହିମାଂଶୁ ଭୂଷଣ ପଣ୍ଡା, ବୟସ-୩୭ଙ୍କୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କରିଆସୁଛି। ଘର ଠିକଣା- ବ୍ଲକ୍ ନମ୍ବର- ୬, ଘର ନମ୍ବର-୨୧୭, ସୁବୁଦ୍ଧିପୁର, କଳିଙ୍ଗବିହାର, ପିନ୍-୭୫୧୦୧୯, ଭୁବନେଶ୍ୱର। ଧ-୭୧୭୯୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



୰ଉର୍ମିଳା ପରିଡ଼ା

ଆବିର୍ଭାବ: ୧୭।୧୧।୧୯୪୩
ତିରୋଧାନ: ୦୬।୧୦।୨୦୨୪

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।

-ଶୋକସନ୍ତପ୍ତ-

ପୁଅ, ବୋହୂ, ଝିଅ, ଜ୍ୱାଇଁ, ଯା, ଦିଅର, ସମୁଦି, ସମୁଦୁଣି, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୬୫୫

**୨୩ତମ ଶ୍ରାଦ୍ଧଦିବସ ଉପଲକ୍ଷେ ଗଭୀର ଶ୍ରଦ୍ଧାଞ୍ଜଳି**



୰ଗୋକୁଳାନନ୍ଦ ମହାନ୍ତି

ଗ୍ରାମ- ପରିଆ ପାଟପୁର, ଡି-୭, ଗ୍ରୀନ୍ ପାର୍କ, ଭୁବନେଶ୍ୱର

ଆଶ୍ୱିନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ

ଆଜିର ଏ ପବିତ୍ର ଦିନରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସଙ୍ଗେସଙ୍ଗେ ଆଶୀର୍ବାଦ ଭିକ୍ଷା କରୁଅଛୁ।

ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି ନାତୁଣୀମାନେ।

Contact: 9437010088 ଧ-୭୬୦୭୬



୰ଡ. ନୀତୀଶ୍ କାନ୍ତ ମିଶ୍ର (ପୁପୁନ୍)
Dental Surgeon

ବିଧିର ବିଧାନ ବଡ଼ ବିଚିତ୍ର। ପୁପୁନ୍, ତୋତେ ସବୁଦିନ ପାଇଁ ହରାଇବାର ହୃଦୟ ବିଦାରକ କଷ୍ଟ କେବଳ ଅନୁଭବୀମାନେ ହିଁ ଅନୁମାନ କରିପାରିବେ। ତୋ ବିନା ପ୍ରତ୍ୟେକ ଦିନ ମାଆ, ଆଇ, ଦଦା, ବେଡେଇ, କକା, ଖୁଡ଼ୀ, ମଉସା, ମାଉସୀ, ମାମୁ, ମାଇଁ ତଥା ସର୍ବୋପରି ମାମା, ବାବାଙ୍କ ପାଇଁ ଅପୂରଣୀୟ କ୍ଷତି ଓ କଷ୍ଟଦାୟକ। ଦୟାମୟଙ୍କୁ ଏତିକି ମାଗୁଣି ତୋତେ ଯେଉଁଠି ରଖିଛନ୍ତି ଭଲରେ ରଖିଥାନ୍ତୁ। ଆଉ ଜନମକୁ ତୋପରି ପୁଅଟିଏ ପାଇବାକୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ଏହି ଶ୍ରଦ୍ଧାଞ୍ଜଳି। ସମୟ ଚକ୍ରରେ ଏକ ବର୍ଷ ବିତିଗଲାଣି। ପୁପୁନ୍, ତୋ ବିନା ଆମ ଦୁହିଁଙ୍କର ଜୀବନ ପ୍ରତ୍ୟେକ ଦିନ କେବଳ କଷ୍ଟଦାୟକ ନୁହେଁ, ସର୍ବୋପରି ଅନାବଶ୍ୟକ ମନେ ହେଉଛି। ତଥାପି ବିଧିର ବିଧାନ ଆଗରେ ମୁଣ୍ଡପାତି ଏହି ହୃଦୟ ବିଦାରକ କଷ୍ଟ ଆମକୁ ସହିବାକୁ ପଡୁଛି। ଏହା ଆମ ଦୁହିଁଙ୍କ ପାଇଁ କରୁଣାମୟ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ଅଟେ।

ତୋର ମାମା, ବାବା ଧ-୭୬୦୭୭

# ଫୁଲଚାଷ ପାଇଁ ତରଳ ଖତ

ଫୁଲଚାଷ ପାଇଁ ତରଳ ଖତ ପ୍ରସ୍ତୁତ କରୁଥିଲେ ପ୍ରଥମେ ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ। ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଅକ୍ଟୋବର ତୃତୀୟ ସପ୍ତାହ ମଧ୍ୟରେ ପକାନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା- ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି। ସେବତୀ ସେପ୍ଟେମ୍ବର ମାସରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ)। ବଡ଼ କିସମରେ ଗୋଟିଏ ଗଛରେ ୨-୩ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଏ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଣ୍ଟଛାଣ୍ଟ କରନ୍ତୁ ଓ ବୋର୍ଡ଼ୋପେଷ୍ଟ ପ୍ରୟୋଗ କରନ୍ତୁ।



# ପନିପରିବା ଚାଷ

ଆଳୁ ପାଇଁ ହେକ୍ଟର ପ୍ରତି ୨୦ରୁ ୨୫ କ୍ୱିଣ୍ଟାଲ୍ ବିହନ ଦରକାର ହୁଏ। ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ଟି ଆଖିଥିବା ୨୫ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ୩% ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ। ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶୁଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।



# ଫସଲ ଉତ୍ପାଦନରେ ଯବକ୍ଷାରଜାନର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ପ୍ରତ୍ୟେକ ଫସଲ ତା'ର ଜୀବନଚକ୍ର ପରିପୂର୍ଣ୍ଣ ପାଇଁ ୧୭ ଗୋଟି ଖାଦ୍ୟ ଉପାଦାନ ଆବଶ୍ୟକ କରିଥାଏ। ସେଥିମଧ୍ୟରୁ ଯବକ୍ଷାରଜାନ ପ୍ରଥମ ଏବଂ ମୁଖ୍ୟ ଖାଦ୍ୟ ଉପାଦାନ। ଯବକ୍ଷାରଜାନ ଫସଲର ପତ୍ରରେ ସବୁଜ କଣିକା ସୃଷ୍ଟି କରି ଶ୍ୱେତସାର ଖାଦ୍ୟ ପ୍ରସ୍ତୁତ କରେ। ଶସ୍ୟରେ ସଞ୍ଚିତ ହେଉଥିବା ପୁଷ୍ଟିସାର (ପ୍ରୋଟିନ୍)ର ଯବକ୍ଷାରଯାନ ଏକ ମୁଖ୍ୟ ଅଂଶ । ଯବକ୍ଷାରଜାନ ଫସଲର କୋଷ ବୃଦ୍ଧି ଗଠନରେ ସାହାଯ୍ୟ କରି ଗଛର ଅଭିବୃଦ୍ଧି ଘଟାଏ । ଫସଲର ଗୁଣବତ୍ତା ବଢ଼ାଇବାରେ ଯବକ୍ଷାରଜାନର ଭୂମିକା ଯଥେଷ୍ଟ ଥାଏ। ଯବକ୍ଷାରଜାନ ଅଭାବରେ ଫସଲର ଅଭିବୃଦ୍ଧିରେ ବାଧା ସୃଷ୍ଟି ହୁଏ । ଗଛର ତଳପତ୍ରର ଅଗ୍ରଭାଗ ପ୍ରଥମେ ହଳଦିଆ ରଙ୍ଗର ହୋଇ ନିମ୍ନଭାଗକୁ ଗତି କରି କ୍ରମେ ସମୁଦାୟ ପତ୍ର ହଳଦିଆ ରଙ୍ଗ ହୁଏ । ଉପର ପତ୍ର ଈଷତ୍ ହଳଦିଆ ହୁଏ । ହଳଦିଆ ତଳ ପତ୍ର ଶୁଖି ମଝିରୁ ଭାଙ୍ଗିପଡ଼େ। ଫସଲର ଫୁଲ ଏବଂ ଫଳ ପରିମାଣ କମେ । ଶସ୍ୟ ଏବଂ ସବୁଜ ପନିପରିବାରେ ପୁଷ୍ଟିସାର ଭାଗ କମେ । ସର୍ବୋପରି ଅମଳ ୫୦ରୁ ୬୦ ଭାଗ କମ୍ ହୁଏ ।

ମାଟିରେ ଯବକ୍ଷାରଜାନ ଉଭୟ ଆମୋନିୟମ୍ ଏବଂ ନାଇଟ୍ରେଟ୍ ଆକାରରେ ଥାଏ। ମାଟିରେ ଥିବା ନାଇଟ୍ରିଫାଇଂ ଶ୍ରେଣୀର ବୀଜାଣୁ ଦ୍ୱାରା ଆମୋନିୟମ୍, ନାଇଟ୍ରେଟ୍‌ରେ ପରିଣତ ହୁଏ । ଧାନ ବ୍ୟତୀତ ଅନ୍ୟସବୁ ଫସଲ ଯବକ୍ଷାରଜାନକୁ ନାଇଟ୍ରେଟ୍ ଭାବେ ଚେର ଦ୍ୱାରା ଗ୍ରହଣ କରିଥାଆନ୍ତି। ଧାନ ଫସଲ ଯବକ୍ଷାରଜାନକୁ ଉଭୟ ନାଇଟ୍ରେଟ୍ ଏବଂ ଆମୋନିୟମ୍ ଭାବେ ଚେର ମାଧ୍ୟମରେ ଗ୍ରହଣ କରିଥାଏ। ନାଇଟ୍ରେଟ୍ ମାଟିରେ ଅଧିକ ସମୟ ରହି ନ ପାରି ବର୍ଷା ଏବଂ ଜଳସେଚନ ଦ୍ୱାରା ଧୋଇ ନଷ୍ଟ ହୁଏ । କିଛି ନାଇଟ୍ରେଟ୍ ନାଇଟ୍ରାଇଟ୍ ବାଷ୍ପରେ ପରିଣତ ହୋଇ ବାୟୁମଣ୍ଡଳକୁ ଚାଲିଯାଏ । ଯବକ୍ଷାରଜାନ ମାଟିରେ କ୍ଷଣସ୍ଥାୟୀ। ମାଟିରେ ପ୍ରୟୋଗ ହେଉଥିବା ଯବକ୍ଷାରଜାନ ଶତକଡ଼ା ୨୫ରୁ ୩୦ ଭାଗ ଫସଲର ଗ୍ରହଣ ଉପଯୋଗୀ ହୁଏ । ଅବଶିଷ୍ଟ ଯବକ୍ଷାରଜାନ ବିଭିନ୍ନ ଉପାୟରେ ନଷ୍ଟ ହୁଏ । ତେଣୁ ଉକ୍ତ ଖାଦ୍ୟ ଉପାଦାନ ଫସଲ ଦ୍ୱାରା ଅଧିକ ଗ୍ରହଣଯୋଗ୍ୟ ହେବା ପାଇଁ ଚାଷୀ ସର୍ବଦା ସତର୍କ ହେବା ଉଚିତ। ଖତ ସହିତ ଯବକ୍ଷାରଜାନ ସାର ପ୍ରୟୋଗ, ନିୟନ୍ତ୍ରିତ ଜଳସେଚନ, ଯବକ୍ଷାରଜାନ ପ୍ରୟୋଗ ସାରରୁ ଧୀରେ ମାଟିରେ ମିଶିବା ପାଇଁ କେତକ ସାରରେ ରାସାୟନିକ ଦ୍ରବ୍ୟ ମିଶ୍ରଣ, ଜୈବିକ କୃଷି ପଦ୍ଧତି, ମୃତ୍ତିକା ପରିଚାଳନା ଆଦି ପଦ୍ଧତିକୁ ଅବଲମ୍ବନ କରିବା ଉଚିତ।

ବର୍ତ୍ତମାନ ଚାଷୀ ଅଧିକ ଅମଳକ୍ଷମ ଏବଂ ଉନ୍ନତ କିସମ ଫସଲ ଚାଷ କରୁଛନ୍ତି । ଏହିସବୁ ଫସଲରୁ ସଠିକ ଅମଳ ପାଇବା ପାଇଁ ଚାଷୀକୁ ଯବକ୍ଷାରଜାନ ପ୍ରୟୋଗ କରିବାକୁ ପଡୁଛି । ସବୁ ଫସଲର ଯବକ୍ଷାରଜାନ ଉପାଦାନର ଆବଶ୍ୟକତା ସମାନ ନୁହେଁ । କେଉଁ ଫସଲର ଯବକ୍ଷାରଜାନର ଆବଶ୍ୟକତା କେତେ ବିଭିନ୍ନ କ୍ଷେତ୍ର ପରୀକ୍ଷାରୁ ନିର୍ଣ୍ଣୟ କରାଯାଇଛି । ଖରିଫ ଋତୁରେ ହେକ୍ଟର ପିଛା ଯବକ୍ଷାରଯାନ, ବଡ଼ କିସମ ଧାନ ପାଇଁ ୬୦ କିଲୋ, ମଧ୍ୟମ କିସମ ଧାନ ପାଇଁ ୪୦ କିଲୋ ଏବଂ ଛୋଟ କିସମ ଧାନ ପାଇଁ ୩୦ କିଲୋ ଆବଶ୍ୟକ ହୁଏ। ରବିଋତୁରେ ଯବକ୍ଷାରଜାନ ହେକ୍ଟର ପିଛା ମଧ୍ୟମ କିସମ ଧାନ ପାଇଁ ୮୦ କିଲୋ ଏବଂ ଛୋଟ ଧାନ ପାଇଁ ୪୦ କିଲୋ ଆବଶ୍ୟକ ହୁଏ । ଗହମ ପାଇଁ ହେକ୍ଟର ପ୍ରତି ଉପକୂଳବର୍ତ୍ତୀ ଜିଲା ପାଇଁ ଯବକ୍ଷାରଯାନ ୬୦ କିଲୋ ଆବଶ୍ୟକ ହେଉଥିବାବେଳେ ଆଭ୍ୟନ୍ତରୀୟ ଜିଲା ପାଇଁ ୮୦ କିଲୋ ପ୍ରୟୋଗ କରାଯାଏ । ଖରିଫ ମାଣ୍ଡିଆ ହେକ୍ଟରକୁ ଯବକ୍ଷାରଜାନ ୩୦ କିଲୋ ଆବଶ୍ୟକ କରୁଥିବାବେଳେ ରବିଋତୁର ଜଳସେଚନର ସୁବିଧା ଥାଇ ବଡ଼ କିସମ ମାଣ୍ଡିଆ ହେକ୍ଟରକୁ ୬୦ କିଲୋ ଏବଂ ଛୋଟ କିସମ ମାଣ୍ଡିଆ ୪୦ କିଲୋ ଆବଶ୍ୟକ କରେ। ମକା, ବାଜରା ଓ ଜୁଆର ହେକ୍ଟରକୁ ୮୦ କିଲୋ ଯବକ୍ଷାରଜାନ ଆବଶ୍ୟକ କରନ୍ତି। ସବୁ କ୍ଷୁଦ୍ର ଶସ୍ୟ ଯଥା ସୁଆଁ, କୋଦ, କାଙ୍ଗୁ ଆଦି ମିଲେଟ୍ ଜାତୀୟ ଫସଲ ହେକ୍ଟରକୁ ୨୦ କିଲୋ ଯବକ୍ଷାରଜାନ ଆବଶ୍ୟକ କରନ୍ତି । କୋଳଥ ବ୍ୟତୀତ ସବୁ ପ୍ରକାର ଡାଲିଜାତୀୟ ଫସଲରେ ହେକ୍ଟରକୁ ୨୦ କିଲୋ ଯବକ୍ଷାରଜାନ ପ୍ରୟୋଗ ହୁଏ । କୋଳଥ ହେକ୍ଟରକୁ ୧୦ କିଲୋ ଯବକ୍ଷାରଯାନ ଆବଶ୍ୟକ କରେ। ତୈଳବୀଜ ଫସଲ ମଧ୍ୟରେ ଚିନାବାଦାମ ୨୦ କିଗ୍ରା ଯବକ୍ଷାରଜାନ ଆବଶ୍ୟକ କରୁଥିବା ବେଳେ ଅଣଜଳସେଚିତ



ସୋରିଷ ହେକ୍ଟରକୁ ୩୦ କିଲୋ ଏବଂ ଜଳସେଚିତ ସୋରିଷ ୬୦ କିଲୋ ଆବଶ୍ୟକ କରେ । ରାଶି ହେକ୍ଟର ପ୍ରତି ୩୦ କିଲୋ ଯବକ୍ଷାରଜାନ, ସୂର୍ଯ୍ୟମୁଖୀ ଏବଂ ସୋୟାବିନ୍ ପ୍ରତ୍ୟେକ ୪୦ କିଲୋ ଯବକ୍ଷାରଯାନ ଆବଶ୍ୟକ କରିଥାଏ । ହେକ୍ଟର ପ୍ରତି ଜଡ଼ା ୫୦ କିଲୋ ଏବଂ କୁସୁମୀ ୨୫ କିଲୋ ଯବକ୍ଷାରଜାନ ଆବଶ୍ୟକ କରିଥାନ୍ତି । ଅଳସୀ ହେକ୍ଟରକୁ ୧୨ କିଲୋ ଯବକ୍ଷାରଜାନ ଆବଶ୍ୟକ କରେ । ତନ୍ତୁଜାତୀୟ ଫସଲ ମଧ୍ୟରେ ହେକ୍ଟରକୁ ପିତା ନଳିତା ୬୦ କିଲୋ ଏବଂ ମଧୁର ନଳିତା ୪୦ କିଲୋ ଯବକ୍ଷାରଜାନ ଆବଶ୍ୟକ କରନ୍ତି। ଉନ୍ନତ କିସମ କପା ହେକ୍ଟରକୁ ୪୦ କିଲୋ ଯବକ୍ଷାରଯାନ ଚାହୁଁଥିବା ବେଳେ ସଙ୍କର କିସମ କପାରେ ସର୍ବାଧିକ ୧୨୦ କିଲୋ ଯବକ୍ଷାରଜାନ ପ୍ରୟୋଗ କରାଯାଏ । ଆଖୁ ଏବଂ ଆଳୁରେ ହେକ୍ଟରକୁ ସର୍ବାଧିକ ୧୦୦ କିଗ୍ରା ଯବକ୍ଷାରଯାନ ପ୍ରୟୋଗ କରାଯାଏ। ମସଲାଜାତୀୟ ଫସଲ ଯଥା ପିଆଜ, ରସୁଣ ଏବଂ ଲଙ୍କା ପ୍ରତ୍ୟେକ ହେକ୍ଟରକୁ ୧୨୦ କିଗ୍ରା ଯବକ୍ଷାରଜାନ ଆବଶ୍ୟକ କରନ୍ତି । କୋବିଜାତୀୟ ଫସଲ ମଧ୍ୟରେ ଫୁଲକୋବିରେ ଯବକ୍ଷାରଯାନ ୬୦ କିଗ୍ରା, ଗଣ୍ଠିକୋବିରେ ୧୦୦ କିଲୋ ଏବଂ ବନ୍ଧାକୋବିରେ ୧୫୦ କିଗ୍ରା ପ୍ରୟୋଗ କରାଯାଏ । ବାଇଗଣ ଏବଂ ବିଲାତି ବାଇଗଣ ହେକ୍ଟରକୁ ୧୨୦ କିଲୋ ଯବକ୍ଷାରଜାନ ଆବଶ୍ୟକ କରନ୍ତି। ମୂଳାରେ ହେକ୍ଟରକୁ ୮୦ କିଲୋ ଯବକ୍ଷାରଯାନ ପ୍ରୟୋଗ ହୁଏ । ଫରାସୀ ଶିମ୍ବ ଏବଂ ମଟର ପ୍ରତ୍ୟେକ ହେକ୍ଟରକୁ ୩୦ କିଲୋ ଯବକ୍ଷାରଜାନ ଆବଶ୍ୟକ କରନ୍ତି। (କ୍ରମଶଃ..)

- ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ଅଳ୍ପରେ...

### ଚିନାବାଦାମ



ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇ ଯାଇଥିଲେ ଅମଳ କରି ତିନି ଚାରୋଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ। ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ସ୍ମୃତି, ଦେବୀ, ଧରଣୀ, ଟି.ଜି.-୩୮, ଟି.ଏସ୍.ଭି.-୨ ଓ କାଦିରୀ-୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।



### ସୂର୍ଯ୍ୟମୁଖୀ

ଉନ୍ନତ କିସମ ସୂର୍ଯ୍ୟମୁଖୀ ଯଥା-ମର୍ଡନ୍, ଇ.ସି.-୬୮୪୧୪, ଇ.ସି.-୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପି.ଏ.ସି.-୩୬, କେ.ବି. ଏସ୍.ଏଚ୍.-୧, କେ.ବି. ଏସ୍.ଏଚ୍.-୪୪ ଓ ଏମ୍.ଏସ୍.ଏଫ୍.ଏଚ୍.-୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ୧ କି.ଗ୍ରା. ବିହନ ପ୍ରତି କାର୍ବୋସ୍କିନ୍ ସହ ଥିରାମ୍ କିମ୍ବା ଟେବୁକୋନାଜୋଲ୍ ୨% ଡିଏସ୍ ୨ ଗ୍ରାମ୍‌ରୁ ୨.୫ ଗ୍ରାମ୍ ହିସାବରେ ୨ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।

### ରାଶି



ଢିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା- ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା। ହେକ୍ଟର ପ୍ରତି ୭.୫-୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ। ପ୍ରତି କିଲୋଗ୍ରାମ୍ ବିହନରେ କାର୍ବୋକ୍ସିନ୍ ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ। ବିହନ ସହିତ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ।



## ଫଳ ବଗିଚାରେ ପାଣି ନିୟନ୍ତ୍ରଣ

ଫଳ ବଗିଚାରେ ପାଣି ଜମିବାର ଥିଲେ ଜଳ ନିଷ୍କାସନ କରନ୍ତୁ ଓ ଶେଷ ଦଫା ସାର ପ୍ରୟୋଗ କରନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ। ଅଦରକାରୀ ଡାଳଗୁଡ଼ିକୁ କାଣ୍ଟଛାଣ୍ଟ କରି ବୋର୍ଡୋପେଷ୍ଟର ପ୍ରଲେପ ଦିଅନ୍ତୁ। ଉଇ ନ ହେବା ପାଇଁ କ୍ଲୋରୋପାଇରିଫସ୍ ଦ୍ରବଣ (୫ ମି.ଲି./ ଲିଟର ପାଣିରେ) ମାଟିରେ ସିଞ୍ଚନ କରନ୍ତୁ କିମ୍ବା ଗଛ ପ୍ରତି ୫୦ ଗ୍ରାମ୍ ହିସାବରେ କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଗଛ ମୂଳରେ ପ୍ରୟୋଗ ପରେ ମାଟି ଟେକିଦିଅନ୍ତୁ। କଲମୀ ଗଛର କାଣ୍ଟଛାଣ୍ଟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଆମ୍ବଗଛରେ ଜଳସେଚନ ବନ୍ଦ କରନ୍ତୁ।

## ଧାନ ଅମଳ ସମୟରେ...

ଧାନକେଣ୍ଡା ୮୫% ପାଚି ଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ। ଡେରିରେ ରୁଆ ଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟ ସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ। ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନତଳି ୧୭ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ। ଧାଡ଼ିକି ଧାଡ଼ି ୧୫ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ। ଏହି ମାସ ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ। ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫x୨ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟା କରନ୍ତୁ। ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ ।

# ଜୈବିକ କୃଷି : ଆଜିର ଆବଶ୍ୟକତା

(ଶେଷ ଭାଗ)

ଏହି ବ୍ୟବସ୍ଥା ଜୈବ/ ପ୍ରାକୃତିକ ବିବିଧତାରେ ବୃଦ୍ଧି ଘଟାଇଥାଏ। ମୃତ୍ତିକାରେ ଜୈବିକ କ୍ରିୟାଶୀଳତା ବୃଦ୍ଧି କରିଥାଏ। ମୃତ୍ତିକାର ଉର୍ବରତାକୁ ଦୀର୍ଘସ୍ଥାୟୀ କରିଥାଏ। ମୃତ୍ତିକା ଓ ଜଳ ସଂରକ୍ଷଣ ହୋଇ ସଦା ଉତ୍ପାଦନକ୍ଷମ କରିଥାଏ। ଉଦ୍ଭିଦଜ ଓ ପ୍ରାଣିଜ ବର୍ଜ୍ୟବସ୍ତୁକୁ ପୁନଃଚକ୍ର ଜରିଆରେ ବ୍ୟବହାର ସାପେକ୍ଷ କରି ମୃତ୍ତିକାକୁ ଖାଦ୍ୟସାର ରୂପେ ଯୋଗାଇଥାଏ। ସ୍ଥାନୀୟ କୃଷି ବ୍ୟବସ୍ଥାରେ ନବୀକରଣ ସମ୍ବଳ ଉପରେ ନିର୍ଭର କରିଥାଏ। ମୃତ୍ତିକା, ଜଳ ଓ ବାୟୁର ସୁସ୍ଥ ବ୍ୟବହାରକୁ ଉତ୍ସାହିତ କରିବା ସହ କୃଷି ଅଭ୍ୟାସ ବା କାର୍ଯ୍ୟଗୁଡ଼ିକରୁ ଉତ୍ପନ୍ନ ସମସ୍ତ ପ୍ରକାର ପ୍ରଦୂଷଣକୁ ସର୍ବନିମ୍ନ କରାଇଥାଏ। ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ରୋଗପୋକକୁ ନିୟନ୍ତ୍ରଣ କରିଥାଏ। ଏହାଦ୍ୱାରା ଉତ୍ତମ, ସୁସ୍ୱାଦୁ ଓ ଜୀବସାର ପରିପୂର୍ଣ୍ଣ ଖାଦ୍ୟ ସାମଗ୍ରୀ ଉତ୍ପାଦିତ ହୋଇଥାଏ, ଯାହା ଆମକୁ ସୁସ୍ଥ ରଖିଥାଏ।

**ଜୈବିକ କୃଷିର ଲକ୍ଷ୍ୟ :** ମୃତ୍ତିକାର ସ୍ୱାସ୍ଥ୍ୟ, କମ୍ ଖର୍ଚ୍ଚ, ଉତ୍ତମ ଖାଦ୍ୟ ଉତ୍ପାଦନ ଓ ଜୈବ ଉତ୍ପାଦନଗୁଡ଼ିକର ଅଧିକ ମୂଲ୍ୟ ପାଇ କୃଷକର ଆର୍ଥିକ ସ୍ଥିତିରେ ଉନ୍ନତି ଆଣି ସନ୍ତୁଳିତ ବାତାବରଣ ସୃଷ୍ଟି କରିବା ଫଳରେ ଜୈବିକ ପଦାର୍ଥର ପବନ ଓ ପୁନଃ ବିନିଯୋଗ, ଖତ ଓ ଜୀବାଣୁ ସାରର ପ୍ରୟୋଗ, ଫସଲ ପର୍ଯ୍ୟାୟ ଅବଲମ୍ବନରେ ଜୈବିକ ଚାଷର ତ୍ୱରାନ୍ୱିତ ହେବା ସହ ମୃତ୍ତିକାର ଭୌତିକ, ରାସାୟନିକ ଓ ଜୈବିକ ଗୁଣରେ ଯୁକ୍ତାତ୍ମକ ପରିବର୍ତ୍ତନ ଘଟିଥାଏ ଏବଂ ସଦା ଉତ୍ପାଦନକ୍ଷମ ହୋଇଥାଏ। ଉପଯୋଗୀ ଦେଶୀୟ ଓ ପାରମ୍ପରିକ କୌଶଳଗୁଡ଼ିକର ଉପଯୁକ୍ତ ବ୍ୟବହାର କରାଯାଏ। ପ୍ରକୃତିର ବିବିଧତାକୁ ବଜାୟ ରଖି ସମନ୍ୱିତ ଓ ସର୍ବେକ୍ଷଣଭିତ୍ତିକ ରୋଗପୋକ ପରିଚାଳନା ମାଧ୍ୟମରେ, କୃଷି ମିତବ୍ୟୟୀ ଓ ନିରାପଦ ହୋଇଥାଏ। ପରିବାର ସଦସ୍ୟଙ୍କ ନିୟୋଜନ ଓ ଅଧିକ କାର୍ଯ୍ୟଦିବସ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ମାଟିରେ ଥିବା ଜୈବାଂଶ ଦ୍ୱାରା ମୃତ୍ତିକା ହାଲୁକା ରହି ଅଧିକ ଜଳ ଧାରଣ କରିଥାଏ ଓ ସହଜରେ ଜଳ ନିଷ୍କାସନ ହୋଇଥାଏ। ମୃତ୍ତିକା ବାନ୍ଧି ହୋଇ ରହିବାରୁ ସହଜରେ କ୍ଷୟ ହୋଇ ନ ଥାଏ। ଉପକାରୀ ଜୀବାଣୁ ଓ କୀଟମାନଙ୍କର ବଂଶ ବୃଦ୍ଧିରେ ସାହାଯ୍ୟ କରିଥାଏ।

**ଜୈବିକ କୃଷିର ଉପକାରିତା:** ଏହା ଏକ ସୁରକ୍ଷିତ ଓ ଦୀର୍ଘସ୍ଥାୟୀ ପଦ୍ଧତି। ପରିବେଶକୁ ସନ୍ତୁଳିତ କରିବାକୁ ଏହା ସକ୍ଷମ। ଜୈବସାର ଓ ଜୀବାଣୁ ସାର ଧୀରେ ଧୀରେ ପୋଷକଗୁଡ଼ିକୁ ଉଦ୍ଭିଦର ଦରକାର ଅନୁଯାୟୀ ଯୋଗାଇଥାଏ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ। ରାସାୟନିକ ପଦାର୍ଥ ବଦଳରେ କ୍ଷେତ ବା ବାଡ଼ିବଗିଚାର ବର୍ଜ୍ୟବସ୍ତୁ ଏବଂ ଅନ୍ୟ ପ୍ରାକୃତିକ ସମ୍ବଳଗୁଡ଼ିକର ବ୍ୟବହାର କରିବାରେ ଚିରନ୍ତନ ବା ଧାରଣକ୍ଷମ କୃଷି ସମ୍ଭବ ହୋଇଥାଏ। ଭୂତଳ ଜଳ ପ୍ରଦୂଷିତ ନ ହୋଇ ମୃତ୍ତିକାର ଉର୍ବରତା ନିୟମିତ ରହିଥାଏ। ସ୍ୱାଦଯୁକ୍ତ ଓ ସ୍ୱାସ୍ଥ୍ୟ ପ୍ରତି ପୁଷ୍ଟିକର ଖାଦ୍ୟ ଉତ୍ପାଦିତ ହୋଇଥାଏ।



ଅଣଜୈବିକ/ରାସାୟନିକ କୃଷି ଦ୍ୱାରା ଉପୁଜୁଥିବା ସମସ୍ୟାଗୁଡ଼ିକୁ ଦୂରେଇ ଦେବା ଲକ୍ଷ୍ୟ ନେଇ ଜୈବିକ ଚାଷ ଲୋକପ୍ରିୟ ହେବାରେ ଲାଗିଛି। କାରଣ ଜୈବିକ ଚାଷ ବେଶ୍ ଉପକାରୀ, ପରିବେଶ ମିତ୍ର, ମାନବ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଦାନକାରୀ, ଦୀର୍ଘସ୍ଥାୟୀ, ଲାଭପ୍ରଦ, ପ୍ରଦୂଷଣମୁକ୍ତ, ଜୈବ ବିବିଧତା ଓ ଖାଦ୍ୟ ସୁରକ୍ଷାରେ ବିଶେଷ ସହାୟକ ହୋଇଥାଏ।

ଆମ ରାଜ୍ୟରେ ଜୈବିକ କୃଷି ପାଇଁ ଯଥେଷ୍ଟ ସୁବିଧା ସୁଯୋଗ ରହିଛି। ଆଭ୍ୟନ୍ତରୀଣ ଓ ଜନଜାତି ବହୁଳ ଜିଲାଗୁଡ଼ିକରେ ରାସାୟନିକ ସାର ପ୍ରୟୋଗ ବିନା ପ୍ରଥମରୁ ଜୈବିକ ଚାଷ ହୋଇ ଆସୁଅଛି। ହଳଦୀ, ଅଦା ପରି ବିଭିନ୍ନ ମସଲା, ସପୁରି ଓ ଅନ୍ୟାନ୍ୟ ଫଳ, ବିଭିନ୍ନ ପନିପରିବା ଫସଲର ଜୈବିକ ଚାଷ ବେଶ୍ ଲୋକପ୍ରିୟ। ଫୁଲ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲଗୁଡ଼ିକର ଜୈବିକ ଚାଷ ପ୍ରତି ଆଗ୍ରହ ବଢ଼ିଛି। ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି ମାଧ୍ୟମରେ ସମସ୍ତ କୃତ୍ରିମ ରାସାୟନିକ ସାମଗ୍ରୀଗୁଡ଼ିକୁ ନିବାରଣ କରି କ୍ଷେତ୍ରରେ ଜୈବିକ ବସ୍ତୁର ପୁନଃଚକ୍ରଣ ସହିତ ଜୈବ ଆଚ୍ଛାଦନ, ଗୋବର ଓ ଗୋମୂତ୍ରର ବ୍ୟବହାର, ଉଦ୍ଭିଦ ଆଧାରିତ ପ୍ରସ୍ତୁତି ଏବଂ ମୃତ୍ତିକା ବାୟୁଚଳାଚଳ ବୃଦ୍ଧି ନିମନ୍ତେ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିରେ ପନିପରିବା, ଫଳ, ଫୁଲ, ମସଲା ଏବଂ ଅନ୍ୟାନ୍ୟ ଫସଲର ଜୈବିକ ଚାଷ ନିମନ୍ତେ ପ୍ରୋତ୍ସାହିତ କରାଯାଉଛି। ଅନ୍ୟପକ୍ଷରେ ଜୈବ ଉତ୍ପାଦର ବଜାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ସାମଗ୍ରିକ ଭାବେ କହିବାକୁ ଗଲେ ଉତ୍ତମ ଗୁଣବତ୍ତାବିଶିଷ୍ଟ ବିହନ, ଉତ୍ତମ ସ୍ୱାସ୍ଥ୍ୟଯୁକ୍ତ ମୃତ୍ତିକା ଓ ମୃତ୍ତିକା ସଂରକ୍ଷଣ, ଜୈବିକ ଖତ, ଜୀବାଣୁ ସାର, ଫସଲ ଚକ୍ର, ମିଶ୍ରିତ କୃଷି, ଜଳର ସୁବ୍ୟବହାର, ଘାସ ପରିଚାଳନା, ଛାଦିକରଣ, ଆବରଣ ଫସଲ ତଥା ଆବଶ୍ୟକ ଫସଲର ସଂରକ୍ଷଣ ଓ ସୁରକ୍ଷା ବ୍ୟବସ୍ଥାଗୁଡ଼ିକୁ ବ୍ୟବହାର କରି ପରିବେଶକୁ ସୁରକ୍ଷା ଯୋଗାଇବା ସହିତ ଉତ୍ତମ ଫସଲ ଓ ଆଶାନୁରୂପ ଜୈବିକ କୃଷି ଉତ୍ପାଦ ପାଇଁ କୃଷକ ସଂଶୟ ନ ରଖି ଚିରନ୍ତନ କୃଷି ସଫଳତାର ସହ କରିପାରିବେ।

- ଡ. ପରେଶ କୁମାର ପଣ୍ଡା
ରାଜ୍ୟ ଜୈବ ରସାୟନବିତ୍, ଭୁବନେଶ୍ୱର
ମୋ :୯୪୩୭୧୧୨୭୦୪

DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୬/୨୦୨୪ Bhubaneswar, Wednesday, October 16/ 2024

# ପଞ୍ଚମ ରାଉଣ୍ଡ ସୁଦ୍ଧା ୫ ଅଗ୍ରଣୀ



ପଞ୍ଚମ ରାଉଣ୍ଡ ଅବସରରେ ଖେଳାଳିମାନେ।

## ଅନ୍ତର୍ଜାତୀୟ ଫିଡେ ରେଟେଡ ଚେସ୍

**ଭୁବନେଶ୍ୱର, ୧୫।୧୦ (ତପନ ସ୍ୱାଇଁ)**

ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୮ତମ କେଟି ଗ୍ଲୋବାଲ ସ୍କୁଲ ଅନ୍ତର୍ଜାତୀୟ ଫିଡେ ରେଟେଡ ଚେସ୍ ଟୁର୍ନାମେଣ୍ଟର ୫ମ ରାଉଣ୍ଡ ଖେଳ ମଙ୍ଗଳବାର ଶେଷ ହୋଇଛି। ପଞ୍ଚମ ରାଉଣ୍ଡ ଶେଷସୁଦ୍ଧା ୫ ଜଣ ଖେଳାଳି ୫ ପଏଣ୍ଟ ଲେଖାଏ ପାଇ ମିଳିତ ଅଗ୍ରଣୀଲାଭ କରିଛନ୍ତି। ଏହି ଖେଳାଳିମାନେ ହେଲେ ରାୟଗଡ଼ାର ଫକିର ମାଝି, ବ୍ରହ୍ମପୁରର ଶ୍ରୀହନ ସବତ, ପଶ୍ଚିମବଙ୍ଗର ଉଜାନ ଚନ୍ଦା, କଟକର ହର୍ଷିତ ରଞ୍ଜନ ସାହୁ ଓ ଶ୍ରେୟଶ ଶୁଭମ୍ ପଟ୍ଟନାୟକ। ୫ ଜଣ ଖେଳାଳି ୪.୫ ଏବଂ ୨୮ ଖେଳାଳି ୪ ପଏଣ୍ଟ ଲେଖାଏ ପାଇଛନ୍ତି। ପ୍ରତିଯୋଗିତାରେ ୧୬ ରାଜ୍ୟରୁ ମୋଟ ୨୮୬ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୧୨୦ ଜଣ ଅନ୍ତର୍ଜାତୀୟ ରେଟେଡ ଖେଳାଳି ରହିଛନ୍ତି। ଅନ୍ତର୍ଜାତୀୟ ଆର୍ବିଟର ଜ୍ୟୋତି ଶଙ୍କର ନନ୍ଦ ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରୁଛନ୍ତି।

# ଅଲ୍ ଓଡ଼ିଶା ର୍ୟାଙ୍କିଙ୍ଗ୍ କ୍ୟାରମ ୨୫ରୁ

**ଭୁବନେଶ୍ୱର, ୧୫।୧୦ (ତପନ ସ୍ୱାଇଁ)**

ଚଳିତ ମାସ ୨୫ରୁ ୨୭ ପର୍ଯ୍ୟନ୍ତ ଟଙ୍କପାଣି ରୋଡସ୍ଥିତ ହୋଟେଲ ରୟାଲ ପ୍ୟାଲେସରେ ଅଲ୍ ଓଡ଼ିଶା ର୍ୟାଙ୍କିଙ୍ଗ୍ କ୍ୟାରମ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଓଡ଼ିଶା ରାଜ୍ୟ କ୍ୟାରମ ସଂଘ ଓ ଭୁବନେଶ୍ୱର ଜିଲା କ୍ୟାରମ ସଂଘର ମିଳିତ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ମହିଳା ଓ ପୁରୁଷ ସିଙ୍ଗଲ୍ସ, ଡବଲ୍ସ ଏବଂ ଭେଟେରାନ ସିଙ୍ଗଲ୍ସ ଖେଳାଯିବ। ଏଥିରେ ଭାଗ ନେବାକୁ ଆଗ୍ରହୀ ଖେଳାଳିମାନେ ସେମାନଙ୍କ ଜିଲା କ୍ୟାରମ ସଂଘ ପକ୍ଷରୁ ପ୍ରତିନିଧିତ୍ୱ କରିପାରିବେ। ଆସନ୍ତା ୨୩ ତାରିଖ ନାମ ପଞ୍ଜୀକରଣର ଶେଷ ତାରିଖ ବୋଲି ରାଜ୍ୟ କ୍ୟାରମ ସଂଘ ସାଧାରଣ ସମ୍ପାଦକ ଶ୍ରୀରଞ୍ଜନ ମହାନ୍ତି ଜଣାଇଛନ୍ତି। ଅଧିକ ତଥ୍ୟ ଜାଣିବା ପାଇଁ ସଂଘ ସଦସ୍ୟ ସୁନୀଲ ପଟ୍ଟନାୟକ, ଜୟ ପ୍ରକାଶ ଦାଶ କିମ୍ବା ରାଜେଶ ସାହୁଙ୍କୁ ଯୋଗାଯୋଗ କରାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।

# ଉଦିତା ଦାମୀ ମହିଳା ଖେଳାଳି

## ଏଚ୍ଆଇଏଲ୍ ମହିଳା ଖେଳାଳି ନିଲାମ

**ନୂଆଦିଲ୍ଲୀ, ୧୫।୧୦ (ପି.ଟି.)**

ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ମହିଳା ଖେଳାଳି ନିଲାମ ମଙ୍ଗଳବାର ସଫଳତାର ସହିତ ସମ୍ପନ୍ନ ହୋଇଛି। ଭାରତୀୟ ଡିଫେଣ୍ଡର ଉଦିତା ଦୁହାନ ସବୁଠାରୁ ଦାମୀ ଖେଳାଳି ବିବେଚିତ ହୋଇଛନ୍ତି। ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ତାଙ୍କୁ ୩୨ ଲକ୍ଷ ଟଙ୍କା ବ୍ୟୟରେ କ୍ରୟ କରିଛି। ଦ୍ୱିତୀୟ ଦାମୀ ଖେଳାଳି ଡଚ୍ ଷ୍ଟାର ୟିବି ଜାନସେନ୍‌ଙ୍କୁ ଓଡ଼ିଶା ୱାରିୟର୍ସ ୨୯ ଲକ୍ଷ ଟଙ୍କାରେ ନେଇଛି। ଭାରତୀୟ ଖେଳାଳି ଲାଲରେମସିଆମି (ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ, ୨୫ ଲକ୍ଷ ଟଙ୍କା), ସୁନେଲିତା ଟପ୍ପୋ (ଦିଲ୍ଲୀ ଏସ୍‌ଜି ପାଇପର୍ସ, ୨୪ ଲକ୍ଷ) ଓ ସଙ୍ଗୀତା କୁମାରୀ (ଦିଲ୍ଲୀ ଏସ୍‌ଜି ପାଇପର୍ସ, ୨୨ ଲକ୍ଷ) ଫ୍ରାଞ୍ଚାଇଜଗୁଡ଼ିକୁ ଆକର୍ଷିତ କରିଥିଲେ। ମଙ୍ଗଳବାର ଦୃଷ୍ଟି ଆକର୍ଷଣ କରିଥିବା ବିଦେଶୀ ଖେଳାଳିଙ୍କ ମଧ୍ୟରେ ରହିଥିଲେ ବେଲଜିୟମର ଚାର୍ଲୋଟ ଇଙ୍ଗେଲବର୍ଟ (ସୁର୍‌ମା ହକି କ୍ଲବ,୧୬ ଲକ୍ଷ), ଜର୍ମାନୀର ଚାର୍ଲୋଟ ଷ୍ଟାପେନହର୍ଷ୍ଟ(ସୁର୍‌ମା ହକି କ୍ଲବ, ୧୬ ଲକ୍ଷ) ଓ ଅଷ୍ଟ୍ରେଲିଆର ଜୋସ୍‌ଲିନ ବାର୍ଟ୍ରାମ୍ (ଓଡ଼ିଶା ୱାରିଅର୍ସ, ୧୫ ଲକ୍ଷ)। ଅନ୍ୟପକ୍ଷରେ ଭେଟେରାନ ଭାରତୀୟ ଷ୍ଟ୍ରାଇକର ବନ୍ଦନା କାଟାରିୟାଙ୍କୁ ୧୦.୫ ଲକ୍ଷରେ ନେଇଛି ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ। ଭାରତ ଅଧିନାୟକ ସାଲିମା ଟେଟେ (୨୦ ଲକ୍ଷ), ଇଶିକା ଚୌଧାରୀ (୧୬ ଲକ୍ଷ) ଓ ନେହା ଗୋୟଲ (୧୦ ଲକ୍ଷ)ଙ୍କୁ ଓଡ଼ିଶା ୱାରିଅର୍ସ କ୍ରୟ କରିଛି। ସେହିପରି ପୂର୍ବତନ ଭାରତୀୟ ଅଧିନାୟକ ସବିତା (୨୦ ଲକ୍ଷ), ଶର୍ମିଳା ଦେବୀ (୧୦ ଲକ୍ଷ) ଓ ନିକ୍କି ପ୍ରଧାନ (୧୨ ଲକ୍ଷ)ଙ୍କୁ ସୁର୍‌ମା ହକି କ୍ଲବ ଦଳରେ ନେଇଛନ୍ତି। ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟ କେତେଜଣ ଭାରତୀୟ ଅନ୍ତର୍ଜାତୀୟ ଖେଳାଳିଙ୍କୁ କ୍ରୟ କରିଛି। ସେମାନେ ହେଲେ ନବନୀତ କୌର (୧୯ ଲକ୍ଷ), ଯୁବ ଗୋଲକିପର ବିଚ୍ଛୁ ଦେବୀ ଖରିବାମ୍ (୧୬ ଲକ୍ଷ) ଓ ଦୀପିକା (୨୦ ଲକ୍ଷ)। ପ୍ରଥମାର୍ଦ୍ଧ ନିଲାମିରେ ସମସ୍ତ ୪ ଫ୍ରାଞ୍ଚାଇଜ୍ ସେମାନଙ୍କ ରଣନୈତିକ ଦଳ ଗଠନ ପାଇଁ ଆବଶ୍ୟକ ଖେଳାଳିମାନଙ୍କୁ ନେଇଥିଲେ। ଅପରପକ୍ଷରେ ବିକ୍ରି ହୋଇପାରି ନ ଥିବା ଭାରତୀୟ ସିନିୟର ଓ ଜୁନିୟର ମହିଳା ଖେଳାଳିମାନଙ୍କ ଅନୁରୋଧ କ୍ରମେ ସେମାନଙ୍କ ବେସ୍ ପ୍ରାଇସ ୨ଲକ୍ଷ ଟଙ୍କାକୁ ହ୍ରାସ କରାଯାଇଥିଲା। ଫଳରେ ମାଧୁରୀ କିଣ୍ଡୋ (ଓଡ଼ିଶା ୱାରିଅର୍ସ,୩.୪୦ ଲକ୍ଷ), ଜ୍ୟୋତି ଛତ୍ରୀ (ଓଡ଼ିଶା ୱାରିଅର୍ସ, ଦୀପିକା ସୋରେଙ୍ଗ (ସୁର୍‌ମା ହକି କ୍ଲବ, ୨.୨୦ ଲକ୍ଷ), ଋତୁରାଜ ଦାଦାସୋ ପିସାଲ (ଓଡ଼ିଶା ୱାରିଅର୍ସ, ୪.୯୦ଲକ୍ଷ)ଙ୍କ ଭଳି ଖେଳାଳି ମହିଳା ଏଚ୍ଆଇଏଲ୍‌ର ପ୍ରଥମ ସଂସ୍କରଣରେ ସେମାନଙ୍କ ସ୍ଥାନ ସୁରକ୍ଷିତ କରିପାରିଛନ୍ତି।

### ଶ୍ରେଷ୍ଠ ୫ ଦାମୀ ଖେଳାଳିଙ୍କ ତାଲିକା

୧. ଉଦିତା–ଶ୍ରାଚି ରର୍ –ବେଙ୍ଗଲ ଟାଇଗର୍ସ–୩୨.୦୦ ଲକ୍ଷ
୨. ୟିବି ଜାନସେନ (ନେଦରଲାଣ୍ଡ୍ସ)–ଓଡ଼ିଶା ୱାରିଅର୍ସ–୨୯.୦୦ ଲକ୍ଷ।
୩.ଲାଲରେମସିଆମି–ଶ୍ରାଚି ରର୍–ବେଙ୍ଗଲ ଟାଇଗର୍ସ–୨୫.୦୦
୪. ସୁନେଲିତା ଟପ୍ପୋ–ଦିଲ୍ଲୀ ଏସ୍‌ଜି ପାଇପର୍ସ–୨୪.୦୦ ଲକ୍ଷ
୫. ସଙ୍ଗୀତା କୁମାରୀ–ଦିଲ୍ଲୀ ଏସ୍‌ଜି ପାଇପର୍ସ–୨୨.୦୦ ଲକ୍ଷ।




ଏଚ୍ଆଇଏଲ୍ ମହିଳା ଖେଳାଳି ନିଲାମରେ ଦାମୀ ସାବ୍ୟସ୍ତ ହୋଇଥିବା ଉଦିତା।

### ଓଡ଼ିଶା ୱାରିୟର୍ସ ଦଳ

ପ୍ରଥମ ଥରପାଇଁ ହେବାକୁ ଯାଉଥିବା ମହିଳା ହକି ଇଣ୍ଡିଆ ଲିଗ୍‌ର ଖେଳାଳି ନିଲାମ ପ୍ରକ୍ରିୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ ଓଡ଼ିଶା ୱାରିୟର୍ସର ଖେଳାଳି ତାଲିକା ଏବଂ ନିଲାମରେ ସେମାନଙ୍କ ମୂଲ୍ୟ ନିମ୍ନରେ ପ୍ରଦତ୍ତ।

| ଖେଳାଳି | ମୂଲ୍ୟ (ଲକ୍ଷରେ) |
|---|---|
| ୟିବି ଜାନସେନ (ନେଦରଲାଣ୍ଡ୍ସ) | ୨୯.୦୦ |
| ଇଶିକା ଚୌଧାରୀ | ୧୬.୦୦ |
| ଜୋସେଲିନ ବାର୍ଟ୍ରାମ (ଅଷ୍ଟ୍ରେଲିଆ) | ୧୫.୦୦ |
| କ୍ଲାଇରେ କୋଲୱିଲ (ଅଷ୍ଟ୍ରେଲିଆ) | ୧୩.୦୦ |
| ନେହା ଗୋୟଲ | ୧୦.୦୦ |
| ଫ୍ରିକ୍ ଜର୍ଜଟି ମାରି (ନେଦରଲାଣ୍ଡ୍ସ) | ୧୦.୦୦ |
| ଅନୁ | ୧୦.୦୦ |
| ଦୀପ୍ ଗ୍ରେସ୍ ଏକ୍କା | ୧୦.୦୦ |
| ବଲଜିତ କୌର | ୧୦.୦୦ |
| କାଟଲିନ ନବ୍ସ (ଅଷ୍ଟ୍ରେଲିଆ) | ୧୦.୦୦ |
| ସାକ୍ଷୀ ରାଣା | ୭.୦୦ |
| ଲିଲି ପାଉଲିନ ଷ୍ଟୋଫେଲସ୍ମା (ଜର୍ମାନୀ) | ୭.୦୦ |
| ଭିକ୍ଟୋରିଆ ସାଉଜେ (ଆର୍ଜେଣ୍ଟିନା) | ୬.୮୦ |
| ମିଚେଲି ଫିଲେ (ନେଦରଲାଣ୍ଡ୍ସ) | ୬.୬୦ |
| ସୋନିକା | ୫.୪୦ |
| ନନ୍ଦିନୀ | ୫.୦୦ |
| ଜ୍ୟୋତି ଛତ୍ରି | ୫.୦୦ |
| ଋତୁଜା ଦାଦାସୋ ପିସାଲ | ୪.୯୦ |
| ମାଧୁରୀ କିଣ୍ଡୋ | ୩.୪୦ |
| କନିକା ସିୱାଚ | ୩.୧୦ |
| ନିଶା | ୨.୬୦ |
| ସାଧନା ସେନଗର | ୨.୧୦ |
| ଅଞ୍ଜଳି ବାରୱା | ୨.୦୦ |
| ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ | ୨.୦୦ |




ଖେଳାଳି ନିଲାମ ଅବସରରେ କଳିଙ୍ଗ ଲାନ୍ସର୍ସର କର୍ମକର୍ତ୍ତାଗଣ।

# ଏଚ୍ଆଇଏଲ୍ ପାଇଁ କଳିଙ୍ଗ ଲାନ୍ସର୍ସ ଦଳ

**ଭୁବନେଶ୍ୱର, ୧୫।୧୦ (ତପନ ସ୍ୱାଇଁ)**

ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଖେଳାଳି ନିଲାମ ପ୍ରକ୍ରିୟା ଶେଷ ହୋଇଛି। ଏଥି ସହିତ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ କଳିଙ୍ଗ ଲାନ୍ସର୍ସର ଦଳ ତାଲିକା ଚୂଡ଼ାନ୍ତ ହୋଇଛି। ନିଲାମ ସମୟରେ ଫ୍ରାଞ୍ଚାଇଜ୍ ମାଲିକ ବେଦାନ୍ତ ଏକ ଶକ୍ତିଶାଳୀ ଦଳ ଗଠନ ଲକ୍ଷ୍ୟରେ ଖେଳାଳି କିଣିଛି। ଦଳରେ ଅଷ୍ଟ୍ରେଲିଆର ଆରନ ଜେଲସ୍କି, ବେଲ୍‌ଜିୟମର ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଏବଂ ନେଦରଲାଣ୍ଡ୍ସର ଥିଏରୀ ବ୍ରିଙ୍କମାନଙ୍କ ପରି ଖେଳାଳି ସାମିଲ ହୋଇଛନ୍ତି। ସେହିପରି ରୋସନ କୁଜୁର ଓ ମୁକେଶ ଟପ୍ପୋଙ୍କ ପରି ଉଦୀୟମାନ ଖେଳାଳିଙ୍କୁ ମଧ୍ୟ ଦଳ ପସନ୍ଦ କରିଛି। ଅଭିଜ୍ଞ ଏବଂ ଯୁବ ଖେଳାଳିଙ୍କୁ ନେଇ ଗଠିତ କଳିଙ୍ଗ ଲାନ୍ସର୍ସ ଆଗାମୀ ଲିଗ୍‌ରେ କଡ଼ା ଚ୍ୟାଲେଞ୍ଜ ଦେବାନେଇ ଆଶା ରହିଛି। ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି ଯେ, ''ହକି ଭାରତୀୟ ଖେଳ ସଂସ୍କୃତିର ଶୀର୍ଷରେ ରହିଛି। ଆମେ କଳିଙ୍ଗ ଲାନ୍ସର୍ସ ମାଧ୍ୟମରେ ଏହାର ବିକାଶରେ ଅଂଶୀଦାର ହୋଇଥିବାରୁ ଗର୍ବିତ। ପରବର୍ତ୍ତୀ ପିଢ଼ିକୁ ପ୍ରୋତ୍ସାହିତ କରିବା ସହ ଦଳର ମାଲିକ ହେବା ଏବଂ ଏହି ଖେଳକୁ ମଜଭୁତ କରିବା ସୌଭାଗ୍ୟ ଅଟେ। ହକି ବ୍ୟତୀତ ବେଦାନ୍ତ ତୃଣମୂଳ ସ୍ତରରେ ତୀରନ୍ଦାଜ, କରାଟେ ଓ ଫୁଟବଲ ସମେତ ବିଭିନ୍ନ କ୍ରୀଡ଼ାକୁ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ''। ସେହିପରି ଦଳର ଷ୍ଟ୍ରାଟେଜି ନିର୍ଦ୍ଦେଶକ ଡେଭିଡ୍ ଜନ କହିଛନ୍ତି ଯେ, ''ଆମେ ଏପରି ଏକ ଦକ୍ଷ ଦଳ ଗଠନ କରିଛୁ ଯିଏକି ସଫଳତା ପାଇଁ ବ୍ୟଗ୍ର। ଶୃଙ୍ଖଳା ରକ୍ଷା କରିବା ସହ ଅଧିକରୁ ଅଧିକ ଗୋଲ ସ୍କୋର ପାଇଁ ସୁଯୋଗ ସୃଷ୍ଟି କରିବାକୁ ଆମେ ରଣନୀତି ପ୍ରସ୍ତୁତ କରିବୁ। ଟ୍ରେନିଂ ପାଇଁ ଉତ୍ତମ ପରିବେଶ ଓ ଭିତ୍ତୀଭୂମୀ ରହିଛି। ସପୋର୍ଟ ଷ୍ଟାଫଙ୍କୁ ଉଦ୍ୟମରେ ଆମ ଦଳ ନିଶ୍ଚିତ ଯେ କୌଣସି ଚ୍ୟାଲେଞ୍ଜକୁ ସାମ୍ନାକରିବାକୁ ପ୍ରସ୍ତୁତ ହେବା ଆଶା ରହିଛି''।

### କଳିଙ୍ଗ ଲାନ୍ସର୍ସ ଖେଳାଳି ତାଲିକା

| ଖେଳାଳି | ମୂଲ୍ୟ(ଲକ୍ଷରେ) |
|---|---|
| ସଞ୍ଜୟ | ୩୮.୦୦ |
| ଥିଏରୀ ବ୍ରିଙ୍କମାନ (ନେଦରଲାଣ୍ଡ୍ସ) | ୩୮.୦୦ |
| ଦିଲପ୍ରୀତ ସିଂ | ୩୪.୦୦ |
| କ୍ରିଶନ ବାହାଦୁର ପାଠକ | ୩୨.୦୦ |
| ଆର୍ଥର ଭାନ୍ ଡୋରେନ (ବେଲଜିୟମ) | ୩୨.୦୦ |
| ମୋଇରାଙ୍ଗଥେମ ରବିଚନ୍ଦ୍ର | ୩୨.୦୦ |
| ଆରନ ଜେଲସ୍କି (ଅଷ୍ଟ୍ରେଲିଆ) | ୨୭.୦୦ |
| ଅଙ୍ଗଦ ବୀର ସିଂ | ୨୬.୦୦ |
| ଆଲେକଜାଣ୍ଡର ହେଣ୍ଡ୍ରିକ୍ସ (ବେଲଜିୟମ) | ୨୩.୦୦ |
| ବବି ସିଂ ଧାମି | ୨୦.୦୦ |
| ମନଦୀପ ମୋର | ୧୯.୦୦ |
| ଆଣ୍ଟୋନି କିନା (ବେଲଜିୟମ) | ୧୬.୦୦ |
| ରୋସନ କୁଜୁର | ୧୨.୫୦ |
| ଏନରିକ ଗୋଞ୍ଜାଲେସ (ସ୍ପେନ) | ୧୦.୦୦ |
| ଗୁରସାହିବଜିତ ସିଂ | ୬.୦୦ |
| ମୁକେଶ ଟପ୍ପୋ | ୫.୦୦ |
| ନିକୋଲାସ ବଣ୍ଡୁରକ (ଗ୍ରେଟବ୍ରିଟେନ) | ୫.୦୦ |
| ଟୋବାସ ରେନଲ୍ଡ–କଟ୍ରେଲ (ଗ୍ରେଟବ୍ରିଟେନ) | ୨.୦୦ |
| ସାହିଲ କୁମାର ନାୟକ | ୨.୦୦ |
| ପ୍ରତାପ ଲାକ୍ରା | ୨.୦୦ |
| ସୁଶୀଲ ଧନୱର | ୨.୦୦ |
| ରୋଶନ ମିଞ୍ଜ | ୨.୦୦ |
| ରୋହିତ କୁଲୁ | ୨.୦୦ |
| ଦୀପକ ପ୍ରଧାନ | ୨.୦୦ |

# ଲିଜେଣ୍ଡ୍ସ ଲିଗ୍ ଫାଇନାଲ ଆଜି

## କୋଣାର୍କ ସୂର୍ଯ୍ୟସ ଓଡ଼ିଶା ବନାମ ସଦର୍ନ ସୁପର ଷ୍ଟାର୍ସ

**ଶ୍ରୀନଗର, ୧୫।୧୦**

ସ୍ଥାନୀୟ ବକ୍ସି ଷ୍ଟାଡିୟମରେ ବୁଧବାର ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଅନୁଷ୍ଠିତ ହେବ। ଲିଗ୍‌ର ପ୍ରଥମ ପଦାର୍ପଣରେ ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ଭିତ୍ତିକ ଦଳ କୋଣାର୍କ ସୂର୍ଯ୍ୟସ ଟାଇଟଲ ମୁକାବିଲାରେ ସଦର୍ନ ସୁପର ଷ୍ଟାର୍ସକୁ ଭେଟିବ। ଫାଇନାଲ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ।

ସୁପର ଷ୍ଟାର୍ସ ଦଳ ବିପକ୍ଷରେ କୋଣାର୍କ ସୂର୍ଯ୍ୟସର ରେକର୍ଡ ଭଲ ନାହିଁ। ଚଳିତ ଲିଗ୍‌ରେ ଏହା ପୂର୍ବରୁ ହୋଇଥିବା ୨ ମୁକାବିଲାରେ ଓଡ଼ିଶା ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଅକ୍ଟୋବର ୨ରେ ଅନୁଷ୍ଠିତ ଲିଗ୍ ମ୍ୟାଚରେ କୋଣାର୍କ ସୂର୍ଯ୍ୟସ ୮ ଉଇକେଟରେ ହାରିଥିବାବେଳେ ୧୨ ତାରିଖରେ ଅନୁଷ୍ଠିତ କ୍ୱାଲିଫାୟର–୧ରେ ୭ ଉଇକେଟରେ ପରାସ୍ତ ହୋଇଛି। ତେଣୁ ସୁପର ଷ୍ଟାର୍ସକୁ ହରାଇ ପରାଜୟର ମଧୁର ପ୍ରତିଶୋଧ ନେବା ସହ କୋଣାର୍କ ସୂର୍ଯ୍ୟସ ନିକଟରେ ବିଜୟ ମୁକୁଟ ପିନ୍ଧିବାର ସୁଯୋଗ ଆସିଛି।

ରାଜସ୍ଥାନର ଯୋଧପୁରରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ମଣିପାଲ ଟାଇଗର୍ସକୁ ହରାଇ ଅଭିଯାନ ଆରମ୍ଭ କରିଥିବା କୋଣାର୍କ ସୂର୍ଯ୍ୟସର ସୁରଟରେ ଅନୁଷ୍ଠିତ ପରବର୍ତ୍ତୀ ୨ଟି ମ୍ୟାଚ ବର୍ଷାରେ ଧୋଇ ଯାଇଥିଲା। ଫଳରେ ଦଳ ମଣିପାଲ ଟାଇଗର୍ସ ଓ ଇଣ୍ଡିଆ କ୍ୟାପିଟାଲ୍ସ ବିପକ୍ଷରେ ପଏଣ୍ଟ ଭାଗ କରିଥିଲା। ନିଜର ୪ର୍ଥ ମ୍ୟାଚରେ ସୁପର ଷ୍ଟାର୍ସ ନିକଟରୁ ହାରିଥିବାବେଳେ ୫ମ ମ୍ୟାଚରେ ଇଣ୍ଡିଆ କ୍ୟାପିଟାଲ୍ସକୁ ୫ ରନରେ ପରାସ୍ତ କରିଥିଲା। ୬ଷ୍ଠ ମ୍ୟାଚରେ ଟୋୟମ ହାଇଦ୍ରାବାଦ ନିକଟରୁ ୪ ଉଇକେଟରେ ପରାଜୟ ପରେ ୭ମ ମ୍ୟାଚରେ ଗୁଜରାଟ ଗ୍ରେଟ୍ସକୁ ୭ ଉଇକେଟରେ ହରାଇ ଦଳ ପ୍ଲେ–ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଥିବାରୁ ଟପ୍ପର ସଦର୍ନ ସୁପର ଷ୍ଟାର୍ସ ବିପକ୍ଷରେ କ୍ୱାଲିଫାୟର–୧ ଖେଳିଥିଲା। ସେଥିରେ ହାରିବାରୁ କ୍ୱାଲିଫାୟର–୨ରେ ଟୋୟମ ହାଇଦ୍ରାବାଦକୁ ଭେଟିଥିଲା। ରୋମାଞ୍ଚକ ମ୍ୟାଚରେ ହାଇଦ୍ରାବାଦକୁ ମାତ୍ର ୧ ରନରେ ହରାଇ ଓଡ଼ିଶା ଦଳ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ସଦର୍ନ ସୁପର ଷ୍ଟାର୍ସ ଲିଗ୍ ପର୍ଯ୍ୟାୟରେ ୭ ମ୍ୟାଚ ଖେଳି ୫ ବିଜୟ ଓ ୨ ପରାଜୟ ସହ ଟେବୁଲର ଶୀର୍ଷରେ ରହିଥିଲା। କ୍ୱାଲିଫାୟର–୧ରେ ବିଜୟୀ ହୋଇ ଫାଇନାଲରେ ପହଞ୍ଚିଥିଲା।




# ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ଉଦ୍‌ଘାଟିତ



ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଅଂଶଗ୍ରହଣକାରୀ ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୧୫।୧୦ (ବିଜୟ ରଣା)**

ନବମ ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ସ୍ଥାନୀୟ ପାଣ୍ଡାରାସ୍ଥିତ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ କ୍ରିକେଟ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଏଥିରେ ୧୪ଟି ଦଳ ଭାଗ ନେଇଛନ୍ତି। ଟୁର୍ନାମେଣ୍ଟର ଫାଇନାଲ ୧୯ତାରିଖରେ ହେବ। ପ୍ରଦର୍ଶନ ଭିତ୍ତିରେ ଏଥିରୁ ମନୋନୀତ ଖେଳାଳି ନାଗେଶ ଟ୍ରଫି ଜାତୀୟ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଦଳରେ ସ୍ଥାନ ପାଇବେ। ଓଡ଼ିଶା ସରକାରଙ୍କ ଯୁବସେବା ବିଭାଗ ଓ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ସହଯୋଗକ୍ରମେ ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନ ତରଫରୁ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ଭାଜପାନେତା ଗୋଲକ ମହାପାତ୍ରଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଶିଶୁ ଓ ମହିଳା ଉନ୍ନୟନ ସୋସାଇଟିର ଚେୟାରମ୍ୟାନ ମେଜର ଡକ୍ଟର କଳ୍ପନା ଦାସ, ସକ୍ଷମ ଫାଉଣ୍ଡେଶନର ଜେନେରାଲ ସେକ୍ରେଟାରୀ ମନସ୍ୱିତା ଜେନା ଏବଂ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଚିଫ୍ ଅପରେଟିଂ ଅଫିସର ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ